R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୦୦
ତିଥି : ଷଷ୍ଠୀ
୦୪ ଅଗଷ୍ଟ ୨୦୨୬, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 300
04 August 2026, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ବନ୍ୟା ପ୍ରଭାବିତଙ୍କ ପାଇଁ ୧୧୦ କୋଟିର ସହାୟତା ପ୍ୟାକେଜ୍

## ପ୍ରାରମ୍ଭିକ ଆକଳନ ଅନୁଯାୟୀ ତୁରନ୍ତ ସହାୟତା : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୩।୮ (ସବ୍ୟୁ) : ଚଳିତ ବନ୍ୟା ପରିସ୍ଥିତିରେ ପ୍ରଭାବିତ ପ୍ରତ୍ୟେକ ପରିବାରଙ୍କ ପାଖରେ ରାଜ୍ୟ ସରକାର ଦୃଢ଼ତାର ସହ ଛିଡ଼ା ହୋଇଛନ୍ତି। ବନ୍ୟା ମୁକାବିଲା, ଉଦ୍ଧାର, ରିଲିଫ୍ ଓ ପୁନର୍ବାସ କାର୍ଯ୍ୟକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଜାରି ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଆକାଶମାର୍ଗରୁ ବନ୍ୟାଞ୍ଚଳ ଅନୁଧ୍ୟାନ କରିବା ପରେ ମନ୍ତ୍ରୀମାନଙ୍କୁ ବିଭିନ୍ନ ଜିଲ୍ଲାର ରିଲିଫ ଓ ଉଦ୍ଧାର କାର୍ଯ୍ୟ ତଦାରଖ କରିବା ପାଇଁ ଦାୟିତ୍ୱ ଦେଇଛନ୍ତି।

ଏହା ସହିତ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବନ୍ୟା ପ୍ରଭାବିତଙ୍କ ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୧୦ କୋଟି ଟଙ୍କାର ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି। ଏହି ସହାୟତା ତୁରନ୍ତ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଚୂଡ଼ାନ୍ତ କ୍ଷୟକ୍ଷତି ଆକଳନ ପରେ ଆବଶ୍ୟକ ସମସ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ରାସ୍ତା, ସେତୁ ଓ କ୍ଷତିଗ୍ରସ୍ତ ଅନ୍ୟାନ୍ୟ ଭିତ୍ତିଭୂମିର ମରାମତି ପାଇଁ ଚୂଡାନ୍ତ ଆକଳନ ପରେ ସହାୟତା ଯୋଗାଇ ଦିଆଯିବ।

ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ବନ୍ୟା ପ୍ରଭାବିତ ଅଞ୍ଚଳର ସମସ୍ତ ଯୋଗ୍ୟ ହିତାଧିକାରୀ ଓ ପରିବାରଙ୍କୁ ଗ୍ରାଚୁଇଟସ୍ ରିଲିଫ୍ ଯୋଗାଇ ଦିଆଯିବ ଏବଂ ସ୍ୱାଭାବିକ ପରିସ୍ଥିତି ଫେରିବା ପର୍ଯ୍ୟନ୍ତ ଏହି ସହାୟତା ଜାରି ରହିବ।

ଏହି ନିଷ୍ପତ୍ତି ଅନୁଯାୟୀ ଘରବାଡ଼ି କ୍ଷତିଗ୍ରସ୍ତ ପରିବାରମାନଙ୍କ ପାଇଁ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବାସଗୃହର ମରାମତି ନିମନ୍ତେ ୧.୨୦ ଲକ୍ଷ ଟଙ୍କା, ଆଂଶିକ (୯ ପୃଷ୍ଠାରେ)

## ଓଡ଼ିଶାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ



ଭୁବନେଶ୍ୱର, ୩।୮ (ସବ୍ୟୁ) : ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଭୁବନେଶ୍ୱର ବିମାନ ବନ୍ଦରରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେଠାରୁ ଲୋକଭବନ ଯାଇ କିଛି ସମୟ ବିଶ୍ରାମ କଲାପରେ ସଡ଼କପଥରେ କଟକର ବାଆଁର ଅଭିମୁଖେ ଯାଇଛନ୍ତି। ସେଠାରେ ଜଗତ୍‌ଗୁରୁ କୃପାଳୁଜୀ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ କରିଛନ୍ତି।

ଆସନ୍ତାକାଲି ୯ଟାରେ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଭୁବନେଶ୍ୱରରୁ ବ୍ରହ୍ମପୁର ଯିବେ। ସଡ଼କ ପଥରେ ତପ୍ତପାଣି ଯିବେ। ମା’ କନ୍ଧୁଣୀ ଦେବୀଙ୍କ ଦର୍ଶନ ସହ ଉଷ୍ଣପ୍ରସ୍ରବଣ ଜଳରେ ସ୍ନାନ କରିବାର କାର୍ଯ୍ୟକ୍ରମ ରହିଛି। ମା’ଙ୍କ ଦର୍ଶନ ପରେ ବ୍ରହ୍ମପୁର ଆସି ଗୋଲନ୍ଥରା ଆର୍ମି ଏଡି କଲେଜରେ ରାତ୍ରୀଯାପନ କରିବେ। ବୁଧବାର ସକାଳେ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ରାଷ୍ଟ୍ରପତି ଭୁବନେଶ୍ୱର ଫେରିବା ପରେ ନୂଆଦିଲ୍ଲୀ ଯିବେ। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ତେବେ ରାଷ୍ଟ୍ରପତିଙ୍କ ବ୍ରହ୍ମପୁର ଗସ୍ତ ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ବ୍ରହ୍ମପୁର ରେଳ ଷ୍ଟେସନ୍ ଓ ତପ୍ତପାଣିରେ ପୋଲିସ କାରକେଡ୍ ରିହରସାଲ କରିଛି। ରେଳ ଷ୍ଟେସନର ୪ ନଂ ପ୍ଲାଟ୍‌ଫର୍ମକୁ ସଫାସୁତର କରାଯାଇ ସଜାଯାଇଛି। ପୁରା ଜିଲ୍ଲା ନୋ ଡ୍ରୋନ୍ ଫ୍ଲାଇଂ ଜୋନ୍ ଘୋଷଣା କରାଯାଇଛି।

### ଶ୍ରୀ ଲିଙ୍ଗରାଜ ମନ୍ଦିର ସେବାୟତଙ୍କ ବିବାଦ

## ୮ ଘଣ୍ଟା ନୀତି ବନ୍ଦ, କାଉଡ଼ିଆଙ୍କ ଅସନ୍ତୋଷ



ଭୁବନେଶ୍ୱର, ୩।୮ (ସବ୍ୟୁ) : ଶ୍ରାବଣ ମାସ ପ୍ରଥମ ସୋମବାରରେ ଶ୍ରୀଲିଙ୍ଗରାଜ ମନ୍ଦିରର କାଉଡିଆଙ୍କ ଭିଡ ଲାଗିଥିଲା । ଭିଡ ସତ୍ତ୍ୱେ ସେବାୟତଙ୍କ ବିବଦ ପାଇଁ ୮ ଘଣ୍ଟା ନୀତିକାନ୍ତି ବନ୍ଦ ହୋଇଯାଇଥିଲା । ପ୍ରଭୁଙ୍କ ସେବାରେ ଅଚଳାବସ୍ଥା ଦେଖି ମନ୍ଦିର ପ୍ରଶାସନ ହସ୍ତକ୍ଷେପ କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା ।

ବଡୁ ନିଯୋଗ ଓ ପୂଜାପଣ୍ଡା ନିଯୋଗ ମଧ୍ୟରେ ପାଉଣା ଭାଗବଣ୍ଟାକୁ ନେଇ ବିବାଦ ଦୀର୍ଘଦିନ ହେବ ଚାଲିଛି। ହାଇକୋର୍ଟ ଓ ଏଣ୍ଡାମେଣ୍ଟ କୋର୍ଟ ପର୍ଯ୍ୟନ୍ତ ବିବାଦ ଯାଇଥିଲେ ମଧ୍ୟ ତାହା ସମାଧାନ ହୋଇପାରୁ ନାହିଁ। (୯ ପୃଷ୍ଠାରେ)

## ପ୍ରତିବାଦକାରୀ ଛାତ୍ରଙ୍କ ବିରୋଧରେ ହେବନି ଏତଲା



➪ ମାମଲା ବନ୍ଦ କର, ନହେଲେ ପ୍ରତ୍ୟାହାର କର

➪ ଗୁରୁତର ଅପରାଧ ପୃଷ୍ଠଭୂମି ଥିଲେ ମିଳିବନି ଛାଡ

ନୂଆଦିଲ୍ଲୀ, ୩।୮: କକ୍ରୋଚ ଜନତା ପାର୍ଟିର ଆନ୍ଦୋଳନ ସମୟରେ ହୋଇଥିବା ହିଂସା ଓ ଛାତ୍ରମାନଙ୍କ ନାଁରେ ହୋଇଥିବା ଏଲତା ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ, ଗମ୍ଭୀର ଅପରାଧରେ ଜଡିତ ଲୋକଙ୍କୁ କୌଣସି ଛାଡ ମିଳିବ ନାହିଁ। ଛାତ୍ରମାନଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ନାହିଁ।

ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲା ବାଗଚୀ, ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ ଯେ ସିଜେପିର ସଂସଦ ଚାଲ ଘଟଣାର ତଦନ୍ତ ସୁପ୍ରିମକୋର୍ଟ ଜଣେ ପୂର୍ବତନ ଜଜଙ୍କ ଅଧ୍ୟକ୍ଷତାରେ କରାଯିବା ଉଚିତ। ଜୁଲାଇ ୨୦ରେ ହୋଇଥିବା ହିଂସା ଏବଂ ପ୍ରତିବାଦକାରୀଙ୍କ ଉପରେ କରାଯାଇଥିବା ଲାଠିଚାର୍ଜ ଓ ଲୁହବୁହା ଗ୍ୟାସର ମଧ୍ୟ ତଦନ୍ତ ହେବ । ଯେଉଁ ପୋଲିସ ଅଧିକାରୀ ଅତ୍ୟଧିକ ବଳ ପ୍ରୟୋଗ କରିଛନ୍ତି ତାଙ୍କୁ ସୁରକ୍ଷା ଦିଆଯିବ ନାହିଁ। ଛାତ୍ର ପ୍ରତିବାଦରେ ଯେଉଁମାନେ ଗମ୍ଭୀର ମାମଲା ସହ ଜଡିତ ସେମାନଙ୍କୁ ଛାଡ ମିଳିବ ନାହିଁ। ସାମାନ୍ୟ ଅଭିଯୋଗ ଥିବା କିମ୍ବା ରାଜନୈତିକ କାରଣରୁ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଲୋକଙ୍କୁ ରିହାତି ମିଳିବ। ରାଜ୍ୟ ଗୁଡିକ ପ୍ରଦର୍ଶନକାରୀ ଗୁଡିକରେ ଥିବା ମାମଲାକୁ ଶେଷ କରିପାରିବେ କିମ୍ବା ପ୍ରତ୍ୟାହାର କରିପାରିବେ। ଅଗଷ୍ଟ ୧୯ ପରବର୍ତ୍ତୀ ଶୁଣାଣି ହେବ। ଅପରାଧିକ ପୃଷ୍ଠଭୂମି ଥିବା ପ୍ରଦର୍ଶନ ଶବ୍ଦର ଅର୍ଥ ସେହି ଲୋକଙ୍କ ପାଇଁ ଥିଲା ଯାହାଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ରହିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସେଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ ଯେ ସିଜେପି ପ୍ରତିବାଦ ଗତ ମାସରେ ଶେଷ ହୋଇଛି ଓ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି କୁହାଯାଇଛି। ଏତଲାକୁ ନେଇ କିଛି ଭୁଲ ସୂଚନା ରହିଛି। ସରକାର ଛାତ୍ରଙ୍କୁ ଦେଇଥିବା ପ୍ରତିଶ୍ରୁତି ଉପରେ ପ୍ରତିବଦ୍ଧ ଅଛନ୍ତି। ଆଇନଜୀବୀ ବିନ୍ଦ୍ରା ଗୋବର କହିଥିଲେ ଯେ, ଯେଉଁ ପ୍ରତିବାଦକାରୀଙ୍କ ବିରୋଧରେ ଏଲତା ହୋଇଛି ତାହାକୁ ପ୍ରତ୍ୟାହାର କରାଯାଉ କିମ୍ବା ଶେଷ କରାଯାଉ। ଶିକ୍ଷା (୯ ପୃଷ୍ଠାରେ)

## ଓୟୁଏଟି ପିଜି, ପିଏଚ୍‌ଡି ଛାତ୍ରଛାତ୍ରୀଙ୍କ ଲାଗି ଷ୍ଟାଇପେଣ୍ଡ

ଭୁବନେଶ୍ୱର, ୩।୮ (ସବ୍ୟୁ) : ରାଜ୍ୟରେ କୃଷି ଶିକ୍ଷା ଓ ଗବେଷଣାକୁ ଆଗକୁ ନେବା ପାଇଁ ଓଡ଼ିଶା ସରକାରଙ୍କ କୃଷି ବିଭାଗ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପିଜି ଏବଂ ପିଏଚ୍.ଡି ଛାତ୍ରଛାତ୍ରୀଙ୍କ ପାଇଁ ମାସିକ ଭତ୍ତା ଘୋଷଣା କରାଯାଇଛି।

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ବିଶେଷ ପ୍ରଚେଷ୍ଟା ଯୋଗୁଁ ସରକାର ଏହି ଭତ୍ତା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହାଦ୍ୱାରା ଗବେଷକମାନଙ୍କୁ ବଡ଼ ସହାୟତା ମିଳିବ। ପିଜି ଛାତ୍ରଛାତ୍ରୀଙ୍କୁ ୨ ବର୍ଷର କୃଷି ଓ ଆନୁଷଙ୍ଗିକ କୋର୍ସ ପାଇଁ ମାସକୁ ୧୦,୦୦୦ ମିଳିବ ଏବଂ ପିଏଚ୍.ଡି ଗବେଷକଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ମାସକୁ ୧୫,୦୦୦ ମିଳିବ।

ଏହି ସହାୟତାର ମୂଳ ଲକ୍ଷ୍ୟ ହେଉଛି ଉତ୍ତମ ଗବେଷଣାକୁ ପ୍ରୋତ୍ସାହନ ଦେବା ଏବଂ ଓଡ଼ିଶାର ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା। ଆମ ଯୁବ ଗବେଷକଙ୍କ ପାଇଁ ଖର୍ଚ୍ଚ କରିବା ମାନେ ଓଡ଼ିଶାର ଚାଷୀମାନଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା। (୯ ପୃଷ୍ଠାରେ)

## ଚାଲିପାରୁନି ଲୋକସଭାର ଅଧିବେଶନ

### ଛାତ୍ରଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇ ବିରୋଧୀଙ୍କ ହଙ୍ଗାମା

ନୂଆଦିଲ୍ଲୀ,୩।୮: ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ମୌସୁମୀ ଅଧିବେଶନ ଲୋକସଭା ବସ୍ତୁତ ଅଚଳ ହୋଇଛି। ତେବେ ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ ଆଗତ ହୋଇଥିବା ସୁପ୍ରିମକୋର୍ଟ ସଂଶୋଧନ ବିଲ ୨୦୨୬ ପାରିତ ହୋଇଛି। ଚଳିତ ବର୍ଷ ମେ’ ମାସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅଧ୍ୟାଦେଶ ଜରିଆରେ ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ୩୩ରୁ ୩୭କୁ ବୃଦ୍ଧି କରିଥିଲେ। ଏହି ବିଲଟି ପାରିତ ହେଲା ପରେ ଗୃହକୁ ଆସନ୍ତାକାଲି ଠାରୁ ମୁଲତବୀ କରାଯାଇଛି।

ଆଜି ଲୋକସଭା କାର୍ଯ୍ୟ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇଥିଲା। ବାଚସ୍ପତି

### ପାରିତ ହେଲା ସୁପ୍ରିମ୍‌କୋର୍ଟ ସଂଶୋଧନ ବିଲ୍

ଓମ ବିର୍ଲା ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତୀୟ ଆଥଲେଟମାନଙ୍କର ପ୍ରଦର୍ଶନ ଲାଗି ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଭାରତୀୟ ଆଥଲେଟମାନେ ସମୁଦାୟ ୩୯ ମେଡାଲ ଜିତିଛନ୍ତି। ସେଥିମଧ୍ୟରେ ୧୩ଟି ସ୍ୱର୍ଣ୍ଣ ପଦକ ଥିଲା ବେଳେ ୧୭ ରୌପ୍ୟ, ୯ ବ୍ରୋଞ୍ଜ ପଦକ ରହିଛି। ଏହାପରେ ବାଚସ୍ପତି ପ୍ରଶ୍ନଉତ୍ତର କାଳ ଆରମ୍ଭ କରିବାକୁ ଚାହିଁଥିଲା ବେଳେ ବିରୋଧୀ ସଦସ୍ୟମାନେ ଛାତ୍ର ଆନ୍ଦୋଳନ ସମୟରେ ପୋଲିସ କାର୍ଯ୍ୟାନୁଷ୍ଠାନ ପ୍ରଶ୍ନ ଉଠାଇଥିଲେ। ଅଧିକାଂଶ (୯ ପୃଷ୍ଠାରେ)

## ବଢ଼ିଲା ପ୍ରଧାନମନ୍ତ୍ରୀ ଫସଲବୀମା ଅବଧି

ଭୁବନେଶ୍ୱର, ୩।୮ (ସବ୍ୟୁ) : ଓଡ଼ିଶା ଖରିଫ ୨୦୨୬ ଲାଗି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ) ପଞ୍ଜୀକରଣର ଶେଷ ତାରିଖକୁ ଜୁଲାଇ ୩୧ରୁ ଅଗଷ୍ଟ ୧୫ ଯାଏ ବୃଦ୍ଧି କରାଯାଇଛି। ଯୋଗ୍ୟ କୃଷକମାନଙ୍କୁ ଯୋଜନା ଅଧିନରେ ପଞ୍ଜୀକୃତ ହେବା ଏବଂ ପ୍ରାକୃତିକ ବିପର୍ଯ୍ୟୟ ଓ ଅନ୍ୟାନ୍ୟ ଅଧିସୂଚିତ ବିପଦରୁ ସୃଷ୍ଟି ହୋଇଥିବା ସମ୍ଭାବ୍ୟ କ୍ଷତିରୁ ସେମାନଙ୍କ ଫସଲକୁ ସୁରକ୍ଷିତ ରଖିବା ପାଇଁ ଅତିରିକ୍ତ ସୁଯୋଗ ପ୍ରଦାନ କରିବ। ଏହି ବୀମା ଅଧୀନରେ ବିଜ୍ଞାପିତ ଅଞ୍ଚଳର ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଏବଂ ହଳଦୀ ଫସଲକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଯୋଜନା ଋଣୀ କୃଷକ, ଅଣଋଣୀ କୃଷକ ଓ ଭାଗଚାଷୀଙ୍କ ଲାଗି ମଧ୍ୟ ଉପଲବ୍ଧ ହେବ। ପଞ୍ଜୀକରଣ ପାଇଁ ଋଣ ନେଇଥିବା ଚାଷୀ, ପ୍ୟାକ୍ସ/ଲାମ୍ପ୍ସ କିମ୍ବା ବ୍ୟାଙ୍କ ଶାଖା ସହ ଯୋଗାଯୋଗ କରିବେ। ଅଣଋଣୀ କୃଷକମାନଙ୍କୁ ଜନସେବା କେନ୍ଦ୍ର, ସମବାୟ ବ୍ୟାଙ୍କ, ବାଣିଜ୍ୟିକ ବ୍ୟାଙ୍କ ଶାଖା, ବୀମା ମଧ୍ୟସ୍ଥି ଏବଂ ଅନୁମୋଦିତ ଡିଜିଟାଲ ଫାର୍ମ ପ୍ଲାଟ୍‌ଫର୍ମ ମାଧ୍ୟମରେ ପଞ୍ଜୀକରଣ କରିପାରିବେ। ସମବାୟ ବିଭାଗ ସମସ୍ତ ଯୋଗ୍ୟ କୃଷକ, ଯେଉଁମାନେ ଏ ପର୍ଯ୍ୟନ୍ତ ପଞ୍ଜୀକରଣ ହୋଇନାହାନ୍ତି ସେମାନଙ୍କୁ ଏହି ସମୟସୀମା ମଧ୍ୟରେ ପଞ୍ଜୀକୃତ କରିବେ।

## ଉପନିର୍ବାଚନ : ଦୁଇ ଆସନରେ ହାରିଲା ବିଜେପି, ଗୋଟିଏରେ ବିଜୟୀ







■ ବାଙ୍କୀପୁରା ଆସନରୁ ପ୍ରଶାନ୍ତ କିଶୋର ବିଜୟୀ

■ ଦତିଆରୁ କଂଗ୍ରେସ ପ୍ରାର୍ଥୀ ଘନଶ୍ୟାମ ଜିତିଲେ

■ ଗୁଜରାଟର ମାଞ୍ଜାଲପୁରରୁ ସତୀଶଙ୍କ ବାଜିମାତ୍

ନୂଆଦିଲ୍ଲୀ,୩।୮: ୩ ରାଜ୍ୟରେ ଅନୁଷ୍ଠିତ ହୋଇଥିବା ଉପନିର୍ବାଚନରେ ବିଜେପିକୁ ବଡ଼ ଝଟକା ଲାଗିଛି। ବିହାରର ବାଙ୍କୀପୁର, ମଧ୍ୟପ୍ରଦେଶର ଦତିଆ ଓ ଗୁଜରାଟର ମାଞ୍ଜୋଲପୁରରେ ଅନୁଷ୍ଠିତ ହୋଇଥିବା ଉପନିର୍ବାଚନ ମଧ୍ୟରୁ ବିଜେପି ଦୁଇଟି ଆସନରେ ହାରି ଥିବା ବେଳେ ଗୋଟିଏ ଆସନ ଜିତିଛି। ୩୦ ବର୍ଷ ଧରି ବିଜେପିର ଗଡ଼ ଭାବେ ପରିଚିତ ବାଙ୍କୀପୁର ଆସନରେ ବିଜେପି ପ୍ରାର୍ଥୀ ପରାସ୍ତ ହୋଇଛନ୍ତି। ୧୯୯୫ ମସିହାରୁ ବିଜେପି ଏହି ଆସନରୁ ଜିତି ଆସୁଥିଲା ମାତ୍ର ଏଥର ନିର୍ବାଚନ ରଣନୀତି ନିର୍ଦ୍ଧାରକ ପ୍ରଶାନ୍ତ କିଶୋର ସେଠାରୁ ବିଜୟୀ ହୋଇଛନ୍ତି। ଦତିଆରେ କଂଗ୍ରେସ ପ୍ରାର୍ଥୀ ଘନଶ୍ୟାମ ସିଂ ଓ ଗୁଜରାଟର ମାଞ୍ଜୋଲପୁରରେ ବିଜେପି ପ୍ରାର୍ଥୀ ସତୀଶ ପଟେଲ ଜିତିଛନ୍ତି।

ବାଙ୍କୀପୁରାରେ ପ୍ରଶାନ୍ତ କିଶୋରଙ୍କ ଜନସ୍ୱରାଜ ପାର୍ଟି ପ୍ରଥମ ନିର୍ବାଚନୀ ବିଜୟ ହାସଲ କରିଛି। ପ୍ରଶାନ୍ତ କିଶୋର ୬୧ ହଜାର ୭୫ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପିର ନୀରଜ କୁମାର ୪୨ ହଜାର ୧୧୧ ଭୋଟ ପାଇଥିଲେ। ଆର୍ଜେଡିର ରେଖା କୁମାରୀ ୧୩୬୨୫ ଖଣ୍ଡ ଭୋଟ ପାଇଥିଲେ। ମଧ୍ୟପ୍ରଦେଶର ଗତିଆ ବିଧାନସଭା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଘନଶ୍ୟାମ ସିଂ, ବିଜେପି ପ୍ରାର୍ଥୀ ଆଶୁତୋଷ ତିୱାର ୬୦୫୬ ଭୋଟରେ ପରାସ୍ତ କରିଛନ୍ତି। କଂଗ୍ରେସର ପୂର୍ବତନ ବିଧାୟକ ରାଜେନ୍ଦ୍ର ଭାରତୀଙ୍କୁ ଦିଲ୍ଲୀର ଏକ କୋର୍ଟ ୩ ବର୍ଷ ଶୁଣାଇବା ପରେ ତାଙ୍କ ସଦସ୍ୟଙ୍କ ପଦ ରଦ୍ଦ ହେବାରୁ ଆବଶ୍ୟକତା ପଡିଥିଲା। ଗୁଜରାଟର ମାଞ୍ଜୋଲପୁର ଆସନରେ ବିଜେପିର ସତୀଶ ପଟେଲ ୩୦ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ଜିତିଛନ୍ତି । କଂଗ୍ରେସ ପ୍ରାର୍ଥୀ ଭିଖା ଭାଇ ରାବରୀଙ୍କୁ ପରାଜିତ ହେବାକୁ ପଡୁଛି। ତେବେ ବିହାରର ବାଙ୍କୀପୁରାରେ ବିଜେପି ହାରିବା ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଆସନରେ ବିଜେପି ରାଷ୍ଟ୍ରୀୟ ସଭାପତି ନୀତିନ ନବୀନ ୨୦୨୫ରେ ନିର୍ବାଚିତ ହୋଇଥିଲେ। ମାତ୍ର ସେ ରାଜ୍ୟସଭାକୁ ଯିବା ପରେ ଏହି ଆସନ ଖାଲି ହୋଇଥିଲା। ବିଜେପିର ଗଡ଼ଭାବ ପରିଚିତ ଏହି ଆସନରେ ଦୁଇ ବର୍ଷ ତଳେ ଗଠନ ହୋଇଥିବା ଜନସ୍ୱରାଜ ପାର୍ଟି ବିଜୟୀ ହୋଇଛି। ଯାହାକୁ ନେଇ ଏବେ ବଡ଼ ବିତର୍କ ଆରମ୍ଭ ହୋଇଯାଇଛି।

### କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

## ପୁରୀ ରଥଯାତ୍ରା ୟୁନେସ୍କୋ ଐତିହ୍ୟ ତାଲିକାରେ ସାମିଲ ହେଉ



ଭୁବନେଶ୍ୱର, ୩।୮ (ସବ୍ୟୁ) : ୟୁନେସ୍କୋର ସାଂସ୍କୃତିକ ଐତିହ୍ୟ ତାଲିକାରେ ପୁରୀର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ମନୋନୀତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ସଂସ୍କୃତିକମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କୁ ଚିଠି ଲେଖିଛନ୍ତି। ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ଗ୍ରହଣ କରିବା ଲାଗି ଅନୁରୋଧ କରାଯାଇଛି।

ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଉଲ୍ଲେଖନୀୟ ସାଂସ୍କୃତିକ ଗୁରୁତ୍ୱ ଏବଂ ଏହାର ସମନ୍ୱୟ ଓ ମାନବିକ ମୂଲ୍ୟବୋଧର ସାର୍ବଜନିନ ବାର୍ତ୍ତାକୁ ବିଚାର କରି ପ୍ରସ୍ତାବକୁ ସଂସ୍କୃତି ମନ୍ତ୍ରଣାଳୟ ଆବଶ୍ୟକ ସମର୍ଥନ ପ୍ରଦାନ କରୁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କେବଳ ଧାର୍ମିକ ଉତ୍ସବ ନୁହେଁ ବରଂ ଏକ କାଳଜୟୀ ସଭ୍ୟତାର ପରମ୍ପରା ଯାହା ଭାରତର ସମୃଦ୍ଧ ସାଂସ୍କୃତିକ ବିବିଧତା, ଅନ୍ତର୍ଭୁକ୍ତ, ଆଧ୍ୟାତ୍ମିକତା, କାରିଗରି, ସଙ୍ଗୀତ, ନୃତ୍ୟ ଏବଂ ସାମୁଦାୟିକ ଅଂଶଗ୍ରହଣକୁ ପ୍ରତିପାଦିତ କରୁଛି। ଶତାବ୍ଦୀ ଶତାବ୍ଦୀ ଧରି ପାଳିତ ହେଉଥିବା ଏହି ରଥଯାତ୍ରାରେ (୯ ପୃଷ୍ଠାରେ)

## ଇତିହାସ

୧୮୭୦- ବ୍ରିଟିଶ ରେଡ୍‌କ୍ରସ୍ ସୋସାଇଟିର ସ୍ଥାପନା ।
୧୯୨୯- ଅଭିନେତା ତଥା ଗାୟକ ଓ ନିର୍ଦ୍ଦେଶକ କିଶୋର କୁମାରଙ୍କ ଜନ୍ମ ।
୧୯୩୦-ୟୁରୋପୀୟ ଦେଶ ବେଲଜିୟମରେ ଶିଶୁ ଶ୍ରମିକ ଆଇନ ପ୍ରଣୟନ ହେଲା ।
୧୯୩୭- ପ୍ରସିଦ୍ଧ ଭାରତୀୟ ଐତିହାସିକ ଏବଂ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବିଦ୍ୱାନ କାଶୀ ପ୍ରସାଦ ଜୟସବାଲଙ୍କ ପରଲୋକ ।
୧୯୪୭- ଜାପାନ ସୁପ୍ରିମକୋର୍ଟ ସ୍ଥାପିତ ।
୧୯୫୬- ଭାରତର ପ୍ରଥମ ପରମାଣୁ ଅନୁସନ୍ଧାନ ରିଆକ୍ଟର ଅପ୍ସରାର ଶୁଭାରମ୍ଭ ।
୧୯୬୧- ଆମେରିକାର ପ୍ରଥମ ଅଶ୍ୱେତ ରାଷ୍ଟ୍ରପତି ବାରାକ ଓବାମାଙ୍କ ଜନ୍ମ ।
୧୯୬୭- ବିଶ୍ୱର ଦୀର୍ଘତମ ଜଳପ୍ରପାତ ନାଗାର୍ଜୁନ ସାଗର ଡ୍ୟାମ୍‌ର ନିର୍ମାଣ ।



୨୦୦୪- ଅଲଟିକ୍ସ ସୁପରକମ୍ପ୍ୟୁଟର କେସିକୁ କଳ୍ପନା ଚାୱଲା ନାମରେ ନାମିତ କଲା ନାସା ।
୨୦୦୬- ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ଲେଖିକା ନନ୍ଦିନୀ ଶତପଥୀଙ୍କ ପରଲୋକ ।
୨୦୦୭- ନାସା ପକ୍ଷରୁ ଫୋନିକ୍ସ ସ୍ପେସ୍‌କ୍ରାଫ୍ଟ ଲଞ୍ଚ୍ ହେଲା ।
୨୦୦୮- ସିଫିଂ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏସ୍‌ସିଆଇ)କୁ ନବରତ୍ନ ମାନ୍ୟତା ।

## ନିଆରା ପରମ୍ପରା

ରାଜସ୍ଥାନର ମେୱାଡ଼ ଅଞ୍ଚଳରେ ଭଲ ବର୍ଷା ପାଇଁ ଏକ ଶତାବ୍ଦୀ ପୁରୁଣା ଲୋକ ପରମ୍ପରା ଅନୁସାରେ ଆଶ୍ଚର୍ଯ୍ୟଜନକ ପନ୍ଥା ଦେଖିବାକୁ ମିଳିଛି । ଯେଉଁଥିରେ ମହିଳାମାନେ ଦୋକାନ ଓ ମନ୍ଦିର ଭିତରେ ଏବଂ ବାହାରେ ଖରାପ ପାଣି ଭର୍ତ୍ତି ମାଠିଆ ଭାଙ୍ଗୁଥିବାର ନଜର ଆସିଛନ୍ତି । ଏହି ପରମ୍ପରା ଅନୁସାରେ ମହିଳାମାନେ ପ୍ରଥମେ ଗଣଗୌର ଘାଟରେ ପୂଜାର୍ଚ୍ଚନା କରିବା ପରେ ହ୍ରଦରୁ ଅଶୁଦ୍ଧ ପାଣି ମାଠିଆରେ ଭରି ଲୋକଗୀତ ଗାଇ ଗାଇ ସହରର ବଜାରକୁ ବାହାରିଥାନ୍ତି । ଏହାପରେ ସେମାନେ ଦୋକାନ ଓ ମନ୍ଦିରଗୁଡ଼ିକରେ ଏହି ପାଣି ମାଠିଆଗୁଡ଼ିକୁ ଫିଙ୍ଗି ଭାଙ୍ଗି ଦିଅନ୍ତି । ଯାହାଫଳରେ ପରମ୍ପରା ମୁତାବକ କିଛି ଦୋକାନୀ ଅସନ୍ତୋଷ ଓ ରାଗ ମଧ୍ୟ ପ୍ରକାଶ କରିଥାନ୍ତି । ଏଠାରେ ବିଶ୍ୱାସ ରହିଛି ଯେ ଦୋକାନୀମାନଙ୍କର ଏହି ରାଗ ଓ ଅଭିଯୋଗ ଇନ୍ଦ୍ରଦେବଙ୍କ ପାଖରେ ପହଞ୍ଚିଥାଏ, ଯାହା ପରେ ସେ ପ୍ରସନ୍ନ ହୋଇ ଭଲ ବର୍ଷା କରାନ୍ତି । ମେୱାଡ଼ରେ ଅନେକ ପିଢ଼ିରୁ ଏହି ପରମ୍ପରା ପାଳିତ ହୋଇଆସୁଥିଲେ ବି ଇତିହାସକାରଙ୍କ ମତରେ ଏହାର କୌଣସି ଶାସ୍ତ୍ରୀୟ କିମ୍ବା ଧାର୍ମିକ ପ୍ରମାଣ ନାହିଁ ।



## ହସକଥା



ମଣ୍ଟୁ: ଆରେ ସଞ୍ଜୁ, ତୁ ଓଜନ କମେଇବା ପାଇଁ ରନିଂ କରୁଛୁ କି ନାହିଁ ?
ସଞ୍ଜୁ: ହଁ ମଣ୍ଟୁ, ସକାଳେ ଦୌଡ଼ିବାକୁ ତ ଯାଉଛି, କିନ୍ତୁ ଗୋଟେ ସମସ୍ୟା ହେଉଛି ।
ମଣ୍ଟୁ: କ'ଣ ସମସ୍ୟା ?
ସଞ୍ଜୁ: ଆରେ, ସକାଳେ ଯେତେବେଳେ ମୁଁ ଦୌଡ଼େ, ସେତେବେଳେ ରାସ୍ତା କଡ଼ରେ ଥିବା ବରା-ଆଳୁଦମ ଦୋକାନୀ ମତେ ଦେଖି ପଚାରେ "ବାବୁ, ଆଜି କେତେଟା ଖାଇବ ?" ବାସ୍, ସେଇଠି ମୋ ଦୌଡ଼ ବନ୍ଦ ହୋଇଯାଏ !

## ୧୫ ହଜାର ଫୁଟ ଉଚ୍ଚରେ ଆଙ୍କୁଛନ୍ତି ଟାଟୁ



ଆମେରିକାର ୩୮ ବର୍ଷୀୟ ଟାଟୁ ଆର୍ଟିଷ୍ଟ ଫଙ୍କି ମାଟସ୍ ଫ୍ଲୋରିଡାରେ ଏକ ଅଦ୍ଭୁତ କାରନାମା କରି ଗିନିଜ୍ ୱାର୍ଲ୍ଡ ରେକର୍ଡସ୍ ସୃଷ୍ଟି କରିଛନ୍ତି । ସେ ୧୫ ହଜାର ଫୁଟ୍ ଉଚ୍ଚତାରେ ସ୍କାଇଡାଇଭିଂ କରୁଥିବା ବେଳେ ଘଣ୍ଟା ପ୍ରତି ପ୍ରାୟ ୧୨୦ ମାଇଲ୍ ବେଗରେ ତଳକୁ ଖସୁଥିବା ସମୟରେ ନିଜ ହାତରେ ଇଂରାଜୀ ଶବ୍ଦ ଫ୍ଲାଏର ଟାଟୁ ଆଙ୍କିଛନ୍ତି । ପ୍ରବଳ ପବନରେ ଟାଟୁ ମେସିନ୍ ଯେପରି ଉଡ଼ି ନଯାଏ ସେଥିପାଇଁ ସେ ମେସିନ୍‌କୁ ନିଜ ହାତରେ ଟେପ୍ ସାହାଯ୍ୟରେ ବାନ୍ଧି ରଖିଥିବା ଦେଖିବାକୁ ମିଳିଥିଲା । ତେବେ ଥଣ୍ଡା ପବନରେ ଟାଟୁ କାଳି କିଭଳି ଜମାଟ ନ ବାନ୍ଧିବ, ତାହା ତାଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ଥିଲା । ଏହାକୁ ସବୁଠାରୁ ଅଧିକ ଉଚ୍ଚତାରେ ସ୍କାଇଡାଇଭିଂ ବେଳେ ନିଜକୁ ଟାଟୁ କରିବାର ରେକର୍ଡ ଭାବରେ ସ୍ୱୀକୃତି ମିଳିଛି । ସୂଚନାଯୋଗ୍ୟ ଯେ, ଫଙ୍କି ମାଟସ୍ ପୂର୍ବରୁ ମଧ୍ୟ ନିଜ ଶରୀରରେ ୱିଲ୍ ସ୍ମିଥ୍, ୫୦ ସେଣ୍ଟ, ଲୋଗାନ୍ ପଲ୍ ଏବଂ ବିଶ୍ୱର ସବୁଠାରୁ ଛୋଟ ମହିଳା ଜ୍ୟୋତି ଆମଗେଙ୍କ ସମେତ ମୋଟ ୨୭୩ ଜଣଙ୍କ ଅଟୋଗ୍ରାଫକୁ ଟାଟୁ କରି ରେକର୍ଡ କରିସାରିଛନ୍ତି ।

## କୁକୁର କରୁଛି ସର୍ଫିଂ



ସମୁଦ୍ର ଲହଡ଼ିରେ ମଣିଷଙ୍କୁ ସର୍ଫିଂ କରୁଥିବାର ତ ପ୍ରାୟତଃ ଦେଖିବାକୁ ମିଳେ, କିନ୍ତୁ ନିକଟରେ ଅନୁଷ୍ଠିତ 'ୱାର୍ଲ୍ଡ ଡଗ୍ ସର୍ଫିଂ ଚାମ୍ପିଅନସିପ୍'ରେ କୁକୁରମାନେ ସର୍ଫବୋର୍ଡ ଉପରେ ଛିଡ଼ା ହୋଇ ଚମତ୍କାର ସର୍ଫିଂ କରୁଥିବାର ନଜର ଆସିଛନ୍ତି । ଏହି ପ୍ରତିଯୋଗିତାରେ କୁକୁରମାନେ ରଙ୍ଗବେରଙ୍ଗର ଏବଂ ଶାର୍କ ଡିଜାଇନ୍ ଥିବା ଲାଇଫ୍ ଜ୍ୟାକେଟ୍ ପିନ୍ଧି ସମୁଦ୍ରକୁ ଓହ୍ଲାଇଥିଲେ । ସେମାନଙ୍କୁ ଦେଖି କୂଳରେ ଥିବା ଲୋକମାନେ ତାଳି ମାରି ଉତ୍ସାହିତ କରିଥିଲେ । ଏଥିରେ ସାନ, ମଧ୍ୟମ ଓ ବଡ଼ କୁକୁରଙ୍କ ପାଇଁ ଅଲଗା ଅଲଗା ବର୍ଗ ରହିଥିଲା । ଯେଉଁଥିରେ ସର୍ଫବୋର୍ଡରେ ବେଶି ସମୟ ତିଷ୍ଠି ରହିବା, ବଡ଼ ଲହଡ଼ିର ସାମ୍ନା କରିବା ଏବଂ କୁକୁରର ଆତ୍ମବିଶ୍ୱାସ ଆଧାରରେ ନମ୍ବର ଦିଆଯାଇଥିଲା । ଏହି ଚାମ୍ପିଅନସିପ୍‌ରେ 'ରଷ୍ଟି' ନାମକ ଏକ କୁକୁର ବିଶେଷ ଆକର୍ଷଣ ସାଜିଥିଲା । ତା' ମାଲିକାଣୀଙ୍କ କହିବା ଅନୁସାରେ, ମାତ୍ର ୪ ମାସ ବୟସରେ ଫଟୋ ଉଠାଇବା ପାଇଁ ରଷ୍ଟିକୁ ପ୍ରଥମ ଥର ସର୍ଫବୋର୍ଡରେ ଛିଡ଼ା କରାଯାଇଥିଲା । ସେବେଠାରୁ ସେ ପ୍ରତିବର୍ଷ ଏହି ପ୍ରତିଯୋଗିତାରେ ଭାଗ ନେଉଛି । ବିଶେଷ କଥା ହେଉଛି, ରଷ୍ଟି ଏବଂ ତା' ମାଲିକାଣୀ ଦୁହେଁ କ୍ୟାନ୍ସର ଭଳି ମାରାତ୍ମକ ରୋଗକୁ ହରାଇ ଜୀବନ ଜିତିସାରିଛନ୍ତି ।

## ସୋସିଆଲ କୋଟ୍ସ



ମୋ ପିଲାଙ୍କୁ କେବେ ହେଲେ ବି ପିତାର ଆବଶ୍ୟକତା ପଡି ନାହିଁ । ମୁଁ ସେମାନଙ୍କର ସବୁ ଆବଶ୍ୟକତାକୁ ପୂରଣ କରିଛି । ସେମାନେ ମୋର ବିବାହକୁ ମଧ୍ୟ ବିରୋଧ କରନ୍ତି, କୁହନ୍ତି ସେମାନଙ୍କର ପିତା ଦରକାର ନାହିଁ ।

ସୁସ୍ମିତା ସେନ୍, ଅଭିନେତ୍ରୀ



ଅନୁପମ୍ ଅଙ୍କଲ ମୋଠାରୁ ଡ୍ୟାନ୍ସ ଶିଖିବା ପରେ ଖୁବ ଭଲ କରୁଛନ୍ତି । ସେ ଯେତବେଳେ ଘରକୁ ଆସନ୍ତୁ ଖୁବ ମଜା ହୁଏ । ବାପା ଠିକ କହୁଥିଲେ ସେ ହେଉଛନ୍ତି ବାପାଙ୍କ ପରେ ଦ୍ୱିତୀୟ ମଜାକିଆ ଲୋକ ।

ବଂଶିକା କୌଶିକ, ସତିଶ କୌଶିକଙ୍କ ଝିଅ



ମୋତେ ଅକ୍ଷୟ କୁମାର ପଚାରିଥିଲେ କି ମୋ ଆଣ୍ଠୁ କାହିଁକି କଳା । ମୋତେ ଏଭଳି ମନ୍ତବ୍ୟ ଅପମାନ ଜନକ ଲାଗିଥିଲା । ହେଲେ ଅକ୍ଷୟ ମୋତେ ଏଥିପାଇଁ କେବେ ବି କ୍ଷମା ମାଗି ନାହାନ୍ତି ।

ଶାନ୍ତି ପ୍ରିୟା, ଅଭିନେତ୍ରୀ

## ବିଲୁଆ ମାଂସରୁ ମଦ

ଘପାଳର କିଛି ସମ୍ପ୍ରଦାୟ ମଧ୍ୟରେ ଏକ ପାରମ୍ପରିକ ମଦ ତିଆରି କରାଯାଏ, ଯେଉଁଥିରେ ବିଲୁଆ ମାଂସ ବ୍ୟବହାର କରାଯାଉଥିବା ଜଣାପଡିଛି । ସ୍ଥାନୀୟ ବିଶ୍ୱାସ ଓ ପରମ୍ପରା ଅନୁସାରେ ଏହି ମଦକୁ ବହୁ ବର୍ଷ ଧରି ପ୍ରସ୍ତୁତ କରାଯାଉଛି ଏବଂ ଏହାକୁ ଅଳ୍ପ ପରିମାଣରେ ପିଇବା ଦ୍ୱାରା ଆଣ୍ଠୁ, ଅଣ୍ଟା ଏବଂ ଗଣ୍ଠି ବିନ୍ଧାରୁ ଆଶ୍ୱସ୍ତି ମିଳିଥାଏ । ତେବେ ଏହାର କୌଣସି ପ୍ରମାଣ ନାହିଁ , ଏହା କେବଳ ଲୋକ ବିଶ୍ୱାସ । ଅଲଗା ଅଲଗା ଅଞ୍ଚଳରେ ଏହାକୁ ତିଆରି କରିବାର ଶୈଳୀ ଭିନ୍ନ ହୋଇପାରେ ଏବଂ କିଛି ସମ୍ପ୍ରଦାୟ ଏହାକୁ ଏକ ପାରମ୍ପରିକ ଔଷଧୀୟ ପାନୀୟ ଭାବରେ ଗ୍ରହଣ କରନ୍ତି । ତେବେ ଡାକ୍ତରମାନଙ୍କ ମତରେ, କେବଳ ଲୋକ ବିଶ୍ୱାସ ଆଧାରରେ କୌଣସି ପାନୀୟକୁ ଔଷଧ ଭାବେ ଗ୍ରହଣ କରାଯାଇପାରିବ ନାହିଁ ଏବଂ କୌଣସି ବୈଜ୍ଞାନିକ ପ୍ରମାଣ ନଥାଇ ଏଭଳି ଦାବି ଉପରେ ବିଶ୍ୱାସ ନକରିବାକୁ ସେମାନେ ପରାମର୍ଶ ଦେଇଛନ୍ତି ।



## କିଏ କହୁଛି ସତ



ଟିଭି ଶୋ 'ଅପୋଲିନା - ସପନୋଁ କି ଉଡାନ୍'ର ପ୍ରସିଦ୍ଧ ଅଭିନେତ୍ରୀ ଅଦିତି ଶର୍ମା ନିଜ ସ୍ୱାମୀ ଅଭିନୀତ ବିଦ୍ୟାନନ୍ଦ କୌଶିକ ଏବଂ ଶାଶୁଘର ଲୋକଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି । ସେ ଏନେଇ ପୋଲିସ ଷ୍ଟେସନରେ ମାରପିଟ୍, ଘରୋଇ ହିଂସା ଏବଂ ଚରିତ୍ର ସଂହାର ଭଳି ଗମ୍ଭୀର ଅଭିଯୋଗରେ ମାମଲା ରୁଜୁ କରିଛନ୍ତି। ତେବେ ଜୁନ୍ ୨୦୨୧ରେ ଗୋଟିଏ ଅନଲାଇନ୍ ଆକ୍ଟିଂ କ୍ଲାସରୁ ପରିଚିତ ହୋଇ ୩ ବର୍ଷ ଡେଟିଂ କରିବା ପରେ, ସେମାନେ ନଭେମ୍ବର ୨୦୨୪ରେ ପରିବାରର ସମ୍ମତିରେ ବାହା ହୋଇଥିଲେ । ତେବେ ଅଦିତିଙ୍କ କହିବା ଅନୁସାରେ, ବାହାଘରର କିଛି ଦିନ ପରେ ଗହଣାସବୁ ଶାଶୂ ରଖିନେବା ସହ ସ୍ୱାମୀଙ୍କ ବ୍ୟବହାର ବଦଳି ଯାଇଥିଲା । ସେ ଘରର ସମସ୍ତ ଖର୍ଚ୍ଚ ଉଠାଉଥିଲେ ବି ସ୍ୱାମୀ ବାରମ୍ବାର ଟଙ୍କା ମାଗୁଥିଲେ, ପୋଷାକ ଓ ଛୋଟ ଛୋଟ କଥାକୁ ନେଇ ଗାଳିଗୁଲଜ କରୁଥିଲେ । ମୋବାଇଲ୍ ଚେକ୍ କରୁଥିଲେ ଏବଂ ଅନ୍ୟ ପୁରୁଷଙ୍କ ସହ ସମ୍ପର୍କ ଥିବା ନେଇ ସନ୍ଦେହ କରୁଥିଲେ । ଅନ୍ୟପଟେ, ସ୍ୱାମୀ ଅଭିନୀତ ଏବଂ ତାଙ୍କ ଆଇନଗତ ପରାମର୍ଶଦାତା ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି । ଅଦିତି ହିଁ ବିବାହକୁ ଗୁପ୍ତ ରଖିବାକୁ ଚାହୁଁଥିଲେ ଏବଂ ସେ ତାଙ୍କ କୋ-ଷ୍ଟାର ସାମର୍ଥ ଗୁପ୍ତାଙ୍କ ସହ ସମ୍ପର୍କରେ ଥିବା ବେଳେ ଧରାପଡ଼ିବା ପରେ ଏହି ସବୁ ବିବାଦ ସୃଷ୍ଟି ହୋଇଛିବୋଲି ସେ ମତ ଦେଇଛନ୍ତି । ବର୍ତ୍ତମାନ ଏହି ମାମଲାରେ ପୋଲିସ ଛାନଭିନ୍ ଓ ନିକଟତର ଲୋକଙ୍କୁ ପଚରାଉଚରା ଜାରି ରଖିଛି । ତେବେ ଉଭୟଙ୍କ ଭିତରେ କିଏ ସତ କହୁଛି, ଏହାକୁ ନେଇ ଫ୍ୟାନଙ୍କ ଭିତରେ ଚର୍ଚ୍ଚା ଜାରି ରହିଛି ।



**ମେଷ:** ସମ୍ପର୍କରେ ବାଧା, ବ୍ୟବସାୟରେ ସନ୍ତୁଷ୍ଟ, ସାମାଜିକ ପ୍ରତିଷ୍ଠାରେ ବାଧା, ବନ୍ଧୁମିଳନ, ସନ୍ତାନଖୁସି, ଯାତ୍ରା ସଫଳ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ଶୁଭ ଆଲୋଚନା, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା-ମା' ମଙ୍ଗଳା ।

**ବୃଷ:** ଅର୍ଥଲାଭ, କାର୍ଯ୍ୟକ୍ଷେତ୍ରେ ପ୍ରଶଂସା, ଲୋକସମ୍ପର୍କ ବୃଦ୍ଧି, ନୂତନ କାର୍ଯ୍ୟରେ ଲାଭ, ପାରିବାରିକ ଖୁସି, ସୁମିଷ୍ଟ ଭୋଜନ, ଶୁଭ ଆଲୋଚନା, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ପିଙ୍କ, ସଂଖ୍ୟା-୮, ଆରାଧନା-ମହାଲକ୍ଷ୍ମୀ ।

**ମିଥୁନ:** ସମ୍ମାନବୃଦ୍ଧି, ସମ୍ପର୍କରେ ଉନ୍ନତି, ଅର୍ଥଲାଭ, ଦାମ୍ପତ୍ୟଖୁସି, ଅନୁଷ୍ଠାନରୁ ଲାଭ, ଶୁଭ ଆଲୋଚନା, ଶତ୍ରୁସମସ୍ୟାରେ କଷ୍ଟ, ଅଯଥା ଖର୍ଚ୍ଚ, ସୁଖ ଅନୁଭୂତି, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା-ଶଙ୍କର ଭଗବାନ ।

**କର୍କଟ:** ସମ୍ପର୍କରେ ବାଧା, ନୂତନ କାର୍ଯ୍ୟ ଆରମ୍ଭ, ଦେବଦର୍ଶନ, ବ୍ୟବସାୟରେ ସାମାନ୍ୟ ଲାଭ, ଶରୀର ସୁସ୍ଥ, କିଛି ସମସ୍ୟା ସମାଧାନ, ସମ୍ପତ୍ତିଲାଭ, ବ୍ୟକ୍ତିସାହାଯ୍ୟ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା-ମା' ଦକ୍ଷିଣକାଳୀ ।

**ସିଂହ:** ଯାତ୍ରାରେ ସତର୍କ, କର୍ମକ୍ଷେତ୍ରେ ପରିଶ୍ରମ, ଶରୀର ଅସୁସ୍ଥ, ଲୋକସମ୍ପର୍କବୃଦ୍ଧି, ଅର୍ଥଚିନ୍ତା, ସନ୍ତାନଲାଭ, ଅଯଥା ବିବାଦ, ଶତ୍ରୁସମସ୍ୟା, ବିଦ୍ୟାରେ ସଫଳତା, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୪, ଆରାଧନା-ସନ୍ତାନଶୋକ ।

**କନ୍ୟା:** କାର୍ଯ୍ୟକ୍ଷେତ୍ରେ ପ୍ରଶଂସା, ଅର୍ଥଲାଭ, ଶରୀର ସୁସ୍ଥ, ବ୍ୟବସାୟିକ ଖୁସି, ଶୁଭଖବର, ଦେବଦର୍ଶନ, ବନ୍ଧୁମିଳନ, ଦାମ୍ପତ୍ୟଖୁସି, ଶତ୍ରୁପରାଜିତ, ସମ୍ପତ୍ତିଲାଭ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମି, ସଂଖ୍ୟା-୭, ଆରାଧନା-ପ୍ରଭୁ ଜଗନ୍ନାଥ ।

**ତୁଳା:** ବନ୍ଧୁମିଳନ, ସାମାଜିକ ପ୍ରତିଷ୍ଠ, ଲୋକସମ୍ପର୍କବୃଦ୍ଧି, ଶତ୍ରୁପରାଜିତ, କରିଥିବା କାର୍ଯ୍ୟକୁ ନେଇ ଚିନ୍ତିତ, ଶୁଭଖବର, ଦୂରଯାତ୍ରା, ଶରୀର ସୁସ୍ଥ, ଧନଲାଭ, ସନ୍ତାନଖୁସି, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ , ସଂଖ୍ୟା-୯ , ଆରାଧନା-ଶଙ୍କର ଭଗବାନ ।

**ବିଛା:** ସନ୍ତାନକଷ୍ଟ, ବ୍ୟବସାୟରେ ସ୍ୱଳ୍ପଲାଭ, ଶାରିରିକ କ୍ଲେଶ, ଦୂରଯାତ୍ରାପାଇଁ ଶୁଭ ଆଲୋଚନା, ଦ୍ରବ୍ୟପ୍ରାପ୍ତି, ନୂତନ ନିଯୁକ୍ତି, ବ୍ୟକ୍ତିସହାୟତା, ଶତ୍ରୁକଷ୍ଟ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯ , ଆରାଧନା-ନୃସିଂହ ଭଗବାନ ।

**ଧନୁ:** କଥାବାର୍ତ୍ତାରେ ସଂଯମ ରକ୍ଷାକରନ୍ତୁ, ଶତ୍ରୁବୃଦ୍ଧି, ଅର୍ଥସମସ୍ୟା, ଶରୀର ସୁସ୍ଥ, ଅଯଥା ବିବାଦ, ଅପମାନଯୋଗ, ନୂତନ କର୍ମେ ବିବାଦ, ସମ୍ପତ୍ତିସମସ୍ୟା, କର୍ମକ୍ଷେତ୍ରେ ଶାନ୍ତି, ଦାମ୍ପତ୍ୟକଳହ, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୪, ଆରାଧନା-ମା' ହରଚଣ୍ଡୀ ।

**ମକର:** ଦ୍ରବ୍ୟଲାଭ, ବନ୍ଧୁସାହାଯ୍ୟ, ପରିଭ୍ରମଣଯୋଗ, ଅର୍ଥପ୍ରାପ୍ତି, ପୁରାତନ ବିବାଦ ସମାଧାନ, ଦାମ୍ପତ୍ୟଖୁସି, ବିଦ୍ୟାରେ ସଫଳତା, ଶତ୍ରୁପରାଭବ, ସ୍ୱଜନ ବିବାଦ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯ , ଆରାଧନା-ମା' ଭଗବତୀ ।

**କୁମ୍ଭ:** ଶୁଭଖବର, ବ୍ୟବସାୟରେ ସ୍ୱଳ୍ପ ଲାଭ, ବିବାଦ ସମାଧାନ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା ସଫଳ, ସନ୍ତାନସମସ୍ୟା, ଅତିଥିଲାଭ, ସୁମିଷ୍ଟ ଭୋଜନ, ତୀର୍ଥାଟନ, ଶରୀର ସୁସ୍ଥ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୯ , ଆରାଧନା-ପ୍ରଭୁ ଜଗନ୍ନାଥ ।

**ମୀନ:** ବ୍ୟବସାୟ ବୃଦ୍ଧି, ଶୁଭଖବର, ବିବାଦ ସମାଧାନ, ମୋକଦ୍ଦମାରେ ବିଜୟ, ଶରୀର ସୁସ୍ଥ, ଲୋକସମ୍ପର୍କବୃଦ୍ଧି, ବନ୍ଧୁଲାଭ, କିଛି କ୍ରୟବିକ୍ରୟ, ସନ୍ତାନଲାଭ, ଦାମ୍ପତ୍ୟଖୁସି, ବ୍ୟକ୍ତି ସହାୟତା, ଉତ୍ତରଭାଦ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଶ୍ରାବଣ କୃଷ୍ଣପକ୍ଷ ଷଷ୍ଠୀ**
**୪.୮.୨୦୨୬, ମଙ୍ଗଳବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ବାଲି ଦର ଆକାଶଛୁଆଁ - ନିର୍ମାଣ କାର୍ଯ୍ୟ ପ୍ରଭାବିତ

ଭୁବନେଶ୍ୱର,(ତଥ୍ୟ) ରାଜ୍ୟରେ ଦେଖା ଦେଇଥିବା ବନ୍ୟା ଯୋଗୁଁ ଏବେ ନିର୍ମାଣକାର୍ଯ୍ୟରେ ବ୍ୟବହୃତ ବାଲିର ଦର ଆକାଶଛୁଆଁ ହୋଇଛି। ଏଥିଯୋଗୁଁ ନିର୍ମାଣ ଖର୍ଚ୍ଚ ବଢି ଚାଲିଥିବାବେଳେ ଆଉ କେତେକ ସ୍ଥାନରେ ଦରବୃଦ୍ଧିକୁ ଭୟକରି ଲୋକେ ନିର୍ମାଣକାର୍ଯ୍ୟକୁ ଅଟକାଇ ଦେଲେଣି। ରାଜଧାନୀରେ ମାସକ ତଳେ ଯେଉଁ ବାଲି ଟ୍ରକ ୨ରୁ ଅଢେଇ ହଜାର ଟଙ୍କାରେ ବିକ୍ରି ହେଉଥିଲା ଏବେ ବନ୍ୟା ଆଳରେ ତାହା ୪ହଜାର ଟଙ୍କାରେ ପହଞ୍ଚିଛି। ଗାଁ ଗହଳରେ ମଧ୍ୟ ସମାନ ଅବସ୍ଥା। ଯେବେଠାରୁ ରାଜ୍ୟରେ ବାଲି ଚୋରି ଉପରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ସେବେଠାରୁ ବାଲି ବ୍ୟବସାୟୀମାନେ ବିଭିନ୍ନ ଆଳ ଦେଖାଇ ବାଲିର ଦର ବଢାଇବାରେ ଲାଗିଛନ୍ତି। ଏବେ ବନ୍ୟା ଯୋଗୁଁ ନଈରୁ ବାଲି ଉଠାଣ ସମ୍ଭବ ହେଉନଥିବାରୁ ବାଲି ବ୍ୟବସାୟୀମାନେ ମନଇଚ୍ଛା ଦର ବୃଦ୍ଧି କରୁଛନ୍ତି।

ଗାଁ ଗହଳରେ ବାଲି ଏକ ପ୍ରକାର ଅମୂଲ ମୂଲ ହୋଇଛି। ନଈକୂଳିଆ ଗାଁ ଲୋକେ ବି ବାଲି ମୁଠାଏ ପାଉନାହାନ୍ତି। ବ୍ୟବସାୟୀମାନେ ବର୍ଷା ଓ ବନ୍ୟା ପୂର୍ବରୁ ଯେଉଁଠାରେ ବାଲି ଗଦାଇ ରଖିଥିଲେ ତାହାକୁ ଚଢା ଦରରେ ବିକ୍ରି କରିବା ସହିତ ଜିଲ୍ଲା ବାହାରକୁ ପଠାଇ ଦେଉଛନ୍ତି। ସହରାଞ୍ଚଳରେ ଥିବା ଠିକାଦାରମାନେ ଏବେ ବିଭିନ୍ନ ଜିଲ୍ଲାର ବାଲି ବ୍ୟବସାୟୀମାନଙ୍କ ସହିତ ଯୋଗାଯୋଗ କରି ଦର ବଢାଇ ଚାଲିଛନ୍ତି। ବାଲି ଅଭାବ ଯୋଗୁଁ କେବଳ ସହରରେ ନିର୍ମାଣ କାର୍ଯ୍ୟ ପ୍ରଭାବିତ ହୋଇନାହିଁ, ଗାଁ ଗହଳରେ ବି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ଠାରୁ ଆରମ୍ଭ କରି ବିଭିନ୍ନ ନିର୍ମାଣ କାର୍ଯ୍ୟ ପ୍ରଭାବିତ ହେବାରେ ଲାଗିଛି। ଲୋକମାନେ ଘରେ ସିମେଣ୍ଟ, ଗୋଡି, ଲୁହାଛଡ, ଇଟା ଆଦି ଧରିକି ବସିଥିଲେ ମଧ୍ୟ ବାଲି ମିଳୁନଥିବାରୁ କାମ ଅଟକି ରହିଛି।

ଲଘୁ ଖଣିଜ ସାମଗ୍ରୀରେ ଗଣତି ହେଉଥିବା ବାଲି ଉଠାଣ ପାଇଁ ସରକାର ଟେଣ୍ଡର ଡାକିବା ସହିତ ଏଥିରୁ ରୟାଲିଟି ଆଦାୟ କରୁଥିଲେ ମଧ୍ୟ ଏହାର ଦର ଉପରେ କୌଣସି ନିୟନ୍ତ୍ରଣ ନାହିଁ। ଫଳରେ ବାଲି ବ୍ୟବସାୟୀମାନେ ମନଇଚ୍ଛା ଦର ବଢାଇ ଚାଲିଛନ୍ତି। ଠିକାଦାରମାନେ ଏବେ ବାଲି ଦରବୃଦ୍ଧିର ବୋଝକୁ ଗ୍ରାହକଙ୍କ ଉପରେ ଲଦୁଥିବାବେଳେ ଗାଁ ଗହଳରେ କିନ୍ତୁ ସରକାରୀ ଯୋଜନା ଚାଲୁଥିବା ବିଭିନ୍ନ ନିର୍ମାଣକାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ଅଟକି ଗଲାଣି। ବାଲି ସଙ୍କଟରୁ ଫାଇଦା ନେଇ କେତେକ ବାଲି ବ୍ୟବସାୟୀ ବିଭିନ୍ନ ସ୍ଥାନରେ ଲୁଚାଇ ରଖିଥିବା ବାଲିକୁ ଚଢା ଦରରେ ବିକ୍ରି କରିବା ସହିତ ଏଥିରେ ମାଟି ମିଶାଇ ଦେଉଛନ୍ତି। ଯେହେତୁ ବାଲି ସଙ୍କଟ ତେଣୁ ଲୋକେ ଜାଣୁଥିଲେ ମଧ୍ୟ ମୁହଁ ଖୋଲୁ ନାହାନ୍ତି। ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ଆସୁଥିବାବେଳେ ବଜେଟ୍ ଅର୍ଥ ଖର୍ଚ୍ଚ ଉପରେ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଏଭଳି ସ୍ଥଳେ ବାଲି ପାଇଁ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେବା ଏବେ ସରକାରୀକଳକୁ ବି ଅଡୁଆରେ ପକାଇବା ଆରମ୍ଭ କରିଛି। ତେଣୁ ସରକାର ତୁରନ୍ତ ବାଲି ଦରରେ ହସ୍ତକ୍ଷେପ ନକଲେ କେବଳ ଲୋକେ ଶୋଷଣର ଶିକାର ହେବେ ନାହିଁ, ନିର୍ମାଣ କାର୍ଯ୍ୟ ମଧ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହେବ।

## ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନୀ ଉତ୍ସବ

# ଭାରତୀୟ ମୂଲ୍ୟବୋଧ ଭବିଷ୍ୟତମୁଖୀ ଉଚ୍ଚଶିକ୍ଷାର ନୂଆ ଦିଗ: ରାଷ୍ଟ୍ରପତି

କଟକ,(ସବ୍ୟୁ): ଓଡ଼ିଶାର ଶିକ୍ଷା ସଂସ୍କୃତି ଏବଂ ବୌଦ୍ଧିକ ବିକାଶର ଇତିହାସରେ ଏକ ସୁବର୍ଣ୍ଣ ଓ ଗୌରବମୟ ଅଧ୍ୟାୟ ଯୋଡ଼ି ହେଉଛି । ଭାରତୀୟ ସନାତନ ମୂଲ୍ୟବୋଧ, ବୈଜ୍ଞାନିକ ପ୍ରଗତି ଏବଂ ୨୧ଶ ଶତାବ୍ଦୀର ଭବିଷ୍ୟତମୁଖୀ ଉଚ୍ଚଶିକ୍ଷାକୁ ଏକ ନୂତନ ଦିଗ ଦେବା ଉଦ୍ଦେଶ୍ୟରେ କଟକ ଜିଲ୍ଲା ବାଙ୍କୀସ୍ଥିତ ୧୦୦ ଏକର ମନୋରମ ଓ ବିସ୍ତୃତ ପରିସରରେ ପ୍ରତିଷ୍ଠିତ ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ (ଜେକେୟୁ) ର ଆନୁଷ୍ଠାନିକ ଶୁଭ ଉଦ୍‌ଘାଟନ ମହାସମାରୋହରେ ସମ୍ପନ୍ନ ହୋଇଯାଇଛି । ରାଷ୍ଟ୍ରପତିଦ୍ରୌପଦୀ ମୁର୍ମୁ ଏହି ଐତିହାସିକ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ବିଶ୍ୱବିଦ୍ୟାଳୟର ଶୁଭ ଉଦ୍‌ଘାଟନ କରିବା ସହ ଏହାକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିଛନ୍ତି । ସେ ଏହି ଅବସରରେ ଉଦ୍‌ବୋଧନ ଦେଇ କହିଲେ ଯେ, ଭାରତୀୟ ମୂଲ୍ୟବୋଧ ଭବିଷ୍ୟତମୁଖୀ ଉଚ୍ଚଶିକ୍ଷାର ନୂଆ ଦିଗ ।



ଏହି ମହୋତ୍ସବରେ ଭାରତୀୟ ଜ୍ଞାନ ପରମ୍ପରା ଏବଂ ଗବେଷଣା ଶିକ୍ଷାର ସମନ୍ୱୟରେ ନୂତନ ଯୁବପିଢ଼ିକୁ ଗଢ଼ିତୋଳିବା ପାଇଁ ଏକ ଦୃଢ଼ ସଙ୍କଳ୍ପ ଗ୍ରହଣ କରାଯାଇଛି । ଏହି ଉଦ୍‌ଘାଟନୀ ସମାରୋହରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଶ୍ୱବିଦ୍ୟାଳୟର ସଂସ୍ଥାପକ ତଥା ଅଧକ୍ଷ ସ୍ୱାମୀ ମୁକୁନ୍ଦାନନ୍ଦ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ବରିଷ୍ଠ ପ୍ରତିନିଧି, ପ୍ରଶାସନିକ ଅଧିକାରୀ, ଦେଶ-ବିଦେଶର ବହୁ ବିଶିଷ୍ଟ ଶିକ୍ଷାବିତ୍, ବୁଦ୍ଧିଜୀବୀ, ଗବେଷକ, ଶିଳ୍ପଜଗତର ପ୍ରମୁଖ ବ୍ୟକ୍ତିବିଶେଷ ଏବଂ ସମାଜସେବୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମର ଶୁଭାରମ୍ଭରେ ରାଷ୍ଟ୍ରପତି ଆନୁଷ୍ଠାନିକ ଫଳକ ଉନ୍ମୋଚନ କରିଥିଲେ । ଏହାପରେ ସେ ବିଶ୍ୱବିଦ୍ୟାଳୟର ମୁଖ୍ୟ ପ୍ରେରଣାଦାତା ଜଗଦ୍‌ଗୁରୁ ଶ୍ରୀ କୃପାଳୁଜୀ ମହାରାଜଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଓ ପୁଷ୍ପାଞ୍ଜଳି ଅର୍ପଣ କରିବା ସହିତ କ୍ୟାମ୍ପସ ପରିସରରେ ଏକ ବୃକ୍ଷରୋପଣ କରି ଶାନ୍ତି ଓ ସମୃଦ୍ଧିର ବାର୍ତ୍ତା ଦେଇଥିଲେ ।

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଅଧିନିୟମର ସମସ୍ତ ନିୟମାନୁସାରେ ଆନୁଷ୍ଠାନିକ ସ୍ୱୀକୃତିପ୍ରାପ୍ତ ଏହି ବେସରକାରୀ ବିଶ୍ୱବିଦ୍ୟାଳୟଟି \"ଜ୍ଞାନ ଦ୍ୱାରା ନିଜକୁ ଉନ୍ନତ କର' ଏହି ମୂଳମନ୍ତ୍ରକୁ ପାଥେୟ କରି ସ୍ଥାପିତ ହୋଇଛି । ଅତି ଆଧୁନିକ ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା ଓ ବୈଜ୍ଞାନିକ ପ୍ରଗତିକୁ ଭାରତୀୟ ସଂସ୍କୃତିର ଚିରନ୍ତନ ନୈତିକତା, ମାନବୀୟ ମୂଲ୍ୟବୋଧ ଏବଂ ସଂସ୍କାର ସହିତ ଯୋଡ଼ିବା ଏହି ଶିକ୍ଷାନୁଷ୍ଠାନର ମୁଖ୍ୟ ଲକ୍ଷ୍ୟ ଅଟେ । ଶିକ୍ଷା କେବଳ ପାଠ୍ୟପୁସ୍ତକ ଓ ସାର୍ଟିଫିକେଟ୍ ମଧ୍ୟରେ ସୀମିତ ନରହି ଛାତ୍ରଛାତ୍ରୀଙ୍କର ମାନସିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ଉନ୍ନତି କରିବା ଆବଶ୍ୟକ ବୋଲି ଏହି ଅବସରରେ ଗୁରୁତ୍ୱାରୋପ କରାଯାଇଥିଲା ।

କଟକ ସହରଠାରୁ ମାତ୍ର ୧୦ କିଲୋମିଟର ଏବଂ ରାଜଧାନୀ ଭୁବନେଶ୍ୱରଠାରୁ ୨୦ କିଲୋମିଟର ଦୂରରେ ଅବସ୍ଥିତ ଏହି ବିଶ୍ୱବିଦ୍ୟାଳୟର ପରିସର ଅତ୍ୟନ୍ତ ମନୋରମ ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର । ସମ୍ପୂର୍ଣ୍ଣ ସବୁଜ, ଧୂମପାନ ଓ ମଦ୍ୟ-ତମାଖୁମୁକ୍ତ ଏବଂ ଶାକାହାରୀ ପରିବେଶକୁ ନେଇ ଗଢ଼ିଉଠିଥିବା ଏହି କ୍ୟାମ୍ପସରେ ଶିକ୍ଷାଗ୍ରହଣ ପାଇଁ ଅତ୍ୟାଧୁନିକ ଓ ସମ୍ପୂର୍ଣ୍ଣ ଅନୁକୂଳ ପରିବେଶ ସୃଷ୍ଟି କରାଯାଇଛି । ଏଠାରେ ହାଇ-ଟେକ୍ ସ୍ମାର୍ଟ ଶ୍ରେଣୀଗୃହ, ବିଶ୍ୱସ୍ତରୀୟ ଗବେଷଣାଗାର, ପ୍ରାକ୍ଟିକାଲ ଲାବୋରେଟୋରୀ, ବିଶାଳ ଗ୍ରନ୍ଥାଗାର, ୧୦ ମହଲା ବିଶିଷ୍ଟ ପୁରୁଷ ଓ ମହିଳା ଆବାସିକ ହଷ୍ଟେଲ, କ୍ରୀଡ଼ା ଭିତ୍ତିଭୂମି, ନିରନ୍ତର ସ୍ୱାସ୍ଥ୍ୟସେବା ଏବଂ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଉପଲବ୍ଧ କରାଯାଇଛି । ଜାତୀୟ ଶିକ୍ଷାନୀତି-୨୦୨୦ ସହିତ ସମ୍ପୂର୍ଣ୍ଣ ସମନ୍ୱୟ ରଖି ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଚଳିତ ଶିକ୍ଷାବର୍ଷରୁ ସ୍ନାତକ, ସ୍ନାତକୋତ୍ତର ଏବଂ ଗବେଷଣାକକ ପାଠ୍ୟକ୍ରମ ପାଇଁ ନାମଲେଖା ଯାଉଛି । ସମସାମୟିକ ବିଶ୍ୱବଜାର ଓ ଆଧୁନିକ ଶିଳ୍ପକ୍ଷେତ୍ରର ଚାହିଦାକୁ ଦୃଷ୍ଟିରେ ରଖି ପ୍ରଥମ ପର୍ଯ୍ୟାୟରେ କୃତ୍ରିମ ବୁଦ୍ଧିମତ୍ତା, ଡାଟା ସାଇନ୍ସ, ସାଇବର ସୁରକ୍ଷା, ଫିନ୍‌ଟେକ୍, ଜୀବ ବିଜ୍ଞାନ, ଯୋଗ ବିଜ୍ଞାନ, ପ୍ରାକୃତିକ ଚିକିତ୍ସା, ଡିଜିଟାଲ ପ୍ରଯୁକ୍ତି ଏବଂ ବ୍ୟବସାୟ ପରିଚାଳନା ଭଳି ଭବିଷ୍ୟତମୁଖୀ ବିଷୟଗୁଡ଼ିକ ଉପରେ ଶିକ୍ଷାଦାନ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି ।

# ସୋଆ ପକ୍ଷରୁ ଚେନ୍ନାଇରେ 'ଆଲିସିପ୍++ ୨.୦' ଆୟୋଜିତ

ଭୁବନେଶ୍ୱର, (ସବ୍ୟୁ): ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଯୋଗକୁ ଆହୁରି ସୁଦୃଢ଼ କରିବା ସହ ସମାବେଶୀ ନେତୃତ୍ୱକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ଚେନ୍ନାଇଠାରେ 'ଆଲିସିପ୍++ ୨.୦' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। 'ପ୍ରାକ୍ଟିସିଂ ଆଲିସିପ୍' ପ୍ରସଙ୍ଗକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୬୦ରୁ ଅଧିକ ଶିଳ୍ପପତି, ମାନବ ସମ୍ବଳ (ଏଚ୍‌ଆର୍) ବିଶେଷଜ୍ଞ, ଶିକ୍ଷାବିତ୍ ଏବଂ ବିଭିନ୍ନ କ୍ଷେତ୍ରର ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଥିଲା ବିଶିଷ୍ଟ ଆଥଲେଟ୍, ପ୍ରସିଦ୍ଧ ଆଥଲେଟିକ୍ସ ପ୍ରଶିକ୍ଷକ ଏବଂ ପୂର୍ବତନ ଆନ୍ତର୍ଜାତିକ ସ୍ପ୍ରିଂଟର ପ୍ରେମାନନ୍ଦ ଜେ.ଙ୍କ ସହ ଏକ 'ଫାୟାରସାଇଡ୍ ଚାଟ୍'। ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଭାରତୀୟ ଜାତୀୟ ସ୍ପ୍ରିଂଟ ଦଳକୁ ପ୍ରଶିକ୍ଷଣ ଦେଇଥିବା ପ୍ରେମାନନ୍ଦ ନେତୃତ୍ୱ, ଦୃଢ଼ତା, ଅନୁଶାସନ ଏବଂ ପରାମର୍ଶ ଦାନର ପରିବର୍ତ୍ତନଶୀଳ ଶକ୍ତି ସଂପର୍କରେ ନିଜର ଅଭିଜ୍ଞତା ବଖାଣିଥିଲେ।




ଏଥି ସହିତ ଏହି କାର୍ଯ୍ୟକ୍ରମରେ ଷ୍ଟାଣ୍ଡାର୍ଡ ଚାର୍ଟାର୍ଡର ଗ୍ଲୋବାଲ୍ ହେଡ୍–କାପାବିଲିଟିଜ୍, ଟ୍ରାନ୍ସଫର୍ମେସନ୍ ଆଣ୍ଡ କଲଚର, ଶ୍ରୀମତି ଅର୍ଚ୍ଚନା ଗ୍ରୋଭରଙ୍କ ସଂଚାଳନାରେ 'ସମାବେଶୀ ଓ ଭବିଷ୍ୟତ୍ ପ୍ରସ୍ତୁତ କାର୍ଯ୍ୟକ୍ଷେତ୍ର ଗଠନରେ ଆଲିସିପ୍‌ର ଭୂମିକା' ବିଷୟ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ରକେଟ୍ ଇଣ୍ଡିଆର ଆସିଷ୍ଟାଂଟ ଭାଇସ୍ ପ୍ରେସିଡେଂଟ ଶ୍ରୀମତି ସୁଗନ୍ୟା ବୀରରାଘବନ, ଫୁଡ୍‌ହବ୍‌ର ମାନବ ସମ୍ବଳ ବିଭାଗ ମୁଖ୍ୟ ସୁରେଶ ଆଦେ, ନର୍ଡେକ୍ସ ଗ୍ରୁପ୍‌ର ସିନିୟର ମ୍ୟାନେଜର ଶ୍ରୀମତି ଅର୍ଚ୍ଚନା ମୁକୁନ୍ଦନ, କାର୍‌ଟେକ୍‌ର ଗ୍ଲୋବାଲ୍ ଟ୍ୟାଲେଂଟ ହେଡ୍ ଶ୍ରୀ ଆର. କେ. ରାମଚନ୍ଦ୍ରନ୍ ଏବଂ ଏମ୍‌ଫାସିସ୍‌ର ଇଣ୍ଡିଆ କ୍ୟାଂପସ୍ ହେଡ୍ ଏମ୍. ଡି. ଜୋଶୁଆ ଡେଭିଡ୍ ଅଂଶଗ୍ରହଣ କରିଥିଲେ।

ଆଲୋଚନାରେ ଅଂଶଗ୍ରହଣକାରୀମାନେ ମତ ପ୍ରକାଶ କରିଥିଲେ ଯେ, ଆଲିସିପ୍ କେବଳ ଏକ ପଦକ୍ଷେପ ନୁହେଁ, ବରଂ ଏହା ଏକ ନେତୃତ୍ୱଗତ ଦାୟିତ୍ୱ, ଯାହା ସଂଗଠନ ମଧ୍ୟରେ ବିଶ୍ୱାସ ସୃଷ୍ଟି, ନବସୃଜନକୁ ପ୍ରୋତ୍ସାହନ ଏବଂ ଦୀର୍ଘସ୍ଥାୟୀ ସଫଳତାରେ ସହାୟକ ହୋଇଥାଏ। ଏହି ଅବସରରେ ଉପସ୍ଥିତ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଭବିଷ୍ୟତର କାର୍ଯ୍ୟକ୍ଷେତ୍ର ପାଇଁ ଦକ୍ଷ ମାନବ ସମ୍ବଳ ପ୍ରସ୍ତୁତ କରିବାରେ ଶିଳ୍ପ-ଶିକ୍ଷାନୁଷ୍ଠାନ ସହଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

## ଇଲେକ୍ଟ୍ରି ଦୋକାନ କର୍ମଚାରୀଙ୍କୁ ଆକ୍ରମଣ ଘଟଣା

# ଅଭିଯୁକ୍ତଙ୍କୁ ନୋଟିସ୍, ଥାନାରେ ହାଜର ନହେଲେ ହେବ ଗିରଫ

କଟକ,(ସବ୍ୟୁ): ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ମହାନଦୀବିହାର ଅଞ୍ଚଳରେ ଥିବା ଏକ ଇଲେକ୍ଟ୍ରିକ ଦୋକାନରେ ପଶି କର୍ମଚାରୀଙ୍କୁ ଆକ୍ରମଣ ଓ ଧମକ ଦିଆଯିବା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ବାଦଲ ଲେଙ୍କା ଓରଫ୍ କୁନାକୁ ଆଜି ନୋଟିସ୍ ଦିଆଯାଇଛି । ୨୪ଘଣ୍ଟା ମଧ୍ୟରେ ଥାନାରେ ପହଞ୍ଚି ନିଜ ପକ୍ଷ ରଖିବାକୁ ପୁଲିସ ନୋଟିସ୍‌ରେ ଉଲ୍ଲେଖ କରିଛି । ଘଟଣା ସମ୍ପର୍କରେ ଆଇଆଇସି ସୂର୍ଯ୍ୟକାନ୍ତ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଅଭିଯୁକ୍ତ କୁନା ନିଜ ଘରେ ନଥିବା ବେଳେ ଫେରାର୍ ହୋଇଯାଇଛି । ସେ ଧାର୍ଯ୍ୟ ସମୟ ମଧ୍ୟରେ ଥାନାରେ ନପହଞ୍ଚିଲେ ପୁଲିସ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ଆଜି ସମ୍ପୃକ୍ତ ଇଲେକ୍ଟ୍ରିକ ଦୋକାନରୁ ଭିଡ଼ିଓ ଓ ଅଡ଼ିଓ ଫୁଟେଜ୍ ଜବତ କରାଯାଇଛି ବୋଲି ଆଇଆଇସି ଶ୍ରୀ ସେଠୀ ସୂଚନା ଦେଇଛନ୍ତି ।

ସାମ୍ବାଦିକର ପରିଚୟ ଦେଉଥିବା ଅଭିଯୁକ୍ତ କୁନା ପୁଲିସ ଅଫିସରମାନଙ୍କ ବନ୍ଧୁତା ଦର୍ଶାଇ ବିଭିନ୍ନ ସମୟରେ ଏଭଳି କାଣ୍ଡ ଭିଆଇଥିବା ପୁଲିସ ଜାଣିବାକୁ ପାଇଛି । ଏହି ଘଟଣାର ଭିଡ଼ିଓ ଗତକାଲି ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଛି । ସୂଚନା ଅନୁଯାୟୀ, ଅଭିଯୁକ୍ତ ଯୁବକ ଜଣକ ନିଜ ଘର କାମ ପାଇଁ ଉକ୍ତ ଇଲେକ୍ଟ୍ରିକ ଦୋକାନରୁ କିଛି ସାମଗ୍ରୀ କିଣିଥିଲେ । ମାତ୍ର ସାମଗ୍ରୀର ଟଙ୍କା ନ ଦେଇ ସେ ଦୋକାନୀଙ୍କୁ ବିଭିନ୍ନ ପ୍ରକାର ଧମକ ଚମକ ଦେଉଥିଲେ । ଦୋକାନ ମାଲିକ ଦୋକାନରେ ଅନୁପସ୍ଥିତ ଥିବା ଖବର ପାଇ ଅଭିଯୁକ୍ତ ଜଣକ ଦୋକାନ ଭିତରକୁ ପଶି ଆସିଥିଲେ । ଏହାପରେ କାଉଣ୍ଟର ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଉପରକୁ ସାମଗ୍ରୀ ଫୋପାଡ଼ିବା ସହ ଅନ୍ୟ ଜଣେ ଯୁବକଙ୍କୁ ମାଡ଼ ମାରିଥିଲେ । ବିଭିନ୍ନ ସୋସିଆଲ ମିଡ଼ିଆରେ ଭାଇରାଲ ଭିଡିଓରେ ଅଭିଯୁକ୍ତ ନିଜ ନାମ କୁନା ବୋଲି କହୁଥିବା ବେଳେ ସେ କଟକ ଡିସିପି ଓ ଏସପିଙ୍କ ପାଖଲୋକ ବୋଲି କହି ଦୋକାନୀଙ୍କୁ ଧମକ ଦେଉଥିବା ଦେଖିବାକୁ ମିଳିଛି । ଏ ନେଇ ଦୋକାନ ମାଲିକ ମଧୁଆ ସନ୍ୟାଲ୍ ଚାଉଳିଆଗଞ୍ଜ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଦଫା ୨୯୭(ବି), ୧୨୭(୨), ୧୧୫(୨) ଓ ୩୫୧(୩) ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ

# ସ୍କୁଲ ବସ୍ କଣ୍ଡକ୍ଟରକୁ ୩ ବର୍ଷ କାରାଦଣ୍ଡ

କଟକ, (ସବ୍ୟୁ): ସ୍କୁଲରୁ ଘରକୁ ଫେରୁଥିବା ଜଣେ ୮ ବର୍ଷର ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ କଟକ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ମାମଲାର ବିଚାର କରି ଅତିରିକ୍ତ ଜିଲା ଜଜ୍-ତଥା-ପୋକ୍ସୋ ଆଇନ ଅଦାଲତର ବିଚାରପତି ହିମାଂଶୁ ଶେଖର ସିଂହ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ କାରାଦଣ୍ଡ ଏବଂ ୧୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୩ ମାସର କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଆଦେଶରେ ସ୍ପଷ୍ଟ କରିଛନ୍ତି।

ପ୍ରକାଶ ଯେ ୨୦୨୪ ଅଗଷ୍ଟ ୧୬ ତାରିଖ ଦିନ ପୀଡ଼ିତା ନାବାଳିକା ଜଣକ ଏକ ସ୍କୁଲରୁ ବସ୍‌ରେ ଘରକୁ ଫେରୁଥିଲେ। ସ୍କୁଲ ବସ କଣ୍ଡକ୍ଟର ଭାବେ କାର୍ଯ୍ୟ କରୁଥିବା ଅଭିଯୁକ୍ତ ଧନିଆ ଓରଫ ଧନେଶ୍ୱର ସାମଲ ଛାତ୍ରୀଜଣଙ୍କୁ ବସ୍‌ରୁ ଓହ୍ଲାଇ ଘରକୁ ଛାଡ଼ିବା ବାଟରେ ଜଗତପୁରର ଖୁଦୁରୁକୁଣୀ ମଣ୍ଡପ ନିକଟରେ ଅସଦାଚରଣ କରିଥିଲେ। ଘଟଣା ସମ୍ପର୍କରେ ନାବାଳିକା ଜଣକ କାନ୍ଦି କାନ୍ଦି ଘରେ ପହଞ୍ଚି ନିଜ ମାତାପିତାଙ୍କୁ ଜଣାଇବା ପରେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ମାତ୍ର ସ୍କୁଲ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନେବାରୁ ପୀଡ଼ିତାଙ୍କ ମା' ଜଗତପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ପବିତ୍ର କୋରାନ ସପ୍ତାହ : ୨୬ ଭାଷାରେ କୋରାନର ପ୍ରଦର୍ଶନୀ

କଟକ, (ସବ୍ୟୁ): ମଙ୍ଗଳାବାଗସ୍ଥିତ ଅହମଦୀୟା ମୁସଲିମ ସଂଗଠନ ପକ୍ଷରୁ ପବିତ୍ର କୋରାନ ସପ୍ତାହ ପାଳିତ ହୋଇଛି । ଅନ୍ତିମ ଦିବସ ମଙ୍ଗଳାବାଗ ଅହମଦୀୟା ମୁସଲିମ ମିଶନ ଠାରେ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ପବିତ୍ର କୋରାନ ସପ୍ତାହର ଉଦଯାପନୀ ଉତ୍ସବରେ ସହରର ଅହମଦୀୟା ମୁସଲିମ ସଂଗଠନର ସଭାପତି ସୟଦ ତାହେର ଅହମଦ କଲିମ ପୌରହିତ୍ୟ କରିଥିଲେ । ପବିତ୍ର କୋରାନ ପାଠ ସୟଦ ଜକି ଅହମଦ କରିଥିଲେ । ଉର୍ଦ୍ଦୁ ନଜମ ପରିବେଷଣ କରିଥିଲେ ।ଅହମଦୀୟା ଯୁବସଂଗଠନର ସଭାପତି ସୟଦ ଅହିୟା ଅହମଦ ବକ୍ତା ଭାବେ ମହମ୍ମଦ ଇଫତେଖାର ଅହମଦ ,ସୟଦ ତୟବ ଅହମଦ ,ଶେଖ ବାହାଦୁର ଖାଁ ,ମୌଲାନା ଫଜଲ ହକ ଖାନ୍ ଯୋଗଦେଇଥିଲେ । ଏହାକୁ ସୟଦ ଜକି ଅହମଦ ପରିଚାଳନା କରିଥିଲେ । କୁଇଜ ପ୍ରତିଯୋଗିତାରେ କୃତି ପ୍ରତିଯୋଗିମାନଙ୍କୁ ସଭାପତିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି ପବିତ୍ର କୋରାନ ସପ୍ତାହ ପାଳନ ଉପଲକ୍ଷେ ମଙ୍ଗଳାବାଗ ଅହମଦୀୟା ମୁସଲିମ ମିଶନରେ ୨୬ଗୋଟି ଭାଷାରେ ଅନୁବାଦିତ ପବିତ୍ର କୋରାନର ପ୍ରଦର୍ଶନୀ କରାଯାଇଥିଲା ।

## ପ୍ଲଟିଂ ବ୍ୟବସାୟୀଙ୍କୁ ୫୦ ଲକ୍ଷ ଟଙ୍କା ଦାଦାବଟି ଦାବି, ନଦେବାରୁ ଗୁଳିକାଣ୍ଡ

# ମୁଖ୍ୟ ଅଭିଯୁକ୍ତ ସମେତ ୮ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ସହର ଓ ଉପକଣ୍ଠରେ ଜମି ବ୍ୟବସାୟୀଙ୍କୁ ଲକ୍ଷ୍ୟ କରି ଚାଲିଥିବା କଥିତ "ଦାଦାବଟି" କାରବାର ଓ ବନ୍ଧୁକ ଦେଖାଇ ଭୟ ସୃଷ୍ଟି କରୁଥିବା ଏକ ସଂଗଠିତ ଅପରାଧୀ ଗୋଷ୍ଠୀ ବିରୋଧରେ ଖୋର୍ଦ୍ଧା ଆଦର୍ଶ ଥାନା ପୁଲିସ ବଡ଼ ସଫଳତା ହାସଲ କରିଛି। ମାମଲା ରୁଜୁ ହେବାର ମାତ୍ର ୨୪ ଘଂଟା ମଧ୍ୟରେ ପୁଲିସ ୮ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଏକ ବିଦେଶୀ ଚିହ୍ନିତ ପିସ୍ତଲ, ୪ ରାଉଣ୍ଡ ଜୀବନ୍ତ ଗୁଳି, ୩ଟି ଚାରିଚକିଆ ଗାଡ଼ି, ମୋବାଇଲ ଫୋନ ଓ ନଗଦ ଟଙ୍କା ଜବତ କରିଛି। ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପରମାର ସ୍ମିତ ପର୍ଶୋତମ ଦାସ ସୂଚନା ଦେଇ କହିଛନ୍ତି ଯେ, ଏହି ଘଟଣାରେ ଖୋର୍ଦ୍ଧା ଆଦର୍ଶ ଥାନାରେ ଗତ ଶନିବାର କେସ୍ ନଂ–୪୫୭/୨୦୨୬ ଅନୁଯାୟୀ ଭାରତୀୟ ନ୍ୟାୟ ସଂହିତା ର ବିଭିନ୍ନ ଧାରା ସହ ଆର୍ମ୍ସ ଆକ୍ଟର ଧାରା ୨୫ ଓ ୨୭ ଅନୁଯାୟୀ ମାମଲା ରୁଜୁ କରାଯାଇଛି।

ଅଭିଯୋଗକାରୀ ଜକରା ଗ୍ରାମର ଦିବ୍ୟଜ୍ୟୋତି ମିଶ୍ର ପୁଲିସକୁ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ପାନବରଜ ମୌଜାରେ ସେ କରୁଥିବା ପ୍ଲଟିଂ ବ୍ୟବସାୟକୁ କେନ୍ଦ୍ର କରି ଅଭିଯୁକ୍ତମାନେ ତାଙ୍କୁ ବାରମ୍ବାର ୫୦ ଲକ୍ଷ ଟଙ୍କା ଦାଦାବଟି ଦେବାକୁ ଧମକ ଦେଉଥିଲେ। ଟଙ୍କା ଦେବାକୁ ଅସ୍ୱୀକାର କରିବାରୁ ଗତ ଶୁକ୍ରବାର ରାତି ପ୍ରାୟ ସାଢ଼େ ୮ଟାରେ ଜରିପୁଟ ହନୁମାନ ମନ୍ଦିର ନିକଟରେ ତାଙ୍କୁ ଅଟକାଇ ଜୋରଜବରଦସ୍ତି ପାନବରଜ



କୁ ନେଇଯାଇଥିଲେ। ପରେ ଅଭିଯୋଗକାରୀଙ୍କ ସହଯୋଗୀମାନେ ସେଠାରେ ପହଁଚିବା ପରେ ସଡ଼କ ସାହିରେ ଉଭୟ ପକ୍ଷ ମଧ୍ୟରେ ତୀବ୍ର ବଚସା ଓ ହାତାହାତି ହୋଇଥିଲା। ଏହି ସମୟରେ ସୂର୍ଯ୍ୟ ନାରାୟଣ ମହାନ୍ତି ନାମକ ଅଭିଯୁକ୍ତ ପିସ୍ତଲରୁ ଗୁଳି ଚଳାଇଥିଲେ। ଗୁଳିଟି ଦିବ୍ୟଜ୍ୟୋତି ମିଶ୍ରଙ୍କୁ ନ ଲାଗି ପାନବରଜ ଗ୍ରାମର ଅନିଲ ଛୋଟରାୟଙ୍କ ଡାହାଣ କାନ୍ଧରେ ବାଜିଥିଲା। ଗୁରୁତର ଆହତ ଅନିଲଙ୍କୁ ପ୍ରଥମେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣା କୁ ଗୁରୁତ୍ୱର ସହ ନେଇ ଏସ୍.ପି ପରମାର ସ୍ମିତ ପର୍ଶୋତମ ଦାସଙ୍କ ନିର୍ଦ୍ଦେଶରେ ଏସ୍.ଡି.ପି.ଓ ପଙ୍କଜ କୁମାର ମାଝୀଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରାଯାଇଥିଲା। ଆଦର୍ଶ ଥାନାଅଧିକାରୀ ସଞ୍ଜୟ କୁମାର ନାୟକଙ୍କ ନେତୃତ୍ୱରେ ଏସ୍.ଆଇ ଦିନେଶ କୁମାର ପିଙ୍ଗୁଆ, ଏ.ଏସ୍.ଆଇ ଗୋପବନ୍ଧୁ ରାଉତ ଓ ଅନ୍ୟାନ୍ୟ ପୁଲିସ କର୍ମଚାରୀ ବିଭିନ୍ନ ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଅଭିଯୁକ୍ତ ସେକ ନସିମ (୩୪), ମେହେରାଜ ଖାନ (୨୫) ରୋଶନ ମହାରଣା (୨୨), ଦେବାଶିଷ ସ୍ୱାଇଁ (୨୮), ସୂର୍ଯ୍ୟ ନାରାୟଣ ମହାନ୍ତି (୨୭), ପରେଶ ମହାନ୍ତି (୩୧) ସୌମ୍ୟ ନାରାୟଣ ମହାନ୍ତି (୨୨) ଓ ଦେବୀଦତ ମହାନ୍ତି (୩୪)ଙ୍କୁ ଗିରଫ କରାଯାଇଥିବାବେଳେ ସେମାନଙ୍କ ନିକଟରୁ ଏକ ପିସ୍ତଲ, ୪ଟି ଜୀବନ୍ତ ଗୁଳି, ଟାଟା ନେକ୍ସନ, ମାରୁତି ସୁଜୁକି ସ୍ୱିଫ୍ଟ ଡିଜାୟର, ମହିନ୍ଦ୍ରା ସ୍କର୍ପିଓ, ୬ଟି ମୋବାଇଲ ଫୋନ୍ ଏବଂ ୯,୫୦୦ ଟଙ୍କା ନଗଦ ଜବତ ହୋଇଛି। ପୁଲିସ ଏହି ସମସ୍ତ ସାମଗ୍ରୀ ଅପରାଧରେ ବ୍ୟବହୃତ ହୋଇଥିବା ସନ୍ଦେହ କରୁଛି।

ତଦନ୍ତ ବର୍ତମାନ କେବଳ ଗୁଳିକାଣ୍ଡରେ ସୀମିତ ନ ରହି, ଏହା ପଛରେ ଏକ ବୃହତ ସଂଗଠିତ ଅପରାଧୀ ନେଟୱାର୍କ କାର୍ଯ୍ୟ କରୁଥିଲା କି ନାହିଁ, ସେହି ଦିଗକୁ ମଧ୍ୟ ପୁଲିସ ଗୁରୁତ୍ୱ ଦେଇଛି। ଜବତ ହୋଇଥିବା ଗାଡ଼ିଗୁଡ଼ିକର ପ୍ରକୃତ ମାଲିକ କିଏ, ବିଦେଶୀ ଚିହ୍ନିତ ପିସ୍ତଲ କେଉଁଠାରୁ ଆସିଲା, ଗୁଳି ଯୋଗାଣର ଉତ୍ସ କ'ଣ ଏବଂ ଏହି ଗୋଷ୍ଠୀ ପୂର୍ବରୁ ଅନ୍ୟ ଜମି ବ୍ୟବସାୟୀ କିମ୍ବା ବ୍ୟବସାୟୀଙ୍କଠାରୁ ମଧ୍ୟ ଦାଦାବଟି ଆଦାୟ କରୁଥିଲେ କି ନାହିଁ, ସେନେଇ ଖୋଳତାଡ଼ ଚାଲିଛି। ପୁଲିସ ସୂତ୍ରରୁ ଜଣାପଡ଼ିଛି ଯେ, ଜବତ ହୋଇଥିବା ମୋବାଇଲ ଫୋନ୍ ର କଲ ଡିଟେଲ ରେକର୍ଡ, ଡିଜିଟାଲ ଚାଟ ଓ ଆର୍ôଥକ କାରବାରର ଯାଂଚ କରାଯାଉଛି। ଆବଶ୍ୟକ ପଡ଼ିଲେ ଅଭିଯୁକ୍ତମାନଙ୍କ ଆର୍ôଥକ ନେଣଦେଣ, ବ୍ୟାଙ୍କ ଖାତା ଓ ଅନ୍ୟାନ୍ୟ ସମ୍ପର୍କରେ ମଧ୍ୟ ତଦନ୍ତ କରାଯିବ। ଜମି ବ୍ୟବସାୟକୁ କେନ୍ଦ୍ର କରି ବଢ଼ୁଥିବା ଦାଦାବଟି କାରବାର ଓ ବନ୍ଧୁକ ର ବ୍ୟବହାରକୁ ନେଇ ଏହି ଘଟଣା ଖୋର୍ଦ୍ଧାରେ ଗଭୀର ଚିନ୍ତାର ବିଷୟ ପାଲଟିଛି। ଜିଲ୍ଲା ପୁଲିସ ସ୍ପଷ୍ଟ କରିଛି ଯେ, ସଂଗଠିତ ଅପରାଧ, ଦାଦାବଟି ଆଦାୟ ଓ ବେଆଇନ ଅସ୍ତ୍ର କାରବାର ସହ ଜଡ଼ିତ କୌଣସି ବ୍ୟକ୍ତିଙ୍କୁ ଛାଡ଼ ଦିଆଯିବ ନାହିଁ। ତଦନ୍ତ ଜାରି ରହିଥିବାବେଳେ ଆଗାମୀ ଦିନରେ ଆହୁରି ଗିରଫଦାରୀ ଓ ନୂତନ ତଥ୍ୟ ସାମ୍ନାକୁ ଆସିବାର ସମ୍ଭାବନାକୁ ପୁଲିସ ଏଡ଼ାଇ ଦେଇନାହିଁ।

# ରାଜ୍ୟ ସୁପରଭାଇଜରି ବୋର୍ଡ ଦ୍ୱାରା ପିସି ପିଏନଡ଼ିଟି ଆଇନର କାର୍ଯ୍ୟାନ୍ୱୟନ ସମୀକ୍ଷା

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରସ୍ଥିତ ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ପିସି ପିଏନଡିଟି ଆଇନ ସମ୍ବନ୍ଧିତ ରାଜ୍ୟ ସୁପରଭାଇଜରି ବୋର୍ଡ ବୈଠକ ଅନୁଷ୍ଠିତ ହୋଇଛି । ରାଜ୍ୟର ଲିଙ୍ଗ ଅନୁପାତରେ ଉନ୍ନତି ଅଣାଯାଇପାରିବ ସେ ଦିଗରେ ରାଜ୍ୟସ୍ତରୀୟ ବୈଠକରେ ଆଲୋଚନା ହୋଇଛି । ଲିଙ୍ଗ ଅନୁପାତ ଅନୁସାରେ ନିମ୍ନସ୍ତରରେ ଥିବା ଜିଲ୍ଲାଗୁଡିକ ଫଳାଫଳ କିପରି ଉନ୍ନତି ହେବ ସେ ବାବଦରେ ପଦକ୍ଷେପ ନିଆଯିବ । ଜିଲ୍ଲାସ୍ତରୀୟ କମିଟିକୁ ସୁଦୃଢ କରାଯିବା ସହ ଅଲ୍ଟ୍ରାସାଉଣ୍ଡ କ୍ଲିନିକ ଗୁଡିକ ଅଧିକ ନିରୀକ୍ଷଣ ଏବଂ ମନିଟରିଂ କରାଯିବ । ସଚେତନତା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ କହିଛନ୍ତି । ବୋର୍ଡ ଗୁରୁତ୍ୱାରୋପ କରିଛି ଯେ ପିସି ପିଏନଡିଟି ଆଇନର ପ୍ରଭାବୀ କାର୍ଯ୍ୟାନ୍ୱୟନ ପାଇଁ ଦୃଢ଼ ନିୟମ, କଠୋର ଆଇନ, ସମ୍ପ୍ରଦାୟ ଅଂଶଗ୍ରହଣ ଏବଂ ବିଭିନ୍ନ ବିଭାଗଗୁଡ଼ିକୁ ସାମିଲ କରି ସମନ୍ୱୟ ଦ୍ୱାରା ଅନୁପାତରେ ଉନ୍ନତି ଅଣାଯାଇହେବ ।



ବୋର୍ଡ ୨୦୨୪ ରୁ ୨୦୨୬ ମଧ୍ୟରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ପଦକ୍ଷେପଗୁଡ଼ିକର ସମୀକ୍ଷା ମଧ୍ୟ କରିଥିଲା, ଯେଉଁଥିରେ ଜିଲ୍ଲା କର୍ତ୍ତୃପକ୍ଷଙ୍କ ଦ୍ୱାରା ୬୪୯ଟି ଏବଂ ରାଜ୍ୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ୧୧ ଟି ଯାଞ୍ଚ ଅନ୍ତର୍ଭୁକ୍ତ ଥିଲା । ସେଥିରୁ ଛଅଟି ବେଆଇନ ଅଲ୍ଟ୍ରାସାଉଣ୍ଡ କ୍ଲିନିକ୍ ସିଲ୍, ଛଅଟି ଅଲ୍ଟ୍ରାସାଉଣ୍ଡ ମେସିନ୍ ଜବତ, ଏଫଆଇଆର୍ ପଞ୍ଜୀକରଣ, ଅଭିଯୋଗ ଏବଂ ସରକାରୀ ଡାକ୍ତରଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

ବୋର୍ଡ ଜନ୍ମ ସମୟରେ ଲିଙ୍ଗ ଅନୁପାତର ବିଶ୍ଳେଷଣ ସମୀକ୍ଷାରେ ଯାଜପୁରକୁ ସବୁଠୁ ଉନ୍ନତ ପ୍ରଦର୍ଶନ କରିଥିବା ଜିଲ୍ଲା ଏବଂ ନୟାଗଡ, ଅନୁଗୁଳ, ଢେଙ୍କାନାଳ, ଗଞ୍ଜାମ ଏବଂ ଖୋର୍ଦ୍ଧାକୁ ରାଜ୍ୟର ସବୁଠାରୁ ପାଞ୍ଚ ନିମ୍ନ ପ୍ରଦର୍ଶନକାରୀ ଜିଲ୍ଲା ଭାବରେ ଚିହ୍ନଟ କରିଛି । ନିମ୍ନ ପ୍ରଦର୍ଶନକାରୀ ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ନିରୀକ୍ଷଣକୁ ତୀବ୍ର କରିବାକୁ, ଫର୍ମ-ଏଫ ରେକର୍ଡର ଶତ ପ୍ରତିଶତ ଯାଞ୍ଚ ସୁନିଶ୍ଚିତ କରିବାକୁ ଏବଂ ଏହି ଜିଲ୍ଲାଗୁଡ଼ିକରେ ଜନ୍ମ ସମୟରେ ଲିଙ୍ଗ ଅନୁପାତକୁ ଉନ୍ନତ କରିବା ପାଇଁ ଅଧିକ ସଚେତନତା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ବୈଠକରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ, ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ତଥା କମିଶନର ଅଶ୍ୱତୀ ଏସ., ଜାତୀୟ ସ୍ୱାସ୍ଥ୍ୟ ମିଶନ ଏମ୍ ଡ଼ି ଡ଼. ବୃନ୍ଦା ଡ଼ି ଏବଂ ଅନ୍ୟ ନିମନ୍ତ୍ରିତ ସଦସ୍ୟ ଉପସ୍ଥିତ ଥିଲେ ।

# ବିଶିଷ୍ଟ ରାଜନୀତିଜ୍ଞ, ପ୍ରାକ୍ତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ୯୩ତମ ଜନ୍ମ ଦିବସ

ଭୁବନେଶ୍ୱର, (ସବ୍ୟୁ): ପୁଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ବିଶିଷ୍ଟ ରାଜନେତା, ପ୍ରାକ୍ତନ ମନ୍ତ୍ରୀ, ରାଜ୍ୟପାଳ, ସାହିତ୍ୟିକ, ପାଇକ ସଂଗ୍ରାମୀ, ନାଟ୍ୟକାର ତଥା ଓଡ଼ିଆ ଭାଷା, ସାହିତ୍ୟର ଅଗ୍ରଣୀ ପୁରୋଧା ବିଶ୍ୱଭୂଷଣ ହରିଚନ୍ଦନଙ୍କ ୯୩ତମ ସ୍ୱନକ୍ଷତ୍ର ଦିବସ ସହିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଭାପତି ଭାବେ ଓଡିଶାର ସଂସ୍କୃତି ପୁରୁଷ ଡ଼ଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସଂଯୋଜକ ତଥା ଅଭିଯାନର ଅଧ୍ୟକ୍ଷ, ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ, ମୁଖ୍ୟଅତିଥି ଭାବେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ବିଶିଷ୍ଟ ଅତିଥି ସନ୍ଥ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ବିଶିଷ୍ଟ ରାଜନେତା ନିରଞ୍ଜନ ପଟ୍ଟନାୟକ, ବିଧାୟକ ଗଣେଶ୍ୱର ବେହେରା, ଡ଼ଃ ହରେକୃଷ୍ଣ ଶତପଥୀ, ପ୍ରାକ୍ତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପ୍ରାକ୍ତନ ସାଂସଦ ପ୍ରସନ୍ନ ପାଟଶାଣୀ, ଭାଷାବିଜ୍ଞାନୀ ଡ଼ ଦେବୀ ପ୍ରସନ୍ନ ପଟ୍ଟନାୟକ ଓ ଏକାମ୍ର ବିଧାୟକ ବାବୁ ସିଂ ପ୍ରମୁଖ ଅତିଥି ସମୂହ ଉପସ୍ଥିତ ରହିବା ସହ ଏହିପରି ପୁଜ୍ୟପୂଜା କାର୍ଯ୍ୟକ୍ରମ ଆଜିର ବହୁ ପ୍ରାସଙ୍ଗିକତା ବହନ କରୁଛି ବୋଲି ମତବ୍ୟକ୍ତ କରିଥିଲେ। ଜଣେ ସରଳ, ନିଷ୍ଠାପର, ଦକ୍ଷ, ସାହିତ୍ୟିକ, ରାଜନେତା, ସଂଗ୍ରାମୀ, ତଥା ବହୁ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବୋଲି ଅତିଥି ସମୂହ ମତବ୍ୟକ୍ତ କରିଥିଲେ। ଆଜିର ଯୁବପୀଢ଼ି ଓ ଆଗାମୀ ପୀଢ଼ିଙ୍କ ମାର୍ଗଦର୍ଶନ ଉକ୍ତ କାର୍ଯ୍ୟକ୍ରମ ହେବ ବୋଲି ଡ଼ଃ ଜ୍ଞାନେନ୍ଦ୍ର ମତବ୍ୟକ୍ତ କରିଥିଲେ। ଏହି ଅବସରରେ ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ, ବିଧାୟକ ବାବୁ ସିଂ ଓ ଗବେଷକ ବାଳ ମୁକୁନ୍ଦ ଦାସଙ୍କୁ "ବିଶ୍ୱଭୂଷଣ ହରିଚନ୍ଦନ ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ସ୍ନିଗ୍ଧା ଏକାଡେମୀର ଅଧ୍ୟକ୍ଷା ଶ୍ରୀମତୀ ବିଚିତ୍ରା ରଥଙ୍କ ସଂଯୋଜନାରେ ଝିଅମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିବା ସହ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଶ୍ରୀ ଜଗନ୍ନାଥଙ୍କ ଉପରେ ଆଧାରିତ ସଙ୍ଗୀତ ସିଡ଼ିକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ ମୁଖପାତ୍ର ପତ୍ରକାର ଅରବିନ୍ଦ ତ୍ରିପାଠୀ, ସଂଯୋଜକ ବାପୁ ଓଝା, ଚିରଞ୍ଜିବୀ ସେଠୀ, ସାହିତ୍ୟିକା ସରୋଜିନୀ ମିଶ୍ର, ସନ୍ତୋଷ ଲେଙ୍କା, ନାରାୟଣ ଝୁଂଟିଆ, ସାମ୍ବାଦିକା ରୀନା ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।





ଶ୍ରାବଣମାସର ପ୍ରଥମ ସୋମବାର ପ୍ରଭୁ ଲିଙ୍ଗରାଜଙ୍କ ପୀଠରେ ଜଳଲାଗି କରୁଛନ୍ତି କାଉଡିଆ

## ପୁରୀ ସଦର ବିଧାନସଭା ନିର୍ବାଚନମଣ୍ଡଳୀର ସ୍ୱତନ୍ତ୍ର ସଘନ ପ୍ରକ୍ରିୟା ପ୍ରଶିକ୍ଷଣ ଶିବିର

ପୁରୀ, (ସବ୍ୟୁ): ଜିଲ୍ଲା କଂଗ୍ରେସ ପକ୍ଷରୁ ସୋମବାର ପୂର୍ବାହ୍ନରେ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ଠାରେ ବିଶେଷ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ବା ସ୍ୱତନ୍ତ୍ର ସଘନ ପ୍ରକ୍ରିୟା ସମ୍ପର୍କିତ ଏକ ପ୍ରଶିକ୍ଷଣତ ଶିବିର ପୁରୀ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ବୁଥ ସ୍ତରୀୟ ପ୍ରତିନିଧି ମାନଙ୍କ ନିମନ୍ତେ ଆୟୋଜିତ ହୋଇ ଥିଲା । କିପରି ଭାବେ ଆଗାମୀ ଦିନରେ ପୁରୀ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ବୁଥ ମଜବୁତ କରାଯିବ ସେଥିପାଇଁ ଏକ ରୋଡ ମ୍ୟାପ୍ ପ୍ରସ୍ତୁତ ହୋଇଛି । ଏହି ପ୍ରଶିକ୍ଷଣ ଶିବିରରେ ପୁରୀ ସଦର ନିର୍ବାଚନ ମଣ୍ଡଳୀର ବି. ଏଲ. ଏ -୧ (ସମସ୍ତ ବୁଥ ର ଅଧ୍ୟକ୍ଷ ) ତଥା ପୁରୀ ଜିଲ୍ଲା କଂଗ୍ରେସ ସଭାପତି ରାଜେଶ କୁମାର ମିଶ୍ର ସଭାପତିତ୍ୱ କରିଥିଲେ. ଏଥିରେ ପ୍ରଦେଶ କଂଗ୍ରେସ ତରଫରୁ ପର୍ଯ୍ୟବେକ୍ଷକ ଭାବେ ବରିଷ୍ଠ ନେତା ସତ୍ୟବ୍ରତ ପାତ୍ର (ରମୁ ) ଯୋଗ ଦେଇ ବୁଥ ସ୍ତରରେ ଏହି ପ୍ରକ୍ରିୟା ରେ ସଜାଗ ହୋଇ ପ୍ରକୃତ ଭୋଟର ମାନଙ୍କ ଉପଯୁକ୍ତ ନାମ ପଞ୍ଜିକରଣ ପ୍ରକ୍ରିୟା ରେ ଜାଗ୍ରତ ପ୍ରହରୀ ହିସାବରେ ନିଜକୁ ନିୟୋଜିତ କରିବା ପାଇଁ ଗୁରୁତ୍ୱଆରୋପ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଦଳ ତରଫରୁ ଜିଲ୍ଲା ଉପସଭାପତି (ସଂଗଠନ ) ସୁକାନ୍ତ କୁମାର ପ୍ରଧାନ ଏହି ପ୍ରକ୍ରିୟାର ବିଭିର୍ନ ଦିଗ ଏବଂ ଏହାର ସମାଧାନ ଉପରେ ସରକାରୀ ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ତଥା ପୂର୍ବତନ ଜିଲ୍ଲା ସଭାପତି ଉତ୍ତମ ଆଚାର୍ଯ୍ୟ ଏବଂ ଜୟନାରାୟଣ ପଟନାୟକ, ନାରୀନେତ୍ରୀ ବିଦ୍ୟୁଲତା ଆଚାର୍ଯ୍ୟ, ଜିଲ୍ଲା ମହିଳା ସଭାନେତ୍ରୀ ଶ୍ରୀମତୀ ସରସ୍ୱତୀ ପାତ୍ର, ପୁଷ୍କର ମହାପାତ୍ର, ପ୍ରେମାନନ୍ଦ ମହାନ୍ତି,ଉପସଭାପତି ନିରଞ୍ଜନ ରଥ,ଆଦର୍ଶ ମିଶ୍ର ଏବଂ ପୁରୀ ସଦର ନିର୍ବାଚନ ମଣ୍ଡଳୀର ସମସ୍ତ ବି. ଏଲ. ଏ -୨ ମାନେ ଯୋଗ ଦେଇଥିଲେ ।




## ବେଆଇନ ଗୋମାଂସ ବିକ୍ରି ଅଭିଯୋଗ : ଜଣେ ଗିରଫ

ଜଟଣୀ, (ସବ୍ୟୁ) : ବେଆଇନ ଗୋମାଂସ ବିକ୍ରି ଅଭିଯୋଗରେ ଜଟଣୀ ଥାନା ପୁଲିସ ଅଭିଯୁକ୍ତ ମହମ୍ମଦ କରାମତ (୨୧) ନାମକ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଜଟଣୀ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ଥାନାର ଏକ ପେଟ୍ରୋଲିଙ୍ଗ ଟିମ ଗତକାଲି ସନ୍ଧ୍ୟାରେ ପେଟ୍ରୋଲିଙ୍ଗ କରୁଥିବା ବେଳେ, ବେଣାପଞ୍ଜରୀ ଗ୍ରାମର ମହମ୍ମଦ କରାମତ ନାମକ ଜଣେ ଯୁବକ ନିଜ ଘରେ ବେଆଇନ ଭାବେ ଗୋମାଂସ ବିକ୍ରି କରୁଥିବା ନେଇ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ । ମିଳିଥିବା ସୂଚନା କ୍ରମେ ପେଟ୍ରୋଲିଙ୍ଗ ଟିମ ଅଭିଯୁକ୍ତଙ୍କ ଘରେ ଅତର୍କିତ ଚଢଉ କରି ଛାନଭିନ କରିଥିଲେ । ଛାନଭିନ ସମୟରେ ତାଙ୍କ ଘରୁ ୨୦ କିଲୋଗ୍ରାମ ଓଜନର ଗୋମାଂସ ଜବତ କରାଯାଇଥିଲା । ପଚରାଉଚରା ବେଳେ, ଅଭିଯୁକ୍ତ ମହମ୍ମଦ କରାମତ ନିଜର ଦୋଷ ସ୍ୱୀକାର କରିଥିଲେ । ଏ ନେଇ ଜଟଣୀ ଥାନାରେ ୪୨୩/୨୬ ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରିରହିଛି ।

### ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ସିଟି ଇକୋନୋମିକ୍ ରିଜିଅନ୍ ପାଇଁ

## ପ୍ରକଳ୍ପ ପ୍ରସ୍ତାବକୁ ରାଜ୍ୟସ୍ତରୀୟ ପ୍ରକଳ୍ପ ମନିଟରିଂ କମିଟିର ଅନୁମୋଦନ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ସିଟି ଇକୋନୋମିକ୍ ରିଜିଅନ୍ (ବିକେପିପିଇଆର୍) ବିକାଶ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ ପ୍ରକଳ୍ପ ପ୍ରସ୍ତାବ ରିପୋର୍ଟ (ପିପିଆର୍)କୁ ରାଜ୍ୟସ୍ତରୀୟ ପ୍ରକଳ୍ପ ମନିଟରିଂ କମିଟି ବୈଠକ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବାହ୍ୟ ସହାୟତାପ୍ରାପ୍ତ ପ୍ରକଳ୍ପ (ଇଏପି) ଅଧୀନରେ ଏହି ପ୍ରକଳ୍ପକୁ ଆଗକୁ ନେବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। କେନ୍ଦ୍ର ସରକାରଙ୍କ ସିଟି ଇକୋନୋମିକ୍ ରିଜିଅନ୍ (ସିଇଆର) ଯୋଜନାର ପ୍ରଥମ ପର୍ଯ୍ୟାୟରେ ଦେଶର ଚାରିଟି ପାଇଲଟ୍ ଅର୍ଥନୈତିକ ଅଞ୍ଚଳ ମଧ୍ୟରେ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ୍ ରିଜିଅନ୍ (ବିକେପିପିଇଆର୍) କୁ ସାମିଲ କରାଯାଇଛି। ଏହି ଅଞ୍ଚଳ ପାଇଁ ୫,୦୦୦ କୋଟି ଟଙ୍କାର ପ୍ରାରମ୍ଭିକ ପ୍ରକଳ୍ପ ସହାୟତା ପ୍ରସ୍ତାବିତ ହୋଇଛି। ଏଥିରୁ ୭୦ ପ୍ରତିଶତ (୩,୫୦୦ କୋଟି ଟଙ୍କା) ଏସୀୟ ବିକାଶ ବ୍ୟାଙ୍କ (ଏଡିବି) ଋଣ ମାଧ୍ୟମରେ ଏବଂ ୩୦ ପ୍ରତିଶତ (୧,୫୦୦ କୋଟି ଟଙ୍କା) କେନ୍ଦ୍ର ସରକାରଙ୍କ ସିଇଆର ଯୋଜନା ଅଧୀନରେ ଉପଲବ୍ଧ ହେବ।

ଏହି ପ୍ରକଳ୍ପର ମୂଳ ଉଦ୍ଦେଶ୍ୟ ହେଉଛି ଭୁବନେଶ୍ୱର, କଟକ, ପୁରୀ ଓ ପାରାଦୀପକୁ ଏକ ସମନ୍ୱିତ ଅର୍ଥନୈତିକ ଅଞ୍ଚଳ ଭାବେ ବିକଶିତ କରି ବିନିଯୋଗ, ଶିଳ୍ପ, ପର୍ଯ୍ୟଟନ, ଲଜିଷ୍ଟିକ୍ସ, ବନ୍ଦରଭିତ୍ତିକ ଶିଳ୍ପ, ଜ୍ଞାନଭିତ୍ତିକ ଅର୍ଥନୀତି ଏବଂ ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବା। ପ୍ରକଳ୍ପଟି ଓଡ଼ିଶା ଭିଜନ-୨୦୩୬ ଓ ୨୦୪୭ ଲକ୍ଷ୍ୟ ପୂରଣ ପାଇଁ ଏକ ପ୍ରମୁଖ ପଦକ୍ଷେପ ବୋଲି ଶ୍ରୀମତୀ ଗର୍ଗ ପ୍ରକାଶ କରିଥିଲେ। ପ୍ରସ୍ତାବିତ ବିକେପିପିଇଆର୍ ଅଞ୍ଚଳରେ ଖୋର୍ଦ୍ଧା, କଟକ, ପୁରୀ ଓ ଜଗତସିଂହପୁର ଜିଲ୍ଲାର ୧୯ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍ବି) ସାମିଲ ହୋଇଛି । ପ୍ରକଳ୍ପ ଅଧୀନରେ ସମନ୍ୱିତ ଆଞ୍ଚଳିକ ପରିବହନ ବ୍ୟବସ୍ଥା (ରିଜିଓନାଲ ମୋବିଲିଟି), ସ୍ମାର୍ଟ ଓ ଜଳବାୟୁ ଅନୁକୂଳ ସହରୀ ଭିତ୍ତିଭୂମି, ସାଧାରଣ ପରିବହନ ବ୍ୟବସ୍ଥାର ବିସ୍ତାର, ମଲ୍ଟିମୋଡାଲ ହବ୍, କର୍ମଜୀବୀଙ୍କ ପାଇଁ ଆବାସ, ଭୁବନେଶ୍ୱର ନୂତନ ସହର, ସହର ପୁନର୍ବିକାଶ, ନଦୀତଟ ଓ ଜଳାଶୟ ବିକାଶ, ବନ୍ଦର ଭିତ୍ତିକ ଶିଳ୍ପ, ଜ୍ଞାନ ଓ ସ୍ୱାସ୍ଥ୍ୟ ହବ୍ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରହିଛି। ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ ପରେ ଏହାକୁ ଅର୍ଥ ମନ୍ତ୍ରଣାଳୟର ଡିପାର୍ଟମେଣ୍ଟ ଅଫ୍ ଇକୋନୋମିକ୍ ଆଫେୟାର୍ସ (ଡିଇଏ) ପୋର୍ଟାଲରେ ଅପଲୋଡ୍ କରାଯାଇ ପରବର୍ତ୍ତୀ ମୂଲ୍ୟାଙ୍କନ ଓ ଅନୁମୋଦନ ପ୍ରକ୍ରିୟା ଆରମ୍ଭ କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ରଙ୍କ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ଓଡ଼ିଶା ଭିଜନ-୨୦୩୬ ଓ ୨୦୪୭ ସାକାର ଦିଗରେ ଆଉ ଏକ ମାଇଲଖୁଣ୍ଟ

### ଆବାସ ଯୋଜନାରେ ମହାଘୋଟାଲା

## ପ୍ରକୃତ ହିତାଧିକାରୀଙ୍କୁ ବଞ୍ଚିତ କରି ଦଳୀୟ ଭିତ୍ତିରେ ବଣ୍ଟନ ହୋଇଛି ଘର : ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଆବାସ ଯୋଜନାରେ ମହାଘୋଟାଲା ହୋଇଛି । ପ୍ରକୃତ ହିତାଧିକାରୀ ଘର ପାଇବାରୁ ବଞ୍ଚିତ ହୋଇଥିବା ବେଳେ ସରକାରଙ୍କ ତ୍ରୁଟିକୁ ନିଜେ ସ୍ୱୀକାର କରିଛନ୍ତି ମନ୍ତ୍ରୀ । ସରକାରଙ୍କ ଏହି ପାତରଅନ୍ତର ନୀତିକୁ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଓ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଶ୍ରୀମତୀ ସ୍ନେହାଙ୍ଗିନି ଛୁରିଆ ଆବାସ ଯୋଜନାରେ ହୋଇଥିବା ମହାଘୋଟାଲାକୁ ନେଇ ବିଜେପି ସରକାର ଉପରେ ବର୍ଷିଥିଲେ । ଶ୍ରୀ ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ, ଓଡିଶାରେ ଆବାସ ଯୋଜନା ସମ୍ପୂର୍ଣ୍ଣ ଭାବେ ବାଟବଣା ହୋଇଛି । ଗରୀବ ଶ୍ରେଣୀର ଲୋକେ ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ହେଉଛନ୍ତି । ହିତାଧିକାରୀ ମାନଙ୍କୁ ଘର ବଣ୍ଟନ ନେଇ ଥିବା ଗାଇଡଲାଇନକୁ ଖୁଲମଖୁଲା ଉଲ୍ଲଙ୍ଘନ କରିଛନ୍ତି ସରକାର । ଅନ୍ତ୍ୟୋଦୟ ଯୋଜନାରେ ହିତାଧିକାରୀ ମାନଙ୍କ ଚୟନ ନେଇ ସ୍ଥାନୀୟ ଜିଲ୍ଲାପାଳ ପଞ୍ଚାୟତିରାଜ ବିଭାଗକୁ ଜଣାଇବେ, ଏହାପରେ ମୁଖ୍ୟମନ୍ତ୍ରୀ ତାହାକୁ ଅନୁମୋଦନ କରିବା ନିୟମ ରହିଛି । କିନ୍ତୁ ତାହାକୁ ଉଲ୍ଲଙ୍ଘନ କରି ହିତାଧିକାରୀ ଚୟନ କରି ଗୃହ ପ୍ରଦାନ କରାଯାଇଛି । ଗତ ୨ ବର୍ଷରେ ୧ ଲକ୍ଷ ୧ ହଜାର ଘର ଆସିଥିବା ବେଳେ ମାତ୍ର ୩୧୫୪ଟି ଘର ସମ୍ପୂର୍ଣ୍ଣ ହୋଇଛି । ସେହିପରି ଅନ୍ତ୍ୟୋଦୟ ଯୋଜନାରେ ୨ ଲକ୍ଷ ୨୫ ହଜାର ଘର ଆବଣ୍ଟନ କରାଯାଇଛି । ସର୍ଭେ କାର୍ଯ୍ୟ ନିମନ୍ତେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଥିବା ଗାଇଡଲାଇନକୁ ପାଳନ କରାଯାଇ ନାହିଁ। ମନ୍ତ୍ରୀ ଢେଙ୍କାନାଳ ସଦର ବ୍ଲକର କାଇମାଟି ଗ୍ରାମପଞ୍ଚାୟତର ଗହମଖୁଣ୍ଟି ଗ୍ରାମକୁ ଯାଇଥିଲେ । ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ମନ୍ତ୍ରୀ ସେଠାରେ ସ୍ୱୀକାର କରିଥିଲେ । ଟଙ୍କା ନେଇ ଆବାସ ଗୃହ ବଣ୍ଟା ଯାଇଥିବା କହି ବିଡିଓ ଓ ପିଇଓଙ୍କୁ ସର୍ବସାଧାରଣରେ ଗାଳିଗୁଲଜ କରିଥିଲେ ମନ୍ତ୍ରୀ । ଏନେଇ ପିଇଓ ସଂଘ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ । ଜଣେ ମହିଳା କର୍ମଚାରୀଙ୍କୁ ଏପରି ବ୍ୟବହାର କରିବା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ । ବିଜେପି ସରକାର ଦଳୀୟ ଭିତ୍ତିରେ ଘର ବଣ୍ଟନ ନ କରି ପ୍ରକୃତ ହିତାଧିକାରୀଙ୍କୁ ଘର ବଣ୍ଟନ କରନ୍ତୁ ବୋଲି ସେ କହିଛନ୍ତି। ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ କହିଥିଲେ ଯେ, କୁଜି ନେତା ମାନେ ଆବାସ ଯୋଜନାର ହିତାଧିକାରୀ ଚୟନ କରୁଛନ୍ତି । ଏଥିରେ ବାଧା ସୃଷ୍ଟି କଲେ ସରକାରୀ କର୍ମଚାରୀ ମାନେ ଅପମାନିତ ହେଉଛନ୍ତି । ଆବାସ ଦୁର୍ନୀତିର ତଦନ୍ତ କରାଯାଉ ଓ ପ୍ରକୃତ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରି ଗୃହ ବଣ୍ଟନ କରାଯାଉ ।

## ପ୍ରଧାନ ଶିକ୍ଷକଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ

ଜଟଣୀ: (ସବ୍ୟୁ): ସ୍ଥାନୀୟ କୁଦିଆରୀ ଗ୍ରାମ ନିକଟରେ ବସବାସ କରୁଥିବା ବଅଙ୍ଗ ପ୍ରକଳ୍ପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାଳନିଧି ସାହୁଙ୍କ ଘରୁ ରବିବାର ରାତି ଅଧରେ ଚୋର ମାନେ ଲୁଟି ନେଇଛନ୍ତି ଲକ୍ଷାଧିକ ଟଙ୍କାର ସମ୍ପତ୍ତି । ସୂଚନା ଅନୁସାରେ ରବିବାର ବିଳମ୍ବିତ ରାତ୍ରି ପ୍ରାୟ ୧୨ ଘଟିକା ଠାରୁ ୧ ଘଟିକା ୫୦ ମିନିଟ ମଧ୍ୟରେ ଘରେ ତାଲା ପଡ଼ିଥିବାର ସୁଯୋଗ ନେଇ ତିନିଜଣ ଚୋର ଘରର ସମସ୍ତ ତାଲା ଭାଙ୍ଗି ଘରେ ଥିବା ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଅଛି । ଘରର ଆଲମୀରା ଭାଙ୍ଗି ଏକ ନେକ୍ଲେଶ , ଏକ ସୁନା ଚେନ, ଏକ ମୁଦି ସହ ୧୫୦୦ ଟଙ୍କା, ଗୋଟିଏ ଟିଭି ଏବଂ ସିସିଟିଭି ଡିଭିଆର ସମସ୍ତ ସରଞ୍ଜାମ ଲୁଟି ନେଇଥିବା ପ୍ରକାଶ କ୍ଷ ଏହା ଜାଣିବା ପରେ ଶ୍ରୀ ସାହୁ ପୁଲିସକୁ ଖବର ଦେବାପରେ ଜଟଣୀ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରି ସିସିଟିଭି ଯାଞ୍ଚ ପଦ୍ଧତିରେ ଅନୁଧ୍ୟାନ କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ।

## ଜଳବନ୍ଦୀ ରାସ୍ତା ସମସ୍ୟା ନେଇ ବୃକ୍ଷ ବିହାର ବାସିନ୍ଦାଙ୍କର ବିଧାୟକ ଓ ସାଂସଦଙ୍କୁ ଗୁହାରି

ଭୁବନେଶ୍ୱର, (ସବ୍ୟୁ): ଚନ୍ଦକା ନିକଟ କଣ୍ଟାବାଡ଼ ଅଞ୍ଚଳର ବୃକ୍ଷ୍ୟ ବିହାର ବାସିନ୍ଦାମାନେ ବର୍ଷାଦିନେ ଜଳବନ୍ଦୀ ହୋଇପଡୁଥିବା ରାସ୍ତା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ବିଧାୟକ ବିଭୂତି ବଳବନ୍ତ ରାୟ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ଜିଲ୍ଲା ପ୍ରଶାସନଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ପାରାଦୀପ ବନ୍ଦରର ପୂର୍ବତନ ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ ପ୍ରହ୍ଲାଦ ପଣ୍ଡା କହିଛନ୍ତି ଯେ, ଦଲାଲମାନେ ରାସ୍ତା ଓ ବିଦ୍ୟୁତ ସୁବିଧା ଯୋଗାଇଦେବାର ପ୍ରତିଶ୍ରୁତି ଦେବା ପରେ ଅନେକ ପରିବାର ଏଠାରେ ପ୍ଲଟ୍ କ୍ରୟ କରିଥିଲେ। କିନ୍ତୁ ଏର୍ଯ୍ୟନ୍ତ ସେହି ପ୍ରତିଶ୍ରୁତି ପୂରଣ ହୋଇନାହିଁ। ବର୍ଷା ସମୟରେ ଦଲାଲମାନେ କରିଥିବା ରାସ୍ତା ପାଣିରେ ବୁଡ଼ିଯାଉଥିବାରୁ ଲୋକମାନେ ପଡ଼ୋଶୀ ଜମିର ପାଚେରୀ କଡ଼ ଦେଇ ଯାତାୟାତ କରିବାକୁ ବାଧ ହେଉଛନ୍ତି। ଜରୁରୀ ପରିସ୍ଥିତିରେ ଆମ୍ବୁଲାନ୍ସ ମଧ୍ୟ ଘର ନିକଟକୁ ପହଞ୍ଚିପାରୁନାହିଁ। ସେ ଆହୁରି କହିଛନ୍ତି ଯେ, ପୂର୍ବତନ ସରପଞ୍ଚ ଭାବଗ୍ରାହୀ ସାହୁ ଜମିମାଲିକଙ୍କ ସହ ରାସ୍ତା ଓ ବିଦ୍ୟୁତ ସୁବିଧା ପାଇଁ ଆଲୋଚନା କରିଥିଲେ ମଧ୍ୟ ଦଲାଲମାନେ ତାଙ୍କ ପ୍ରତିଶ୍ରୁତି ରକ୍ଷା କରିନାହାନ୍ତି। ବିଦ୍ୟୁତ ସଂଯୋଗ ନଥିବାରୁ ସେ ସୌର ଶକ୍ତି ବ୍ୟବସ୍ଥା ଉପରେ ନିର୍ଭର କରୁଥିବା କହିଛନ୍ତି। ରାସ୍ତା ନଥିବାରୁ ଯାତାୟାତ, ଦୈନନ୍ଦିନ ସାମଗ୍ରୀ ଯୋଗାଣ, ସ୍ୱାସ୍ଥ୍ୟସେବା ଓ ଶିକ୍ଷା ଭଳି ମୌଳିକ ସୁବିଧା ପାଇବାରେ ଅସୁବିଧା ହେଉଥିବା ଅଭିଯୋଗ କରି ବାସିନ୍ଦାମାନେ ବିଧାୟକ ଓ ସାଂସଦଙ୍କୁ ଏମ୍ପି/ଏମ୍ଏଲ୍ଏ ଲାଡ୍ ପାଣ୍ଠିରୁ ଅର୍ଥ ବରାଦ କରି ସ୍ଥାୟୀ ସର୍ବଋତୁ ରାସ୍ତା ନିର୍ମାଣ କରାଇବା ସହ ଲୋକନିର୍ମାଣ ବିଭାଗ ମାଧ୍ୟମରେ ଶୀଘ୍ର ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି।

## ସାଇବର ଠକେଇ ଓ ସଡ଼କ ସୁରକ୍ଷା ଉପରେ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସମିତିର



କାର୍ଯ୍ୟକାରୀ ସଭାପତି ବାମନ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସହଯୋଗରେ ସାଇବର ଠକେଇ ଓ ସଡ଼କ ସୁରକ୍ଷା ଉପରେ କର୍ମଶାଳାୟୁନିଟ୍-୧ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ସାଧାରଣ ସଂପାଦକ ବିଜୟକୃଷ୍ଣ ମହାନ୍ତି ସଂଘ ଓ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସମିତିର ପରାମର୍ଶଦାତା ସ୍ୱର୍ଗତ କାଳିଚରଣ ପଟ୍ଟନାୟକ ଓ ଅନ୍ୟମାନଙ୍କ ବିୟୋଗରେ ସେମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇ ଥିଲା । ସଂଗଠନର ସମ୍ପାଦକ ନୀଳମୋହନ ତ୍ରିପାଠୀ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ସ୍ମୃତି ପ୍ରିୟଦର୍ଶନୀୟୁଟ୍ୟୁବରେ "ସାଇବର ଦିଦି' ନାମରେ କରିଥିବା ସୁରକ୍ଷିତ ଡିଜିଟାଲ ଓଡ଼ିଶା ଉପରେ ଆଲୋକପାତ କରିଥିଲେ।

କ୍ରାଇମବ୍ରାଞ୍ଚ ଆରକ୍ଷୀ ନିରୀକ୍ଷକ ଅବିନାଶ ନାୟକ ଓ ଉପ ଆରକ୍ଷୀ ନିରୀକ୍ଷକ ଭବାନୀ ଶଙ୍କର ଭୋଇ ସାଇବର ଠକେଇ ଓ ତାହାର ସତର୍କତା ଉପରେ ବକ୍ତବ୍ୟ ରଖିଥିଲେ। ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଯୁଗ୍ମ ସଂପାଦକ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ବରିଷ୍ଠ ନାଗରିକଙ୍କ ସମସ୍ୟା ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ଭୁବନେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ -୧ ଶ୍ରୀ ମାନସ ରଞ୍ଜନ ମିଶ୍ର, ଜୁନ୍ ଓ ଜୁଲାଇ ମାସରେ ଜନ୍ମ ଓ ବିବାହ ବାର୍ଷିକ ଉପଲକ୍ଷେ ସମିତିର ସଭ୍ୟ ଓ ସଭ୍ୟାମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ ସଡ଼କ ସୁରକ୍ଷା ନିମନ୍ତେ ବରିଷ୍ଠ ନାଗରିକମାନେ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷୟତ୍ରୀ ଉଷାରାଣୀ ଆଚାର୍ଯ୍ୟ, ମନୋରମା ପଣ୍ଡା, କବିତା ମହାନ୍ତି ଓ ଲକ୍ଷ୍ମୀପ୍ରସାଦ ସାମନ୍ତରାୟ ଭଜନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉପ ସଭାପତି ଦେବେନ୍ଦ୍ର ଶତପଥୀ ଓ ସୁରେନ୍ଦ୍ର ସାହୁ କୋଷାଧ୍ୟକ୍ଷ ରାଧାନାଥ ମହାପାତ୍ର, କ୍ରୀଡା ସଂପାକଦ ସୁବେଶ ସାମଲ, କଲ୍ୟାଣ ସଂପାଦକ ବିମଳ ମହାନ୍ତି, ସଭ୍ୟ ରବିନ୍ଦ୍ର ମହାପାତ୍ର, ଗୁରୁଚରଣ ମହାନ୍ତି, ଲକ୍ଷ୍ମଣ କୁମାର ବେହେରା, ନିତ୍ୟାନନ୍ଦ ନାଏକ, ତପସ୍ୱିନୀ ଆରୁଖ, ପ୍ରମିଳା ନାଏକ, ଯୁଗ୍ମ ସମ୍ପାଦକ ଯୁଧିଷ୍ଠିର ମଲ୍ଲିକ, ଯୁଗଳ ମହାରଣା,ସନ୍ତୋଷ ଦାସ ଆଦି ସହଯୋଗ କରିଥିଲେ।

## ମଣିଷ ଜୀବନ ସହ ଆୟୁର୍ବେଦ ଏବଂ ଔଷଧୀୟ ଗୁଳ୍ମର ନିବିଡ଼ ସମ୍ପର୍କ

କଟକ, (ସ୍ୱପ୍ର) : ମନୁଷ୍ୟ ଜୀବନ ସହ ଆୟୁର୍ବେଦ ଓ ଏହା ସମ୍ବନ୍ଧୀୟ ବୃକ୍ଷଲତାର ରହିଛି ନିବିଡ଼ ସମ୍ପର୍କ ରହିଛି । ସ୍ଥାନୀୟ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ଦ୍ୱାରା ନରାଜ ଗ୍ରାମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କିଛି ଏପରି କହିଛନ୍ତି ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଆୟୁର୍ବେଦିକ ବିଜ୍ଞାନ ଅନୁସନ୍ଧାନ ପରିଷଦର ମହାନିର୍ଦ୍ଦେଶକ ବୈଦ୍ୟ ପ୍ରଫେସର ରବିନାରାୟଣ ଆଚାର୍ଯ୍ୟ । "ଆୟୁର୍ବେଦ ଆଧାରିତ ଜୀବନଶୈଳୀ ପାଳନ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟସେବାରେ ଔଷଧୀୟ ବୃକ୍ଷଲତାର ବ୍ୟବହାର' ଶୀର୍ଷକ ଏହି କାର୍ଯ୍ୟକ୍ରମକୁ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର (ଡ.) ତେଜପ୍ରତାପ ଉଦଘାଟନ କରିଥିଲେ । ସେ ଏହି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିବା ସହ ଏହାକୁ ଲୋକାଭିମୁଖୀ କରିବା ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ । ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ଡିନ୍ ପ୍ରଫେସର (ଡ.) କ୍ଷୀରାବ୍ଧି ତନୟା ରାଉତରାୟ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଏହି ପ୍ରକଳ୍ପର ପ୍ରିନ୍ସିପାଲ ଇନଭେଷ୍ଟିଗେଟର୍ ପ୍ରଫେସର (ଡ.) ରମାକାନ୍ତ ରାଉତ ଉପସ୍ଥିତ ପୂର୍ବତନ ଡିନ୍ ପ୍ରଫେସର (ଡ.) ପ୍ରଦୀପ କୁମାର ପଣ୍ଡା ଉପସ୍ଥିତ ଲୋକମାନଙ୍କୁ ଆୟୁର୍ବେଦୀୟ ଜୀବନଶୈଳୀ ଆପଣେଇବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମ ଅବସରରେ ଔଷଧୀୟ ବୃକ୍ଷର ଘରୋଇ ଉପଚାର ଏବଂ ଆୟୁର୍ବେଦରେ ଦୈନନ୍ଦିନ କାର୍ଯ୍ୟନୀତି ନାମକ ଦୁଇଟି ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଆୟୁର୍ବେଦ ଅନୁସନ୍ଧାନ ପରିଷଦ ପକ୍ଷରୁ ଡା. ସୁଧାଂଶୁ ମେହେର, ଡା. କ୍ଷୀରୋଦ ରଥ ଏବଂ ଡା. ଯଶପାଲ ଭରଦ୍ୱାଜ ଯୋଗ ଦେଇଥିଲେ । ବାରଙ୍ଗ ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ଦଳେଇ ଏବଂ ନରାଜ ପଞ୍ଚାୟତ ସରପଞ୍ଚ ଗୀତାଞ୍ଜଳି ସାହୁ ମଧ୍ୟ ଏଥିରେ ଉପସ୍ଥିତ ରହି ନିଜ ନିଜ ମତ ରଖିଥିଲେ । କୋ-ପ୍ରିନ୍ସିପାଲ ଇନଭେଷ୍ଟିଗେଟର ପ୍ରଫେସର (ଡ.) ଶିବପ୍ରସାଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏଭଳି ଏକ କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ ବିଶ୍ୱବିଦ୍ୟାଳୟ କୁଳାଧିକ୍ଷ ଆଦେଶ ଗୋୟଲ ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଆୟୋଜକମାନଙ୍କୁ ସାଧୁବାଦ ଜଣାଇଥିଲେ । ପ୍ରାୟ ପାଞ୍ଚଶହ ଗ୍ରାମବାସୀଙ୍କୁ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ । ଏଥିସହ ଆୟୁର୍ବେଦ ଦ୍ୱାରା ଭବିଷ୍ୟତ ପିଢ଼ିକୁ କିପରି ନିରୋଗ ରଖିହେବ, ସେ ସମ୍ପର୍କରେ ମଧ୍ୟ ବର୍ଣ୍ଣନା କରିଥିଲେ ।



### ୯୬ ଲକ୍ଷରୁ ଊର୍ଦ୍ଧ୍ୱର ଟଙ୍କାର ଦୁଇ ପ୍ରକଳ୍ପ ଲୋକାର୍ପଣ ଓ ଶିଳାନ୍ୟାସ

## ସନ୍ତୁଳିତ ଓ ସର୍ବାଙ୍ଗୀନ ସହର ବିକାଶ ପାଇଁ ସରକାର ପ୍ରତିବଦ୍ଧ : ମନ୍ତ୍ରୀ



ବାରିପଦା, (ସବ୍ୟୁ) : ବାରିପଦା ସହରର ଭିତ୍ତିଭୂମି ବିକାଶକୁ ଆହୁରି ସୁଦୃଢ଼ କରିବା ଦିଗରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର ୯୬ଲକ୍ଷରୁ ଉଦ୍ଧର୍ବ ଟଙ୍କା ବ୍ୟୟରେ ଦୁଇଟି ଜନହିତକାରୀ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି । ଉନ୍ନତି ଯୋଜନା ଅନ୍ତର୍ଗତ ଜନସାଧାରଣଙ୍କ ଦୀର୍ଘଦିନର ଦାବି ଓ ଅଭିଯୋଗର ସମାଧାନ ପାଇଁ ଏହି ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରାଯାଇଛି । ଏହି ଅବସରରେ ମନ୍ତ୍ରୀ ବାରିପଦା ପୌରପାଳିକାର ୩ ନମ୍ବର ଓ୍ୱାର୍ଡ ଅନ୍ତର୍ଗତ ବାଘଡ଼ା ରୋଡ଼ଠାରୁ ଶନିମନ୍ଦିର ପର୍ଯ୍ୟନ୍ତ ନିର୍ମିତ ରାସ୍ତା ଏବଂ ଶୁକଯୋଡ଼ା ନାଳ ଉପରେ ନିର୍ମିତ ପୋଲର ଆନୁଷ୍ଠାନିକ ଲୋକାର୍ପଣ କରିଥିଲେ । ପ୍ରାୟ ୪୮ ଲକ୍ଷ ୨୬ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳର ଗମନାଗମନ ବ୍ୟବସ୍ଥାକୁ ସୁଗମ କରିବା ସହ ଜନସାଧାରଣଙ୍କ ଦୀର୍ଘଦିନର ସମସ୍ୟାର ସମାଧାନ କରିବ । ସେହିପରି, ବାରିପଦା ପୌରପାଳିକାର ୨୫ ଓ ୨୮ ନମ୍ବର ଓ୍ୱାର୍ଡବାସୀଙ୍କ ପ୍ରାୟ ୪୦ ବର୍ଷର ଦୀର୍ଘଦିନର ଦାବି ପୂରଣ ଦିଗରେ ପାଲବଣୀ ୧୮ ନମ୍ବର ଜାତୀୟ ରାଜପଥଠାରୁ ନିକୋ ଅଫିସର ପଛପଟ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୪୮ ଲକ୍ଷ ୧୫ହଜାର ଟଙ୍କା ବ୍ୟୟରେ ଶିଳାନ୍ୟାସ କରାଯାଇଥିଲା । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଉକ୍ତ ଅଞ୍ଚଳର ଯାତାୟାତ ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ ଆସିବା ସହ ସ୍ଥାନୀୟ ବାସିନ୍ଦାମାନେ ଉପକୃତ ହେବେ । ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ ଏବଂ ଉନ୍ନତ ନାଗରିକ ସେବା ଯୋଗାଇବା ରାଜ୍ୟ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା । ଜନସାଧାରଣଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ବିଚାର କରି ଉନ୍ନତି ଯୋଜନା ମାଧ୍ୟମରେ ଦୀର୍ଘଦିନର ଅମୀମାଂସିତ ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ କରାଯାଉଛି । ବାରିପଦା ସହରର ସନ୍ତୁଳିତ ଓ ସର୍ବାଙ୍ଗୀନ ବିକାଶ ପାଇଁ ଆଗାମୀ ଦିନରେ ମଧ୍ୟ ଅଧିକ ଜନକଲ୍ୟାଣମୂଳକ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ ବୋଲି ସେ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାରିପଦା ପୌରପାଳିକା ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଉପାଧ୍ୟକ୍ଷ ସୀମା ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ ସମେତ ସ୍ଥାନୀୟ ଜନପ୍ରତିନିଧି, ପୌରପାଳିକା ଅଧିକାରୀ, ବିଭାଗୀୟ ଅଧିକାରୀ ଏବଂ ବହୁ ସଂଖ୍ୟକ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ ।

## ଗଞ୍ଜେଇ ଜବତ, ୩ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ଗୋଶାଣିନୂଆଗାଁ ପୋଲିସ ଗଞ୍ଜେଇ ଚୋରାଚାଲାଣ ଖବର ପାଇ ଓମ ବିହାରରୁ ବାଇକ ସହ ଗଞ୍ଜେଇ ଜବତ କରି ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ଗଜପତି ଜିଲ୍ଲା ଚାନ୍ଦିପୁଟର ତପନ ମାଳି (୨୬), ମଧ୍ୟପ୍ରଦେଶ ଧରଣାବଡ ଫଂସଖିଡୀ ସନ୍ତୋଷ ମୀନା (୩୮) ଏବଂ ଦିଗପହଣ୍ଡି ଅନ୍ତର୍ଗତ ବାଗଡାର ସୋରା ପାତ୍ର (୨୨) । ଜେରା ବେଳେ ଗଞ୍ଜେଇ ଉକ୍ତ ଅଭିଯୁକ୍ତ ମାନେ ଗଜପତି ଜିଲାରୁ ଆଣି ବ୍ରହ୍ମପୁରରୁ ରେଳଷ୍ଟେସନ ଦେଇ ମଧ୍ୟପ୍ରଦେଶ ଚାଲାଣ କରିଥାନ୍ତେ ବୋଲି ଜଣାପଡିଛି । ମାମଲା ନଂ ୨୯୯/୨୬ ରେ ସେମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ପୋଲିସ ଘଟଣାର ତଦନ୍ତ ଜାରି ରଖିଛି । ରବିବାର ରାତି ପ୍ରାୟ ୧୧ଟା ସମୟରେ ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ଗୌରବ ରଞ୍ଜନ ଦାସ ଷ୍ଟେସନ୍ ରୋଡ଼ ଅଞ୍ଚଳରେ ରାତ୍ରି ପାଟ୍ରୋଲିଂ ଓ ଗୁଇନ୍ଦା ସୂଚନା ସଂଗ୍ରହ କରୁଥିଲେ । ଏହି ସମୟରେ ଓମ୍ ବିହାର ୯ମ ଲେନ୍ ନିକଟରେ ଦୁଇଜଣ ବ୍ୟକ୍ତି ଏକ ବ୍ୟାଗ୍ରେ ଗଞ୍ଜେଇ ନେଇ ଚୋରାଚାଲାଣ କରୁଥିବା ନେଇ ବିଶ୍ୱସ୍ତ ସୂଚନା ମିଳିଥିଲା । ପୋଲିସ ସେଠାରେ ଚଢ଼ାଉ କରି ସନ୍ଦିUମାନଙ୍କୁ କାବୁ କରିଥିଲା । ତଦନ୍ତ ବେଳେ ସେମାନଙ୍କ ନିକଟରୁ ୧୫ କେଜି ୯୧୫ ଗ୍ରାମ ଗଞ୍ଜେଇ, ଗୋଟିଏ ଓପୋ ଆଣ୍ଡ୍ରଏଡ୍ ମୋବାଇଲ, ଗୋଟିଏ ଇନଫିନିକ୍ସ ମୋବାଇଲ, ନଗଦ ୩,୫୧୨ ଟଙ୍କା, ଗୋଟିଏ ସୋନାଟା ହାତଘଡ଼ି ଏବଂ ଗୋଟିଏ ହୋଣ୍ଡା ସାଇନ୍ ବାଇକ ଜବତ କରିଥିଲା ।

## ମଦ ପିଇବାକୁ ଟଙ୍କା ନଦେବାରୁ ମା'କୁ ଆକ୍ରମଣ କରି ପୁଅ ଗିରଫ

ବ୍ରହ୍ମପୁର, (ସବ୍ୟୁ): ମଦ ପିଇବାକୁ ଟଙ୍କା ନଦେବାରୁ ନିଜ ମା 'ଓ ଭଉଣୀଙ୍କୁ ଖଣ୍ଡା ଲରେ ଆକ୍ରମଣ କରିଥିବା ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ଅଭିଯୁକ୍ତ ପୁଅକୁ ବାନ୍ଧିଛି । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଗୋଇଲୁଣ୍ଡି ନିକଟ ଶ୍ରୀନଗରର ଦୀପୁ ମହାରଣା (୩୫) । କେସ୍ ନଂ-୪୦୮/୨୬ ରେ ତାଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ସ୍ୱପ୍ନା ମହାରଣା ନିଜ ପରିବାର ସହ ଗୋଇଲୁଣ୍ଡିର ଶ୍ରୀନଗରରେ ବସବାସ କରୁଥିବା ବେଳେ ଏକ ଘରୋଇ ରୋଷେୟା ଭାବେ କାମ କରନ୍ତି । ଗତ ୩ ଅଗଷ୍ଟ ରାତି ପ୍ରାୟ ୧୦.୩୦ଟାରେ ସେ କାମ ସାରି ଘରକୁ ଫେରିଥିଲେ । ରାତି ପ୍ରାୟ ୧୧ଟା ସମୟରେ ତାଙ୍କ ବଡ଼ ପୁଅ ଦୀପୁ ମହାରଣା ମଦ୍ୟପ ଅବସ୍ଥାରେ ଘରକୁ ଆସି ମଦ ପିଇବା ପାଇଁ ଟଙ୍କା ମାଗିଥିଲେ । ସେ ଟଙ୍କା ଦେବାକୁ ମନା କରିବାରୁ ତାଙ୍କ ପୁଅ ଉତ୍ତ୍ୟକ୍ତ ହୋଇ ନିଜ ମା 'ଙ୍କୁ ଅଭିଯୁକ୍ତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ । ପରେ ସେ ଏକ ଖଣ୍ଡା ଧରି ମା'ଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ପିଛା କରି ଆକ୍ରମଣ କରିଥିଲେ । ସୌଭାଗ୍ୟବଶତଃ ସ୍ୱପ୍ନା ମହାରଣା ଆକ୍ରମଣରୁ ବର୍ତ୍ତି ଯାଇଥିଲେ । ଏହି ସମୟରେ ଝିଅ ମଧ୍ୟସ୍ଥତା ସେଠାରେ ପହଞ୍ଚି ଏହାର ପ୍ରତିବାଦ କରିବା ବେଳେ ତାଙ୍କୁ ମଧ୍ୟ ମାଡ଼ ମାରିବା ସହ ମା' ଓ ଝିଅଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ସେମାନେ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କାରିଥିବା କହିଛି ।

## ଆଜି ବ୍ରହ୍ମପୁର ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ବ୍ରହ୍ମପୁର, (ସବ୍ୟୁ) : ମଙ୍ଗଳବାର ପୂର୍ବାହ୍ନରେ ମହାମହିମ ଦ୍ରୌପଦୀ ମୁର୍ମୁ ବ୍ରହ୍ମପୁର ରେଳଷ୍ଟେସନରେ ପହଞ୍ଚିବେ । ରାଷ୍ଟ୍ରପତିଙ୍କ ଗସ୍ତକୁ ଅବିସ୍ମରଣୀୟ କରିବା ପାଇଁ ଗଞ୍ଜାମ ଜିଲ୍ଲା ପ୍ରଶାସନ, ପୂର୍ବତଟ ରେଳ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ରାଷ୍ଟ୍ରପତି ସ୍ୱତନ୍ତ୍ର ଟ୍ରେନ୍‌ରେ ବ୍ରହ୍ମପୁର ରେଳଷ୍ଟେସନର ୪ ନମ୍ବର ପ୍ଲାଟଫର୍ମରେ ପହଞ୍ଚିବା ପରେ ବ୍ଲୁ -ବୁକ୍ ଅନୁସାରେ ବ୍ରହ୍ମପୁରରୁ ତପ୍ତପାଣି ପର୍ଯ୍ୟନ୍ତ ସଡ଼କ ପଥକୁ ପ୍ରସ୍ତୁତ କରାଯାଇଛି । ଭିଭିଆଇପି ରାଷ୍ଟ୍ରପତିଙ୍କ ସୁରକ୍ଷା ଦାୟିତ୍ୱରେ କୋରାପୁଟ ଓ ମାଲକାନଗିରିରୁ ଦୁଇଟି ସ୍ୱତନ୍ତ୍ର ସ୍ନାଇପର ଡଗ (କୁକୁର ) ବ୍ରହ୍ମପୁର ଆସିଛି । ସେମାନଙ୍କ ସହ ତାଙ୍କର ତାଲିମଦାତା ମଧ୍ୟ ଆସିଛନ୍ତି । କୋରାପୁଟରୁ ଆସିଥିବା ଜର୍ମାନ ଷ୍ଟେପର୍ଡ ବ୍ରହ୍ମପୁର ଷ୍ଟେସନ ଭିତରେ ରହି ମାଟିତଳେ ଯଦି କୌଣସି ବିସ୍ଫୋରକ ସାମଗ୍ରୀ ଥିବ ତାହା ଚିହ୍ନଟ କରିବ । ଅନ୍ୟଟି ବେଲେଜିଅମ ମେଲିନାସ ଡଗ ଯିଏକି ଷ୍ଟେସନ ବାହାରେ ଓ ଯେଉଁ ରାଜପଥ ଦେଇ ରାଷ୍ଟ୍ରପତି ଯିବେ ସେହିରାସ୍ତା ତଳେ ବିସ୍ଫୋରକ ସାମଗ୍ରୀ ଅଛିକି ନାହିଁ ଯାଞ୍ଚ କରିବ । ସେହିପରି ରାଷ୍ଟ୍ରପତି ଯାତାୟାତ କରିବା ରାସ୍ତାରେ ଏଆଇ କ୍ୟାମେରା ଲଗାଯାଇଛି । ସୁରକ୍ଷା ଦୃଷ୍ଟିରୁ ତାହା ଖଞ୍ଜାଯାଇଛି ଯାହା ପ୍ରକାଶ କରାଯିବନି । ସେହିପରି ରାଷ୍ଟ୍ରପତି ବ୍ରହ୍ମପୁରର ରେଳଷ୍ଟେସନରେ ପହଞ୍ଚିବା ଠାରୁ ତପ୍ତପାଣି, ସେଠାରୁ ଫେରି ଆର୍ମି ଏଡି କଲେଜ ଯିବା ଓ ତାପରଦିନ ପୁଣିଥରେ ବ୍ରହ୍ମପୁର ରେଳଷ୍ଟେସନ ଫେରିବା ଗସ୍ତ କାର୍ଯ୍ୟକ୍ରମ ପାଇଁ ୧୨୦ ଜଣ ଅଗ୍ନିଶମ କର୍ମଚାରୀ ନିୟୋଜିତ ରହିବେ । କେବଳ ବ୍ରହ୍ମପୁର ରେଳଷ୍ଟେସନରେ ଜଣେ ଅଗ୍ନିଶମ ଅଧିକାରୀ, ଜଣେ ସହକାରୀ ଅଗ୍ନିଶମ ଅଧିକାରୀ, ଦୁଇଜଣ ଷ୍ଟେସନ ଅଫିସର, ଦୁଇଜଣ ଏଲଏଫଏମ ଓ ୧୦ ଜଣ ଅଗ୍ନିକ କାର୍ଯ୍ୟରତ ରହିବେ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି ।

## ବନ୍ଧୁତ୍ୱ ଦିବସରେ ସୁଗାର ଟାଉନ ଜେସିସ୍ ପକ୍ଷରୁ ରକ୍ତଦାନ ଶିବିର

ଆସିକା, (ସବ୍ୟୁ) : ବିଶ୍ୱ ବନ୍ଧୁତ୍ୱ ଦିବସ ପାଳନ ଅବସରେ ରବିବାର ଆସିକା ସୁଗାର ଟାଉନ ଜେସିସ୍ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରକଳ୍ପ ଅଧ୍ୟକ୍ଷ ଜେସି ପ୍ରତୀକ ଆଚାରୀଙ୍କ ଦ୍ୱାରା ସଂଯୋଜନାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଆସିକା ବିଜ୍ଞାନ କଲେଜ ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଫେସର ବିଭୂତି ଭୂଷଣ ବେବର୍ତ୍ତା ଯୋଗଦେଇ ଉଦଘାଟନ କରିଥିବାବେଳେ ସମ୍ମାନିତ ଅତିଥି ରୂପେ ବ୍ରହ୍ମପୁର ଏମକେସିଜି ରକ୍ତ ଭଣ୍ଡାରରୁ ଡକଫର ପୁନମ ମଡେମ୍ ଯୋଗ ଦେଇଥିଲେ । ଅତିଥିମାନେ ରକ୍ତଦାନ ଭଳି ମହତ କାର୍ଯ୍ୟର ଭୂୟସୀ ପ୍ରଶଂସା କରି ଆସିକା ସୁଗାର ଟାଉନ ଜେସିସ୍ ପକ୍ଷରୁ ରକ୍ତଦାନ ଶିବିର ପ୍ରତିବର୍ଷ ଆୟୋଜନ କରିଆସୁଥିବାରୁ ଧନ୍ୟବାଦ ଜଣାଇଥିଲେ । ସମ୍ପାଦକ ଜେସି କାର୍ତ୍ତିକ ପାତ୍ର, ପୂର୍ବତନ ସଭାପତି ଜେସିବି ଶିବ ଶଙ୍କର ପାତ୍ର, ପୂର୍ବତନ ସଭାପତି ଜେସିଜେ ଏଫ୍‌ଏମ୍-ଏସ୍.ଅନିଲ କୁମାର ପୁଷ୍ଟି, ଜେସି ସଞ୍ଜୟ କୁମାର ପାତ୍ର, ଜେସି ବଦ୍ରୀନାଥ ପାତ୍ର, ଜେସି କିରଣ କୁମାର ପାଢ଼ୀ, ଜେସି କେ ସତ୍ୟ ନାରାୟଣ ପାତ୍ର, ଜେସି ଆଶିଷ କୁମାର ପାତ୍ର, ଜେସି ସୁରେଶ କୁମାର ପାତ୍ର ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

### ଡାକ୍ତରୀ ପିଜି ପରୀକ୍ଷାର ପ୍ରଶ୍ନ ପତ୍ର ଲିକ୍ ଘଟଣା

## କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଦାବି କଲା ମାନବାଧିକାର ସୁରକ୍ଷା ମଞ୍ଚ



ବ୍ରହ୍ମପୁର, (ସବ୍ୟୁ) : ଅଲ୍ ଓଡ଼ିଶା ପିଜି ଡାକ୍ତରୀ ପରୀକ୍ଷାରେ କଥିତ ପ୍ରଶ୍ନପତ୍ର ଲିକ୍ ଘଟଣାର କ୍ରାଇମ୍ ବ୍ରାଞ୍ଚ ତଦନ୍ତ, ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ଆଦି ଛଅ ଦଫା ଦାବି ନେଇ ଆଜି ସମାଜବାଦୀ ଅନୁଷ୍ଠାନ ମାନବାଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ମାରକ ପତ୍ର ପ୍ରଦାନ କରଯାଇଛି । ପ୍ରକାଶ ଯୋଗ୍ୟ ଯେ, ଅଲ୍ ଓଡ଼ିଶା ପିଜି ଡାକ୍ତରୀ ପରୀକ୍ଷାରେ କଥିତ ପ୍ରଶ୍ନପତ୍ର ଲିକ୍ ଘଟଣା ସମଗ୍ର ରାଜ୍ୟରେ ଗଭୀର ଚିନ୍ତା ଓ ଆଶଙ୍କା ସୃଷ୍ଟି କରିଛି । ପିଜି ଡାକ୍ତରୀ ପରୀକ୍ଷା ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥା ସହ ସିଧାସଳଖ ସମ୍ପର୍କ ଅଛି । ଏହି ପରୀକ୍ଷାରେ ସଫଳ ହେଉଥିବା ଡାକ୍ତରମାନେ ଭବିଷ୍ୟତରେ ବିଭିନ୍ନ ବିଶେଷଜ୍ଞ ବିଭାଗରେ ସେବା ପ୍ରଦାନ କରିବେ । ଏହି ପରୀକ୍ଷାର ସ୍ୱଚ୍ଛତା, ନିରପେକ୍ଷତା ଓ ବିଶ୍ୱସନୀୟତା କୌଣସି ପରିସ୍ଥିତିରେ କ୍ଷୁର୍ଣ୍ଣ ହେବା ଉଚିତ ନୁହେଁ ବୋଲି ମଞ୍ଚ ଆବାହକ ଅବନୀ ଗୟା ଯୁକ୍ତି ବାଢ଼ିଛନ୍ତି । ଯଦି ହ୍ୱାଟସ୍‌ଆପ୍ କିମ୍ବା ଅନ୍ୟ କୌଣସି ଇଲେକେଟ୍ରାନିକ୍ ଗେଜେଟ ମାଧ୍ୟମରେ ପ୍ରଶ୍ନପତ୍ର ପ୍ରସାରିତ ହୋଇଥିବା ଜଣାପଡିଛି, ତେବେ ଏହା ଏକ ଅତ୍ୟନ୍ତ ଗୁରୁତର ବିଷୟ । ଏପରି ଘଟଣା ପରିଶ୍ରମୀ ପରୀକ୍ଷାର୍ଥୀଙ୍କ ପ୍ରତି ଅନ୍ୟାୟ ହେବା ସହ ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ମଧ୍ୟ ଦୀର୍ଘମିଆଦୀ ପ୍ରଭାବ ପକାଇବାର ଆଶଙ୍କା ରହିଛି । ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଛଅ ଗୋଟି ଦାବି ଉଲ୍ଲେଖ ଥିବା ସ୍ମାରକପତ୍ରରେ କଥିତ ପେପର ଲିକ୍ ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ ସାଇବର ସେଲ୍ ଦ୍ୱାରା କରାଯିବା, ପ୍ରଶ୍ନପତ୍ରର ସୁରକ୍ଷା ଓ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ, ପରୀକ୍ଷା ପରିଦର୍ଶକ, ପରୀକ୍ଷା କେନ୍ଦ୍ରର ସୁରକ୍ଷା ବ୍ୟବସ୍ଥା ଏବଂ ପରୀକ୍ଷାର୍ଥୀମାନେ ମୋବାଇଲ କିମ୍ବା ଅନ୍ୟ ଇଲେକେଟ୍ରାନିକ୍ ଉପକରଣ ପରୀକ୍ଷା କେନ୍ଦ୍ରକୁ ନେଇଥିଲେ କି ନାହିଁ ତାହାର ସମ୍ପୂର୍ଣ୍ଣ ତଦନ୍ତ କରାଯିବ । ତଦନ୍ତରେ ଯେଉଁମାନଙ୍କ ସମ୍ପୃକ୍ତ ରହିଛି, ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଫୌଜଦାରୀ ମାମଲା ରୁଜୁ କରି କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ । ଆସନ୍ତା ବର୍ଷଠାରୁ ଏମକେସିଜି ମେଡିକାଲ କଲେଜର ପିଜି ପରୀକ୍ଷା କେନ୍ଦ୍ରକୁ ବ୍ରହ୍ମପୁରର ଅନ୍ୟ କୌଣସି ଉପଯୁକ୍ତ କଲେଜରେ ସ୍ଥାନାନ୍ତର କରାଯିବା ଯାହାଦ୍ୱାରା ପରୀକ୍ଷାର ସ୍ୱଚ୍ଛତା ଓ ନିରପେକ୍ଷତା ଅଧିକ ସୁନିଶ୍ଚିତ ହୋଇପାରିବ । ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରାର ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯିବା ସହ ମୋବାଇଲ ଫୋନ୍ ଏବଂ ଅନ୍ୟ ଇଲେକେଟ୍ରାନିକ୍ ଗେଜେଟ ପରୀକ୍ଷା କେନ୍ଦ୍ରକୁ ନେବା ଉପରେ କଡ଼ାକଡ଼ି କଟକଣା ଲାଗୁ କରାଯିବା ଓ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ପରୀକ୍ଷା ପରିଚାଳନା ଓ ପ୍ରଶ୍ନପତ୍ର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ସୁରକ୍ଷିତ ଓ ପ୍ରଯୁକ୍ତି ନିର୍ଭର କରାଯିବାକୁ ମଞ୍ଚ ଦୃଢ଼ ଦାବୀ କରିଛି । ମଞ୍ଚ ଆବାହକ ଶ୍ରୀ ଗୟାଙ୍କ ସମେତ ବରିଷ୍ଠ ସାମ୍ବାଦିକ ତଥା କଂଗ୍ରେସର ରବି ରଥ, ମଞ୍ଚ ସମ୍ପାଦକ ଆର୍.ସତ୍ୟ ନାରାୟଣ ରାଓ, ଯୁବ ନେତା ମନୋଜ କୁମାର ତରାଇ, ମହିମା ର ସମ୍ପାଦକ ଶିବ ସୁନ୍ଦର ରଥ, ଅବସରପ୍ରାପ୍ତ ଅଧ୍ୟାପକ ମନୋରଞ୍ଜନ ସାହୁ, ଆପ୍‌ର ନେତା ଆଦିତ୍ୟ ନାରାୟଣ ରଥ, ମହେଶ୍ୱର ବାଡତ୍ୟା, ଜୟକୃଷ୍ଣ ନାୟକ, ଯୁବନେତା କାହ୍ନୁ ଚରଣ ପାତ୍ର, ଶିକ୍ଷକ ସଙ୍ଗଠନର ଶ୍ୟାମ ସୁନ୍ଦର ଖାଡଙ୍ଗା, ସମାଜସେବୀ ଅମିତ ମହାରଣା, ଓମ୍ ପ୍ରକାଶ ଜେନା, ନିହାର ରଞ୍ଜନ ପଣ୍ଡା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ଡ୍ରିମ୍‌ସ ଅଧ୍ୟକ୍ଷ ସମ୍ବର୍ଦ୍ଧିତ



କଟକ, (ସ୍ୱପ୍ର) : ଚୌଦ୍ୱାର ଠାରେ ଅନୁଷ୍ଠିତ ଶ୍ରୀମଦ୍ ଭାଗବତ ଜ୍ଞାନ ଯଜ୍ଞ ଓ କଥାମୃତ ମହୋତ୍ସବର ଦ୍ୱିତୀୟ ସଂଧ୍ୟାରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବରେ ଯୋଗଦେଇ ମହାପ୍ରଭୁ ଚତୁର୍ଦ୍ଧା ବିଗ୍ରହଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ମହୋତ୍ସବର ମୁଖ୍ୟପୁରୋଧା ଶ୍ରୀ ଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ପ୍ରବଚକ ଶ୍ରୀ ସତ୍ୟାନନ୍ଦ ଦାସ ମହାରାଜ ଡ. ରଥଙ୍କୁ ଉତ୍ତରୀୟ ଓ ନୀଳଚକ୍ର ବାନା ଦେଇ ସମ୍ବର୍ଦ୍ଧିତ କରିଥିଲେ । ସମ୍ବର୍ଦ୍ଧନାର ଉତ୍ତରରେ ଗୁରୁ ହିଁ ଶ୍ରେଷ୍ଠ ଓ ତାଙ୍କ ମାର୍ଗଦର୍ଶନ ବିନା କୌଣସି କାର୍ଯ୍ୟରେ ସଫଳତା ମିଳେନା, ଏଭଳି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଜନସାଧାରଣଙ୍କ ମନରେ ଭକ୍ତି ଓ ସମର୍ପଣ ଭାବ ଜାଗ୍ରତ ସହ ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାଏ ବୋଲି ଡ. ରଥ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ୍ରିମ୍‌ସର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କରଙ୍କ ସମେତ ବହୁମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ସମାଜସେବୀଙ୍କ ଭ୍ରାତୃବିୟୋଗ

ବାରିପଦା, (ସବ୍ୟୁ) : ସମାଜସେବୀ ତଥା ଅବସରପ୍ରାପ୍ତ ଶିକ୍ଷକ ସୋମନାଥ ସିଂହଙ୍କ ସାନଭାଇ ଜୟନ୍ତ କୁମାର ସିଂହ (ଅନର) ୫୮ବର୍ଷ ବୟସରେ ଇହଧାମ ତ୍ୟାଗ କରିଛନ୍ତି। ସେ ଜଣେ ପରପୋକାରୀ, ମିଷ୍ଟଭାଷୀ, ଧାର୍ମିକ ବ୍ୟକ୍ତି ଥିଲେ। ନିଜ ଅଂଚଳ ଟାଙ୍କିସାହୀ ସହ ବାରିପଦାର ବିଭିନ୍ନ ଜୀବନରେ ବିବାହ ହଉ ବା ଶବଦାହ କାର୍ଯ୍ୟକ୍ରମରେ ସେ ସକ୍ରିୟ ସହଯୋଗ କରୁଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନମନ୍ତ୍ରୀ ସୁଦାମ ମାର୍ଣ୍ଡି, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସ୍ଥାନୀୟ କାଉନ୍‌ସିଲର ସୁକେଶିନୀ ସେଠି, ପୂର୍ବତନ କାଉନ୍‌ସିଲର ପ୍ରଶାନ୍ତ ପଟ୍ଟନାୟକ ଓ ଦର୍ପନାରାୟଣ ପାଲ, ସମାଜସେବୀ ଅମର କୁମାର ସେଠି ଓ ଡ଼ଃ ନିରୋଜ କୁମାର ପୋଥାଳ ପ୍ରମୁଖ ଘରକୁ ଆସି ଶ୍ରାଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ। ବାରୁଣୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କର ଶେଷ ଇଛା ଅନୁଯାୟୀ ଭ୍ରାତା ସୋମନାଥ ଓ କନିଷ୍ଠ କନ୍ୟା ପୂଜା ମିଳିତ ଭାବେ

## ସଚେତନ ନାଗରିକ ମଞ୍ଚ, ମୟୂରଭଞ୍ଜ ଶାଖା ପକ୍ଷରୁ ବିଶ୍ୱଭୂଷଣ ହରିଚନ୍ଦନଙ୍କ ୯୩ତମ ଜୟନ୍ତୀ

ବାରିପଦା, (ସବ୍ୟୁ) : ପୂର୍ବତନ ମନ୍ତ୍ରୀ ତଥା ଆନ୍ଧ୍ରପ୍ରଦେଶର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ୯୩ତମ ଜନ୍ମଜୟନ୍ତୀ ଅବସରରେ ମୟୂରଭଞ୍ଜର ସଚେତନ ନାଗରିକ ମଞ୍ଚ ପକ୍ଷରୁ ସୋମବାର ବାରିପଦା ସ୍ଥିତ ମା'ଅମ୍ବିକା ମନ୍ଦିର ପରିସରରେ ଏକ ଭକ୍ତିମୟ ଓ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମଞ୍ଚର ସମ୍ପାଦକ ପ୍ରଫେସର ପ୍ରଦୀପ କୁମାର ନାୟକଙ୍କ ନେତୃତ୍ୱରେ ବହୁ ବିଶିଷ୍ଟ ବ୍ୟକ୍ତି, ବରିଷ୍ଠ ନାଗରିକ, ଛାତ୍ରଛାତ୍ରୀ ଓ ସାମାଜିକ କର୍ମୀମାନେ ଏକତ୍ରିତ ହୋଇ ମା'ଅମ୍ବିକାଙ୍କ ନିକଟରେ ରାଜ୍ୟର ସୁଖ, ଶାନ୍ତି, ସମୃଦ୍ଧି ଓ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଦୀର୍ଘାୟୁ କାମନା କରିଥିଲେ । ଏହି ଅବସରରେ ମା'ଙ୍କ ଉଦ୍ଦେଶ୍ୟରେ ୧୦୮ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା । ପରେ ରାସ୍ତାକଡ଼ରେ ଥିବା ଦୁଃସ୍ଥ ଓ ଭିକ୍ଷୁକମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇ ସମାଜ ପ୍ରତି ସେବା ଓ ମାନବିକତାର ବାର୍ତ୍ତା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଡ଼ଃ କିଶୋର ପାତ୍ର, କିଶୋର ପଣ୍ଡା, ଅବସରପ୍ରାପ୍ତ ଅଧ୍ୟକ୍ଷା ଡ଼ଃ ପୁଷ୍ପା ପାତ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ସୁନୀଲ କୁମାର ଜେନା, ଡ଼ଃ ଶରତ କୁମାର ମହାନ୍ତି, ବିଭୂଦତ୍ତ ଦାସ, ଦେବୀଦତ୍ତ ଦାସ, ସଞ୍ଜୀବ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏହି କାର୍ଯ୍ୟକ୍ରମ ସାଂସଦ ଦିଲ୍ଲୀପ ରାୟଙ୍କ ରାଜନୈତିକ ସଚିବ ଦୁର୍ଗାପ୍ରସାଦ ମହାନ୍ତିଙ୍କ ମାର୍ଗ ଦର୍ଶନରେ ଆୟୋଜିତ କରାଯାଇଥିଲା ।

## ରାଷ୍ଟ୍ରପତିଙ୍କ ଗଞ୍ଜାମ ଗସ୍ତ ପାଇଁ ବ୍ୟାପକ ପ୍ରସ୍ତୁତି

ବ୍ରହ୍ମପୁର, (ସବ୍ୟୁ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗଞ୍ଜାମ ଜିଲ୍ଲା ଗସ୍ତକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଜାରି ରହିଛି । ଏହି ଗସ୍ତ ଅବସରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ଥିବାରୁ ସମସ୍ତ ପ୍ରସ୍ତୁତିକୁ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ନିଆଯାଉଛି । ବର୍ଷା ସେ%ୖ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଦିନରାତି କାର୍ଯ୍ୟରେ ନିୟୋଜିତ ରହିଛନ୍ତି । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ପ୍ରତ୍ୟକ୍ଷ ତ%ୖବଧାନରେ ରାଷ୍ଟ୍ରପତିଙ୍କ ଗସ୍ତପଥରେ ସଡ଼କର ମରାମତି, ପରିମଳ ବ୍ୟବସ୍ଥା, ସୌନ୍ଦର୍ଯ୍ୟୀକରଣ, ଆଲୋକୀକରଣ, ହୋର୍ଡିଂ ସ୍ଥାପନ, ସ୍ୱାଗତ ତୋରଣ ନିର୍ମାଣ, ରଙ୍ଗରୋଗଣ ଏବଂ ବିଭିନ୍ନ ସ୍ଥାନରେ ଆକର୍ଷଣୀୟ ସାଜସଜ୍ଜା କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି । ତପ୍ତପାଣିଠାରୁ ବ୍ରହ୍ମପୁର ପର୍ଯ୍ୟନ୍ତ ସମଗ୍ର ଗସ୍ତପଥରେ ସ୍ୱଚ୍ଛତା, ସବୁଜିମା ବୃଦ୍ଧି, ରାସ୍ତାକଡ଼ର ସୌନ୍ଦର୍ଯ୍ୟୀକରଣ ଏବଂ ପରିବେଶର ଆକର୍ଷଣୀୟତା ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି ।

### ବିସ୍ଥାପିତ ନୀତିକୁ କାର୍ଯ୍ୟକାରୀ, ସମୁଦ୍ର କୂଳ ଲଙ୍ଘିବାର ସମାଧାନ

## ସାନ ଆର୍ଯ୍ୟପଲ୍ଲୀ ଗ୍ରାମ୍ୟ କମିଟି ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ : ୧୦ ରୁ ଗଣ ଆନ୍ଦୋଳନ

ଛତ୍ରପୁର, (ସବ୍ୟୁ): ଆଇଆରଇଏଲ ପକ୍ଷରୁ ବିସ୍ଥାପିତ ନୀତିକୁ ତୁରନ୍ତ କାର୍ଯ୍ୟକାରୀ କରିବା, ଏଥିପାଇଁ ଚିହ୍ନଟ ଜାଗାରେ ଘର ନିର୍ମାଣ ସହ ପୁର୍ନବାସ ବ୍ୟବସ୍ଥା କରିବା ସହିତ ୨୦୧୮ ମସିହାରେ ବ୍ରହ୍ମପୁର ସ୍ଥିତ ଆରଡିସିଙ୍କ କାର୍ଯ୍ୟାଳୟରେ ହୋଇଥିବା ଆରପିଡିଏସି ବୈଠକରେ ଗୃହିତ ନିଷ୍ପତି ଗୁଡିକୁ କାର୍ଯ୍ୟକାରୀ କରିବା ଏବଂ ସମୁଦ୍ର କୂଳ ଲଙ୍ଘିବା ଘଟଣାର ସ୍ଥାୟୀ ସମାଧାନ କରିବା ଦାବୀ ନେଇ ଆଜି ଗଞ୍ଜାମ ଜିଲ୍ଲାପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ସାନ ଆର୍ଯ୍ୟପଲ୍ଲୀ ଗ୍ରାମ୍ୟ କମିଟି । ଗୋଟେ ପଟେ ସମୁଦ୍ରରେ ଗାଁ ଲୀନ ହେବା ଭୟ ଥିବାବେଳେ ଅନ୍ୟପଟେ ଆଇଆରଇଏଲ କମ୍ପାନୀ ଦେଇଥିବା ନିଜ ପ୍ରତିଶ୍ରୁତି ପାଳନ କରିବା ନା ନେଉନି । ଏହି ଘଡିସନ୍ଧୀ ମୁହୂର୍ତ୍ତରେ ମତ୍ସ୍ୟଜୀବୀମାନେ ରହିଛନ୍ତି । ଏନେଇ ଗ୍ରାମ୍ୟ କମିଟି ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା ଏବଂ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କୁ ଭେଟି ଲିଖିତ ଭାବେ ଦାବିପତ୍ର ପ୍ରଦାନ କରିଛନ୍ତି । ଗୋପାଳପୁର ବନ୍ଦରର ଖାମଖିଆଲି ନୀତି ଏବଂ ଅବହେଳା ଯୋଗୁଁ ଦିନକୁ ଦିନ ସମୁଦ୍ର କୂଳ ଲଙ୍ଘିବାରେ ଲାଗିଛି । ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବାକୁ କୁହାଯାଇଛି । ଏହା ସହିତ ଆଇଆରଇଏଲ କମ୍ପାନି ଗ୍ରାମବାସିଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରାୟ ୮/୯ ବର୍ଷ ଧରି ଡ୍ରେଜିଙ୍ଗ କରୁଥିଲେ ମଧ୍ୟ ବିସ୍ଥାପିତ ନୀତିକୁ କାର୍ଯ୍ୟକାରୀ କରିଲା ନାହିଁ । ଏଣୁ ୨୦୧୮ ବର୍ଷ ରେ ସମସ୍ତ ଗୃହିତ ନିଷ୍ପତ୍ତିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ନିମନ୍ତେ ଗ୍ରାମ୍ୟବାସୀମାନେ ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଅନ୍ୟପଟେ ଆର୍ଯ୍ୟପଲ୍ଲୀ ଉପକୂଳ କ୍ଷୟ ପ୍ରଶମନ ପ୍ରସ୍ତାବ ପ୍ରକଳ୍ପ ସମ୍ପର୍କରେ ଚେନ୍ନାଇ ସ୍ଥିତ ଜାତୀୟ ସମୁଦ୍ର ପ୍ରଯୁକ୍ତିବିଦ୍ୟା ସଂସ୍ଥାନର ରିପୋର୍ଟ ଉପରେ ଜଳସେଚନ ବିଭାଗ ପକ୍ଷରୁ ଡ୍ରାଫଟ ଡିପିଆର ଦାଖଲ କରାଯାଇଛି । ଆସନ୍ତା ୧୦ ତାରିଖ ଦିନ ଚୂଡ଼ାନ୍ତ ଡିପିଆର ଦାଖଲ କରାଯିବ । ଏହା ସହିତ ଏହି ପ୍ରକଳ୍ପ ନିମନ୍ତେ ୨/୩ ମାସ ମଧ୍ୟରେ ଟେଣ୍ଡର ବାହାରିବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି । ସେପଟେ ଗ୍ରାମବାସୀ ମାନେ କହିଛନ୍ତିଯେ, ସେମାନଙ୍କ ଦାବି ଗୁଡିକ ଆସନ୍ତା ୭ ଦିନ ମଧ୍ୟରେ କିଛି ସମାଧାନ ବାଟ ନବାହାରିଲେ ଅଗଷ୍ଟ ୧୦ ରୁ ଆଇଆରଇଏଲ କମ୍ପାନୀ ଏବଂ ଗୋପାଳପୁର ପୋର୍ଟର ମୁଖ୍ୟ ଫାଟକ ସମ୍ମୁଖରେ ଗଣ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଏହି ଦାବିପତ୍ର ପ୍ରଦାନ ବେଳେ ସାନ ଆର୍ଯ୍ୟପଲ୍ଲୀ ଗ୍ରାମ୍ୟ କମିଟି ସଭାପତି ବି. ସୀମା, ଗଞ୍ଜାମ ଜିଲ୍ଲା ମତ୍ସ୍ୟଜୀବୀ ନେତା ତଥା ସାଧାରଣ ସମ୍ପାଦକ ବି. ଭୀମସେନ, ଉପସଭାପତି ପି. ଗ୍ଲେରୟା, ପୂର୍ବତନ ସାଧାରଣ ସମ୍ପାଦକ ଏମ. ଦିଲ୍ଲୀପ, ଏନ. ଦିନବନ୍ଧୁଙ୍କ ସମେତ କଗ୍ରାମବାସୀ ମାନେ ଉପସ୍ଥିତ ଥିଲେ ।

### ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀଙ୍କ ବଦଳି ଦାବିରେ

## ମାସାଆର୍ମୀ ପକ୍ଷରୁ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ, ୧୧ରେ ମୟୂରଭଞ୍ଜ ବନ୍ଦ ଚେତାବନୀ




ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ତୁରନ୍ତ ବଦଳି କରିବା ଦାବିରେ ମାସାଆର୍ମୀ ସଂଗଠନ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଆଜି ମୟୂରଭଞ୍ଜ ଜିଲ୍ଲାପାଳ କାର୍ଯ୍ୟାଳୟକୁ ଘେରାଉ କରାଯାଇ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲ୍ଲାପାଳ ହେମକାନ୍ତ ସୟଙ୍କୁ ପ୍ରଦାନ କରାଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ତୁରନ୍ତ ବଦଳି ନକଲେ ଚଳିତ ମାସ ୧୧ତାରିଖ ମୟୂରଭଞ୍ଜ ବନ୍ଦ ହେବ ବୋଲି ଚେତାବନୀ ଦିଆଯାଇଛି ଓ ଉକ୍ତ ସ୍ମାରକପତ୍ରରେ, ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ତୁରନ୍ତ ବଦଳି କରାଯିବା, ସରକାରଙ୍କ ୩ବର୍ଷିଆ ବଦଳି ନିୟମକୁ ସମସ୍ତ ସରକାରୀ ବିଭାଗରେ କଡ଼ାକଡ଼ି ଭାବେ ଲାଗୁ କରିବା, ବିପଦସଂକୁଳ ଅବସ୍ଥାରେ ଥିବା ମୟୂରଭଞ୍ଜର ସମସ୍ତ ବିଦ୍ୟାଳୟକୁ ଚିହ୍ନଟ କରି ତୁରନ୍ତ ମରାମତି କରାଯିବା ସହ ଭିତ୍ତିଭୂମିର ବିକାଶ କରାଯିବା, ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ କରାଯାଇ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବା, ଛାତ୍ରଛାତ୍ରୀଙ୍କୁ ପ୍ରୋଟିନ୍ ଯୁକ୍ତ ଓ ପୌଷ୍ଟିକ ମଧ୍ୟାହ୍ନ ଭୋଜନ ନିୟମିତ ଭାବେ ପ୍ରଦାନ କରିବା, ତ୍ରୁଟିଶୂନ୍ୟ ଓ ଗୁଣାତ୍ମକ ପାଠ୍ୟପୁସ୍ତକ ପ୍ରଦାନ କରାଯିବା ଦାବିମାନ କରାଯାଇଛି । କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଜିଲ୍ଲା ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ରାଜ୍ୟ କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟ ନାରାୟଣ ମୁର୍ମୁ, ରାଜ୍ୟ ସମ୍ପାଦକ ପଦ୍ମ ଲୋଚନ ମୁର୍ମୁ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଟିକା ବାଦଲ ମାରାଣ୍ଡି, ବାରିପଦା ଉପଖଣ୍ଡ ସଭାପତି ଶଙ୍କର ବାସ୍କେ, କୃଷ୍ଣ ଟୁଡୁ, ବିଶୁ ମୁର୍ମୁ, ଚାନ୍ଦ୍ରାୟ ମାରାଣ୍ଡି, ରାଜେଶ ମାରାଣ୍ଡି, ବାଦଲ ମୁର୍ମୁ, ରାଇସେନ ମୁର୍ମୁ, ଦୀପକ ହେମ୍ବ୍ରମ, ସୁବାଷ ମୁର୍ମୁ, ବୀରଭୀମ ମାରାଣ୍ଡି, ପି.ଏସ ମେମ୍ବର ସୁନିଲ କୁମାର ଟୁଡୁ, ସରପଞ୍ଚ ମଙ୍ଗଳ, ବ୍ରଜେଶ ମୁର୍ମୁ, ଅବିନାଶ ମାରାଣ୍ଡି, ଚିତ୍ତ ମାରାଣ୍ଡି, ବିକ୍ରମ ମୁର୍ମୁ, ଗୌରୀ ଶଙ୍କର ଟୁଡୁ, ମିଥୁନ ମାରାଣ୍ଡି, ଲାଲ ମୋହନ ବାସ୍କେ ଓ ଧରମବୀର ହେମ୍ବ୍ରମ ପ୍ରମୁଖ ସାମିଲ ଥିଲେ।

# ମୋବାଇଲ ବିସ୍ଫୋରଣରେ ଘରେ ଅଗ୍ନିକାଣ୍ଡ



ଜୁନାଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ କେନ୍ଦୁପାଟି ଗ୍ରାମପଞ୍ଚାୟତର କନ୍ଧ ବ୍ରାହ୍ମଣୀଗୁଡ଼ା ଗ୍ରାମର ବିକ୍ରମ ଜାନୀ (୩୫)ଙ୍କ ଘରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ପରିବାରର ଅଭିଯୋଗ ଅନୁସାରେ, ରାତି ପ୍ରାୟ ୧୨ଟା ସମୟରେ ମୋବାଇଲ ଫୋନକୁ ଚାର୍ଜରେ ଲଗାଇ ପରିବାରର ସମସ୍ତ ସଦସ୍ୟ ଶୋଇ ପଡ଼ିଥିଲେ। ପ୍ରାୟ ରାତି ୩ଟା ବେଳେ ମୋବାଇଲ ଫୋନଟି ବିସ୍ଫୋରଣ ହୋଇଥିବାରୁ ଘରର ଏକ ପାର୍ଶ୍ୱରେ ନିଆଁ ଲାଗିଯାଇଥିଲା। କିଛି ସମୟ ପରେ ନିଦ ଭାଙ୍ଗିଯିବାରୁ ପରିବାରର ସମସ୍ତ ସଦସ୍ୟ ବହୁ କଷ୍ଟରେ ଘରୁ ବାହାରକୁ ବାହାରି ଆସିଥିଲେ।ପରେ ପାଖପଡ଼ୋଶୀଙ୍କୁ ଡାକି ପାଣି ମୋଟରର ସାହାଯ୍ୟରେ ଜଳୁଥିବା ନିଆଁକୁ ଆୟତ୍ତ କରାଯାଇଥିଲା। ଏହି ଅଗ୍ନିକାଣ୍ଡରେ ଘରୋଇ ବ୍ୟବହାର ସାମଗ୍ରୀ, ଚାଉଳ, କପଡ଼ା ଓ ଅନ୍ୟାନ୍ୟ ଜିନିଷପତ୍ର ପୋଡ଼ି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ଘଟଣାର ଖବର ପାଇ ସ୍ଥାନୀୟ ଆର୍.ଆଇ. ଉତ୍ତମ କୁମାର ମାଝୀ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଥିଲେ। ବର୍ଷା ଦିନରେ ଅସୁବିଧାକୁ ଦୃଷ୍ଟିରେ ରଖି ପୀଡ଼ିତ ପରିବାରକୁ ଅଫିସରୁ ଦରି ଓ ପାଲ ନେବାକୁ ପରାମର୍ଶ ଦେଇଥିଲେ। ଏହି ଘଟଣା ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଚିନ୍ମୟୀ ସେଠୀଙ୍କ ପ୍ରତିକ୍ରିୟା ନିଆଯାଇଥିଲା। ସେ କହିଥିଲେ, ପୀଡ଼ିତ ପରିବାରର ନାମ ଯଦି ଆବାସ ଗୃହ ଯୋଜନା ତାଲିକାରେ ଥାଏ, ତେବେ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସହାୟତା ପ୍ରଦାନ ପାଇଁ ପ୍ରୟାସ କରାଯିବ ବୋଲି ମନ୍ତବ୍ୟ ଦେଇଥିଲେ

# ଜମି ଜାଲିଆତି : ପୁଣି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ନାବାଳକ

ରାୟଗଡା, (ସବ୍ୟୁ): ରାୟଗଡା ତହସିଲ ଅନ୍ତର୍ଗତ ଜଣେ ନାବାଳକଙ୍କ ନାମରେ ଥିବା ଜମି ଜାଲିଆତି ମାଧ୍ୟମରେ ବିକ୍ରି ହୋଇଥିବା ଅଭିଯୋଗରେ ନ୍ୟାୟ ପାଇଁ ପୀଡ଼ିତ ପରିବାର ପୁଣିଥରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୂର୍ବରୁ ଜୁଲାଇ ମାସରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଏକମାସ ବିତିଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ ନହେବାରୁ ପରିବାର ପକ୍ଷରୁ ପୁଣି ଦାବି ଜଣାଇଯାଇଛି। ଗୁରୁମଗୁଡା ଗ୍ରାମର ୧୪ ବର୍ଷୀୟ ନାବାଳକ ନିଳମଣି ହୁଇକାଙ୍କ ନାମରେ ଚେକାଗୁଡା ମୌଜାର ଖାତା ନଂ୨/୧୫୨, ପ୍ଲଟ ନଂ୨୨ରେ ପ୍ରାୟ ୦.୩୨୭ ଏକର ଆମ୍ବତୋଟା ଜମି ରହିଛି। ପିତାଙ୍କ ମୃତ୍ୟୁ ପରେ ପରିବାର ଜୀବିକା ନିର୍ବାହ ପାଇଁ ୨୦୨୦ ମସିହାରୁ ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟରେ ରହୁଥିବା ବେଳେ ସେମାନଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଜାଲିଆତି ମାଧ୍ୟମରେ ଜମି ବିକ୍ରି କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ପରିବାରର କହିବା ଅନୁସାରେ, ୨୦୨୨ ମସିହା ଅକ୍ଟୋବର ୨୪ ତାରିଖରେ ତହସିଲ କାର୍ଯ୍ୟାଳୟରୁ ଅନୁମତି ନେଇ ଉକ୍ତ ଜମି ବିକ୍ରି କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ଜମି ବିଭିନ୍ନ ବ୍ୟକ୍ତିଙ୍କ ନାମରେ ପଟ୍ଟା ନମୋଦ ହୋଇଥିବା ସହ କେତେକ ବ୍ୟକ୍ତି ଏକାଧିକ ପ୍ଲଟ ନିଜ ନାମରେ ରଖିଥିବା ଅଭିଯୋଗ ମଧ୍ୟ ଉଠାଯାଇଛି। ଏହି ଘଟଣାକୁ ନେଇ ପୂର୍ବରୁ ରାୟଗଡା ଥାନା, ଜିଲ୍ଲାପାଳ କାର୍ଯ୍ୟାଳୟ, ଏସିପି ଓ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଫଳପ୍ରଦ ପଦକ୍ଷେପ ଗ୍ରହଣ ହୋଇନଥିବା ପରିବାର ପକ୍ଷରୁ କୁହାଯାଇଛି। ଅଭିଯୋଗରେ ତହସିଲଦାର, ନିବନ୍ଧକ ଅଧିକାରୀ, ରାଜସ୍ୱ ନିରୀକ୍ଷକଙ୍କ ସମେତ କେତେକ ସରକାରୀ ଅଧିକାରୀଙ୍କ ସଂପୃକ୍ତି ଥିବା ଦାବି କରାଯାଇଛି। ପୁଣିଥରେ ଜିଲ୍ଲାପାଳଙ୍କୁ ଭେଟି ପରିବାର ପକ୍ଷରୁ ନିରପେକ୍ଷ ଓ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ, ଜମି ଫେରସ୍ତ କରାଇବା ଏବଂ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ଦାବି କରାଯାଇଛି। ସେପଟେ ଜିଲ୍ଲାପାଳ କହିଛନ୍ତି, ତହସିଲଦାର ଘଟଣାର ତଦାରଖ କରୁଛନ୍ତି ଏବଂ ତଦନ୍ତ ପ୍ରକ୍ରିୟା ପାଇଁ କିଛି ସମୟ ଲାଗିବ ବୋଲି ପୀଡ଼ିତ ପରିବାରକୁ ଅବଗତ କରାଯାଇଛି। ପରିବାର ପକ୍ଷରୁ ନିଜ ସୁରକ୍ଷା ନେଇ ମଧ୍ୟ ଉଦ୍ବେଗ ପ୍ରକାଶ କରାଯାଇଛି।



## ଜୟହିନ୍ଦ୍ କ୍ଲବ ଫୁଟବଲ ପ୍ରତିଯୋଗିତା

# ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଜୟଦୁର୍ଗା କ୍ଲବ

ଝାରସୁଗୁଡା,(ସବ୍ୟୁ): ସ୍ଥାନିୟ ମନମୋହନ ସ୍କୁଲ ଫୁଟବଲ ପଡିଆରେ ଜୟହିନ୍ଦ କ୍ଲବ ଆନୁକୁଲ୍ୟରେ ୧୩ ତମ ଲିଗ ଫୁଟବଲ ପ୍ରତିଯୋଗିତାର ୨ୟ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ସୋମବାର ଦିନ ୧୪ଦିବସର ମ୍ୟାଚ ଜୟ ଦୁର୍ଗା କ୍ଲବ ରେଙ୍ଗାଲି ସମ୍ବଲପୁର ଓ ଆଦର୍ଶ କ୍ଲବ ଓ.ଏସ.ଏ.ପି ଝାରସୁଗୁଡା ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା। ଜୟ ଦୁର୍ଗା କ୍ଲବ ୪ –୧ ଗୋଲରେ ବିଜୟୀ ହୋଇ ୨ୟ ଦଳ ଭାବରେ ସେମିଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚରେ ଜୟ ଦୁର୍ଗା କ୍ଲବ ରେଙ୍ଗାଲିର ସୁଶାନ୍ତ ଜଗଦେଲା ସର୍ବଶ୍ରେଷ୍ଠ ଖେଳାଳି ଭାବରେ ପୁରସ୍କୃତ ହୋଇ ଥିଲେ। ଏହି ମ୍ୟାଚରେ ଝାରସୁଗୁଡାର ସମାଜସେବୀ ପ୍ରମୋଦ ତ୍ରିପାଠୀ ଓ ଝାରସୁଗୁଡା ରୋଟାରୀ କ୍ଲବ (ସହର) ସଭାପତି ନବୀନ ମିଶ୍ର ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଖେଳକୁ କାର୍ତିକ ଦାସ, ଗିରିଷ ପ୍ରଧାନ, ଅଗସ୍ତି ହାତିପଦ ଓ ଅମିତ ବାଗ ପ୍ରଭୃତି ପରିଚାଳନା କରି ଥିଲେ।



## ଅମ୍ବାଭୋନା ଅଞ୍ଚଳକୁ ପୁଣି ଆସିଲେ ହାତୀପଲ

# ଚାଷୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ବଢ଼ିଲା ଚିନ୍ତା

ଅମ୍ବାଭୋନା, (ସବ୍ୟୁ): ବରଗଡ଼ ଜିଲ୍ଲାର ଅମ୍ବାଭୋନା ବ୍ଲକ ଅଞ୍ଚଳକୁ ପୁଣିଥରେ ବଣୁଆ ହାତୀପଲ ପ୍ରବେଶ କରିଥିବା ସୂଚନା ମିଳିଛି। ଝାରସୁଗୁଡ଼ା ଜିଲ୍ଲାର ୧୯ ଖଣ୍ଡ ମୌଜା ଅଞ୍ଚଳର ମୁହୁଦି ଓ ଆଖପାଖ ନଦୀକୂଳିଆ ଗ୍ରାମ ନିକଟରୁ ମହାନଦୀ ପାର ହୋଇ ୩ଟି ବଣୁଆ ହାତୀ ଅମ୍ବାଭୋନା ବ୍ଲକର ପଥରସେନୀ ନିକଟସ୍ଥ ଅଞ୍ଚଳକୁ ଆସିଥିବା ଜଣାପଡ଼ିଛି।ସୋମବାର ସକାଳ ପ୍ରାୟ ୬ଟା ସମୟରେ ସ୍ଥାନୀୟ ଲୋକେ ହାତୀଗୁଡ଼ିକୁ ଦେଖିଥିବା ସୂଚନା ଦେଇଛନ୍ତି। ହାତୀପଲ ଅଞ୍ଚଳରେ ଥିବା ଖବର ପ୍ରଚାର ହେବା ପରେ ଚାଷୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। ବିଶେଷକରି ଧାନ ଓ ଅନ୍ୟାନ୍ୟ ଫସଲର କ୍ଷତି ଆଶଙ୍କାରେ ଚାଷୀମାନେ ଚିନ୍ତାରେ ରହିଛନ୍ତି।ବନ ବିଭାଗ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ହାତୀପଲର ଗତିବିଧି ଉପରେ ନଜର ରଖାଯାଉଥିବା ବେଳେ ଲୋକଙ୍କୁ ସତର୍କ ରହିବା, ଏକାକୀ ଜଙ୍ଗଲ କିମ୍ବା ନଦୀକୂଳ ଅଞ୍ଚଳକୁ ନଯିବା ଏବଂ ହାତୀ ଦେଖିଲେ ତୁରନ୍ତ ବନ ବିଭାଗ କିମ୍ବା ପ୍ରଶାସନକୁ ସୂଚନା ଦେବା ପାଇଁ ପରାମର୍ଶ ଦିଆଯାଇଛି।ଏ ନେଇ ଭଟଲି ରେଞ୍ଜର ସୁବୋଧ ସାହୁ ସୂଚନା ଦେଇଛନ୍ତି ତିନୋଟି ହାତୀ ଅମ୍ବାଭୋନା ବ୍ଲକ ର ହୂରସୁଳି ଜଙ୍ଗଲ ରେ ଥିବା ଜଣାପଡୁଛି।

# ଦିବଙ୍ଗତ ଶିକ୍ଷକଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ



କୋକସରା,(ସବ୍ୟୁ): କୋକସରା ବ୍ଲକ ଗୋଷ୍ଠି ଶିକ୍ଷା ବିଭାଗ ଅଧିନସ୍ଥ ମୋଟେର ପଞ୍ଚାୟତ ବାଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ସଚିନ୍ଦ୍ର ଦଳପତିଙ୍କ ଗତ କିଛିଦିନ ତଳେ ପରଲୋକ ହୋଇଥିଲା। ତାଙ୍କ ଦ୍ୱାଦଶାହ କାର୍ଯ୍ୟ ଅବସରରେ ଏକ୍ସ କେଡର ଶିକ୍ଷକ ସଙ୍ଘ ପକ୍ଷରୁ କର୍ମକର୍ତ୍ତା ମାନେ ଉପସ୍ଥିତ ରହି ଦିବଙ୍ଗତ ଶିକ୍ଷକଙ୍କ ଶୋକସନ୍ତପ୍ତ ବିଧବା ପତ୍ନୀ ପୁଅଝିଅ ଓ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ। ଶିକ୍ଷକ ସଙ୍ଘ ପକ୍ଷରୁ ୩୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ଏକ୍ସ କେଡର ଶିକ୍ଷକ ସଂଘ ସଭାପତି ଗଗନ ବିହାରୀ ପଟ୍ଟନାୟକ, ସମ୍ପାଦକ ଦେବିସିଂ ମାଝୀ, ନୋଡାଲ ସିଆରସିସି ବୈକୁଣ୍ଠ ଜାଲ, ଶିକ୍ଷକ ଈଶ୍ୱରୀ ପ୍ରସାଦ ଅଗସ୍ତି, ପଞ୍ଚାନନ ମାଝୀ, ରାମ ନାରାୟଣ ପୁଝାରି, ରଞ୍ଜିତ କୁମାର ଖମାରି, କେଦାରନାଥ ନାଏକ, ହରିହର ନାଏକ ପ୍ରମୁଖ ଶିକ୍ଷକ ସଂଘର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

# ରାଉରକେଲା ସିଭିଲ ଟାଉନ୍ସିପ୍ରେ ସେକ୍ସ ରାକେଟ ଠାବ

ସୁନ୍ଦରଗଡ଼ ,(ସବ୍ୟୁ): ରାଉରକେଲା ସହରର ସିଭିଲ ଟାଉନ୍ସିପ ଅଞ୍ଚଳରେ ଏକ ବଡ଼ ଧରଣର ସେକ୍ସ ରାକେଟ (ଦେହବ୍ୟାପାର) ଠାବ ହୋଇଛି। ରଘୁନାଥପାଲୀ ଥାନା ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସିଭିଲ ଟାଉନସିପ ଏଲ–ବ୍ଲକ ସ୍ଥିତ ଏକ ଘରେ ଅତର୍କିତ ଚଢ଼ାଉ କରି ଏହି ବେଆଇନ କାର୍ଯ୍ୟର ପର୍ଦ୍ଦାଫାଶ କରିଛି । ପୋଲିସର ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନ ସମୟରେ ଘଟଣାସ୍ଥଳରୁ ଦୁଇ ଜଣ ଯୁବତୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ବେଳେ ଏହି ରାକେଟ୍ର ମୁଖ୍ୟ ଅଭିଯୁକ୍ତ (କିଙ୍ଗପିନ) ସମେତ ମୋଟ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି।ଅଟକ ଥିବା ବ୍ୟକ୍ତିଙ୍କ ମଧ୍ୟରେ ଦୁଇ ଜଣ ସନ୍ଦିଗ୍ଧ ଗ୍ରାହକ ଏବଂ ଜଣେ ବୟସ୍କ ବ୍ୟକ୍ତି ଓ ଜଣେ ବୟସ୍କା ମହିଳା ସାମିଲ ଅଛନ୍ତି । ଅଭିଯୋଗ ହୋଇଛି ଯେ ଏହି ବ୍ୟକ୍ତିମାନେ ଯୁବତୀମାନଙ୍କୁ ପ୍ରଲୋଭନ ଦେଖାଇ ଦେହବ୍ୟାପାର ଭଳି ବେଆଇନ ତଥା ଘୃଣ୍ୟ କାର୍ଯ୍ୟରେ ନିୟୋଜିତ କରୁଥିଲେ। ଏକ ଆବାସିକ ଅଞ୍ଚଳରେ ଏଭଳି ଅନୈତିକ କାର୍ଯ୍ୟ ଚାଲିଥିବା ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ମଧ୍ୟ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ରଘୁନାଥପାଲୀ ପୋଲିସ ପକ୍ଷରୁ ତଦନ୍ତକୁ ଜୋର୍ଦାର କରାଯାଇଛି । ଏହି ସେକ୍ସ ରାକେଟ୍ର ଚେର କେଉଁଆଡ଼େ ଲମ୍ବିଛି ଏବଂ ଏହି ଗ୍ୟାଙ୍ଗରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେନେଇ ପୋଲିସ ତନାଘନା ଚଳାଇଛି । ଅଟକ ଥିବା ସମସ୍ତ ସନ୍ଦିଗ୍ଧଙ୍କୁ କଡ଼ା ପଚରାଉଚରା କରାଯାଉଛି । ବର୍ତ୍ତମାନ ପୋଲିସର ଛାନ୍ଭିନ ଜାରି ରହିଥିବା ବେଳେ ଆଗାମୀ ସମୟରେ ଏହି ମାମଲାରେ ଅଧିକ ତଥ୍ୟ ସାମ୍ନାକୁ ଆସିବା ନେଇ ଅପେକ୍ଷା କରାଯାଇଛି।

# ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼

ଖପ୍ରାଖୋଲ ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ର ପ୍ରସିଦ୍ଧ ଶୈବ ପୀଠ ତଥା ପର୍ଯ୍ୟଟନସ୍ଥଳୀ ହରିଶଙ୍କର ଠାରେ ଶ୍ରାବଣ ମାସର ପ୍ରଥମ ସୋମବାର ଅବସରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଥିଲା। ଭୋରରୁ ଓଡ଼ିଶାର ବିଭିନ୍ନ ଅଞ୍ଚଳ ସମେତ ପଡ଼ୋଶୀ ରାଜ୍ୟରୁ ହଜାର ହଜାର ଶ୍ରଦ୍ଧାଳୁ ହରିଶଙ୍କର ରେ ପହଞ୍ଚି ଭକ୍ତି ଓ ଆଧ୍ୟାତ୍ମିକତାର ଅନନ୍ୟ ପରିବେଶ ସୃଷ୍ଟି କରିଥିଲେ। ଭୋରରୁ ଶ୍ରଦ୍ଧାଳୁମାନେ ପବିତ୍ର ପାପନାଶିନୀ ଝରଣାରେ ସ୍ନାନ କରି ସେଠାରୁ ଜଳ ସଂଗ୍ରହ କରିଥିଲେ। ପରେ ଦୀର୍ଘ ସମୟ ଲମ୍ବା ଧାଡ଼ିରେ ଶୃଙ୍ଖଳିତ ଭାବେ ଅପେକ୍ଷା କରି ହରିଶଙ୍କର ମହାପ୍ରଭୁ ଙ୍କ ଠାରେ ଜଳାଭିଷେକ କରିଥିଲେ। 'ହର ହର ମହାଦେବ' ଧ୍ୱନିରେ ସମଗ୍ର ମନ୍ଦିର ପରିସର ମୁଖରିତ ହୋଇ ଉଠିଥିଲା। ଶ୍ରଦ୍ଧାଳୁଙ୍କ ବ୍ୟାପକ ସମାଗମ କୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ଓ ଖପ୍ରାଖୋଲ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା, ବେରିକେଡିଂ, ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହାଫଳରେ ଶ୍ରଦ୍ଧାଳୁମାନେ ଶାନ୍ତି ଓ ଶୃଙ୍ଖଳାର ସହିତ ଜଳାଭିଷେକ କରି ହରି ଓ ଶଙ୍କର ଙ୍କ ଦର୍ଶନ କରିଥିଲେ। ଅନୁକୂଳ ପାଗ ଯୋଗୁଁ ଚଳିତବର୍ଷ ପ୍ରଥମ ସୋମବାରରେ ଭକ୍ତଙ୍କ ସଂଖ୍ୟା ଗତବର୍ଷ ତୁଳନାରେ ଅଧିକ ଥିବା ଲକ୍ଷ୍ୟ କରାଯାଇଥିଲା। ସମଗ୍ର ଦର୍ଶନ ଓ ଜଳାଭିଷେକ କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପନ୍ନ ହୋଇଥିବା ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର ସୂଚନା ଦେଇଛନ୍ତି।

# ଭିଜିଲାନ୍ସ ଜାଲରେ ଟ୍ରାଫିକ ଇନ୍ସପେକ୍ଟର

ସୁନ୍ଦରଗଡ଼,(ସବ୍ୟୁ): : ସୁନ୍ଦରଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ)ର ଟ୍ରାଫିକ ଇନ୍ସପେକ୍ଟରଙ୍କୁ ଧରିଛି ଓଡ଼ିଶା ଭିଜିଲାନ୍ସ ।ମୁକେଶ କୁମାର ମିଶ୍ର ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି ।ସୁନ୍ଦରଗଡ–ରାଉରକେଲା ରାସ୍ତାର ବଡ ଗାଁ ନିକଟବର୍ତ୍ତୀ ଗରିଆମାଲ ଠାରେ ଧରାପଡିଲେ ଟ୍ରାଫିକ ଇନ୍ସପେକ୍ଟର ।ମିଳିଥିବା ସୂଚନା ଅନୁଯାୟୀ, ଅଭିଯୋଗକାରୀ (ଟ୍ରକ ମାଲିକ)ଙ୍କର ଦୁଇଟି ହାଇୱା ଟ୍ରକ ରହିଛି। ଗତ ଦୁଇ ମାସ ଧରି ନିଜ ଅଞ୍ଚଳରେ କୌଣସି ବାଧାବିଘ୍ନ ନକରି ଗାଡ଼ି ଚଳାଇଦେବା ପାଇଁ ଅଭିଯୁକ୍ତ ଟ୍ରାଫିକ ଇନସ୍ପେକ୍ଟର ମିଶ୍ର ଟ୍ରକ ମାଲିକଙ୍କୁ ମାସିକିଆ ବଟି ବାବଦକୁ ୨୦,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ଟଙ୍କା ନଦେଲେ ଗାଡ଼ି ଚଳାଚଳରେ ବାଧା ସୃଷ୍ଟି କରାଯିବ ବୋଲି ସେ ଧମକ ଦେଇଥିଲେ। ଲାଞ୍ଚ ଦେବାକୁ ଅସମର୍ଥ ହେବାରୁ ସମ୍ପୃକ୍ତ ଟ୍ରକ ମାଲିକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ।ଅଭିଯୋଗ ଆଧାରରେ ଭିଜିଲାନ୍ସ ଏକ ଯୋଜନାବଦ୍ଧ ଚଢ଼ାଉ କରି ମୁକେଶ କୁମାର ମିଶ୍ରଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରିଛି । ତାଙ୍କ ନିକଟରୁ ସମ୍ପୂର୍ଣ୍ଣ ଲାଞ୍ଚ ଟଙ୍କା ଜବତ କରାଯାଇଛି। ବର୍ତ୍ତମାନ ୩ଟି ସ୍ଥାନରେ ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏକକାଳୀନ ଚଢ଼ାଉ ଜାରି ରହିଛି। ଏହି ମାମଲାରେ ରାଉରକେଲା ଭିଜିଲାନ୍ସ ଥାନାରେ କେସ ନମ୍ବର–୦୬/୨୦୨୬ ରେ ମାମଲା ରୁଜୁ ହୋଇଛି।

# ଆମ୍ବୁଲାନ୍ସ ଭିତରେ ସନ୍ତାନ ପ୍ରସବ କଲେ ମହିଳ

ଗୁଣପୁର,(ସବ୍ୟୁ) : ରାୟଗଡ଼ା ଜିଲା ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୧୦୮ ଆମ୍ବୁଲାନ୍ସର ଫାର୍ମାସିଷ୍ଟ ଯଶୋବନ୍ତ ନାୟକ ମହାନତା ଦେଖାଇ ଜଣେ ପ୍ରସୂତିଙ୍କ ସହ ଶିଶୁକନ୍ୟାର ଜୀବନ ବଞ୍ଚାଇଛନ୍ତି। ରବିବାର ସ୍ଥାନୀୟ ସଙ୍ଗା ଗ୍ରାମରୁ ଗର୍ଭବତୀଙ୍କୁ ଆଣିବା ସମୟରେ ରାସ୍ତାରେ ଯିବା ବେଳେ ପ୍ରସବ ବେଦନା ବଢ଼ି ଯାଇଥିଲା। ଆମ୍ବୁଲାନ୍ସ ଭିତରେ ହିଁ ଫାର୍ମାସିଷ୍ଟ ଜଣକ ନିଜ ଅଭିଜ୍ଞତା ଓ ସାହସରେ ଆଶା ସଞ୍ଜୁ ମାଝୀଙ୍କ ସହାୟତାରେ ସୁରକ୍ଷିତ ଭାବେ ଶିଶୁ କନ୍ୟାର ପ୍ରସବ କରାଇଥିଲେ। ମା' ଓ ଝିଅ ଉଭୟ ସୁସ୍ଥ ଅଛନ୍ତି। କିଛି ମିନିଟ ଭିତରେ ମୃତ୍ୟୁ ଓ ଜୀବନର ଫରକ ଥାଏ। ସେହି ସମୟରେ ୧୦୮ ଟିମ ଦେଖାଇଥିବା ତତ୍ପରତା ଓ ସେବା ଭାବନା ଉଚ୍ଚ ପ୍ରଶଂସନୀୟ। ଏହି ଭଳି ଏକ ମହାନ କାର୍ଯ୍ୟରେ ସହଯୋଗୀ ରବି ଶବର ଓ ଚାଳକ ଏମ. ମାଧବ ସହଯୋଗ କରିଥିଲେ।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର

କର୍ଲାମୁଣ୍ଡା,(ସବ୍ୟୁ): : କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହଲ ପଞ୍ଚାୟତ ଅବୁଜବାହଲ ଗ୍ରାମର କଲୋନୀ ପଡାର ନିଳକଣ୍ଠ ଭୋଇଙ୍କ ପରିବାର ଆବାସ ଯୋଜନାରୁ ବଞ୍ଚିତ ହୋଇ ଦୟନୀୟ ଭାବେ ଜୀବନ ବିତାଉଛନ୍ତି। ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ବାରମ୍ବାର ଆବେଦନ କରି ସୁଦ୍ଧା ପରିବାର ଏଥିରୁ ବଞ୍ଚିତ ହୋଇଛନ୍ତି। ଫଳରେ ଭଙ୍ଗା ଦଦରା ଝାଟିମାଟି କୁଡିଆରେ ଏମାନଙ୍କ ଜୀବନ ବିତୁଛି। ଏପରି କି ସମ୍ବଳ ଅଭାବରୁ ଘରକୁ ମରାମତି କରିପାରୁନାହାନ୍ତି। ଦୀର୍ଘ ବର୍ଷ ହେବ ଏମାନେ ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଯୋଜନା ଅପହଞ୍ଚ ରହିଥିବା ଅଭିଯୋଗ ହୋଇଛି। କିଛି ଦିନ ହେଲା ଲଗାଣ ବର୍ଷା ସହିତ ପ୍ରବଳ ଝଡ଼ ପବନ ଯୋଗୁ ଘର ଭୁଶୁଡ଼ିବା ସହ କାନ୍ଥ ସବୁ ପଡ଼ିଯାଇଛି। ଯାହାଫଳରେ ଘରେ ଶୋଇଥିବା ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏଭଳି ପରିସ୍ଥିତିରେ ବିକଳ୍ପ ବ୍ୟବସ୍ଥା ନ ଥିବାରୁ ବାଧ ହୋଇ ଆଜି ଘର ଉପରେ ଜରିପାଲ ପକାଇ ବିପଦସଙ୍କୁଳ ଅବସ୍ଥାରେ ରହୁଛନ୍ତି।ଏହି ସମ୍ପର୍କରେ ବିଡ଼ିଓ ସୁଚରିତା ମୁଗ୍ରୀ ଓ ସରପଞ୍ଚ ଅରବିନ୍ଦ ଗହିରଙ୍କୁ ପଚାରିବାରୁ ଯଥାଶୀଘ୍ର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପରିବାରକୁ ସାମିଲ କରି ଘର ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ପାଚିକା ଓ ସହାୟିକାଙ୍କ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର



ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ପାଚିକା ଓ ସହାୟିକା ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି ।ପ୍ରଧାନମନ୍ତ୍ରୀ ପୋଷଣ ଓ ମୁଖ୍ୟମନ୍ତ୍ରୀ ପୋଷଣ ଆନୁକୂଲ୍ୟରେ ଆୟୋଜିତ ପାଚିକା–ସହାୟିକା ।ନଙ୍କ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଭାବେ ଏବିଇଓ ସୁବାସ ଚନ୍ଦ୍ର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋରୀ ଶଙ୍କର ସାମନ୍ତରାୟ ଯୋଗ ଦେଇଥିଲେ। ୨୩୮ ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫୯୪ ଜଣ ପାଚିକା ଓ ସହାୟିକା ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତା ସମ୍ବନ୍ଧୀୟ ପ୍ରଶିକ୍ଷଣ ନେଇଥିଲେ।ପ୍ରଶିକ୍ଷକ ଭାବେ ଶିକ୍ଷକ ଲବ ପେଂଠିଆ, ଆଶିଷ କୁମାର ପ୍ରଧାନ, ଶିକ୍ଷୟିତ୍ରୀ ଉମା ଶଙ୍କରୀ ଆଚାର୍ଯ୍ୟ ଯୋଗ ଦେଇ ପାଚିକା ଓ ସହାୟିକା ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।ଶେଷ ଦିନରେ ପ୍ରଶିକ୍ଷଣ ନେଇଥିବା ସମସ୍ତ ପାଚିକା ଓ ସହାୟିକା ମାନଙ୍କୁ ଏବିଇଓ ସୁବାସ ଚନ୍ଦ୍ର ମାଝୀ ପ୍ରମାଣ ପତ୍ର ପ୍ରଦାନ କରିଥିଲେ।ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ର ଏମଡିଏମ ଡାଟା ଏଣ୍ଟ୍ରି ସତ୍ୱାଗତିକା ସାନ୍ତ୍ରା ପରିଚାଳନା କରିଥିବା ବେଳେ ଶିକ୍ଷକ ମିଳନ କୁମାର ଦାସ,ରାଜେଶ କୁମାର ନାୟକ ସହଯୋଗ କରିଥିଲେ।

# ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

କନ୍ଧମାଳ , (ସବ୍ୟୁ): କନ୍ଧମାଳ ଥାନା ଖଇରମାଳ ଗ୍ରାମରୁ ୬୮କେଜି ଗଂଜେଇ ଜବତ ଜବତ କରିବା ସହ ଜଣେ ଅଭିଯୁକ୍ତ ଗିରଫ କରିଛି ପୋଲିସ। କନ୍ଧମାଳ ଥାନାଧିକାରୀ ଓମ ପ୍ରକାଶ ମହାନ୍ତି ଙ୍କ ନେତୃତ୍ୱରେ ପୁଲିସ ଟିମ ପେଟ୍ରୋଲିଂ କରୁଥିବା ସମୟରେ କନ୍ଧମାଳ ଥାନା ଖଇରମାଳ ଗ୍ରାମର ଲିଙ୍ଗରାଜ ସାହୁଙ୍କ ଘରେ ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ସେଠାରେ ଚଢ଼ଉ କରିଥିଲେ । ଚଢ଼ାଉରେ ଘଟଣାସ୍ଥଳରୁ ଗଞ୍ଜେଇ ଜବତ କରିଥିଲା ପୁଲିସ । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରିବାରୁ ଜବତ ଗଞ୍ଜେଇର ପରିମାଣ ୬୮କେଜି ହୋଇଥିଲା । ଗଞ୍ଜେଇ ଚାଲାଣ ରେ ସମ୍ପୃକ୍ତ କନ୍ଧମାଳ ଥାନା ଖଇରମାଳ ଗ୍ରାମର ଲିଙ୍ଗରାଜ ସାହୁଙ୍କୁ ପୁଲିସ ଗିରଫ କରି ସୋମବାର ଦିନ କୋର୍ଟ ଚାଲାଣ କରିଛି । ଏ ନେଇ କନ୍ଧମାଳ ଥାନାରେ ଏନ୍ଡିପିଏସ ଆକ୍ଟରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚାଲିଥିବା ଥାନାଧିକାରୀ ଓମପ୍ରକାଶ ମହାନ୍ତି ସୂଚନା ଦେଇଛନ୍ତି।

# ରଶି ଦେଇ ଆତ୍ମହତ୍ୟା

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା ଧମା ଥାନା ଅନ୍ତର୍ଗତ ଅର୍ଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ନାବାଳିକା ବେକରେ ରଶି ଦେଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଏନେଇ ଧମା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ଅର୍ଡ଼ା ଗ୍ରାମର ବୃନ୍ଦାବତୀ ମାଝୀ(୧୩) କୌଣସି କାରଣରୁ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଏହାର ତଦନ୍ତ କରୁଛି।

# ଅଭିଭାବକମାନଙ୍କ ସ୍ୱତନ୍ତ୍ର ଅଧିବେଶନ




ରେଢ଼ାଖୋଲ ,(ସବ୍ୟୁ): ଚନ୍ଦନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନାକଟିଦେଉଳ ଠାରେ ରବିବାର ପିଲାମାନଙ୍କ ଗଢ଼ିବା କିପରି : ଅଭିଭାବକ ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି ।ଏହି ସଚେତନତା କାର୍ଯ୍ୟକ୍ରମରେ ଅଭିଭାବକ, ଶିକ୍ଷକ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଉତ୍ସାହର ସହ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସଂଜୟ କୁମାର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଆଲୋଚକ ଭାବେ ବରଗଡ ପାର୍ବତୀଗିରି ମହିଳା ମହାବିଦ୍ୟାଳୟର ଅଧ୍ୟାପକ,ଡ଼ଃ. ପ୍ରଶାନ୍ତ କୁମାର ଦାଶ ଯୋଗଦେଇ ଅଭିଭାବକମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ପିଲାଙ୍କ ସର୍ବାଙ୍ଗୀନ ବିକାଶରେ ପରିବାରର ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ପିଲାଙ୍କ ସହ ସକାରାତ୍ମକ ବ୍ୟବହାର, ସ୍ନେହ, ପ୍ରୋତ୍ସାହନ, ଶୃଙ୍ଖଳା, ନୈତିକ ମୂଲ୍ୟବୋଧର ବିକାଶ ଏବଂ ମୋବାଇଲ୍ର ସୀମିତ ବ୍ୟବହାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅଭିଭାବକମାନେ ପିଲାଙ୍କୁ କେବଳ ଶିକ୍ଷାଗତ ସଫଳତା ପାଇଁ ନୁହେଁ, ବରଂ ଜଣେ ଦାୟିତ୍ୱବାନ, ମାନବିକ ଓ ଆତ୍ମବିଶ୍ୱାସୀ ନାଗରିକ ଭାବେ ଗଢ଼ି ତୋଳିବା ପାଇଁ ସମୟ ଦେବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ଅଭିଭାବକମାନେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ ଏବଂ ଡ଼ଃ. ଦାଶ ସେଗୁଡ଼ିକର ବ୍ୟବହାରିକ ସମାଧାନ ଓ ପରାମର୍ଶ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ଶୁଭେନ୍ଦ୍ର କୁମାର ପ୍ରଧାନ ଓ ମଧୁବନ ସାହିତ୍ୟ ସଂସଦର ସମ୍ପାଦକ ସୁଶାନ୍ତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦେଇଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ଜିତେନ୍ଦ୍ରୀୟ ସାହୁ ସଂଯୋଜନା କରିଥିବାବେଳେ ଶିକ୍ଷକ ଦଣ୍ଡଧର ନାଏକ,ଶାରଦା ବେହେରା,ରୋହିଣୀ ଭୋଇ ଓ ଅନୀତା ନାଏକ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ରମାକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କେଶବ ଚନ୍ଦ୍ର ନାୟକଙ୍କ ଗଳ୍ପ ସଂକଳନ ଅନ୍ତର୍ଦାହ ଉନ୍ମୋଚିତ

ମାଲକାନଗିରି,(ସବ୍ୟୁ): ମାଲକାନଗିରି କନିଷ୍ଠ ମହିଳା ମହାବିଦ୍ୟାଳୟ ଠାରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଦାରା ଆୟୋଜିତ ଜିଲ୍ଲା ସ୍ତରୀୟ କନଭେନସନ କାର୍ଯ୍ୟକ୍ରମରେଉତ୍କଳ ସାହିତ୍ୟ ସଂସଦ ସଭାପତି କେଶବ ଚନ୍ଦ୍ର ନାୟକଙ୍କ ଦ୍ୱାରା ରଚିତ ଗଳ୍ପ ସଂକଳନ ପୁସ୍ତକ ଓଷ୍ଟାର ପୂର୍ବତନ ରାଜଯ ସଭାପତି ପଞ୍ଚାନନ ଗୌଡଙ୍କ କର ଅମଳରେ ଉନ୍ମୋଚିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ଓଷ୍ଟାର ମାଲକାନଗିରି ଜିଲ୍ଲା ସଭାପତି ଅଲେଖ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିବା ବେଳେ ମୁଖ୍ୟ ଅତିଥି ଭାବେ ଓଷ୍ଟାର ରାଜ୍ୟ ଯୁଗ୍ମ ସମ୍ପାଦକ ବ୍ରଜ ବିଶ୍ୱାଳ,ମୁଖ୍ୟ ବକ୍ତା ଭାବେ ଓଷ୍ଟାର ରାଜ୍ୟ କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ରାଜ୍ୟସଭାପତି ପଞ୍ଚାନନ ଗୌଡ, କୈଳାସ ଚନ୍ଦ୍ର ପଣ୍ଡା, ଜିଲ୍ଲା ପ୍ରଭାରୀ ବିଜୟ କୁମାର ଭଟ, ସନ୍ତୋଷ କୁମାର ସାହୁ, ରବିନ୍ଦ୍ର କୁମାର ଯୋଶୀ, ଜିଲ୍ଲା ସଂପାଦକ କୋରାପୁଟ ଅଶୋକ କୁମାର ପଟ୍ଟନାୟକ, ମାଲକାନଗିରି ଜିଲ୍ଲା ସଂପାଦକ ମନୋଜ କୁମାର ମହାପାତ୍ର,ଅଜୟ କୁମାର ସ୍ୱାଇଁ ଜିଲ୍ଲା ଉପସଭାପତି ସୂର୍ଯ୍ୟକାନ୍ତ ପାଣିଗ୍ରାହୀ, ପୂର୍ବତନ କନିଷ୍ଠ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ଜେନା ଏବଂ ୬୬୨ ବର୍ଗର ସଭାପତି ସଞ୍ଜୀବ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ।ଗାଳ୍ପିକ କେଶବ ଚନ୍ଦ୍ର ନାୟକ ଓଡ଼ିଶା ସାହିତ୍ୟ ଜଗତର ଏକ ଅନନ୍ୟ ପ୍ରତିଭା। ସେ ଏକାଧାରରେ ଜଣେ ସାମ୍ବାଦିକ, ସୁବକ୍ତା, ସମାଜସେବୀ, ସଂଗଠକ, କବି, ଗାଳ୍ପିକ ଓ ଗ୍ରନ୍ଥକାର ଅଟନ୍ତି। ବର୍ତ୍ତମାନ ତାଙ୍କ ଦ୍ୱାରା ଲିଖିତ ୧୦ ଗୋଟି ପୁସ୍ତକ ଆତ୍ମପ୍ରକାଶ ପାଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶ୍ରୀ ନାୟକ ମାଲକାନଗିରି ଭଳି ଏକ ପଛୁଆ ଜିଲ୍ଲାରେ ସାମ୍ବାଦିକ ଭାବେ କାର୍ଯ୍ୟରତ ଥିବା ବେଳେ ସେ ସାହିତ୍ୟ ସାଧନାରେ ସମଗ୍ର ଜୀବନକୁ ଉତ୍ସର୍ଗ କରିଛନ୍ତି। ଏହା ଏକ ବିରଳ ପ୍ରତିଭା ବୋଲି ଅତିଥିମାନେ ମତ ବିନ୍ୟାସ କରିଥିଲେ। ଆଗାମୀ ଦିନରେ ଅନ୍ତର୍ଦାହ ଗଳ୍ପ ସଂକଳନରେଯେଉଁ ୧୫ ଗୋଟି ଗଳ୍ପ ସ୍ଥାନ ପାଇଛି, ସେଗୁଡିକ ହେଲା:ମନତଳର ସ୍ୱପ୍ନ, ମାଳତୀ, ଅନ୍ତର୍ଦାହ,ଅଛବ,ସେଇ ଘର, ଅଜଣା ସମ୍ପର୍କ, ଅକୁହା ମାତୃ, ଟଙ୍କାଏ ପୁରସ୍କାର,ଶୈଶର ସ୍ମୃତି, ଅସ୍ଥିର ଅସ୍ତିବ,ଡାକବାଲା, ପୁରୁଣା ପାଣ୍ଡୁଲିପି,ଆମ ଗାଁ ଚାଟଶାଳୀ,ବୁଲା କୁକୁର ଏବଂ ମଶାଣି। ଏହା ଗୋଟିଏ ଗୋଟିଏ ମନସ୍ତତ୍ତ୍ୱ ଗଳ୍ପ ଗୁଚ୍ଛ ।।ତାହା ପାଠକୀୟ ଆଦୃତି ଲାଭ କରିବ ବୋଲି କୁହାଯାଇଛି।

# କଣ୍ଟାବାଞ୍ଜିରେ କଂଗ୍ରେସର ବିଏଲଏ-୨ ପ୍ରଶିକ୍ଷଣ ଶିବିର




କଣ୍ଟାବାଞ୍ଜି, (ସବ୍ୟୁ) : ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ଆଜି କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ରର ବୁଥ୍ ସ୍ତରୀୟ କର୍ମୀଙ୍କ ପାଇଁ ବିଏଲଏ-୨ ପ୍ରଶିକ୍ଷଣ ଶିବିର ପୂର୍ବତନ ବିଧାୟକ ତଥା ରାଜ୍ୟ ଉପସଭାପତି ସନ୍ତୋଷ ସିଂ ସାଲୁଜାଙ୍କ ନେତୃତ୍ୱରେ ଆୟୋଜନ କରାଯାଇଛି। ଏହି ଶିବିର ସକାଳ ୧୧ଟାରେ କଣ୍ଟାବାଞ୍ଜି ସ୍ଥିତ ଜି.ଆର୍. ପ୍ୟାଲେସରେ ଅନୁଷ୍ଠିତ ହେବା। କଂଗ୍ରେସର ବରିଷ୍ଠ ନେତା ତଥା ରାଜ୍ୟ ମେଡିଆ ପ୍ରଭାରୀ ଅରବିନ୍ଦ ଦାଶ ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ବୁଥ୍ ସ୍ତରର କର୍ମୀମାନଙ୍କୁ ନିର୍ବାଚନୀ ପ୍ରସ୍ତୁତି, ଭୋଟର ତାଲିକା ପରିଚାଳନା ଏବଂ ସଂଗଠନକୁ ସୁଦୃଢ଼ କରିବା ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ। ଦଳ ପକ୍ଷରୁ ସମସ୍ତ ବିଏଲଏ ଓ କଂଗ୍ରେସ କର୍ମୀଙ୍କୁ ଶିବିରରେ ଯୋଗଦେଇ ପ୍ରଶିକ୍ଷଣର ସୁଯୋଗ ନେବାକୁ ଆହ୍ୱାନ କରାଯାଇଛି । ବୁଥ୍ ସ୍ତରରେ ସଂଗଠନକୁ ଅଧିକ ସକ୍ରିୟ କରିବା ଏବଂ ନିର୍ବାଚନୀ କାର୍ଯ୍ୟକୁ ସୁଦୃଢ଼ କରିବା ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀ ସାଲୁଜା କହିବା ସହ ଶାସକ ଦଳକୁ ସମାଲୋଚନା କରିଥିଲେ । ଭୋଟର ତାଲିକାରୁ ଜାଣି ଜାଣି ନାଁ କଟା ଯାଉଛେ ବୋଲି ସିଧାସଳଖ ଅଭିଯୋଗ କରିବା ସହିତ ଏହି ପଂଚାୟତ ନିର୍ବାଚନରେ ଭୋଟର ମାନେ ବିଜେପିକୁ କଡା ଜବାବ ଦେବେ କହିଛନ୍ତି । ଅନ୍ୟ ପକ୍ଷରେ ଏହି କାର୍ଯ୍ୟକ୍ରମ ଜିଲ୍ଲା ସଭାପତି ଅନୀଲ ମେହେର, ବଙ୍ଗୋମୁଣ୍ଡା ବ୍ଲକ ଉପାଧ୍ୟକ୍ଷ କେଶବ ଜୈନ, ଜିଲ୍ଲା ପରିଷଦ ସଦସ୍ୟ କୌଶିକ ମେହେର, ଓଁ କୁମ୍ଭାର, ନିତି ବ୍ଲକର ସଭାପତି ସହ କଣ୍ଟାବାଞ୍ଜି ଏନଏସି ଉପ ଅଧକ୍ଷା ମନୋରମା ରାଉତ ପ୍ରମୁଖ ମଞ୍ଚାସିନ ଥିଲେ ।

# ନକଲି ମ୍ୟାନେଜର, ଅସଲି ଠକେଇ

ବଲାଙ୍ଗିର, (ସବ୍ୟୁ) : ଜିଲ୍ଲାରେ ପୁଣି ସାମ୍ନାକୁ ଆସିଛି ଏକ ବଡ଼ ଠକେଇ ଘଟଣା। ନିଜକୁ ଏକ ବ୍ୟାଙ୍କର ମ୍ୟାନେଜର ବୋଲି ପରିଚୟ ଦେଇ ଚାଷୀଙ୍କ ବିଶ୍ୱାସ ଜିତିବା ପରେ ସେମାନଙ୍କ ନାଁରେ ଅନଲାଇନ ଲୋନ କରି ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗ ଉଠିଛି । ଏହି ଘଟଣାରେ ପ୍ରାୟ କୋଡ଼ିଏରୁ ଅଧିକ ଚାଷୀ ପ୍ରଭାବିତ ହୋଇଥିବା ବେଳେ ବିଭିନ୍ନ ଥାନାରେ ଅଭିଯୋଗ କରାଯାଇଥିଲେ ମଧ ଆଶାନୁରୂପ ପଦକ୍ଷେପ ନିଆଯାଇ ନଥିବାରୁ ପୀଡ଼ିତମାନେ ବଲାଙ୍ଗିର ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁସାରେ, ପୁଇଁନ୍ତଲା ଥାନା ଅନ୍ତର୍ଗତ ଖଇରମାଳ ଗାଁର ଅଞ୍ଜନ କୁମାର ନାଗ ଏହି ଠକେଇର ମୁଖ୍ୟ ଅଭିଯୁକ୍ତ। ସେ ପୂର୍ବରୁ ଏକ କୋଚିଂ ସେଣ୍ଟର ଚଳାଉଥିଲେ । ପରବର୍ତ୍ତୀ ସମୟରେ ନିଜକୁ ଏକ ପ୍ରତିଷ୍ଠିତ ବ୍ୟାଙ୍କର ମ୍ୟାନେଜର ବୋଲି ପରିଚୟ ଦେଇ ଲୋକଙ୍କ ସହ ସମ୍ପର୍କ ବଢ଼ାଇଥିଲେ । ପ୍ରଥମେ ନିଜର ଘନିଷ୍ଠ ପରିଚିତମାନଙ୍କୁ ବିଶ୍ୱାସରେ ନେଇ ଲୋନ କରାଇ ଦେବାର ପ୍ରତିଶ୍ରୁତି ଦେଇଥିଲେ । ଏଥିସହ ଯେଉଁମାନେ ଲୋନ ପାଇଁ ଗ୍ରାହକ ଯୋଗାଇ ଦେବେ ସେମାନଙ୍କୁ ପ୍ରତି ଗ୍ରାହକ ପିଛା ଚାରିରୁ ପାଞ୍ଚ ହଜାର ଟଙ୍କା କମିଶନ ଦେବାର ଲୋଭ ଦେଖାଇଥିବା ଅଭିଯୋଗ ହୋଇଛି । କମିଶନ ପାଇବା ଆଶାରେ କିଛି ଯୁବକ ନିଜର ଦଲିଲପତ୍ର ଦେବା ସହ ବିଭିନ୍ନ ଅଞ୍ଚଳରୁ ଚାଷୀ ଓ ଅନ୍ୟ ଲୋକଙ୍କୁ ଲୋନ କରାଇବା ପାଇଁ ତାଙ୍କ ପାଖକୁ ନେଇଥିଲେ । ଅଞ୍ଜନ ସମସ୍ତଙ୍କର ଆଧାର କାର୍ଡ, ପାନ୍ କାର୍ଡ, ବ୍ୟାଙ୍କ ପାସବୁକ୍ ଓ ଅନ୍ୟାନ୍ୟ ଦଲିଲପତ୍ର ସଂଗ୍ରହ କରି ବିଭିନ୍ନ ଅନଲାଇନ ଫାଇନାନ୍ସ କମ୍ପାନୀ ଏବଂ ଡିଜିଟାଲ ଲେଣ୍ଡିଂ ପ୍ଲାଟଫର୍ମ ମାଧମରେ ସେମାନଙ୍କ ନାଁରେ ଲୋନ କରିଥିବା ଅଭିଯୋଗ ରହିଛି । କିନ୍ତୁ ସେହି ଟଙ୍କା ଲୋନ ଆବେଦନକାରୀଙ୍କୁ ନଦେଇ ନିଜେ ହଡ଼ପ କରିଥିବା ଅଭିଯୋଗ ହୋଇଛି ଘଟଣାର ପର୍ଦାଫାସ ସେତେବେଳେ ହୋଇଥିଲା, ଯେତେବେଳେ ବିଭିନ୍ନ ଅନଲାଇନ ଋଣ ପ୍ରଦାନକାରୀ ସଂସ୍ଥାରୁ ଚାଷୀମାନଙ୍କ ମୋବାଇଲକୁ ଲୋନ ପରିଶୋଧ କରିବା ପାଇଁ ବାରମ୍ବାର ଫୋନ ଆସିବା ଆରମ୍ଭ ହୋଇଥିଲା। ଋଣ କିସ୍ତି ନ ଦେଲେ ଆଇନଗତ ପଦକ୍ଷେପ ନିଆଯିବ ବୋଲି ଧମକ ମିଳୁଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି । ଅନେକ ପୀଡ଼ିତଙ୍କ କହିବା ଅନୁସାରେ, ସେମାନେ କେବେ ବି ଏପରି କୌଣସି ଲୋନ ନେଇନଥିଲେ । କେବଳ ବ୍ୟାଙ୍କରୁ ଋଣ କରାଇ ଦେବା ନାଁରେ ନିଜର ଦଲିଲପତ୍ର ଦେଇଥିଲେ ପୀଡ଼ିତମାନଙ୍କ ମଧ୍ୟରୁ ପୁରୁଷୋତ୍ତମ କୁମ୍ଭାର ଓ ଘନଶ୍ୟାମ ନାଗଙ୍କ ସମେତ ଅନେକେ ଏହି ଘଟଣା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି । କିନ୍ତୁ ଦୀର୍ଘ ସମୟ ବିତିଥିଲେ ମଧ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହୋଇନଥିବାରୁ ସେମାନେ ନିରାଶ ହୋଇଛନ୍ତି । ଏହାପରେ ସମସ୍ତ ପୀଡ଼ିତ ଏକାଠି ହୋଇ ବଲାଙ୍ଗିର ଏସପିଙ୍କୁ ଭେଟି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ସହ ସେମାନଙ୍କ ନାଁରେ ହୋଇଥିବା ଋଣକୁ ବାତିଲ କରିବା ପାଇଁ ଦାବି କରିଛନ୍ତି । ଏପଟେ ସୋସିଆଲ ମିଡିଆରେ ଅଭିଯୁକ୍ତ ଅଞ୍ଜନ କୁମାର ନାଗଙ୍କ ଏକ ଭିଡିଓ ସାମ୍ନାକୁ ଆସିଛି । ସେହି ଭିଡିଓରେ ସେ ଘଟଣାକୁ ନେଇ ନିଜର ଭୁଲ ସ୍ୱୀକାର କରିଥିବା ସହ ସମସ୍ତଙ୍କ ସମସ୍ୟାର ସମାଧାନ କରିବେ ବୋଲି କହିଥିବା ଦେଖିବାକୁ ମିଳିଛି। ତେବେ କେବଳ ଭିଡିଓ ବାର୍ତ୍ତାରେ ସମସ୍ୟାର ସମାଧାନ ହେବ ନାହିଁ ବୋଲି ପୀଡ଼ିତମାନେ କହିଛନ୍ତି । ସେମାନଙ୍କ ଦାବି ହେଉଛି, ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଠକେଇରେ ଜଡ଼ିତ ସମସ୍ତଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ନିଆଯାଉ ଏବଂ ପୀଡ଼ିତ ଚାଷୀମାନଙ୍କୁ ନ୍ୟାୟ ପ୍ରଦାନ କରାଯାଉ।

# ଷଣ୍ଢପଥର ଆଶ୍ରମ ସ୍କୁଲ ହଷ୍ଟେଲରୁ ଛାତ୍ର ନିଖୋଜ ଘଟଣାର ତଦନ୍ତ

ଜମନକିରା,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଅନ୍ତର୍ଗତ ଷଣ୍ଢପଥର ଏସଏସଡି ସରକାରୀ ହାଇସ୍କୁଲ (ଆଶ୍ରମ ସ୍କୁଲ) ହଷ୍ଟେଲରୁ ଜଣେ ନବମ ଶ୍ରେଣୀ ଛାତ୍ର ନିଖୋଜ ହୋଇଯିବା ଭଳି ଏକ ସଂବେଦନଶୀଳ ଘଟଣାକୁ ଆଜି ଦୁଇ ଦିନ ପୁରି ଯାଇଥିବା ସତ୍ତ୍ୱେ ନିଖୋଜର କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ। ଛାତ୍ରଜଣଙ୍କ ନାମ ରୋହିତ ମୁଣ୍ଡା (୧୭)। ସେ ଅଇଁଠାପାଲି ଥାନା ଅନ୍ତର୍ଗତ ମେଲଛାମୁଣ୍ଡା ଗାଁର ବୋଲି ଜଣାପଡ଼ିଛି। ସେ ଗତ ୩ ବର୍ଷ ହେବ ୬ଷ୍ଠ ଶ୍ରେଣୀରୁ ଷଣ୍ଢପଥର ସ୍କୁଲରେ ନାମ ଲେଖାଇ ହଷ୍ଟେଲରେ ରହୁଥିଲା। ରବିବାର ସକାଳେ ରୋହିତ ଅନ୍ୟ ସହପାଠୀମାନଙ୍କ ସହ ଟିଫିନ କରିଥିଲେ। କିନ୍ତୁ ଅପରାହ୍ନରେ ମଧ୍ୟାହ୍ନ ଭୋଜନ ସମୟରେ ତାଙ୍କୁ ବିଦ୍ୟାଳୟ ପରିସରରେ ଦେଖିବାକୁ ମିଳିନଥିଲା। ଏହାପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଶିକ୍ଷକମାନେ ସମଗ୍ର ବିଦ୍ୟାଳୟ ପରିସର ଓ ସମ୍ଭାବ୍ୟ ସ୍ଥାନ ଗୁଡ଼ିକରେ ଖୋଜାଖୋଜି କରିଥିଲେ। ସେ ମିଶୁଥିବା ସହପାଠୀମାନଙ୍କୁ ପଚରାଉଚରା କରାଯାଇଥିଲେ ସୁଦ୍ଧା କୌଣସି ସନ୍ଧାନ ମିଳିନଥିଲ ।ଘଟଣା ସମ୍ପର୍କରେ ବିଦ୍ୟାଳୟର ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷିପ୍ରୀୟା ସାହୁ, ହଷ୍ଟେଲ ଦାୟିତ୍ୱରେ ଥିବା ଏବଂ ଡବ୍ଲୁଇଓ ଐଶ୍ୱର୍ଯ୍ୟ ନାୟକ ଖବର ଜାଣିଲା ପରେ ତୁରନ୍ତ ଛାତ୍ରଙ୍କ ପିତାମାତାଙ୍କୁ ଅବଗତ କରାଇଥିଲେ। ପରେ ରବିବାର ଅପରାହ୍ନ ପ୍ରାୟ ୫ଟା ସମୟରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜମନକିରା ଥାନାରେ ଲିଖିତ ଏତଲା ଦାଖଲ କରାଯାଇଥିଲା। ଖବର ପାଇ ରୋହିତଙ୍କ ମାତା ଶାନ୍ତି ମୁଣ୍ଡା ଓ ପିତା ଜମନକିରା ଥାନାରେ ପହଞ୍ଚି ନିଖୋଜ ବାବଦରେ ଜଣାଇବା ସହ ପୁଅର ଗତିବିଧି, ସହପାଠୀ ଓ ବନ୍ଧୁବାନ୍ଧବଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଜମନକିରା ଥାନା ଅଧିକାରୀ ରଞ୍ଜନ ନାଗଙ୍କ ସୂଚନା ଅନୁସାରେ, ଅଭିଯୋଗ ପାଇବା ପରେ ପୋଲିସ ମାମଲାର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ଟିମ ଆଜି ସ୍କୁଲକୁ ଯାଇ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ପରିବାର ଲୋକଙ୍କୁ ପଚରା ଉଚରା କରିଛି। ଛାତ୍ର ଠାରୁ ଜବତ ହୋଇଥିବା ଏକ ମୋବାଇଲ କୁ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି। ନିକଟସ୍ଥ ଅଞ୍ଚଳ, ବସ ଷ୍ଟାଣ୍ଡ, ରେଳ ଷ୍ଟେସନ ଓ ଅନ୍ୟାନ୍ୟ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ପୋଲିସ ପକ୍ଷରୁ ଛାନଭିନ ଜାରି ରହିଛି।

# ବୋଲବମ ଭକ୍ତଙ୍କୁ ପ୍ରସାଦ ବାଣ୍ଟିଲେ ୟଙ୍ଗଷ୍ଟାର ଆସୋ ସିଏସନ

କନ୍ଧମାଳ, (ସବ୍ୟୁ): ପବିତ୍ର ଶ୍ରାବଣ ମାସ ପ୍ରଥମ ସୋମବାର ଉପଲକ୍ଷେ ୟଙ୍ଗ ଷ୍ଟାର ଆସୋସିଏସନ କନ୍ଧମାଳ ପକ୍ଷରୁ କନ୍ଧମାଳ ମେଡିକାଲ ଛକରେ କାଉଡିଆଙ୍କ ପାଇଁ ଅନ୍ନପ୍ରସାଦ ବଣ୍ଟନ କରାଯାଇଛି। ଅପରାହ୍ନରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ପ୍ରସାଦ ପାଇଁ ଗେରୁଆ ଧାରୀ କାଉଡ଼ିଆଙ୍କ ସମାଗମରେ ଗୈରିକମୟ ହୋଇଥିଲା। ମେଡିକାଲ ଛକ ୫ ସିର୍ଦ୍ଧେଶର ପାଣିଗ୍ରାହି, ଗିତିକାନ୍ତ ବେହେରା, ବ୍ରହ୍ମାନନ୍ଦ ପଟନାୟକ, ଦୁର୍ଗେସ ବାରିକ, ନୂତନ ନାଏକ,ବିଟୁ ବିଶି,ବିକାଶ ଗୁର, ଅଶ୍ରିୟା ବିଶି, ସୁରଜ ସାହୁ ସମେତ ସଂଘର ସମସ୍ତ କର୍ମକର୍ତା। ଉପସ୍ଥିତ ରହି ବୋଲବମ ଭକ୍ତଙ୍କୁପ୍ରଶାଦ ଏବଂ ଚାହା , ବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ରୋଟାରି କ୍ଲବ ଅଫ ଏଲିଟ ବଲାଙ୍ଗୀର ଦ୍ୱାରା ଗ୍ରୀନ ଡ୍ରିମ : ବୃକ୍ଷରୋପଣ କାର୍ଯ୍ୟକ୍ରମ




ବଲାଙ୍ଗୀର, (ସବ୍ୟୁ) : ୨ ଅଗଷ୍ଟ ଦିନ ବିଷ୍ଣୁମୁଣ୍ଡା ପାଖରେ ଅବସ୍ଥିତ ଏକାଡେମିକ ହାଇଟ୍ସ ପବ୍ଲିକ ସ୍କୁଲଠାରେ ରୋଟାରି ଏଲିଟ ତରଫରୁ ଗ୍ରୀନ ଡ୍ରିମ- ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗଦେଇ ସ୍କୁଲର ଅଧକ୍ଷ ବିଶ୍ୱରଞ୍ଜନ ରାୟ, ସ୍କୁଲର ନିର୍ଦ୍ଦେଶକ ଅଜିତ ଶତପଥୀ ଓ ଅର୍ଚ୍ଚନା ଶତପଥୀ ରୋଟାରି ଏଲିଟର ସଭ୍ୟମାନଙ୍କୁ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ପାଇଁ ପ୍ରୋତ୍ସାହିତ କରିଥିଲେ । ଏହିଦିନ ପ୍ରାୟ ୧୦୦ ଟି ବିଭିନ୍ନ କିସମର ବୃକ୍ଷରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷକ, ଛାତ୍ର ଛାତ୍ରୀ ମଧ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏଲିଟ ସଭାପତି ସୁରେଶ ଯାଦବ, ସମ୍ପାଦକ ଭୂମିକା ଭମର ଓ ଏଲିଟର ସମସ୍ତ ସଭ୍ୟ ସଭ୍ୟା ଗ୍ରୀନ ଡ୍ରିମ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ । ଆସନ୍ତା ଅଗଷ୍ଟ ୧୫ ଦିନ ବିଭିନ୍ନ କିସମର ଚାରା ରୋଟାରି ଏଲିଟ ତରଫରୁ ବଣ୍ଟନ କରାଯିବ ବୋଲି ସଭାପତି କହିଥିଲେ ।

# ଡ୍ୟୁଟି ବେଳେ ସାଦା ପୋଷାକରେ ମହିଳା ପୋଲିସ ଏସ୍ଆଇ ଅନୁଶାସନ ଭଙ୍ଗ ଅଭିଯୋଗ, କେବେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ



ସମ୍ବଲପୁର, (ସବ୍ୟୁ): ସାଧାରଣ ଡ୍ୟୁଟି, ପାଟ୍ରୋଲିଂ ଓ ଆଇନ ଶୃଙ୍ଖଳା ସମୟରେ ପୋଲିସ ଅଧିକାରୀ ଏବଂ କର୍ମଚାରୀଙ୍କୁ ୟୁନିଫର୍ମ (ବର୍ଦ୍ଦି) ପିନ୍ଧିବା ବାଧ୍ୟତାମୂଳକ ଅଟେ। ଓଡିଶା ପୋଲିସ ମାନୁଆଲ ଓ ସିଆରପିସିରେ ଏହା ଉଲ୍ଲେଖ ରହିଛି। ଏହା ପୋଲିସ କର୍ମଚାରୀଙ୍କ ଆଚରଣ ନିୟମ ଅଟେ। ଏହାକୁ ଉଲ୍ଲଂଘନ କଲେ ଅନୁଶାସନ ଭଙ୍ଗ ବୋଲି କୁହାଯାଏ। ଏଭଳି ସ୍ଥଳେ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବାର ନଜିର ରହିଛି। ତେବେ ସମଲେଇ ଯୋଜନା-୨ ଦ୍ୱାରା ବିସ୍ଥାପିତ ହେବାକୁ ଥିବା ରାମଜୀ ମନ୍ଦିର ଓ ବନ୍ଧପଡାର ଲୋକେ ସୋମବାର ଜିଲ୍ଲାପାଳଙ୍କ ଅଫିସକୁ ଆସିଥିଲେ। ଏହି ସମୟରେ ଆଇନଶୃଙ୍ଖଳା ପାଇଁ ନିୟୋଜିତ ହୋଇଥିବା ଟାଉନ ଥାନା ଏସ୍ଆଇ ଶୁଭଶ୍ରିତା ରାୟ ସାଦା ପୋଷାକରେ ଡ୍ୟୁଟିରେ ଥିଲେ। ଫଳରେ ପୋଲିସ ଅଧିକାରିଣୀଙ୍କୁ ଚିହ୍ନିବାରେ ବିସ୍ଥାପିତ ପରିବାରଙ୍କୁ ବେଶ ଅସୁବିଧା ହୋଇଥିଲା। ଜଣେ ପ୍ରଶାସନିକ ଅଧିକାରୀ ଭାବି ସେମାନେ ତାଙ୍କ ସହ ଯୁକ୍ତିତର୍କ ମଧ୍ୟ କରିଥିଲେ। ତେବେ କେଉଁ ପରିସ୍ଥିତିରେ ଉପରିସ୍ଥ ଅଧିକାରୀଙ୍କୁ ନଜଣାଇ ମହିଳା ପୋଲିସ ଏସ୍ଆଇ ଜଣକ ସାଦା ପୋଷାକ ପିନ୍ଧି ବିନା ଆଇଡି କାର୍ଡରେ ଆଇନ ଶୃଙ୍ଖଳା ଡ୍ୟୁଟିରେ ଯୋଗ ଦେଇଥିଲେ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ସୂଚନାଯୋଗ୍ୟ, ଭୁବନେଶ୍ୱର ଭରତପୁର ଥାନାରେ ଡ୍ୟୁଟିରେ ଥିବା ଜଣେ ମହିଳା ଏଏସ୍ଆଇ ୟୁନିଫର୍ମରେ ନଥିବା ଓ ଅସହଯୋଗ କରିଥିବା ନେଇ ଜଣେ ସେନାବାହିନୀ ଅଧିକାରୀ ଅଭିଯୋଗ କରିଥିଲେ। ଏହି ମାମଲା ପରବର୍ତ୍ତୀ ସମୟରେ ହାଇକୋର୍ଟ ପର୍ଯ୍ୟନ୍ତ ଯାଇଥିଲା। ତେବେ ସମ୍ବଲପୁର ଘଟଣାରେ ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ ସଂପୃକ୍ତ ମହିଳା ପୋଲିସ ଅଧିକାରୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# କମୁଛି ହୀରାକୁଦ ଡ୍ୟାମର ଜଳସ୍ତର ୧୩ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର, (ସବ୍ୟୁ): ହୀରାକୁଦ ଡ୍ୟାମର ଉପରମୁଣ୍ଡରୁ ଜଳ ପ୍ରବାହ ପୂର୍ବାପେକ୍ଷା କମିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୨ଲକ୍ଷ ୪୦ହଜାର୪୭୩ଘନଫୁଟ ଜଳ ପ୍ରବେଶ କରୁଛି। ସେହିପରି ୨ଲକ୍ଷ ୪ହଜାର୫୬୮ଘନଫୁଟ ଜଳ ନିଷ୍କାସିତ ହେଉଛି। ଏଭଳିସ୍ଥଳେ ଜଳସ୍ତର କମିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଖୋଲା ଯାଇଥିବା ୨୨ଟି ଗେଟ୍‌ରୁ ପର୍ଯ୍ୟାୟକ୍ରମେ ୯ଟି ଗେଟ୍‌କୁ ବନ୍ଦ କରି ଦିଆଯାଇଛି। ମାତ୍ର ୧୩ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ବାମପଟୁ ୯ଟି ଓ ଡାହାଣ ପଟୁ ୪ଟି ଗେଟ୍ ଖୋଲା ଯାଇଛି। ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୧୯.୯୩ଫୁଟ୍ ରହିଛି। ନିଷ୍କାସିତ ଜଳ ମଧ୍ୟରୁ ସ୍ପିଲୱେକୁ ୨ଲକ୍ଷ ୬୬ହଜାର ୬୧୧ଘନଫୁଟ, ପାୱାର ଚେନାଲକୁ ୩୧ହଜାର ୯୨୨ଘନଫୁଟ, କେନାଲକୁ ୪ହଜାର ୨୦ଘନଫୁଟ ଓ କଳକାରଖାନାକୁ ୨୪୭ଘନଫୁଟ ଜଳ ଛଡା ଯାଉଛି। ଗେଟ୍ ଖୋଲାଥିବାରୁ ମହାନଦୀର ବେଲଗାଁରେ ୧୮ହଜାର୫୦୦, ପର୍ଥଲାରେ ୪୨ହଜାର୭୦୭, ଖଇରମାଳରେ ୩ଲକ୍ଷ ୯୫ହଜାର, ବାରମୂଳରେ ୪ଲକ୍ଷ ୩୬ହଜାର ଓ ମୁଣ୍ଡଳିରେ ୫ଲକ୍ଷ ୮୨ହଜାର୮୬୫କ୍ୟୁସେକ୍ ଜଳ ପ୍ରବାହିତ ହେଉଛି । ଉପରମୁଣ୍ଡରୁ ଜଳ ପ୍ରବାହ ଓ ଜଳସ୍ତରକୁ ଦୃଷ୍ଟିରେ ରଖି ଖୋଲା ଯାଇଥିବା ଗେଟ୍ ପର୍ଯ୍ୟାୟକ୍ରମେ ବନ୍ଦ କରାଯିବ ବୋଲି ବନ୍ଧ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ରାଷ୍ଟ୍ରପତି ଭବନରୁ ଆସିଲା ଭୀଷ୍ମତିଙ୍କୁ ନିମନ୍ତ୍ରଣ



ସମ୍ବଲପୁର, (ସବ୍ୟୁ): ଚଳିତ ସ୍ୱାଧିନତା ଦିବସ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଭୀଷ୍ମତୀ ନାଏକଙ୍କୁ ରାଷ୍ଟ୍ରପତି ଭବନରୁ ନିମନ୍ତ୍ରଣ ପତ୍ର ଆସିଛି । ସେ ଦିଲ୍ଲୀ ଲାଲକିଲ୍ଲାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପତାକା ଉତ୍ତୋଳନ ଓ ରାତ୍ର ଭୋଜନରେ ସାମିଲ ହେବେ। ଏହି ନିମନ୍ତ୍ରଣ ପତ୍ର ପାଇବା ପରେ ଭୀଷ୍ମତୀ ବେଶ ଖୁସିବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ଝାରସୁଗୁଡା ଜିଲ୍ଲା ଟିଲେଇମାଲ ଗ୍ରାମର ଭୀଷ୍ମତୀ ୨ ପଢିବା ପରେ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ପ୍ରଶିକ୍ଷଣ ନେଇଥିଲେ। ଗୋଟିଏ ବର୍ଷ ତାଲିମ ନେବା ପରେ ସେ ସମ୍ବଲପୁର ଆଇଆଇଏମ୍‌ରେ ଆଟେଡେଣ୍ଟ ଭାବେ କାର୍ଯ୍ୟରତ ଅଛନ୍ତି। ରାଷ୍ଟ୍ରପତିଙ୍କ ଆଟ୍ ହୋମ ରିସେପ୍ସନ-୨୦୨୬ କାର୍ଯ୍ୟକ୍ରମ ପାଇଁ ନିମନ୍ତ୍ରଣ ପାଇ ସେ ବେଶ ଖୁସି ଅନୁଭବ କରିଛନ୍ତି। ରାଷ୍ଟ୍ରପତିଙ୍କ ସହ ଦେଖା ହୋଇପାରିବ ବୋଲି ସେ କେବେ ମଧ ସ୍ୱପ୍ନରେ ଭାବି ନଥିଲେ। ତାଙ୍କ ଠାରୁ ବହୁ ବଡ଼ ଶିକ୍ଷିତ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ରହିଛନ୍ତି, କିନ୍ତୁ ମତେ ଏହି ସୁଯୋଗ ମିଳିଛି। କେନ୍ଦ୍ର ସରକାରଙ୍କ ଯୋଜନା ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ସେ ଶିକ୍ଷା ଗ୍ରହଣ କରି ସଫଳତା ସହ ଆଇଆଇଏମରେ କାର୍ଯ୍ୟରତ ଥିବାରୁ ତାଙ୍କୁ ଏହି ନିମନ୍ତ୍ରଣ ମିଳିଥିବା କହିଛନ୍ତି ।

# ସରପଞ୍ଚ ମହାସଂଘର ସାମ୍ବାଦିକ ସମ୍ମିଳନୀ

ମ, ରାମପୁର, (ସବ୍ୟୁ) : ରାଜ୍ୟ ଯୋଗାଣ ମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ରାଜ୍ୟ ସରପଞ୍ଚ ସଂଘ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପୂର୍ବକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରିଛି । ରାଜ୍ୟ ସରପଞ୍ଚ ମହାସଂଘ ସଭାପତି ରୋମାଞ୍ଚ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସରପଞ୍ଚ ଓ ପିଇଓ ଲାଞ୍ଚ ନେଇ ଘର ଦେଉଛନ୍ତି ବୋଲି କହିବା ପ୍ରସଙ୍ଗ ରେ କହିଥିଲେ ଯେ, ବର୍ତ୍ତମାନ ଯାଏଁ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବୃତାନ୍ତ ତାଲିକା ପ୍ରକାଶ କରିନାହିଁ, ଏଭଳି ସ୍ଥିତି ରେ ନିଜର ଦୋଷ ତ୍ରୁଟିକୁ ଲୁଚାଇବାକୁ ବୃଥା ପ୍ରୟାସ କରି ଲୋକଙ୍କ ପ୍ରତିନିଧି ସରପଞ୍ଚମାନଙ୍କୁ ଲାଞ୍ଚ ନେବା ଭଳି କହିବା ସମିଚୀନ ନୁହେଁ ଏବଂ ଯୋଗାଣ ମନ୍ତ୍ରୀ ସାତ ଦିନ ମଧରେ କ୍ଷମା ପ୍ରାର୍ଥନା କରନ୍ତୁ, ନଚେତ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ନର୍ଲା ବ୍ଲକ ସରପଞ୍ଚ ସଂଘ ସଭାପତ ଅନନ୍ତରାମ ମାଝୀ, ବାଗପୁର ସରପଞ୍ଚ ଗୋପାଳକୃଷ୍ଣ ହାତୀ, ସେରଗଡ଼ ସରପଞ୍ଚ ରାହୁଲ ସାହୁ ଉପସ୍ଥିତ ରହିଥିଲେ।

# ଦୁର୍ଗାମାଧବ ହାଇସ୍କୁଲରେ ନିଶା ମୁକ୍ତ ଭାରତ ଗଠନ, ଶପଥ ନେଲେ ଛାତ୍ରଛାତ୍ରୀ

କଲମପୁର, (ସବ୍ୟୁ) : ସ୍ଥାନୀୟ ଦୁର୍ଗାମାଧବ ହାଇସ୍କୁଲ ପ୍ରଧାନଶିକ୍ଷକ ଅଶ୍ୱିନ କୁମାର ମୁଣ୍ଡଙ୍କ ଅଧ୍ୟକ୍ଷତାରେ ସ୍କୁଲ ପରିସର ମଧ୍ୟରେ ନିଶା ମୁକ୍ତ ଭାରତ ଅଭିଯାନର ପ୍ରତିଜ୍ଞା ପାଠ କରାଯାଇଛି। ଏଥିରେ ବ୍ରହ୍ମାକୁମାରୀଜ୍ କଲମପୁର ସେବାକେନ୍ଦ୍ର ସଂଚାଳିକା ରୋଜୀ ଭଉଣୀ, ସାଧ୍ୱୀ ଭଉଣୀ ଙ୍କ ସମେତ ପ୍ରେମ ଭାଇ ପ୍ରମୁଖ ଯୋଗ ଦେଇଥିଲେ। ବି କେ ରୋଜି ଭଉଣୀ ନିଶା ଦ୍ୱାରା ମଣିଷ ଜୀବନର କ୍ଷତି ସମ୍ପର୍କରେ ବୁଝାଇବା ସହ ଏଥିରୁ ନିଜେ ମୁକ୍ତ ରହିବା ଏବଂ ପରିବାର, ସମାଜ ତଥା ସମଗ୍ର ଭାରତବର୍ଷକୁ ନିଶା ମୁକ୍ତ କରିବା ବୋଲି ପ୍ରତିଜ୍ଞା କରେଇଥିଲେ। ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିରର ଗୁରୁଜୀ, ଗୁରୁମା, ଛାତ୍ର ଛାତ୍ରୀ, ହାଇସ୍କୁଲ ଶିକ୍ଷକ ଶିକ୍ଷୟତ୍ରୀ ସମେତ ୪ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ନିଶା ମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେବାର ପ୍ରତିଜ୍ଞା ନେଇଛନ୍ତି। ସେହିଭଳି ଯୁକ୍ତ ୨ ମହାବିଦ୍ୟାଳୟ ଠାରେ ମଧ ଅଧ୍ୟାପକ ବିଭୂତି ଭୂଷଣ ପଟ୍ଟନାୟକଙ୍କ ଅଧକ୍ଷତାରେ ଛାତ୍ରଛାତ୍ରୀମାନଙ୍କୁ ନିଶା ମୁକ୍ତ ଭାରତ ପାଇଁ ସଂକଳ୍ପ ପୂର୍ବକ ବାର୍ତ୍ତା ଦିଆଯାଇଥିଲା। ଏହି ଅବସରରେ ସ୍କୁଲ କଲେଜ କର୍ତ୍ତୃପକ୍ଷଙ୍କୁ ବ୍ରହ୍ମାକୁମାରୀଜ୍ ତରଫରୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।

# ଟିକିଲିପଡ଼ା ସେବାଶ୍ରମ ଓ କନ୍ୟାଶ୍ରମରେ ମାଙ୍କଡ଼ଙ୍କ ଆତଙ୍କ ସରପଞ୍ଚ, ଶିକ୍ଷକ ଓ ଛାତ୍ରୀଙ୍କ ସମେତ ଏକାଧିକ ଆହତ

ଜମନକିରା, (ସବ୍ୟୁ) : ଜମନକିରା ବ୍ଲକ୍ ଟିକିଲିପଡ଼ା ପଞ୍ଚାୟତ ସଦର ମହକୁମା ଅଞ୍ଚଳରେ ମାଙ୍କଡ଼ଙ୍କ ପ୍ରାଦୁର୍ଭାବ ଓ ଉପଦ୍ରବ ଦିନକୁ ଦିନ ଅସମ୍ଭାଳ ରୂପ ଧାରଣ କରିବାରେ ଲାଗିଛି। ବିଶେଷ କରି ଟିକିଲିପଡ଼ା ଏସଏସଡି ସରକାରୀ ସେବାଶ୍ରମ ସ୍କୁଲ ଓ କନ୍ୟାଶ୍ରମ ପରିସରରେ ମାଙ୍କଡ଼ ଦଳଙ୍କ ଦୌରାତ୍ମ୍ୟ ଯୋଗୁଁ ଆତଙ୍କରାଜ ସୃଷ୍ଟି ହୋଇଛି। ସ୍କୁଲର ଶିକ୍ଷକ-ଶିକ୍ଷୟିତ୍ରୀ, କନ୍ୟାଶ୍ରମର ଅନ୍ତେବାସୀ ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଅଭିଭାବକମାନେ ଏବେ ଭୟଭୀତ ଓ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି। ସୀମା ପ୍ରାଚୀରରେ ମାଙ୍କଡ଼ଙ୍କ ଡେରା, ବାଧାପ୍ରାପ୍ତ ହେଉଛି ପାଠପଢ଼ା। ମିଳିଥିବା ସୂଚନା ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଦଳବଦ୍ଧ ମାଙ୍କଡ଼ମାନେ ସ୍କୁଲର ଚାରିପାଖ ସୀମା ପ୍ରାଚୀର, ଛାତ, ହଷ୍ଟେଲ ଏବଂ ଶ୍ରେଣୀଗୃହ ବାହାରେ ଡେରା ଜମାଉଛନ୍ତିଛ ।ଏହାଦ୍ୱାରା କନ୍ୟାଶ୍ରମର ଛାତ୍ରୀମାନେ ନିଜ ନିଜ ରୁମ୍ରୁ ବାହାରିବା ଏବଂ ସ୍କୁଲକୁ ଯିବାଆସିବା କରିବା କଷ୍ଟକର ହୋଇପଡ଼ିଛି। ମାଙ୍କଡ଼ଙ୍କ ଭୟରେ ସ୍କୁଲରେ ଶିକ୍ଷାଦାନ କାର୍ଯ୍ୟ ମଧ ଗୁରୁତର ଭାବେ ବାଧାପ୍ରାପ୍ତ ହେଉଛି। ସରପଞ୍ଚଙ୍କ ସମେତ ଏକାଧିକ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି, ହିଂସ୍ର ହୋଇ ପଡ଼ିଥିବା ଏହି ମାଙ୍କଡ଼ମାନେ ସାମ୍ନାକୁ ଆସୁଥିବା ଲୋକଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରୁଛନ୍ତି। ମାଙ୍କଡ଼ଙ୍କ କାମୁଡ଼ା ଓ ଆକ୍ରମଣରେ ଏକାଧିକ ବ୍ୟକ୍ତି ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ଆହତ ହୋଇଥିବା ପ୍ରମୁଖ ବ୍ୟକ୍ତିମାନେ ହେଲେ, ଅଜିତ ନାୟକ, ସ୍ଥାନୀୟ ସରପଞ୍ଚ, ମୋହନ ଏହାଦାର, ସ୍କୁଲ ଶିକ୍ଷକ, ଜିଂଜ୍ଞାସା ର୍ମିଦ୍ଧା ସ୍କୁଲ ଛାତ୍ରୀ, ସଂଯୁକ୍ତା ନାୟକ, ଛାତ୍ରୀ ମାନଙ୍କ ମେଟ୍ରନ, ଏହା ବ୍ୟତୀତ ପିଲାଙ୍କୁ ଛାଡ଼ିବାକୁ ଆସୁଥିବା କେତେକ ଅଭିଭାବକ ମଧ ମାଙ୍କଡ଼ ଆକ୍ରମଣର ଶିକାର ହୋଇଛନ୍ତି। ଏ ସଂକ୍ରାନ୍ତରେ ବାମରା ଡିଏଫଓ ବିକ୍ରମ କେଶରୀ ପଟ୍ଟନାୟକଙ୍କୁ ଯୋଗାଯୋଗ କରି ପଚାରିବାରୁ, ସେ ସ୍ଥିତିର ଗାମ୍ଭୀର୍ଯ୍ୟକୁ ସ୍ୱୀକାର କରିଛନ୍ତି। ମାଙ୍କଡ଼ମାନଙ୍କୁ ପ୍ରତିରୋଧ କରିବା ଏବଂ ସ୍କୁଲ ପରିସରରୁ ସେମାନଙ୍କୁ ତଡ଼ିବା ପାଇଁ ଖୁବ୍‌ଶୀଘ୍ର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ପଠାଇବାର ବ୍ୟବସ୍ଥା କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି। ପ୍ରଶାସନର ଏହି ଆଶ୍ୱାସନା ପରେ ସ୍ଥାନୀୟ ଲୋକେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବାକୁ ଅପେକ୍ଷା କରିଛନ୍ତି ।

# ସାମ୍ବାଦିକ ସଂଘ ରାଜ୍ୟସ୍ତରୀୟ ସାଙ୍ଗଠନିକ ବୈଠକ



ଜୟପାଟଣା, (ସବ୍ୟୁ) : ସ୍ଥାନୀୟ ପିଆର ପ୍ୟାଲେସ ଠାରେ କଳିଙ୍ଗ ୱେବ ମିଡିଆ ଇନସାଇଟ୍ ପ୍ରାଇଭେଟ୍ ଲିମିଟେଡ଼ ପକ୍ଷରୁ ରାଜ୍ୟସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକମାନଙ୍କ ପାଇଁ ସ୍ୱାଗତ ଓ ପରିଚୟପତ୍ର ପ୍ରଦାନ ସମାରୋହ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ଅଂଚଳର ଅଧିଷ୍ଠାତ୍ରୀ ଦେବୀ ଡୋକରି ବୁଡି ନିକଟରେ ପୂଜାର୍ଚ୍ଚନା ପରେ ବୈଠକର ଶୁଭାରମ୍ଭ ହୋଇଥିଲା। ଦିବଙ୍ଗତ ସାମ୍ବାଦିକ ଦିବାକର ପଟ୍ଟନାୟକଙ୍କ ସ୍ମୃତିରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ରାଜ୍ୟ ସଭାପତି ତଥା ପ୍ରତିଷ୍ଠାତା ସତ୍ୟ ରଞ୍ଜନ ଦାସଙ୍କ ପ୍ରତ୍ୟକ୍ଷ ତ୍ୱାବଧାନ ଏବଂ ଜିଲ୍ଲା ସଂପାଦକ ରଶ୍ମିରଞ୍ଜନ ସୁନାଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ବୈଠକରେ ସଂଯୁକ୍ତା ଦାସ, ସୁବ୍ରତ ଚୌଧୁରୀ, କେବିକେ କନଭେନର ଧର୍ମୁ ନାଏକ, ଉପଦେଷ୍ଟା ଯୁଧିଷ୍ଠିର ସୁନା, ରାଜ୍ୟ ଉପସଭାପତି ମୁରଲୀଧର ତାଣ୍ଡି, ସମ୍ପାଦକ ରୋହିତ କୁମାର ନିଆଲ, କଳାହାଣ୍ଡି ଜିଲ୍ଲା କନଭେନର କବିରାଜ ଦୁର୍ଗା, କଳାହାଣ୍ଡି ଆଦିବାସୀ ସଂଘ ସଭାପତି ଗଙ୍ଗାଧର ମାଝୀ, ବରିଷ୍ଠ ସାମ୍ବାଦିକ ପ୍ରାଣ ରଞ୍ଜନ ବେହେରା, ସମାଜସେବୀ ସତ୍ୟନାରାୟଣ ଅଗ୍ରୱାଲ, ସତ୍ୟନାରାୟଣ ପଣ୍ଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମଞ୍ଚାସୀନ ଥିଲେ। ଘାସିରାମ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବକ୍ତାମାନେ ତଥ୍ୟଭିତ୍ତିକ, ନିରପେକ୍ଷ ଓ ଦାୟିତ୍ୱବୋଧପୂର୍ଣ୍ଣ ସାମ୍ବାଦିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ନୂତନ ଭାବେ ଯୋଗଦେଇଥିବା ସାମ୍ବାଦିକମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯିବା ସହ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଜୟପାଟଣା ବ୍ଲକ ଅଧକ୍ଷ, ବରିଷ୍ଠ ସାମ୍ବାଦିକ ଅର୍ଜୁନ ପଟ୍ଟନାୟକ, ମନୋଜ ଅଗ୍ରୱାଲ, ଆଶିଷ କୁମାର ଅଗ୍ରୱାଲ, ସୌଦାମିନୀ ଦ୍ୱିବେଦୀ, ରାଣୀ ସୋନମ ଦେଓ, ଦିବାକର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଜିଲ୍ଲା ସଂପାଦକ ରଶ୍ମି ରଞ୍ଜନ ସୁନା ମଞ୍ଚ ପରିଚାଳନା ସହ ସମଗ୍ର କାର୍ଯ୍ୟକ୍ରମକୁ ସୁସଂଗଠିତ ପରିଚାଳନା କରିଥିଲେ ।

# ଉଚ୍ଛେଦ ନୋଟିସ ଖାରଜ ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ୨୭ ବସ୍ତି ପରିବାର

ରାୟଗଡ଼ା,(ସବ୍ୟୁ): ରାୟଗଡ଼ା ପୌରପରିଷଦର ୧୬ ନମ୍ବର ୱାର୍ଡ ଅନ୍ତର୍ଗତ ଇନ୍ଦିରାନଗର ଅଞ୍ଚଳର ୨୭ଟି ବସ୍ତି ପରିବାର ଉଚ୍ଛେଦ ନୋଟିସ ଖାରଜ ଦାବିରେ ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି ।ଅଭିଯୋଗରେ ବସ୍ତିବାସିନ୍ଦାମାନେ ଦର୍ଶାଇଛନ୍ତି ଯେ, ତତ୍କାଳୀନ ଜିଲ୍ଲା ପ୍ରଶାସନଙ୍କ ପରାମର୍ଶକ୍ରମେ ସେମାନେ ବହୁବର୍ଷ ଧରି ନାଗାବଳୀ ନଦୀ କୂଳରେ ବସବାସ କରୁଛନ୍ତି। ବସ୍ତିରେ ପ୍ରଶାସନ ପକ୍ଷରୁ ପାନୀୟ ଜଳ, ବିଦ୍ୟୁତ ସଂଯୋଗ ଏବଂ ସାହି ଆଲୋକ ଭଳି ମୌଳିକ ସୁବିଧା ଯୋଗାଇ ଦିଆଯାଇଛି। ଅଧିକାଂଶ ପରିବାର ସହରର ବିଭିନ୍ନ ଘରେ କାମ କରି ଜୀବିକା ନିର୍ବାହ କରୁଥିବାବେଳେ ସେମାନଙ୍କ ପିଲାମାନେ ଇନ୍ଦିରାନଗର ପ୍ରାଥମିକ ବିଦ୍ୟାଳୟରେ ପାଠପଢୁଛନ୍ତି।ତେବେ ରାୟଗଡ଼ା ତହସିଲଦାରଙ୍କ ଚିଠି ସଂଖ୍ୟା-୨୮୫, ତାରିଖ ୨୪.୦୭.୨୦୨୬ ଅନୁଯାୟୀ ବସ୍ତି ଉଚ୍ଛେଦ ପାଇଁ ନୋଟିସ ଜାରି ହୋଇଥିବାରୁ ସେମାନଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି। ଉଚ୍ଛେଦ କରାଗଲେ ଜୀବନ ଓ ଜୀବିକା ଗୁରୁତର ଭାବେ ପ୍ରଭାବିତ ହେବା ସହ ପିଲାମାନଙ୍କ ଶିକ୍ଷା ବ୍ୟାହତ ହେବ ବୋଲି ସେମାନେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ତେଣୁ ଉଚ୍ଛେଦ ନୋଟିସ ଖାରଜ କରିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ କହିଛନ୍ତି, ବସ୍ତିବାସିନ୍ଦାଙ୍କ ପାଇଁ ସହର ବାହାରେ ବିକଳ୍ପ ସ୍ଥାନରେ ଥଇଥାନର ବ୍ୟବସ୍ଥା କରାଯିବ। ତେଣୁ ଅଯଥା ଭୟଭୀତ କିମ୍ବା ବ୍ୟସ୍ତ ହେବାର କୌଣସି କାରଣ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ସେହିପରି ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ମୋଟ ୮୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ସେଥିମଧ୍ୟରୁ ୫୮ଟି ବ୍ୟକ୍ତିଗତ ଏବଂ ୧୭ଟି ସାମୂହିକ ଅଭିଯୋଗର ଶୁଣାଣି କରାଯାଇଥିଲା। ରେଡକ୍ରସ ପାଣ୍ଠିରୁ ୮ ଜଣ ଆବଶ୍ୟକମନ୍ଦଙ୍କୁ ମୋଟ ୧ ଲକ୍ଷ ୨୭ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ଏଥିସହ ୧୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବାବେଳେ ଅବଶିଷ୍ଟ ଅଭିଯୋଗଗୁଡ଼ିକର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ସମ୍ପାଦକୀୟ

# ନ୍ୟାୟ ବିଳମ୍ବିତ ନ ହେଉ

ଭାରତରେ ସର୍ବୋଚ୍ଚ ଅଦାଲତଠାରୁ ଆରମ୍ଭ କରି ନିମ୍ନ ଅଦାଲତ ପର୍ଯ୍ୟନ୍ତ ବର୍ଷ ବର୍ଷ ଧରି ମାମଲାଗୁଡ଼ିକ ଯେପରି ବିଚାରଧୀନ ଅବସ୍ଥାରେ ପଡ଼ି ରହୁଛି, ତାହା ଭାବିଲେ ଖୁବ୍ ଦୁଃଖ ଲାଗେ । ସ୍ୱାଧୀନତା ପ୍ରାପ୍ତିର ୭୯ ବର୍ଷ ଅତିକ୍ରମ କରି ଆଉ କିଛି ଦିନ ପରେ ଆମେମାନେ ୮୦ ବର୍ଷରେ ପାଦ ରଖିବା । ମାତ୍ର ଅଦାଲତମାନଙ୍କରେ ବିଚାର ନ ହୋଇ ପଡ଼ି ରହିଥିବା ମାମଲାଗୁଡ଼ିକ ପ୍ରତି ବିଚାର ବିଭାଗ, ପ୍ରଶାସନିକ ବିଭାଗ କିମ୍ବା ସରକାର ଗୁରୁତ୍ୱ ଦେଉ ନଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମନେ ହୋଇଥାଏ । ଅଥଚ ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ ବୋଲି କେବଳ ବିଚାର ବିଭାଗରେ ନୁହେଁ, ସବୁ କ୍ଷେତ୍ରରେ ଅନୁଭବ କରାଯାଉଛି । ମାମଲାଗୁଡ଼ିକ ବିଳମ୍ବିତ ହୋଇଥାଏ । ଅଥଚ ଅତ୍ୟଧିକ ବିଳମ୍ବିତ ହେଲେ ନ୍ୟାୟ ପ୍ରକୃତରେ ମିଳେ ନାହିଁ । ଅନେକ ବିଚାରପତି ବା ବିଚାର ବିଭାଗୀୟ ଅଧିକାରୀଙ୍କୁ ସ୍ଥାନାନ୍ତର କରାଗଲେ, ବିଚାର ପ୍ରକ୍ରିୟା ବିଳମ୍ବିତ ହେବା ସ୍ୱାଭାବିକ । ଅନେକ ପକ୍ଷ ମାମଲା ରୁଜୁ କରି ମୃତ୍ୟୁ ମୁଖରେ ପଡ଼ିଛନ୍ତି ବା ରୁଗ୍ଣ ହୋଇ ଶଯ୍ୟାଶାୟୀ ମଧ୍ୟ ହୋଇଛନ୍ତି ।

କେବଳ ନ୍ୟାୟାଳୟରେ ନୁହେଁ, ଅନେକ ଅର୍ଦ୍ଧ ନ୍ୟାୟିକ ସଂସ୍ଥାସବୁ ନ୍ୟାୟିକ ପ୍ରକ୍ରିୟାକୁ ବିଳମ୍ବିତ କଲେ, ନ୍ୟାୟ ଆଶାୟୀମାନେ ଅଯଥାରେ ଅସୁବିଧାରେ ସମ୍ମୁଖୀନ ହୋଇଥା'ନ୍ତି ।

ଗରିବ ଲୋକମାନଙ୍କୁ ଆଇନଗତ ସହାୟତା ପ୍ରଦାନ ପାଇଁ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି । ମାତ୍ର ସାଧାରଣ ଓ ଗରିବ ଲୋକେ ସେ ପର୍ଯ୍ୟନ୍ତ ମଧ୍ୟ ପହଞ୍ଚି ପାରନ୍ତି ନାହିଁ । ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ ଇଂରାଜୀ ଭାଷାରେ ନ୍ୟାୟାଳୟମାନଙ୍କରେ ରାୟ ଓ ଅନ୍ୟାନ୍ୟ କାର୍ଯ୍ୟମାନ ଚାଲିଥିବାରୁ ଆଇନର କ୍ଳିଷ୍ଟ ଭାଷା ମଧ୍ୟ ସାଧାରଣ ଓ ଅଶିକ୍ଷିତ ଲୋକମାନଙ୍କର ବୋଧଗମ୍ୟ ହୁଏ ନୁହେଁ । ତେଣୁ ଓକିଲ ବା ଆଇନଜୀବୀଙ୍କ ଉପରେ ପକ୍ଷମାନଙ୍କୁ ନିର୍ଭର କରିବାକୁ ପଡ଼େ । ବିନା ଅର୍ଥରେ ଓକିଲ ବା ଆଇନଜୀବୀମାନେ ଅଦାଲତରେ କୌଣସି କାର୍ଯ୍ୟ ପ୍ରାୟ କରନ୍ତି ନାହିଁ । ଅବଶ୍ୟ ଅନେକ ଭଲ ଆଇନଜୀବୀ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆଇନ ଅଦାଲତରେ ମାମଲାମାନ ପରିଚାଳନା କରନ୍ତି । ମାତ୍ର ସେମାନଙ୍କ ସଂଖ୍ୟା ଅତି ଅଳ୍ପ । 'ଲୋକ ଅଦାଲତ' ଜରିଆରେ ବିଚାରପତି ବା ବିଚାର ବିଭାଗୀୟ ଅଧିକାରୀମାନେ ଅନେକ ବକେୟା ମାମଲାଗୁଡ଼ିକର ତୁରନ୍ତ ସମାଧାନ କରି ଆସୁଛନ୍ତି ।

**ଗତ ସପ୍ତାହରେ ସଂସଦର ଅଧିବେଶନ ଚାଲିଥିବା ବେଳେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନରାମ ମେଘୱାଲା ମଧ୍ୟ ବକେୟା ମାମଲା ପାଇଁ ବିଚାର ବିଭାଗକୁ ଦୋଷାରୋପ କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ ମାମଲାଗୁଡ଼ିକର ବିଚାର ସାରିବା ପାଇଁ ଅଦାଲତଗୁଡ଼ିକ ନିର୍ଦ୍ଦିଷ୍ଟ ସମୟ ସୀମା ନିର୍ଦ୍ଧାରଣ ନ କରିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ... ଅବଶ୍ୟ ଏବେ ବି ଅନେକ ଅଦାଲତମାନଙ୍କରେ ବିଚାରପତି ବା ବିଚାର ବିଭାଗୀୟ ଅଧିକାରୀମାନଙ୍କ ପଦବୀ ଖାଲି ପଡ଼ିଥିବାରୁ ବକେୟା ମାମଲାଗୁଡ଼ିକର ଫଏସଲା ତୁରନ୍ତ ହୋଇ ପାରୁ ନାହିଁ ।**

ମାତ୍ର ସେ ସବୁ ମଧ୍ୟ ସଫଳ ହୋଇ ପାରୁ ନାହିଁ ।

ଅନେକ ସମୟରେ ଅଦାଲତମାନଙ୍କରେ ସାକ୍ଷୀଙ୍କୁ ହାତ କରି ମୋକଦ୍ଦମାର ଦିଗକୁ ବଦଳା ଯାଇଥାଏ । ମାତ୍ର ଆମେମାନେ ସେ କଥା ଜାଣିଲେ ମଧ୍ୟ ସେ କ୍ଷେତ୍ରରେ କିଛି କରି ପାରୁ ନାହୁଁ । ପୁଣି ଓକିଲଙ୍କୁ କେସ୍ ନ ଦେଇ ଜଣେ ନିଜର ମାମଲା ଅଦାଲତରେ ଲଢ଼ି ପାରିବାର ବ୍ୟବସ୍ଥା ମଧ୍ୟ ରହିଛି । ମାତ୍ର କେତେଜଣ ସେ ସୁଯୋଗ ନେଇ ପାରୁଛନ୍ତି ? ବଡ଼ ବଡ଼ ଅପରାଧୀମାନଙ୍କଠାରୁ ପାଉଣା ପାଇ ଅନେକ ବଡ଼ ବଡ଼ ଓକିଲ ଅଦାଲତରେ ଲଢ଼େଇ କରନ୍ତି । କେହି କେହି ଅପରାଧୀ ତଦ୍ୱାରା ଖଲାସ ହୋଇ ଯାଆନ୍ତି ମଧ୍ୟ । କ'ଣ ଆଉ କରାଯିବ ?

ଏହା ବ୍ୟତୀତ ଜଣା ଯାଇଛି ଯେ ବିଗତ ଦଶ ବର୍ଷ ମଧ୍ୟରେ ସର୍ବୋଚ୍ଚ ଅଦାଲତରେ ୧୦,୦୦୦ ମାମଲା ବିଚାର ନ ହୋଇ ପଡ଼ି ରହିଛି । ସେହିପରି ଦୀର୍ଘ କୋଡ଼ିଏ ବର୍ଷ ମଧ୍ୟରେ ସର୍ବୋଚ୍ଚ ଅଦାଲତରେ ୫୫୮ଟି ମାମଲା ବିଚାର ନ ହୋଇ ଦୀର୍ଘ ଦିନ ଧରି ପଡ଼ି ରହିଛି । ବିଗତ ୩୦ ବର୍ଷରେ ୨୬ଟି ମାମଲା ମଧ୍ୟ ପଡ଼ି ରହିଛି । ସେହିପରି ଭାରତର ୨୫ଟି ହାଇକୋର୍ଟରେ ତିନି ଦଶନ୍ଧି ଧରି ପ୍ରାୟ ୮୦,୦୦୦ ମାମଲା ବିଚାର ହୋଇ ନ ପାରି ପଡ଼ି ରହିଛି ।

ଗତ ସପ୍ତାହରେ ସଂସଦର ଅଧିବେଶନ ଚାଲିଥିବା ବେଳେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନରାମ ମେଘୱାଲା ମଧ୍ୟ ବକେୟା ମାମଲା ପାଇଁ ବିଚାର ବିଭାଗକୁ ଦୋଷାରୋପ କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ ମାମଲାଗୁଡ଼ିକର ବିଚାର ସାରିବା ପାଇଁ ଅଦାଲତଗୁଡ଼ିକ ନିର୍ଦ୍ଦିଷ୍ଟ ସମୟ ସୀମା ନିର୍ଦ୍ଧାରଣ ନ କରିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ।

ଅବଶ୍ୟ ଏବେ ବି ଅନେକ ଅଦାଲତମାନଙ୍କରେ ବିଚାରପତି ବା ବିଚାର ବିଭାଗୀୟ ଅଧିକାରୀମାନଙ୍କ ପଦବୀ ଖାଲି ପଡ଼ିଥିବାରୁ ବକେୟା ମାମଲାଗୁଡ଼ିକର ଫଏସଲା ତୁରନ୍ତ ହୋଇ ପାରୁ ନାହିଁ ।

ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଓଡ଼ିଶାର ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ସରଳା ଦେବୀଙ୍କ ପୁତ୍ର ସ୍ୱର୍ଗତ ଆଡଭୋକେଟ ଅମିତାଭ ମହାପାତ୍ରଙ୍କର ଭୁବନେଶ୍ୱରରେ ଥିବା ଏକ ଜମି ଉପରେ ଜାଲ କାଗଜପତ୍ର ଦେଇ ଜଣେ ହଡ଼ପ କରିବାକୁ ଚାହିଁଥିଲା । ତାହା ନ୍ୟାୟିକ ପ୍ରକ୍ରିୟାରେ ଧରା ପଡ଼ିଛି । ମାତ୍ର ଦୀର୍ଘ ଦିନ ଧରି ବିଚାର ଶେଷ ହୋଇ ପାରି ନଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି ।

**ଆପଣମାନେ ଯଦି ସମଗ୍ର ପୃଥିବୀର ସାହିତ୍ୟ ଅଧ୍ୟୟନ କରିବାକୁ ଚାହାଁନ୍ତି ତାହାହେଲେ ତହିଁରେ ଜଗତର କେହି ବାଧା ଦେଇପାରିବେ ନାହିଁ । କିନ୍ତୁ ଇଂରାଜୀ ସାହିତ୍ୟ ଅଧ୍ୟୟନ କରିବାରେ କମ୍ ସମୟ ଖର୍ଚ୍ଚ କରିବାକୁ ଆପଣମାନଙ୍କୁ ମୋର ଅନୁରୋଧ କରିବାର କାରଣ ଏହି ଯେ ଆପଣମାନେ ନିଜ ମାତୃଭାଷା ଅଧ୍ୟୟନ କଲେ ଅଧିକ ସ୍ୱାଭାବିକ ରୀତିରେ ସେହି ଉପକାର ପାଇପାରିବେ ।**

**(ମହାତ୍ମା ଗାନ୍ଧି)**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# କ୍ଷୁଦ୍ର ହେଲେ ହେଁ ଗୁରୁତ୍ୱପୂର୍ଣ୍ଣ ଦ୍ୱୀପ ଖାର୍ଗ

**ଶ୍ରୀବତ୍ସ ନାୟକ**

ମଧ୍ୟପ୍ରାଚ୍ୟ ସର୍ବଦା ବିଶ୍ୱ ରାଜନୀତି ଏବଂ ରଣନୀତିକ ସଂଘର୍ଷର ପେଣ୍ଠସ୍ଥଳ ହୋଇ ରହିଆସିଛି । ଏହି ଅଞ୍ଚଳରେ ଘଟୁଥିବା ସାମାନ୍ୟ ଘଟଣାବଳୀ ମଧ୍ୟ ବିଶ୍ୱ ଅର୍ଥନୀତିକୁ ଦୋହଲାଇ ଦେବାର କ୍ଷମତା ରଖେ । ସାମ୍ପ୍ରତିକ ସମୟରେ ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ବଢୁଥିବା ତିକ୍ତତା ମଧ୍ୟରେ ଏକ ଛୋଟ ପଥୁରିଆ ଦ୍ୱୀପ ସମଗ୍ର ବିଶ୍ୱର ନଜରକୁ ଆସିଛି । ସେହି ଦ୍ୱୀପଟି ହେଉଛି 'ଖାର୍ଗ ଦ୍ୱୀପ' । ଭୌଗୋଳିକ ଦୃଷ୍ଟିକୋଣରୁ ଏହା ଏକ ଅତି କ୍ଷୁଦ୍ର ଭୂଭାଗ ହୋଇପାରେ, କିନ୍ତୁ ଇରାନର ସାର୍ବଭୌମତ୍ୱ, ଆର୍ଥିକ ସ୍ଥିରତା ଏବଂ ପ୍ରତିରକ୍ଷା ରଣନୀତି ପାଇଁ ଏହା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରାଣକେନ୍ଦ୍ର । ସୁରକ୍ଷା ବିଶ୍ଳେଷକଙ୍କ ମତରେ, ଖାର୍ଗ ଦ୍ୱୀପ ହେଉଛି ଇରାନର ଆର୍ଥିକ ମେରୁଦଣ୍ଡ ବା ଜୀବନରେଖା । ଇରାନର ଅର୍ଥନୈତିକ ସୁରକ୍ଷା କବଚ ଓ ବୈଶ୍ୱିକ ଭୂ-ରାଜନୀତିର କେନ୍ଦ୍ରବିନ୍ଦୁ ଏହି ଖାର୍ଗ ଦ୍ୱୀପର ସୁରକ୍ଷା ଓ ସ୍ଥିତି ଉପରେ କେବଳ ଇରାନ ନୁହେଁ, ବରଂ ସମଗ୍ର ବିଶ୍ୱର ତେଲ ବଜାରର ଭବିଷ୍ୟତ ନିର୍ଭର କରୁଛି ।

ଖାର୍ଗ ଦ୍ୱୀପ ପାରସ୍ୟ ଉପସାଗରର, ଇରାନ ଉପକୂଳରୁ ମାତ୍ର ୧୫ ନଟିକାଲ ମାଇଲ (ପ୍ରାୟ ୨୪ କିଲୋମିଟର) ଦୂରରେ ଅବସ୍ଥିତ ଏକ ଛୋଟ ପଥୁରିଆ ଦ୍ୱୀପ । ଏହାର ଲମ୍ବ ପ୍ରାୟ ୮ କିଲୋମିଟର ଏବଂ ଓସାର ୪ କିଲୋମିଟର । ଶତାବ୍ଦୀ ଶତାବ୍ଦୀ ଧରି ଏହି ଦ୍ୱୀପଟି ସାମୁଦ୍ରିକ ବାଣିଜ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଶ୍ରୟସ୍ଥଳୀ ହୋଇ ରହିଆସିଛି । ପର୍ତ୍ତୁଗୀଜ୍, ଓଲନ୍ଦାଜ ଏବଂ ବ୍ରିଟିଶମାନେ ମଧ୍ୟ ନିଜ ସାମ୍ରାଜ୍ୟ ବିସ୍ତାର ସମୟରେ ଏହି ଦ୍ୱୀପର ରଣନୈତିକ ସ୍ଥିତିକୁ ବ୍ୟବହାର କରିଥିଲେ । ତେବେ ବିଂଶ ଶତାବ୍ଦୀର ମଧ୍ୟଭାଗରେ, ଯେତେବେଳେ ଇରାନ ନିଜର ବିପୁଳ ଅଶୋଧିତ ତେଲ ରପ୍ତାନି ପାଇଁ ଏକ ପ୍ରମୁଖ ସାମୁଦ୍ରିକ ଟର୍ମିନାଲର ଆବଶ୍ୟକତା ଅନୁଭବ କଲା, ସେତେବେଳେ ଖାର୍ଗ ଦ୍ୱୀପର ଗୁରୁତ୍ୱ ବେଶ୍ ବଢ଼ିଯାଇଥିଲା, କାହିଁକିନା ଏହି ଦ୍ୱୀପର ଚାରିପାଖରେ ଥିବା ସମୁଦ୍ରର ଗଭୀରତା ବଡ଼ ବଡ଼ ସୁପରଟ୍ୟାଙ୍କରଗୁଡ଼ିକର ଯାତାୟତକୁ ସହାୟ ହୋଇଥିଲା, ଯାହା ଇରାନର ମୂଳ ଭୂଖଣ୍ଡର ଅଗଭୀର ଉପକୂଳରେ ସମ୍ଭବ ନଥିଲା ।

ଇରାନର ଅର୍ଥନୀତି ସମ୍ପୂର୍ଣ୍ଣ ଭାବେ ଅଶୋଧିତ ତେଲ ରପ୍ତାନି ଉପରେ ନିର୍ଭରଶୀଳ । ଇରାନର ସମୁଦାୟ ଅଶୋଧିତ ତେଲ ରପ୍ତାନିର ପ୍ରାୟ ୯୦ ପ୍ରତିଶତ କେବଳ ଏହି ଖାର୍ଗ ଦ୍ୱୀପରେ ଥିବା ଟର୍ମିନାଲ୍ ମାଧ୍ୟମରେ ହିଁ ବିଶ୍ୱ ବଜାରକୁ ଯାଇଥାଏ । ଇରାନର ମୂଳ ଭୂଖଣ୍ଡରେ ଥିବା ବିଭିନ୍ନ ପେଟ୍ରୋଲିୟମ ଖଣିରୁ ପାଇପ ଲାଇନ୍ ମାଧ୍ୟମରେ ସମୁଦ୍ର ଗର୍ଭ ଦେଇ ତେଲ ପ୍ରଥମେ ଏହି ଦ୍ୱୀପକୁ ପରିବହନ କରାଯାଏ । ସେଠାରେ ବିଶାଳ ଭଣ୍ଡାରରେ ଏହାକୁ ସଂରକ୍ଷିତ କରି ରଖାଯାଏ ଏବଂ ପରେ ଚୀନ ଓ ଭାରତ ସମେତ ବିଶ୍ୱର ବିଭିନ୍ନ ଦେଶରୁ ଆସୁଥିବା ବଡ଼ ବଡ଼ ଜାହାଜରେ ଲୋଡ୍ କରାଯାଇ ରପ୍ତାନି କରାଯାଏ । ତେଣୁ, ଯଦି କୌଣସି କାରଣରୁ ଖାର୍ଗ ଦ୍ୱୀପର ଏହି ଟର୍ମିନାଲ୍ କ୍ଷତିଗ୍ରସ୍ତ ହୁଏ କିମ୍ବା ଶତ୍ରୁପକ୍ଷ ଦ୍ୱାରା ଅଚଳ ହୋଇଯାଏ, ତେବେ ଇରାନର ବିଦେଶୀ ମୁଦ୍ରା ଆୟ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯିବ । ଇରାନର ଶକ୍ତିଶାଳୀ ସେନା ବାହିନୀ, ବିଶେଷ କରି 'ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କୋର୍ପସ' ର ସମସ୍ତ ସାମରିକ ଓ ରଣନୈତିକ କାର୍ଯ୍ୟକଳାପ ପାଇଁ ଅର୍ଥ ଏହି ତେଲ ବିକ୍ରିରୁ ହିଁ ଆସିଥାଏ । ଖାର୍ଗ ଦ୍ୱୀପ କେବଳ ଇରାନର ସାମଗ୍ରିକ ଆୟର ଉତ୍ସ ନୁହେଁ, ବରଂ ଏହା ଇରାନ ପାଇଁ ବିଶ୍ୱ ସମୁଦାୟ ବିରୁଦ୍ଧରେ ଏକ ପ୍ରତିରୋଧକ ଢାଲ କହିଲେ ଚଳେ । ଏହି ଦ୍ୱୀପର ନିକଟରେ ରହିଛି ବିଶ୍ୱର ସବୁଠାରୁ ସମ୍ବେଦନଶୀଳ ସାମୁଦ୍ରିକ ମାର୍ଗ 'ହରମୁଜ ପ୍ରଣାଳୀ', ଯେଉଁଠାରୁ ସମଗ୍ର ବିଶ୍ୱର ପ୍ରାୟ ୨୦ ପ୍ରତିଶତ ପେଟ୍ରୋଲିୟମ କାରବାର ହୋଇଥାଏ । ଆମେରିକା ଏବଂ ପାଶ୍ଚାତ୍ୟ ଦେଶଗୁଡ଼ିକ ପାଇଁ ଏହି ମାର୍ଗକୁ ସୁରକ୍ଷିତ ରଖିବା ଏକ ବଡ଼ ଦାୟିତ୍ୱଓ। ରଣନୈତିକ ଦୃଷ୍ଟିକୋଣରୁ, ଯଦି କେବେ ଆମେରିକା କିମ୍ବା ତାର ସହଯୋଗୀ ଦେଶଗୁଡ଼ିକ ଇରାନ ଉପରେ ସ୍ଥଳଭାଗରେ ସିଧାସଳଖ ଆକ୍ରମଣ କରିବାକୁ ଚାହାଁନ୍ତି, ତେବେ ଖାର୍ଗ ଦ୍ୱୀପ ସେମାନଙ୍କ ପାଇଁ ଏକ ପ୍ରକୃଷ୍ଟ ମାଧ୍ୟମ ବା 'ଲଞ୍ଚ ପ୍ୟାଡ୍' ସାଜିପାରେ । ସମ୍ପ୍ରତି ଆମେରିକା ରାଷ୍ଟ୍ରପତି ଅପ୍ରତ୍ୟାଶିତ ଭାବେ ଘୋଷଣା କରିଛନ୍ତି ଯେ ଆଗାମୀ ଦିନରେ ଏହି ଦ୍ୱୀପ ସମେତ ଇରାନର ସମସ୍ତ ପ୍ରମୁଖ ତୈଳ ଭିତ୍ତିଭୂମିକୁ ନିଜ କବଜାକୁ ନେବ । ଆମେରିକା ଏହା କରିପାରିଲେ ଇରାନର ଆର୍ଥିକ ଜୀବନରେଖା କଟିଯିବ, ଯାହାଫଳରେ ଇରାନର ଯୁଦ୍ଧ ଲଢ଼ିବାର ବାହ୍ୟ କ୍ଷମତା ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପଡ଼ିବ । ଆମେରିକା ସେନା ଏହି ଦ୍ୱୀପକୁ କବଜା କରି ଇରାନର ମୂଳ ଭୂଖଣ୍ଡ ଉପରେ ଆକ୍ରମଣ ତୀବ୍ର କରିପାରିବ । ଏହା ବ୍ୟତୀତ, ଆମେରିକା ଏହି ଦ୍ୱୀପକୁ ଏକ କୂଟନୈତିକ ଚାପ ଭାବେ ବ୍ୟବହାର କରି ଇରାନକୁ ହରମୁଜ ପ୍ରଣାଳୀ ଖୋଲା ରଖିବା ପାଇଁ ବାଧ୍ୟ କରିପାରିବ । ଅର୍ଥାତ୍, ଏହି ଗୋଟିଏ ଦ୍ୱୀପ ସମଗ୍ର ମଧ୍ୟପ୍ରାଚ୍ୟରେ ଆମେରିକା ସେନାର ପ୍ରତିପତ୍ତି ବିସ୍ତାର ପାଇଁ ଚାବିକାଠି ସଦୃଶ ପ୍ରତୀୟମାନ ହେଉଛି । ନିଜର ଏହି ଦୁର୍ବଳତା ଓ ଗୁରୁତ୍ୱକୁ ଇରାନ ଖୁବ୍ ଭଲ ଭାବେ ଜାଣେ । ସେଥିପାଇଁ ଖାର୍ଗ ଦ୍ୱୀପର ସୁରକ୍ଷାକୁ ଭେଦ କରିବା କୌଣସି ବି ଦେଶ ପାଇଁ ସହଜ ନୁହେଁ । 'ସ୍କୁଲ୍ ଅଫ୍ ୱାର୍' ପୋଡକାଷ୍ଟର ହୋଷ୍ଟ ଆରୋନ ମ୍ୟାକଲିନଙ୍କ ମତରେ, ଆମେରିକା ପାଇଁ ଏହି ଦ୍ୱୀପ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏକ ବଡ଼ ସାମରିକ ଚ୍ୟାଲେଞ୍ଜ । ଆମେରିକାର ଲ୍ୟାଣ୍ଡିଂ ଫୋର୍ସକୁ ଦୀର୍ଘ ସାମୁଦ୍ରିକ ମାର୍ଗ କିମ୍ବା ଆକାଶ ମାର୍ଗ ଦେଇ ଏଠାକୁ ଆସିବାକୁ ପଡ଼ିବ, ଯାହା ଅତ୍ୟନ୍ତ ବିପଦପୂର୍ଣ୍ଣ । ଇରାନ ଏହି ଦ୍ୱୀପ ଚାରିପାଖରେ ଏକ ଅଭେଦ୍ୟ ଦୁର୍ଗ ପ୍ରସ୍ତୁତ କରିଛିଛ ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ ପୂର୍ବରୁ ସ୍ପଷ୍ଟ ଚେତାବନୀ ଦେଇଛନ୍ତି ଯେ, ତାଙ୍କ ଦେଶର ସୈନ୍ୟମାନେ ଆମେରିକୀୟ ସୈନିକମାନଙ୍କୁ ଅପେକ୍ଷା କରିଛନ୍ତି ଏବଂ ଯଦି କେହି ଇରାନ ଭୂଖଣ୍ଡ ବା ଦ୍ୱୀପରେ ପ୍ରବେଶ କରିବାକୁ ଚେଷ୍ଟା କରେ, ତେବେ ତା' ଉପରେ ନିଆଁ ବର୍ଷା କରାଯିବ । କେବଳ ସେତିକି ନୁହେଁ, ଇରାନର ସାମରିକ ଅଧିକାରୀମାନେ ବିଶ୍ୱକୁ ଚେତାବନୀ ଦେଇଛନ୍ତି ଯେ, ଯଦି ଖାର୍ଗ ଦ୍ୱୀପ ଉପରେ କୌଣସି ଆକ୍ରମଣ ହୁଏ, ତେବେ ଲୋହିତ ସାଗର ଏବଂ ପାରସ୍ୟ ଉପସାଗରରେ ଯାଉଥିବା ସମସ୍ତ ଆନ୍ତର୍ଜାତୀୟ ମାଲବାହୀ ଜାହାଜକୁ ଟାର୍ଗେଟ କରାଯିବ । ଏହାଦ୍ୱାରା ସମଗ୍ର ବିଶ୍ୱରେ ଖାଦ୍ୟ ଓ ତେଲର ସଙ୍କଟ ଦେଖାଦେବ ।

ବ୍ୟାପକ ସାମରିକ ବିପଦକୁ ଦୃଷ୍ଟିରେ ରଖି ଇରାନ ନିକଟ ଅତୀତରେ ଖାର୍ଗ ଦ୍ୱୀପରେ ନିଜର ସୁରକ୍ଷା ବ୍ୟବସ୍ଥାକୁ ଅଭୁତପୂର୍ବ ଭାବେ ବୃଦ୍ଧି କରିଛି । ଆମେରିକୀୟ ଗୁପ୍ତଚର ସଂସ୍ଥାର ସୂତ୍ରରୁ ମିଳିଥିବା ସୂଚନାକୁ ଆଧାର କରି ସିଏନଏନ ପ୍ରକାଶ କରିଛି ଯେ, ତେହେରାନ ଏହି ଦ୍ୱୀପରେ ଅତିରିକ୍ତ ସୈନ୍ୟ ଏବଂ ଅତ୍ୟାଧୁନିକ ଏୟାର ଡିଫେନ୍ସ ସିଷ୍ଟମ୍ ମୁତୟନ କରିଛି ।

ଭୂପୃଷ୍ଠରୁ ଆକାଶ ମାର୍ଗୀୟ ମିସାଇଲ୍ ସଂଖ୍ୟାକୁ ଇରାନ ବଢ଼ାଇ ଦେଇଛି, ଯାହା ଶତ୍ରୁପକ୍ଷର ହେଲିକପ୍ଟର କିମ୍ବା ଯୁଦ୍ଧବିମାନକୁ ନିମିଷକେ ଧ୍ୱଂସ କରିପାରିବ । ଏହା ସହିତ, ଏହି ଦ୍ୱୀପର ଚାରିପାଖ ଜଳଭାଗରେ ଆଣ୍ଟି-ପର୍ସନେଲ ଏବଂ ସାମରିକ ଜାହାଜ ବା ଟ୍ୟାଙ୍କ୍ ଧ୍ୱଂସକାରୀ ଆଣ୍ଟି-ଆର୍ମର ମାଇନ୍ସ ଭଳି ବିପଦପୂର୍ଣ୍ଣ ଜାଲ ବିଛାଯାଇଛି । ଏଥିରୁ ସୁସ୍ପଷ୍ଟ ଯେ, ଇରାନ ନିଜର ଏହି ଅର୍ଥନୈତିକ ମେରୁଦଣ୍ଡକୁ ବଞ୍ଚାଇବା ପାଇଁ ଯେକୌଣସି ସ୍ତରକୁ ଯିବାକୁ ପ୍ରସ୍ତୁତ ।

ଖାର୍ଗ ଦ୍ୱୀପ କେବଳ ଦୁଇଟି ଦେଶ ମଧ୍ୟରେ ସୀମିତ ଯୁଦ୍ଧର ମଇଦାନ ନୁହେଁ । ଏହାର ପ୍ରଭାବ ସୁଦୂରପ୍ରସାରୀ । ଯଦି କୌଣସି ପରିସ୍ଥିତିରେ ଏହି ଦ୍ୱୀପ ଉପରେ ବଡ଼ ଧରଣର ଆକ୍ରମଣ ହୁଏ ଏବଂ ତେଲ ଟର୍ମିନାଲ୍‌ଗୁଡ଼ିକ ନଷ୍ଟ କରାଯାଏ, ତେବେ ଦୈନିକ ଲକ୍ଷ ଲକ୍ଷ ବ୍ୟାରେଲ୍ ଅଶୋଧିତ ତେଲ ବିଶ୍ୱ ବଜାରକୁ ଆସିବା ବନ୍ଦ ହୋଇଯିବ । ଏହାର ସିଧାସଳଖ ପ୍ରଭାବ ସ୍ୱରୂପ ଅନ୍ତର୍ଜାତୀୟ ବଜାରରେ ତେଲ ଦର ଆକାଶଛୁଆଁ ହେବ,ଯାହା ବିଶ୍ୱର ବିକାଶଶୀଳ ଦେଶଗୁଡ଼ିକରେ ମୁଦ୍ରାସ୍ଫୀତି ଏବଂ ଆର୍ଥିକ ମାନ୍ଦାବସ୍ଥା ସୃଷ୍ଟି କରିବ । ତେଣୁ ବିଶ୍ୱର ବଡ଼ ବଡ଼ ଶକ୍ତିଶାଳୀ ଦେଶମାନେ ମଧ୍ୟ ଏହି ଅଞ୍ଚଳରେ ଶାନ୍ତି ଚାହାଁନ୍ତି ।

**ସଂକ୍ଷେପରେ କହିବାକୁ ଗଲେ, ଖାର୍ଗ ଦ୍ୱୀପ ହେଉଛି ଭୂ-ରାଜନୀତି ଏବଂ ସାମରିକ କୂଟନୀତିର ଏକ ଜ୍ୱଳନ୍ତ ଉଦାହରଣ, ଯେଉଁଠାରେ ଏକ କ୍ଷୁଦ୍ର ଭୂଖଣ୍ଡର ସୁରକ୍ଷା ଉପରେ ସମଗ୍ର ବିଶ୍ୱ ନିର୍ଭର କରୁଛି । ଇରାନ, ଏହି ଦ୍ୱୀପକୁ ନିଜର ସର୍ବଶ୍ରେଷ୍ଠ ସାମରିକ ସୁରକ୍ଷା ପ୍ରଦାନ କରି ନିଜ ଅର୍ଥନୀତିକୁ ବଞ୍ଚାଇ ରଖିବାକୁ ପ୍ରୟାସ କରୁଛି ସତ, ମାତ୍ର ଯଦି ଅନ୍ୟ ଦେଶଗୁଡିକ ଏହି ଦ୍ୱୀପର ସୁରକ୍ଷା ପାଇଁ ପ୍ରଚେଷ୍ଟା ନକରନ୍ତି ତେବେ ଆଗାମୀ ଦିନରେ ବିଶ୍ୱରେ ବହୁତ ବଡ଼ ସଙ୍କଟ ଆସିବ । ଏଥିରେ ଦ୍ୱିମତ ନାହିଁ ।**

ସଂକ୍ଷେପରେ କହିବାକୁ ଗଲେ, ଖାର୍ଗ ଦ୍ୱୀପ ହେଉଛି ଭୂ-ରାଜନୀତି ଏବଂ ସାମରିକ କୂଟନୀତିର ଏକ ଜ୍ୱଳନ୍ତ ଉଦାହରଣ, ଯେଉଁଠାରେ ଏକ କ୍ଷୁଦ୍ର ଭୂଖଣ୍ଡର ସୁରକ୍ଷା ଉପରେ ସମଗ୍ର ବିଶ୍ୱ ନିର୍ଭର କରୁଛି । ଇରାନ, ଏହି ଦ୍ୱୀପକୁ ନିଜର ସର୍ବଶ୍ରେଷ୍ଠ ସାମରିକ ସୁରକ୍ଷା ପ୍ରଦାନ କରି ନିଜ ଅର୍ଥନୀତିକୁ ବଞ୍ଚାଇ ରଖିବାକୁ ପ୍ରୟାସ କରୁଛି ସତ, ମାତ୍ର ଯଦି ଅନ୍ୟ ଦେଶଗୁଡିକ ଏହି ଦ୍ୱୀପର ସୁରକ୍ଷା ପାଇଁ ପ୍ରଚେଷ୍ଟା ନକରନ୍ତି ତେବେ ଆଗାମୀ ଦିନରେ ବିଶ୍ୱରେ ବହୁତ ବଡ଼ ସଙ୍କଟ ଆସିବ । ଏଥିରେ ଦ୍ୱିମତ ନାହିଁ ।

**କଟକ**

**ମୋ-୯୪୩୮୦୭୦୮୪୯**

# ଲିଭିଗଲା ତୃତୀୟ ପିଢ଼ିର ଶେଷ ଦୀପ ଶିଖା



**ଡକ୍ଟର ସୁଶୀଲ କୁମାର ବାଗ୍**

ନିଜ କର୍ମ ଓ ସୁଗୁଣ ଅନୁସାରେ ମଣିଷ ପରିଚିତ ହୋଇଥାଏ। ଜଣେ ବ୍ୟକ୍ତିର ମହନୀୟ ଗୁଣ ଓ ସ୍ୱଭାବ ତାକୁ ମୃତ୍ୟୁ ପରେ ମଧ୍ୟ ଅମର କରିରଖେ । ଆତ୍ମୀୟ, ପ୍ରିୟପରିଜନଙ୍କ ହୃଦୟରେ ସାରା ଜୀବନ ସେ ଜୀବିତ ହୋଇ ରହିଥାଏ । ସେଭଳି ମହନୀୟ ସତ୍ତାର ଅଧିକାରିଣୀ ଥିଲେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କନିଷ୍ଠ ପୌତ୍ରବଧୂ ପ୍ରେମଶୀଳା ମେହେର । କବି ପରିବାରକୁ ଏକତା ସୂତ୍ରରେ ବାନ୍ଧି ରଖିବା ପାଇଁ ତାଙ୍କ ଜୀବନ ଥିଲା ଉତ୍ସର୍ଗୀକୃତ । କବି ପରିବାରକୁ ବୋହୂ ହୋଇ ଆସିବା ଦିନଠାରୁ ସେ ପରିବାରର ସମସ୍ତଙ୍କ ସୁଖଦୁଃଖର ସାଥୀ ପାଲଟି ଯାଇଥିଲେ । କବି ପରିବାରର ଐତିହ୍ୟ ଓ ପରମ୍ପରାକୁ ସୁଦୃଢ଼ କରିବାରେ ତାଙ୍କର ତ୍ୟାଗ ଓ ମହନୀୟ ଅବଦାନ ଅତ୍ୟନ୍ତ ଉଲ୍ଲେଖନୀୟ ।

୧୯୪୩ ମସିହା ଜୁନ୍ ୬ ତାରିଖରେ ବରଗଡ଼ ଜିଲ୍ଲା ପଦ୍ମପୁର, ଗଡ଼ଭାଟିରେ ପ୍ରେମଶୀଳା ଜନ୍ମ ଲାଭ କରିଥିଲେ । ପିତା ନିରଞ୍ଜନ ମେହେର ଓ ମାତା ସୁଶୀଳା ମେହେରଙ୍କ ତିନି ପୁଅ ଝିଅଙ୍କ ମଧ୍ୟରୁ ସେ ଥିଲେ ମଧ୍ୟମା । ବଡ଼ ଭାଇ ନୀଳାମ୍ବର ଓ ସାନ ଭଉଣୀ ହରିପ୍ରିୟାଙ୍କ ସ୍ନେହ,ମମତାରେ କଟିଥିଲା ତାଙ୍କର ବାଲ୍ୟକାଳ । ପଦ୍ମପୁର ମେହେର ପଡ଼ା ନିକଟସ୍ଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ି ଥିଲେ ।

୧୯୫୯ ମସିହାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ କନିଷ୍ଠ ପୌତ୍ର କିଶୋର ଚନ୍ଦ୍ର ମେହେରଙ୍କୁ ସେ ବିବାହ କରି ବରପାଲି ଆସିଥିଲେ । ସେଇ ଦିନଠାରୁ କବି ପରିବାର ସହିତ ସୁଖରେ, ଦୁଃଖରେ ସେ ଜଡ଼ିତ ହୋଇଥିଲେ । କବି ପରିବାରର ବୋହୂ ଭାବରେ ସେ ଗୌରବ ଅନୁଭବ କରୁଥିଲେ। ଶ୍ୱଶୁର ଭଗବାନ ମେହେର, ସ୍ୱାମୀ କିଶୋର ଚନ୍ଦ୍ରଙ୍କ ସେବା, ଶୁଶ୍ରୁଷା କରିବାରେ ସେ ନିଜକୁ ଉତ୍ସର୍ଗ କରି ଦେଇଥିଲେ ।

କବିଙ୍କ କନିଷ୍ଠା ପୌତ୍ରବଧୂ ଥିଲେ ପ୍ରେମଶୀଳା । ଅଥଚ ପରିବାରର ଅନେକ ଗୁରୁଦାୟିତ୍ୱ ନିର୍ବାହ କରୁଥିଲେ । ଶ୍ୱଶୁରଙ୍କଠାରୁ ଆରମ୍ଭ କରି ସ୍ୱାମୀ, ପୁଅ, ପୁତୁରା, ଝିଆରୀ, ନାତିନାତୁଣୀଙ୍କ ସମସ୍ତଙ୍କ ସୁବିଧା ଅସୁବିଧା କଥା ବୁଝୁଥିଲେ । ପ୍ରକୃତରେ ଶ୍ରଦ୍ଧାଶୀଳ ମଣିଷମାନେ ହିଁ ସର୍ବଦା ନିଜ ଜୀବନକୁ ଅନ୍ୟ ପାଇଁ ସମର୍ପି ଦେବାରେ ପାଆନ୍ତି ଅପାର ତୃପ୍ତି, ଅସୀମ ଆନନ୍ଦ । କେବଳ ପରିବାର ଲୋକଙ୍କୁ ନୁହେଁ, ଘରକୁ ଆସୁଥିବା ଆତ୍ମୀୟସ୍ୱଜନ, କବି, ସାହିତ୍ୟିକଙ୍କୁ ଆତିଥ୍ୟ ଦେବାରେ କେବେହେଲେ ସେ କାର୍ପଣ୍ୟ କରୁ ନଥିଲେ । ଯିଏ ଥରେ ତାଙ୍କ ଘରକୁ ଯାଇଛି ନିଶ୍ଚୟ ତାଙ୍କର ଆତିଥ୍ୟକୁ ଭୁଲି ପାରିବ ନାହିଁ । ପ୍ରକୃତରେ ସେ ଥିଲେ ଜଣେ ସ୍ନେହମୟୀ ମା'। ତାଙ୍କର ନମ୍ରତା, ସରଳତା, ଭଦ୍ରତା, ନିରାଡ଼ମ୍ବର ଜୀବନ ଶୈଳୀ ସମସ୍ତଙ୍କୁ ପ୍ରଭାବିତ କରୁଥିଲା ।

ବରପାଲିସ୍ଥିତ କବି ପରିବାରଙ୍କ ନୂତନ ବାସଭବନ ଗଙ୍ଗାଧର ସ୍ମୃତି ସଦନରେ ସଂରକ୍ଷିତ ହୋଇ ରହିଥିବା ସ୍ୱଭାବ କବିଙ୍କ ଦୁର୍ଲଭ ସ୍ମୃତି ସାମଗ୍ରୀକୁ ସୁରକ୍ଷିତ, ସୁସଜ୍ଜିତ କରି ରଖିବାରେ ସେ ପାଉଥିଲେ ଅପର ଆନନ୍ଦ । ସଂଗ୍ରହାଳୟରେ ଥିବା କବିଙ୍କ କଲମ, ଦୁଆତ, କୋଟ୍, କାମିଜ, କଠଉ, ପିଢ଼ା, ତନ୍ତ, କବିଙ୍କ କାବ୍ୟକବିତାର ପାଣ୍ଡୁଲିପି, ତତ୍କାଳୀନ କବି ଲେଖକଙ୍କ ଚିଠିପତ୍ର ଆଦିକୁ ବାହାରୁ ଆସୁଥିବା ଗଙ୍ଗାଧରପ୍ରେମୀ, କବି, ଲେଖକ, ଗବେଷକ, ଛାତ୍ରଛାତ୍ରୀମାନଙ୍କୁ ଦେଖାଇ ସେ ପାଉଥିଲେ ଅସୀମ ଆନନ୍ଦ । କବିଙ୍କ ସ୍ମୃତି ରକ୍ଷା ପାଇଁ ସେ ମନପ୍ରାଣ ଢାଳି ଦେଇ ନିଷ୍ଠାର ସହିତ କାମ କରୁଥିଲେ । କବିଙ୍କ ଜୟନ୍ତୀ, ଶ୍ରାଦ୍ଧ ଦିବସ, ଜ୍ୟୋତି ଯାତ୍ରା ସମୟରେ ତାଙ୍କ ଆନ୍ତରିକତା ଫୁଟି ଉଠୁଥିଲା । ଗଙ୍ଗାଧର ସାହିତ୍ୟର ସେ ଥିଲେ ଜଣେ ବିମୁଗ୍ଧ ପାଠିକା । ଗଙ୍ଗାଧର ଗ୍ରନ୍ଥାବଳୀ ଥିଲା ତାଙ୍କର ପ୍ରିୟ ଗ୍ରନ୍ଥ । ପ୍ରତିଦିନ ଗଙ୍ଗାଧର ଗ୍ରନ୍ଥାବଳୀରୁ କିଛି ନା କିଛି ଅଧ୍ୟୟନ କରୁଥିଲେ ସେ ଧ୍ୟାନସ୍ଥ ହୋଇ । କବିଙ୍କ କାବ୍ୟକବିତାର ଅନେକ ପଦ ସେ ମୁଖସ୍ଥ କରିଥିଲେ। କେବଳ ଗଙ୍ଗାଧରଙ୍କ କୃତି ନୁହେଁ, ତାଙ୍କ ଘରେ ଥିବା ବିଭିନ୍ନ ଲେଖକଙ୍କ ପୁସ୍ତକ ନିୟମିତ ସେ ପଠନ କରୁଥିଲେ ।

ବରପାଲିର ବିଭିନ୍ନ ସାହିତ୍ୟ, ସାଂସ୍କୃତିକ ସଂଗଠନ ସହିତ ତାଙ୍କର ଥିଲା ନିବିଡ଼ ସଂପର୍କ । କେବଳ ଗଙ୍ଗାଧର ଜୟନ୍ତୀ କି ଶ୍ରାଦ୍ଧ ଦିବସ ନୁହେଁ, କବିପୁତ୍ର ଭଗବାନ ମେହେର, ସମାଜସେବୀ ନିକୁଞ୍ଜ ବିହାରୀ ସିଂହ, ସ୍ୱାଧୀନତା ସଂଗ୍ରାମୀ ଭାଗିରଥୀ ପଟ୍ଟନାୟକ ପ୍ରମୁଖଙ୍କ ଜୟନ୍ତୀ, ଶ୍ରାଦ୍ଧ ଦିବସରେ ଗଙ୍ଗାଧର ସ୍ମୃତି ଭବନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାଗୁଡ଼ିକରେ ଶ୍ରୋତା ଭାବରେ ସେ ଯୋଗ ଦେଉଥାନ୍ତି ଅତି ଆଗ୍ରହ ସହକାରେ । ସଭା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଜଣେ ମୁଗ୍ଧ ଶ୍ରୋତା ଭାବେ ଅତିଥି, ବକ୍ତାମାନଙ୍କ ବକ୍ତବ୍ୟ ଶୁଣିଥିଲେ ।

ଗଙ୍ଗାଧର ସାହିତ୍ୟ ପରିଷଦ, ନିକୁଞ୍ଜ ବିହାରୀ ସିଂହ ସ୍ମୃତି କମିଟି, ସଂପର୍କ ସାଂସ୍କୃତିକ ଅନୁଷ୍ଠାନ, ସ୍ୱୟଂସିଦ୍ଧା ଫାଉଣ୍ଡେସନ୍ ଆଦି ବିଭିନ୍ନ ଅନୁଷ୍ଠାନର କାର୍ଯ୍ୟକ୍ରମଗୁଡ଼ିକରେ ସେ ଉପସ୍ଥିତ ରହି ଅନ୍ୟମାନଙ୍କୁ ଉତ୍ସାହିତ କରୁଥିଲେ । ଭୁବନେଶ୍ୱର କଳିଙ୍ଗବିହାରରେ ରହୁଥିବା ସମୟରେ ୨୦୧୮ ମସିହାରେ ସେ ଗଠନ କରିଥିଲେ ସ୍ୱଭାବ କବି ଗଙ୍ଗାଧର ମେହେର ଓ କବିପତ୍ନୀ ଶାନ୍ତା ଦେବୀ ସ୍ମୃତି ଟ୍ରଷ୍ଟ ନାମକ ସ୍ୱେଚ୍ଛାସେବୀ ସଂଗଠନ। ଜୀବନର ଶେଷ ପର୍ଯ୍ୟନ୍ତ ଏହି ସଂଗଠନର ସେ ସଭାପତି ଦାୟିତ୍ୱରେ ଥିଲେ ।

**କବି ଗଙ୍ଗାଧର ମେହେରଙ୍କ କନିଷ୍ଠ ପୌତ୍ରବଧୂ ପ୍ରେମଶୀଳା ମେହେର । କବି ପରିବାରକୁ ଏକତା ସୂତ୍ରରେ ବାନ୍ଧି ରଖିବା ପାଇଁ ତାଙ୍କ ଜୀବନ ଥିଲା ଉତ୍ସର୍ଗୀକୃତ । କବି ପରିବାରକୁ ବୋହୂ ହୋଇ ଆସିବା ଦିନଠାରୁ ସେ ପରିବାରର ସମସ୍ତଙ୍କ ସୁଖଦୁଃଖର ସାଥୀ ପାଲଟି ଯାଇଥିଲେ ।**



**(ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପୌତ୍ରବଧୂ ପ୍ରେମଶୀଳା ମେହେରଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି)**

ପ୍ରେମଶୀଳା ମେହେର ଜଣେ ପ୍ରସିଦ୍ଧ ସାହିତ୍ୟ ସ୍ରଷ୍ଟା ନଥିଲେ ସତ, କିନ୍ତୁ ହୃଦୟର ବିପୁଳ ଆବେଗକୁ ସେ ଅନେକ ସମୟରେ କାଗଜ ପୃଷ୍ଠାରେ ଲିପିବଦ୍ଧ କରି ରଖୁଥିଲେ । ନିଜ ପରିବାର, ପ୍ରିୟଜନଙ୍କ ସ୍ମୃତିକୁ ଲେଖିବାରେ ସେ ପାଉଥିଲେ ଗଭୀର ଆନନ୍ଦ । ପରବର୍ତ୍ତୀ ସମୟରେ ସେ ସବୁ ଲେଖାଗୁଡ଼ିକ ଗଙ୍ଗାଧର ସ୍ମରଣିକା, ସ୍ମୃତି ଅର୍ଘ୍ୟ ଆଦି ପତ୍ରପତ୍ରିକାରେ ପ୍ରକାଶିତ ହୋଇ ସମ୍ବେଦନଶୀଳ ପାଠକମାନଙ୍କ ହୃଦୟକୁ ସ୍ପର୍ଶ କରିପାରିଥିଲା ।

ଜୀବନର ଶେଷ ସମୟରେ ସେ ପୁତ୍ର ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ବୋହୂ ଦୀପ୍ତିମୟୀ ଓ ନାତି ଶୌଭିକ ସୁମନଙ୍କ ସହିତ ଭୁବନେଶ୍ୱର କଳିଙ୍ଗ ବିହାରସ୍ଥିତ ଗଙ୍ଗାଧର-ଶାନ୍ତା ସଦନରେ ରହୁଥିଲେ । ଜୀବନର ଶେଷ ପର୍ଯ୍ୟନ୍ତ ପୁତ୍ର, ପୁତ୍ରବଧୂ, ନାତି ସମସ୍ତଙ୍କୁ ସ୍ନେହର ବଳୟରେ ବାନ୍ଧି ରଖିଥିଲେ ।

୨୦୨୬ ଜୁଲାଇ ୨୫ ତାରିଖ ରାତି ପ୍ରାୟ ୮ଟା ସମୟରେ କବି ପରିବାରଙ୍କ ତୃତୀୟ ପିଢ଼ିର ଶେଷ ଦୀପଶିଖା ଲିଭି ଗଲା ସବୁ ଦିନ ପାଇଁ । ପ୍ରିୟପରିଜନଙ୍କୁ ଶୋକ ସାଗରରେ ଭସାଇ ସବୁଦିନ ପାଇଁ ପ୍ରେମଶୀଳା ଚାଲି ଗଲେ ଜୀବନର ଆରପାରିକୁ । ଭୁବନେଶ୍ୱର ସତ୍ୟ ନଗରସ୍ଥିତି ମୁକ୍ତିଧାମରେ ପଞ୍ଚଭୂତରେ ଲୀନ ହୋଇଗଲା ତାଙ୍କ ପାର୍ଥିବ ଶରୀର । ଆଜି ସେ ସଶରୀରରେ ନାହାନ୍ତି ସତ, ହେଲେ ତାଙ୍କ ଦିବ୍ୟ ଗୁଣ ଯୋଗୁଁ ସେ ଆତ୍ମୀୟ ସ୍ୱଜନ, ପ୍ରିୟଜନଙ୍କ ହୃଦୟରେ ସାରା ଜୀବନ ଜୀବିତ ହୋଇ ରହିବେ । ଏକାଦଶାହ ଅବସରରେ ମୋର ମାତୃତୁଲ୍ୟା ମମତାମୟୀ ମା' ପ୍ରେମଶୀଳା ମେହେରଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

**ପ୍ଲଟ ନଂ-୨୮୬, ସେକ୍ଟର -୫**

**ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧**

**ମୋ-୯୪୩୭୨୬୩୮୨୬**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।

(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )

samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପ୍ରାରମ୍ଭିକ...

କ୍ଷତିଗ୍ରସ୍ତ ପକ୍କା ଘର ପାଇଁ ୬,୫୦୦ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ କଚ୍ଚା ଘର ପାଇଁ ୪,୦୦୦ ଟଙ୍କା, ଭାଙ୍ଗିଯାଇଥିବା କୁଡ଼ିଆ ଘର ପାଇଁ ୮,୦୦୦ ଟଙ୍କା ଓ ଗୁହାଳ ଘର ପାଇଁ ୩,୦୦୦ ଟଙ୍କା ଦିଆଯିବ।

କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ଫସଲ ବା ଉଦ୍ୟାନ କ୍ଷୟକ୍ଷତି ନିମନ୍ତେ ଅଣଜଳସେଚିତ ଅଞ୍ଚଳ ହେକ୍ଟର ପିଛା ୮,୫୦୦ ଟଙ୍କା, ଜଳସେଚିତ ଜମିରେ ୧୭,୦୦୦ ଟଙ୍କା ଏବଂ ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ ଟଙ୍କା ହିସାବରେ ସହାୟତା ଯୋଗାଇ ଦିଆଯିବ। ବନ୍ୟାଜନିତ ମୃତ୍ୟୁ ଘଟଣାରେ ୬ ଜଣ ମୃତକଙ୍କ ନିକଟମ ପରିବାରକୁ ବିପର୍ଯ୍ୟୟ ସହାୟତା ପାଣ୍ଠି ନିୟମାନୁଯାୟୀ ୨୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ।

ମୃତ ଗୃହପାଳିତ ପଶୁମାନଙ୍କ ପାଇଁ ମଧ୍ୟ ସହାୟତା ପ୍ରଦାନ କରାଯିବ। ଦୁଧିଆଳୀ ପଶୁ ଯଥା ମଇଁଷି, ଗାଈ ପିଛା ୩୭,୫୦୦ ଟଙ୍କା, ଛେଳି ବା ମେଣ୍ଢା ପିଛା ୪,୦୦୦ ଟଙ୍କା, ଭାରବାହୀ ପଶୁ ଯଥା ବଳଦ, ମଇଁଷି, ଘୋଡ଼ା ପିଛା ୩୨,୦୦୦ ଟଙ୍କା, ବାଛୁରୀ, ଗଧ ଏବଂ ଖଚର ପିଛା ୨୦,୦୦୦ ଟଙ୍କା ହିସାବରେ ପ୍ରାରମ୍ଭିକ ଆକଳନ ଅନୁଯାୟୀ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ।

ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି ଯେ, ବନ୍ୟା ପ୍ରଭାବିତ ପ୍ରତ୍ୟେକ ପରିବାର ପର୍ଯ୍ୟନ୍ତ ତୁରନ୍ତ ରିଲିଫ୍ ଓ ସମସ୍ତ ପ୍ରକାର ଆବଶ୍ୟକ ସହାୟତା ପହଞ୍ଚାଇବା ପାଇଁ ପ୍ରଶାସନ ନିରନ୍ତର କାର୍ଯ୍ୟ କରୁଛି। ବରିଷ୍ଠ ଅଧିକାରୀମାନେ ପରିସ୍ଥିତିର ଚବିଶ ଘଣ୍ଟିଆ ସମୀକ୍ଷା କରୁଥିବା ବେଳେ ରିଲିଫ୍, ଉଦ୍ଧାର ଓ ପୁନର୍ବାସ କାର୍ଯ୍ୟ ସ୍ୱାଭାବିକ ପରିସ୍ଥିତି ଫେରିବା ପର୍ଯ୍ୟନ୍ତ ଜାରି ରହିବ।

ଚଳିତ ବନ୍ୟାରେ ୨୨ଟି ଜିଲ୍ଲାର ୮୫ଟି ବ୍ଲକ୍, ୧୫ଟି ପୌରାଞ୍ଚଳ, ୬୫୬ଟି ଗ୍ରାମ ପଞ୍ଚାୟତ ଏବଂ ୧୪୫୮ଟି ଗ୍ରାମ ପ୍ରଭାବିତ ହୋଇଛି। ପ୍ରାୟ ୮ ଲକ୍ଷ ୬୩ ହଜାର ୯୦୯ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ, ପୂର୍ବ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ୨ ଲକ୍ଷ ୬୭ ହଜାର ୩୦୧ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ପ୍ରଭାବିତ ଅଞ୍ଚଳଗୁଡ଼ିକରେ ୫୨୯ଟି ରିଲିଫ୍ ଶିବିର ଓ ୩୧ଟି ପଶୁ ଶିବିର କାର୍ଯ୍ୟକ୍ଷମ ରହିଛି।

ପ୍ରଭାବିତ ଲୋକଙ୍କ ନିକଟରେ ତୁରନ୍ତ ସହାୟତା ପହଞ୍ଚାଇବା ପାଇଁ ପ୍ରାୟ ୪୧ କ୍ୱିଣ୍ଟାଲ ଚାଉଳ, ୧୧୧୫ କ୍ୱିଣ୍ଟାଲ ଚୁଡ଼ା, ୪୯୬ କ୍ୱିଣ୍ଟାଲ ଗୁଡ଼, ୩୮୬୯ଟି ପଲିଥିନ୍ ସିଟ୍ ସହ ବିଭିନ୍ନ ଜରୁରୀ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ସେହିପରି ପଶୁପାଳକମାନଙ୍କୁ ସହାୟତା ଦେବା ପାଇଁ ୧୮୧୬ ମେଟ୍ରିକ ଟନ୍ ଗୋଖାଦ୍ୟ ଯୋଗାଇ ଦିଆଯାଇଛି।

ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ପାଇଁ ୨୦ଟି ଓଡ଼ିଆର୍ଏଏଫ୍ ଦଳ, ୭ ଏନ୍‌ଡିଆର୍ଏଫ୍ ଦଳ ଓ ୧୭୨ଟି ଅଗ୍ନିଶମ ବାହିନୀ ଦଳ, ଅର୍ଥାତ୍ ସର୍ବମୋଟ ୧୯୯ଟି ଉଦ୍ଧାରକାରୀ ଦଳ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ନିରନ୍ତର କାର୍ଯ୍ୟରତ ରହିଛନ୍ତି।

ପ୍ରାଥମିକ ଆକଳନ ଅନୁଯାୟୀ ବନ୍ୟାରେ ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୫୬୭ଟି ଘର କ୍ଷତିଗ୍ରସ୍ତ ହୋଇଛି। ସେହିପରି ପ୍ରାୟ ୩୩,୪୫୮.୩୦ ହେକ୍ଟର ଚାଷଜମି ପ୍ରଭାବିତ ହୋଇଥିବାର ପ୍ରାରମ୍ଭିକ ଆକଳନ କରାଯାଇଛି।

ବର୍ତ୍ତମାନ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ରିଲିଫ୍, ଉଦ୍ଧାର ଓ ପୁନର୍ବାସ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରିରହିଛି। ପ୍ରଭାବିତ ଲୋକଙ୍କୁ ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ପଶୁଚିକିତ୍ସା, ପଲିଥିନ୍ ସିଟ୍ ଏବଂ ଅନ୍ୟାନ୍ୟ ଜରୁରୀ ସହାୟତା ନିରନ୍ତର ଭାବେ ଯୋଗାଇ ଦିଆଯାଉଛି। ଇତିମଧ୍ୟରେ ଅତ୍ୟଧିକ ପ୍ରଭାବିତ ଜିଲ୍ଲାମାନଙ୍କୁ ୨୬ କୋଟି ଟଙ୍କାର ଅଗ୍ରୀମ ସହାୟତା ପ୍ରଦାନ କରାଯାଇଥିଲା।

## ୮ ଘଣ୍ଟା...

୨୦୨୪ ମସିହାରେ ହାଇକୋର୍ଟ ବିବାଦକୁ ସମାଧାନ କରିଥିଲେ ମଧ୍ୟ ଗୋଟିଏ ପକ୍ଷ ଠିକ୍ ଭାବେ ତାହା ଗ୍ରହଣ କରିନଥିଲା। ଏଣ୍ଡାମେଣ୍ଟ କୋର୍ଟରେ ମାମଲା ବିଚାରାଧୀନ ଥିବା କୁହାଯାଉଛି। ପାଉଣା ଭାଗ ବଣ୍ଟୁଆରକୁ ନେଇ ଦୁଇ ନିଯୋଗ ମଧ୍ୟରେ ସବୁବେଳେ ବିବାଦ ଲାଗି ରହୁଛି।

ସୋମବାର ମନ୍ଦିରରେ କାଉଡିଆଙ୍କ ସଂଖ୍ୟାଧିକ ଗହଳି ଥିବାବେଳେ ନୀତିକାନ୍ତିର ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ ହସ୍ତକ୍ଷେପ କରିବା ପରେ ଦୁଇପକ୍ଷ ନିଃସର୍ତ୍ତରେ ୮ ଘଣ୍ଟା ପରେ ନୀତିକାନ୍ତି କରିଥିଲେ। କାଉଡିଆଙ୍କ କହିବା କଥା ଶ୍ରୀଲିଙ୍ଗରାଜ ମନ୍ଦିର ସେବକ ଦୁଇ ସେବାୟତ ସଂଘର ବିବାଦ ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ସେ ଯାହା ହେଉନା କାହିଁକି ଶ୍ରଦ୍ଧାଳୁ କାହିଁକି ଠାକୁରଙ୍କ ନୀତିକାନ୍ତିରୁ ବଞ୍ଚିତ ହେବେ। ମନ୍ଦିର ପ୍ରଶାସନର ଜଣେ ଅଫିସରଙ୍କ କହିବା କଥା ବଢ଼ୁ ନିଯୋଗ ଓ ପୂଜାପଣ୍ଡା ନିଯୋଗ ନିଃସର୍ତ୍ତରେ ପୂଜାର୍ଚ୍ଚନାରେ ଯୋଗ ଦେଇଛନ୍ତି। ହେଲେ ୮ ଘଣ୍ଟା ନୀତିକାନ୍ତି ବନ୍ଦ ହେବାକୁ ନେଇ ଆମେ ଦୁଃଖିତ।

## ପ୍ରତିବାଦକାରୀ...

ବ୍ୟବସ୍ଥାର ଉନ୍ନତୀ ପାଇଁ ମଧ୍ୟ ପ୍ରଶ୍ନ ଉଠୁ। ବିହାର, ପଶ୍ଚିମବଙ୍ଗ, ଆସାମ, ଉତ୍ତରପ୍ରଦେଶ ଓ ଦିଲ୍ଲୀରେ ଯେଉଁ ଯୁବକମାନେ ରହୁଛନ୍ତି ତାଙ୍କ ନାଁରେ ଥିବା ଏଲତା ଖରାଜ କରାଯାଉ। ଶୁଣାଣି ସମୟରେ ସିଜେଆଇ କହିଥିଲେ ଯେ ଅସାମାଜିକ ତତ୍ତ୍ୱଙ୍କ ଛାତ୍ରମାନଙ୍କୁ ଦୁରେଇ ରଖାଯାଉ। ବରିଷ୍ଠ ଆଇନଜୀବୀ ଅଭିଶେକ ସିଙ୍ଗବୀ ସର୍ବୋଚ୍ଚ କୋର୍ଟ ଠାରୁ ସ୍ପଷ୍ଟୀକରଣ ଚାହିଁଥିଲେ ଯେ ରାଜନୈତିକ ପ୍ରତିବାଦରେ ସାମିଲ ହୋଇ ଯେଉଁମାନଙ୍କ ନାମରେ ମାମଲା ରହିଛି ତାଙ୍କୁ ମଧ୍ୟ ବାଦ ଦିଆଯାଉ। ପେଲେଟ ଗନ ବ୍ୟବହାର ଉପରେ ସ୍ପଷ୍ଟୀକରଣ ରଖିବା ପାଇଁ ସିଜେଆଇ କହିଛନ୍ତି।

## ଓୟୁଏଟି...

ଏହି ଟଙ୍କା ଦ୍ୱାରା ଆମର ଛାତ୍ରଛାତ୍ରୀମାନେ ବିନା ଆର୍ଥିକ ଚିନ୍ତାରେ ନୂଆ ଉଦ୍ଭାବନ ଓ ଗବେଷଣା ଉପରେ ଧ୍ୟାନ ଦେଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମତବ୍ୟକ୍ତ କରିଛନ୍ତି। ଏହି ସୁବିଧା ଓୟୁଏଟିର କୃଷି ଓ ଆନୁଷଙ୍ଗିକ ବିଷୟରେ ପଢୁଥିବା ନିୟମିତ ପିଜି ଏବଂ ପିଏଚ୍.ଡି ଛାତ୍ରଛାତ୍ରୀଙ୍କ ପାଇଁ ଲାଗୁ ହେବ।

## ଚାଲିପାରୁନି...

ବିରୋଧୀମାନେ ସ୍ଲୋଗାନ ଦେଇଥିଲେ। ଗୃହର ମଧ୍ୟଭାଗକୁ ଆସି ହଟଗୋଳ କରିବାକୁ ଗୃହକୁ ଅପରାହ୍ଣ ୧୨ଟା ଯାଏ ମୂଳତବୀ କରାଯାଇଥିଲା। ୧୨ଟା ପରେ ଗୃହକାର୍ଯ୍ୟ ଆରମ୍ଭ ହେଲା ପରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୁଣି ପୁନର୍ବାର ଗୃହକୁ ୨ଟା ଯାଏ ମୁଳଦବୀ କରାଯାଇଥିଲା। ତେବେ ୨ଟା ପରେ ବିଲ ଆଗତ ହୋଇ ପାରିତ ହେବା ପରେ ଗୃହକୁ ଆସନ୍ତାକାଲି ଯାଏ ମୂଳତବୀ କରାଯାଇଥିଲା। ଗୃହରେ ହଟଗୋଳ ମଧ୍ୟରେ ଆଇନମନ୍ତ୍ରୀ ଅର୍ଜୁନ ମେଘୱାଲ ସୁପ୍ରିମକୋର୍ଟ ସଂଶୋଧନ ବିଲ ଆଗତ କରିଥିଲେ। ସେହିଭଳି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଧ୍ୟ ବ୍ୟାଙ୍କର୍ସ ବୁକ ଏଭିଡେନ୍ସ ବିଲକୁ ଆଗତ କରିଥିଲେ।

## ପୁରୀ...

ବିଶ୍ୱର ବିଭିନ୍ନ ସ୍ଥାନରୁ ଲକ୍ଷ ଲକ୍ଷ ଭକ୍ତ ଆସିଥାନ୍ତି। ଭାରତର ଜୀବନ ଐତିହ୍ୟର ଏହା ସବୁଠୁ ସ୍ଥାୟୀ ପ୍ରତିକ। ଦେଶର ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ବିଶ୍ୱସ୍ତରୀୟ ସ୍ୱୀକୃତି ଆହୁରି ମଜଭୁତ କରିବ। ଭବିଷ୍ୟତ ପିଢ଼ି ପାଇଁ ଏହାର ସଂରକ୍ଷଣ ଏବଂ ପ୍ରୋତ୍ସାହନ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିବ। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଏଥିରେ ହସ୍ତକ୍ଷେପ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

# ସାଂସଦଙ୍କ ପାଖରେ ହାର ମାନିଲା ସିଡବ୍ଲ୍ୟୁସି : ଝିଅକୁ ଫେରିପାଇଲା ବାପା



ନୀଳଗିରି (ସବ୍ୟୁ): ବାଲେଶ୍ୱର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ନ୍ୟାୟ ଆଗରେ ହାରମାନିଛି ଶିଶୁ କଲ୍ୟାଣ ଆୟୁକ୍ତ (ସିଡବ୍ଲ୍ୟୁସି): ଫଳରେ ଝିଅକୁ ଫେରି ପାଇଛି ବାପା। ଏକ ୪ବର୍ଷର ନାବାଳିକାକୁ ଯେଉଁଭଳି ଭାବରେ ଚାଇଲ୍ଡ ହେଲ୍ପ ଲାଇନ୍‌ର ଟିମ୍ ସାଙ୍ଗ ମାନଙ୍କ ସହିତ ଖେଳୁଥିବା ସମୟରେ ଉଠାଇ ଆଣି ବେଆଇନ୍ ଭାବେ ବାଲେଶ୍ୱର ଜିଲ୍ଲା ଶିଶୁ ସୁରକ୍ଷା କେନ୍ଦ୍ରରେ ଛାଡିବା ପରେ ଶେଷରେ ପିଲାଟିକୁ ନିଳଗିରି ସ୍ଥିତ କନ୍ୟାା ସୁକୁରୀ ସେବା ଆଶ୍ରମରେ ଛାଡ଼ି ଦେଇଥିଲେ। ଜନ୍ମଦାତ୍ରୀ ମାଆ ଅନ୍ୟ ପୁରୁଷ ସହିତ ଗତ ୩ ବର୍ଷ ଆଗରୁ ଦ୍ୱିତୀୟ ବିବାହ କରିଥିବାବେଳେ ଜନ୍ମିତ ଝିଅଟି ମାଆର ମମତା କଣ ଜାଣି ପାରି ନଥିଲା। ବାପାର ମମତା ଓ ଭଲ ପାଇବା ଡୋରିରେ ବାନ୍ଧି ହୋଇ ଯାଇଥିଲା ୪ବର୍ଷର ଝିଅଟି। ଝିଅକୁ ନିଜ ପାଖକୁ ଆଣିବା ପାଇଁ ଜନ୍ମିତ ମାଆ ଏକ ଲିଖିତ ଭାବେ ଚାଇଲ୍ଡ ହେଲ୍ପ ଲାଇନ୍ ଜଣାଇଥିଲା। ମାତ୍ର ଚାଇଲ୍ଡ ହେଲ୍ପ ଲାଇନ୍ ଟିମ୍ ନା ଶିଶୁ ସୁରକ୍ଷା ଅଧିକାରୀ ସବୁ ଆଇନ୍ କାନୁନ୍‌କୁ ଭୁଲି ଝିଅର ବାପାକୁ ମଧ୍ୟ ଦେଖା କରିବାକୁ ଦେଇ ନଥିଲେ। ଏନେଇ ଔପଦା ସୋରିଷପାଳ ଗ୍ରାମର ସତ୍ୟବାନ ନାୟକ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ଲିଖିତ ଭାବେ ଜଣାଇବା ସହ ବାଲେଶ୍ୱରରେ ଦେଖା କରି ଗୁହାରି ଜଣାଇଥିଲେ। ଏନେଇ ସାଂସଦ ଏଡିଏମଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସାଂସଦ ପ୍ରତାପ ଷଡ଼ଙ୍ଗୀ ଧୋବ ଶିଳା ସ୍ଥିତ ଆଶ୍ରମରେ ପହଂଚି ବାପ ସହ ଝିଅକୁ ଦେଖା କରିବା ସମୟରେ ବାପ ଝିଅର ସମ୍ପର୍କ ଏତେ ନିବିଡ଼ ଥିଲା ଯେ କାନ୍ଦିକାନ୍ଦି ବାପା କୋଳରୁ ଆଉ ଆସୁ ନ ଥିଲା। ସାଂସଦ ଏନେଇ ବିରକ୍ତି ଭାବ ଅଧିକାରୀଙ୍କ ଉପରେ ପ୍ରକାଶ କରିବା ସହ ସୋମବାର ଦିନ ସମସ୍ତ ପ୍ରକାର ତର୍ଜମା କରି ଝିଅକୁ ବାପକୁ ହସ୍ତାନ୍ତର ପାଇଁ ଉପସ୍ଥିତ ଡିସିପିଓ ଖୁସିରାମ ଗାହିରଙ୍କୁ ନିର୍ଦ୍ଦେଶ ଦେବା ସହ ଏନେଇ ମୁଖଯମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସାଂସଦଙ୍କ ତାଗିଦ୍‌ପରେ ରବିବାର ଦିନ ଶିଶୁ କନ୍ୟାକୁ ଜିଲ୍ଲା ପ୍ରଶାସନ ହସ୍ତାନ୍ତର ତାର ବାପାଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ଝିଅର ବାପା ସାଂସଦଙ୍କୁ କୃତଜ୍ଞତା ଜଣାଇଛନ୍ତି। ରାତି ପ୍ରାୟ ୧୦ଟାରେ ସମ୍ପୃକ୍ତ ଶିଶୁକନ୍ୟା ଗାଁରେ ପହଞ୍ଚିବା ପରେ ଅଞ୍ଚଳବାସୀ ତାକୁ ପୁଷ୍ପବର୍ଷା କରି ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିବା ସୂଚନା ମିଳିଛି।

# ସୋସିଆଲ ମିଡିଆରେ ମୁଖ୍ୟମନ୍ତ୍ରୀଙ୍କୁ ଅଶାଳୀନ ମନ୍ତବ୍ୟ: ଯୁବକ ଗିରଫ

କେନ୍ଦୁଝର, (ଜିପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୋସିଆଲ ମିଡିଆରେ ଅଶାଳୀନ ମନ୍ତବ୍ୟ ଦେଇଥିବା ଯୁବକଙ୍କୁ କେନ୍ଦୁଝର ଜିଲା ନନ୍ଦୀପଦା ଥାନା ଅଧିକାରୀ ତଥା ତଦନ୍ତକାରୀ ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି ରବିବାର ଦିନ ଗିରଫ କରିଛନ୍ତି। ଅଭିଯୁକ୍ତ ଜଣକ ନିଜ ଗ୍ରାମରେ ଲୁଚିକି ଥିବା ବେଳେ ଯାନ୍ତ୍ରିକ ପଦ୍ଧତି ସହାୟତା ନେଇ ଗିରଫ କରାଯାଇଛି। ଏଥିସହ ଗୋଟିଏ ମୋବାଇଲ ଅଭିଯୁକ୍ତଙ୍କଠାରୁ ଜବତ ହୋଇଛି। ଗିରଫ ଅଭିଯୁକ୍ତ କଳିଙ୍ଗା ପଞ୍ଚାୟତ ଇଚ୍ଛାପୁର ଗ୍ରାମର ସୁବାସ ଦାସଙ୍କ ପୁଅ ସୁଶାନ୍ତ (୨୮)।, ସୁଶାନ୍ତ ନିଜ ଫେସ୍ବୁକ ଆଇଡି "ଦାସ କୁମାର ଦାସ ସୁଶାନ୍ତ'ରେ ମୁଖ୍ୟମନ୍ତ୍ରୀ ମାଝୀଙ୍କ ପ୍ରତି ସାଙ୍ଘାତିକ ଅଶାଳୀନ ମନ୍ତବ୍ୟ ଲେଖି ଭିଡିଓ ପୋଷ୍ଟ କରିଥିଲେ। ଏପରିକି ଉକ୍ତ ପୋଷ୍ଟକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିବା ବେଳେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଥିଲା।

ଅପର ପକ୍ଷେ ମୁଖ୍ୟମନ୍ତ୍ରୀଙ୍କୁ ନିଜ ଜିଲ୍ଲାରେ ଚକ୍ରାନ୍ତ କରି ବଦନାମ ଉଦ୍ୟମ କରାଯାଉଥିବା ନେଇ ଆନନ୍ଦପୁର ବିଧାନସଭା କ୍ଷେତ୍ରର ଭାଜପା କର୍ମୀ ଏବଂ ନେତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସୋସିଆଲ ମିଡିଆରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟକୁ ନେଇ କଳିଙ୍ଗା ଗ୍ରାମର କହ୍ନେଇ ଚରଣ ଦାସ ନନ୍ଦୀପଦା ଥାନାରେ ଗତ ଜୁଲାଇ ୩୧ ଶୁକ୍ରବାର ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପୋଲିସ କେସ ନଂ ୩୧୪/୨୦୨୬ରେ ବିଭିନ୍ନ ଦଫାରେ ମାମଲା ରୁଜୁ କରିଥିଲା। ଏଥିସହ ଅଭିଯୋଗକାରୀ କହ୍ନେଇ ଫେସବୁକରେ ପୋଷ୍ଟ ହୋଇଥିବା ଭିଡିଓର ରେକର୍ଡ ଥାନାଧିକାରୀଙ୍କୁ ପ୍ରଦାନ କରିଥିଲେ। ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି ଯେ, ଅଭିଯୁକ୍ତ ସୁଶାନ୍ତଙ୍କୁ ରବିବାର ସକାଳୁ ଗିରଫ କରାଯାଇଛି। ଘଟଣା ବାବଦରେ ଆହୁରି ଅନେକ ଦିଗ ପ୍ରତି ତର୍ଜମା କରାଯାଉଛି।

# ରାସ୍ତା କାମ ନହେବାରୁ ଧାରଣାରେ ଗ୍ରାମବାସୀଙ୍କ ସହ ଛାତ୍ରଛାତ୍ରୀ

ସୋର, (ସବ୍ୟୁ): ସୋର ବ୍ଲକ ମୁଳିସିଂ ଗ୍ରାମ ପଞ୍ଚାୟତ ପୋତାଗଡିଆ ଗ୍ରାମର ଗ୍ରାମ୍ୟ ରାସ୍ତା ଅତି ସୋଚନିୟ ହୋଇ ପଡିଥିଲା। ଏ ବାବଦରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଉକ୍ତ ରାସ୍ତାର ନିର୍ମାଣ ପାଇଁ ସାଂସଦ ଅଭିମନ୍ୟୁ ସେଠୀଙ୍କ ପ୍ରଚେଷ୍ଟାରେ ବିଭାଗୀୟ ଅଧିକାରୀଙ୍କୁ ସରକାରଙ୍କ ତରଫରୁ କାଯ୍ୟାଦେଶ ଆସିଥିଲା। ଉକ୍ତ ରାସ୍ତାକୁ ବର୍ଷା ଦିନ ପୂର୍ବରୁ ଅସ୍ଥାୟୀ ରୂପେ ସ୍କୁଲ ପିଲାଙ୍କ ଯାତାୟାତ ସହ ଗ୍ରାମବାସୀଙ୍କ ଯାଆଆସ ପାଇଁ ନିର୍ମାଣ ସାରିବାକୁ ସାଂସଦଙ୍କ ଉପସ୍ଥିତିରେ ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଲଗାଣ ବର୍ଷା ପ୍ରତିଶ୍ରୁତି ଦେବାର ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ ଲଗାଣ ବର୍ଷାରେ ଉକ୍ତ ରାସ୍ତା ଅତି ଦୟନୀୟ ଏବଂ ଶୋଚନୀୟ ହୋଇପଡିଛି। ଉପରୋକ୍ତ ଦାବି ଗୁଡ଼ିକ ପୂରଣ ହେଉନଥିବାରୁ ପୋତା ଗଡିଆ ଗ୍ରାମର ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସହ ଗ୍ରାମବାସୀମାନେ ସୋର ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ କରିଥିଲେ। ଧାରଣା ସ୍ଥଳରେ ବିଭାଗୀୟ ଅଧିକାରୀ ପହଞ୍ଚି ଯଥା ଶୀଘ୍ର କାମ ଆରମ୍ଭ ହେବା ନେଇ ପ୍ରତିଶ୍ରୁତି ଦେବାରୁ ଅନଶନ ପ୍ରତ୍ୟାହୃତ ହୋଇଥିଲା।

# ଶ୍ରାବଣ ପ୍ରଥମ ସୋମବାର, ଚଳଚଞ୍ଚଳ ଶୈବପୀଠ

ବାଲୁଗାଁ, (ସବ୍ୟୁ): ଶ୍ରାବଣ ମାସ ପ୍ରଥମ ସୋମବାର ବାଲୁଗାଁ ଅଞ୍ଚଳର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇପଡିଛି। ହଜାର ହଜାର ପୁରୁଷ ଓ ମହିଳା ମାନସିକଧାରୀ କାଉ ଶୈବପୀଠରେ ଜଳଲାଗି କରିଛନ୍ତି। ଓଁ ନମଃ ଶିବାୟ ଓ ହର ହର ମହାଦେବ ଧ୍ୱନିରେ କମ୍ପିଥିଲା ମନ୍ଦିର ପରିବେଶ।

ଶ୍ରାବଣ ମାସ ସୋମବାର ଠାକୁରଙ୍କୁ ଜଳଲାଗି କଲେ ମନସ୍କାମନା ପୂରଣ ହେବା ସହ ରୋଗରୁ ମୁକ୍ତି ଏବଂ ପୁଣ୍ୟ ମିଳିଥାଏ ବୋଲି ଧାର୍ମିକ ବିଶ୍ୱାସ ରହିଛି। ଏହି ପରିପ୍ରେକ୍ଷୀରେ କାଉ ଭକ୍ତ ମାନେ କଟକ ସ୍ଥିତ ମହାନଦୀ, ଗଞ୍ଜାମ ଜିଲ୍ଲା ଋଷିକୂଲ୍ୟା ଏବଂ କଣ୍ଟିଲୋ ନୀଳମାଧବ ମନ୍ଦିର ପାଶ୍ୱର୍ ନଦୀ ଘାଟରୁ ଜଳଭାର ଉଠାଇ ରବିବାର ସନ୍ଧ୍ୟାରେ ଶୈବ ପୀଠରେ ପହଞ୍ଚିଥିଲେ। ଭୋର ୪ ଘଟିକାରେ ବାଲୁଗାଁ ସ୍ଥିତ ପ୍ରସିଦ୍ଧ ଶୈବପୀଠ ଉମାମହେଶ୍ୱର ଦେବଙ୍କ ମଙ୍ଗଳ ଆଳତି ଓ ପୂଜନୀତି ସମ୍ପର୍ଣ ହେବା ପରେ ଅପେକ୍ଷାରତ ପ୍ରାୟ ୫ ଶହରୁ ଉର୍ଦ୍ଧ କାଉ ଜଳଲାଗି କରିଥିଲେ। ମନ୍ଦିର ଟ୍ରଷ୍ଟ ପକ୍ଷରୁ ମନ୍ଦିର ପରିସର ଆଲୋକମାଳାରେ ସୁସଜ୍ଜିତ କରିବା ଶହ କାଉ ଆଶ୍ରୟ ପାଇଁ ସୁ ବନ୍ଦୋବସ୍ତ କରାଯାଇଥିଲା। ବୋଲ ବମ ସେବା କମିଟି ପକ୍ଷରୁ କାଉ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସେହିପରି ଇଞ୍ଜନପୁର ସ୍ଥିତ ଗବପଦର ବିଜେ ରାମେଶ୍ୱର ଦେବଙ୍କ ପୀଠ, ସିଙ୍ଗେଶ୍ୱର ସ୍ଥିତ ସିଙ୍ଗିନାଥ ଦେବ, ଧୂଆଁଳ ସ୍ଥିତ ଧବଳେଶ୍ୱର ଦେବ, ମଠପୁର ସ୍ଥିତ କଳିଯୁଗେଶ୍ୱର ଦେବ, ନାଚୁଣୀ ସ୍ଥିତ ନୀଳକଣ୍ଠେଶ୍ୱର ଦେବ, ହରିପୁର ସ୍ଥିତ ପ୍ରତାପେଶ୍ୱର ଦେବ, ବାଣପୁର ଗାଲୁଆ ସ୍ଥିତ ଗୁପ୍ତେଶ୍ୱର ଦେବ ଏବଂ ଭେଟେଶ୍ୱର ସ୍ଥିତ ଭେଟିନାଥ ଦେବଙ୍କ ପୀଠରେ ବହୁ ସଂଖ୍ୟାରେ କାଉ ଜଳଲାଗି କରିଛନ୍ତି। ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ସମସ୍ତ ପୀଠରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା

**AFFIDAVIT**

I, Sana Munafbhai Lakhani, W/O- Awez Halari, resident of Jobra, Charigharia, College Square, Malgodown, Cuttack, Odisha, Pin-753003 declare by this affidavit No-32308, Dtd.-29.07.2026 that now onwards I shall be known as **Sana Halari** for all future purposes.

Sd/- Sana Halari

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

13001/1389/2627

www.oshb.org.

ପତ୍ର ସଂଖ୍ୟା: ୧୬୫ **ବିଜ୍ଞାପନ** ତା : ୨୩.୦୭.୨୬

(MIG-1-277)

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13001/13030/1/26-27/0179

**ପୂର୍ବ ତଟ ରେଳପଥ**

ST-OT-TELE-BLDGS-KUR-580, ତା.30.07.2026

₹95,63,544.89, EMD ₹1,91,300/-

ତା.07.08.2026 ... ତା.21.08.2026

www.ireps.gov.in

PR-342/R/26-27

ଖୋର୍ଦ୍ଧା ରୋଡ୍

**ଅତିରିକ୍ତ ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ (ସାମୁଦ୍ରିକ), ଗଞ୍ଜାମ, ଛତ୍ରପୁର**

**OFFICE OF THE ADDITIONAL FISHERIES OFFICER (MARINE), GANJAM, CHATRAPUR**

**(Secretary, Management Society, Hygienic Dry Fish Market, Humma)**

52001/3/2627

**AUCTION NOTICE**

**Advertisement for Open Public Auction for Operation and Maintenance of Hygienic Dry Fish Market, Humma, Ganjam**

**Advertisement No.: 1049/2026** **Date: 03/08/2026**

It is hereby notified for information of all interested individuals, firms, Self Help Groups (SHGs), Cooperatives, Societies, Agencies and other eligible organizations that, the operation and maintenance of the Hygienic Dry Fish Market, Humma, Ganjam shall be allotted through Open Public Auction.

**Details of Auction**

| | | |
|---|---|---|
| **Name of Property** | : | Hygienic Dry Fish Market, Humma |
| **Mode of Allotment** | : | Open Public Auction |
| **Date & Time of Auction** | : | 14.08.2026 (Friday), 10.00 A.M. |
| **Venue** | : | Hygienic Dry Fish Market, Humma, Ganjam |
| **Reserve/Base Price** | : | 40,00,000/- (Rupees Forty Lakh only) |

**Terms & Conditions**

The bidder shall deposit the prescribed Earnest Money Deposit (EMD) amounting Rs.40,000/- (Rupees Forty Thousand only) as per the auction conditions before commencement of the auction.

The Chairperson, Management Society reserves the right to accept or reject any or all bids without assigning any reason thereof.

Detailed terms and conditions may be obtained from the Office of the Assistant Fisheries Officer, Ganjam ME Unit, Humma during office hours on any working day or can be accessed from websites **www.fisheries.odisha.gov.in / https://ganjam.odisha.gov.in**

**BY ORDER OF CHAIRMAN**
**Sd/-**
**Additional Fisheries Officer (Marine) cum Secretary**
**Management Society, Hygienic Dry Fish Market, Huma, Ganjam**

OIPR : 52001/52008/1/26-27/0003

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟର ଅଭିନବ ଉଦ୍ଭାବନ ରାଷ୍ଟ୍ରପତିଙ୍କ ଆଗରେ ପ୍ରଦର୍ଶିତ



ବାଲେଶ୍ୱର, (ସବ୍ୟୁ): ଫକୀରମୋହନ (ଏଫଏମ) ବିଶ୍ୱବିଦ୍ୟାଳୟ ଆଉ ଏକ ଗୌରବମୟ ସଫଳତା ହାସଲ କରିଛି। ଭାରତ ସରକାରଙ୍କ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟର ସହଯୋଗରେ ପରିଚାଳିତ ବିଶ୍ୱବିଦ୍ୟାଳୟର ପ୍ରଯୁକ୍ତି ବ୍ୟବସାୟ ଉଦ୍ୟମ ପ୍ରୋତ୍ସାହନ କେନ୍ଦ୍ରର ଜଣେ ଉଦ୍ୟମୀ ରାଷ୍ଟ୍ରପତିଙ୍କ ସମ୍ମୁଖରେ ନିଜର ଅଭିନବ ଉଦ୍ଭାବନ ପ୍ରଦର୍ଶନ କରି ଜାତୀୟ ସ୍ତରରେ ସ୍ୱୀକୃତି ହାସଲ କରିଛନ୍ତି। ବିଶ୍ୱବିଦ୍ୟାଳୟର ପ୍ରଥମ ଉଦ୍ୟମୀ ତଥା ହ୍ୟାକାଥନ୍୨.୦ର ବିଜେତା ଶ୍ରୀମତୀ ଶୀତଳ ଦତ୍ତରାମ ଜେମାନେ, ଗାର୍ଗୀ ଅଟୋମେଟେଡ୍ ଆଣ୍ଡ ରୋବୋଟିକ୍ ଗ୍ୟାଜେଟ୍ ଇଣ୍ଡଷ୍ଟ୍ରିଜ୍‌ର ନିର୍ମାତା- ଶାରୀରିକ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ଜୀବନକୁ ଅଧିକ ସୁବିଧାଜନକ କରିବା ପାଇଁ ସ୍ୱୟଂଚାଳିତ ରୂପାନ୍ତରଣଯୋଗ୍ୟ ଶଯ୍ୟା-ଆସନ ବ୍ୟବସ୍ଥା ନାମକ ଏକ ଅଭିନବ ଉପକରଣର ସଫଳ ବିକାଶ କରିଛନ୍ତି। ୨୦୨୩ ମସିହାରେ ମିଳିଥିବା ଆର୍ଥିକ ସହାୟତା ସହ ବିଶ୍ୱବିଦ୍ୟାଳୟର ପ୍ରଯୁକ୍ତି ବ୍ୟବସାୟ ଉଦ୍ୟମ ପ୍ରୋତ୍ସାହନ କେନ୍ଦ୍ରର ନିରନ୍ତର ବୈଷୟିକ ଓ ଅନୁଷ୍ଠାନିକ ସହଯୋଗରେ ଏହି ଉଦ୍ଭାବନ ସାକାର ରୂପ ନେଇଛି। ଓଡ଼ିଶା ତଥା ବିଶ୍ୱବିଦ୍ୟାଳୟ ପାଇଁ ଗର୍ବର ବିଷୟ ଯେ, ନୀତି ଆୟୋଗର ଅଟଳ ନବସୃଜନ ଅଭିଯାନ ପକ୍ଷରୁ ସମଗ୍ର ଦେଶରୁ ଚୟନ କରାଯାଇଥିବା ମାତ୍ର ୨୬ ଜଣ ତୃଣମୂଳସ୍ତରୀୟ ଉଦ୍ଭାବକଙ୍କ ମଧ୍ୟରେ ଶ୍ରୀମତୀ ଜେମାନେ ସ୍ଥାନ ପାଇଥିଲେ। ଗତ ଜୁଲାଇ ୩୧ ତାରିଖରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ଆୟୋଜିତ ପ୍ରଦର୍ଶନୀ ଓ ସମ୍ମାନ ପ୍ରଦାନ ଉତ୍ସବରେ ସେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଆଗରେ ନିଜର ଉଦ୍ଭାବନ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏହି ଅଭିନବ ଉଦ୍ଭାବନର ଉଚ୍ଚ ପ୍ରଶଂସା କରିବା ସହ ସମାଜର ବାସ୍ତବ ସମସ୍ୟାର ସମାଧାନ ପାଇଁ ବୈଜ୍ଞାନିକ ଚିନ୍ତାଧାରାକୁ ବ୍ୟବହାରିକ ପ୍ରୟୋଗ ସହ ଯୋଡ଼ିଥିବା ତୃଣମୂଳସ୍ତରୀୟ ଉଦ୍ଭାବକମାନଙ୍କ ପ୍ରୟାସକୁ ସାଧୁବାଦ ଜଣାଇଥିଲେ। ଏହି ସଫଳତା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦୂରଦର୍ଶୀ ନେତୃତ୍ୱ ଓ ପ୍ରଗତିଶୀଳ ଚିନ୍ତାଧାରାର ପ୍ରତିଫଳନ। ତାଙ୍କ ମାର୍ଗଦର୍ଶନରେ ବିଶ୍ୱବିଦ୍ୟାଳୟ ଶିକ୍ଷା, ଗବେଷଣା, ନବସୃଜନ, ଉଦ୍ୟମିତା ଓ ସାମାଜିକ ଦାୟିତ୍ୱ କ୍ଷେତ୍ରରେ କ୍ରମାଗତ ସଫଳତା ହାସଲ କରି ଓଡ଼ିଶାର ଅଗ୍ରଣୀ ସରକାରୀ ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ସଫଳତାରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରଓ୍ୱାଲା, କୁଳସଚିବ ଶ୍ରୀମତୀ କୁକୁମିନା ଦାସଙ୍କ ପ୍ରୋତ୍ସାହନ ଓ ପ୍ରଯୁକ୍ତି ବ୍ୟବସାୟ ଉଦ୍ୟମ ପ୍ରୋତ୍ସାହନ କେନ୍ଦ୍ରର ସଂଯୋଜକ ପ୍ରଫେସର ପଙ୍କଜ କୁମାର ପାଢ଼ୀଙ୍କ ବୈଷୟିକ ପରାମର୍ଶ ଓ ନିରନ୍ତର ମାର୍ଗଦର୍ଶନ ବିଶେଷ ଭୂମିକା ଗ୍ରହଣ କରିଛି ଓ ସମଗ୍ର ବିଶ୍ୱବିଦ୍ୟାଳୟ ପରିବାର ପକ୍ଷରୁ ଶ୍ରୀମତୀ ଜେମାନେଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

**ODISHA HYDRO POWER CORPORATION LIMITED**
BALIMELA HYDRO ELECTRIC PROJECT:, POST: BALIMELA: DIST: MALKANGIRI (ODISHA); PIN: 764051:
Phones: 06861-232581 (O)/232641 (R) : FAX:06861-232541.,E-Mail unit.head_balimela@yahoo.com
REGD. OFFICE: ODISHA HYDRO POWER CORPORATION LIMITED
(A Govt. of Odisha Undertaking)
BHOI NAGAR, JANAPATH, BHUBANESWAR-751022
Tel.91-0674-2542803. 2542802, 2545526. Fax: 2542102. GRAM HYDROPOWER, E-MAIL: ohpc.co@gmail.com / md@ohpcltd.com. Web : www.ohpcltd.com.
CIN: U40101OR1995SGC003963, GSTIN-21AAACO2575P1Z9

4001/237/2627

**TENDER CALL NOTICE No. BHEP/22/2026-27, Dtd.01.08.2026**

The scaled tenders are invited in two part bid basis (Part-A: Technical Bid &Part-B: Price Bid) from the Electrical Contractor /Reputed Firms / Agencies as per eligibility criteria for the following work.

| Sl .No. | Name of the Work | Cost of Tender Paper (in Rs.) |
|---|---|---|
| 1. | Design, Supply, Installation, Testing, Commissioning & Demonstration of High Velocity Water Spray (HVWS Auto & Manual) System for 04 Nos of 11/11 kV 2 MVA Isolation Transformer, 01 No of 33/11 kV 7.5 MVA Station Transformer & Painting of Existing pipeline of HVWS system of 20 MVA Transformer at 220 kV Switchyard BHEP, Balimela | Rs.7080/- (Rs.60007/- +GST@18%) |

Availability of bid document : From 10:00 Hrs. of 05.08.2026 to 12:00 Hrs. 20.08.2026
The last date & time of receipt of tenders : Up to 12:00 Hrs. of 20.08.2026
Date and time of opening of the Bid : 12:30 Hrs. onwards 20.08.2026
For details of tender documents, Terms and Conditions. Eligibility criteria and downloading, please visit our website at www. ohpcltd.com

OIPR : 4001/4019/1/26-27/0021 Sd/- C & P Head, BHEP, Balimela

**ODISHA HYDRO POWER CORPORATION LIMITED**
OFFICE OF THE GENERAL MANAGER (ELECTRICAL), BHEP
AT/POST : BALIMELA DIST : MALKANGIRI (ODISHA) PIN : 764051
Phones : 06861-232581 (O) / 232641 (R), FAX - 06861-232541
E-mail-unit-head_balimela@yahooo.com/bhep.balimela@gmail.com

4001/238/2627

**TENDER CALL NOTICE**

**NOTICE INVITING TENDER No. BHEP/19/2026-27, Dtd.31.07.2026**

The Sealed tenders are invited in Single part bid basis (i.e. Techno-commercial bid) from the Reputed Suppliers / Agencies for **"Supply of LED Batten/ Tube Lights, LED Bulbs & LED Surface Lights for installation in different Residential and non-Residential buildings of BHEP, Balimela"** fulfilling the eligiblity criteria as per the tender specification as mentioned below.

| Sl .No. | Name of the Supply | E.M.D (Refunded) | Cost of bid documents in Rs. |
|---|---|---|---|
| 1 | "Supply of LED Batten/Tube Lights, LED Bulbs & LED Surface Lights for installation in different Residential and non-Residential buildings of BHEP, Balimela. | 1% of the Quoted Value exclusive of GST | Rs. 2,000.00 + (GST @ 18%) Rs. 360.00 = Rs. 2,360.00 |

Availability of bid document : From 12:00 Hrs. of 03.08.2026 to 12:00 Hrs. 13.08.2026
Last date & time of submission of bid : Up to 12:00 Hrs. of 13.08.2026
The date and time of opening of the Bid : 12:30 Hrs. onwards 13.08.2026
For details of the tender documents, terms and conditions, please visit our website at www. ohpcltd.com

OIPR : 4001/4019/1/26-27/0022 Sd/- C & P Head, BHEP, Balimela

# ଖବର ଓ ଖବରଦାତା ସମାଜର ମାର୍ଗଦର୍ଶକ ହୁଅନ୍ତୁ : ଡ଼ଃ ତିରୁପତି ପାଣିଗ୍ରାହୀ

ଭୁବନେଶ୍ୱର, (ସବ୍ୟୁ): ଗଣମାଧ୍ୟମ ସମାଜର ପଥପ୍ରଦର୍ଶକ ହୁଅନ୍ତୁ ଓ ବର୍ତ୍ତମାନର ସୋସିଆଲ ମିଡିଆ ଯୁଗରେ ଉଭୟ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ସଠିକ୍ ଓ ଅନୁସନ୍ଧାନମୂଳକ ଖବର




ପରିବେଷଣ କରି ଲୋକଙ୍କ ନିକଟତର ହୁଅନ୍ତୁ । ଫାଇନାନ୍ସିଆଲ ନ୍ୟୁଜ୍ ର ଭୁବନେଶ୍ୱର ସଂସ୍କରଣ ଉନ୍ମୋଚିତ ହେବା ଅବସରରେ ଏଭଳି କହିଛନ୍ତି ବାଚସ୍ପତି ସୁରମା ପାଢୀ ଓ ହାଇଟେକ୍ ଗ୍ରୁପ୍ ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ ଫାଇନାନ୍ସିଆଲ ନ୍ୟୁଜ୍ ରାଜ୍ୟର ବିକାଶ ସହ ଆର୍ଥିକ ବିଶ୍ଳେଷଣ ଉପରେ ଗୁରୁତ୍ୱ ଦେବା ସହ, ସ୍ୱାସ୍ଥ୍ୟସେବା ବିକାଶର ଏକ ଅବିଚ୍ଛେଦ୍ୟ ଅଙ୍ଗ, ସୁସ୍ଥ ସମାଜ ସୁସ୍ଥ ଅର୍ଥନୀତିର ବାର୍ତ୍ତାବହ ବୋଲି ସେ କହିଥିଲେ ଓ ଜଣେ ବ୍ୟକ୍ତି ଯଦି ଜୀବନରେ ନିଷ୍ପତ୍ତି ନିଏ ଯେ, ମୁଁ କେବେ ହାରିବି ନାହିଁ କି ପଛକୁ ହଟିବି ନାହିଁ, ତେବେ ସେଭଳି ବ୍ୟକ୍ତି ଚିରସବୁଜ ଓ ସବୁ ପରିସ୍ଥିତିର ସାମ୍ନା କରିବାକୁ ପ୍ରସ୍ତୁତ ହୁଏ ବୋଲି ଡକ୍ଟର ପାଣିଗ୍ରାହୀ କହିଥିଲେ ଓ ମଣିଷ ସବୁବେଳେ ମୁକ୍ତ କିନ୍ତୁ, ପରିସ୍ଥିତି ତାକୁ ସର୍ବଦା ନିଜ ସୀମା ମନେ ପକାଇଦେଇଥାଏ ।

ଜଣେ ସ୍ୱାଧୀନତା ଉପଭୋଗ କରିବା ସଙ୍ଗେସଙ୍ଗେ ନିଜ କର୍ତ୍ତବ୍ୟ ଓ ଦାୟୀତ୍ୱବୋଧ ସଂପର୍କରେ ମଧ୍ୟ ସଚେତନ ରହିବା ଆବଶ୍ୟକ ବୋଲି ପିଆଇବି ଏଡିଜି ଅଖିଳ କୁମାର ମିଶ୍ର କହିଥିଲେ ଓ ପ୍ରେସ କାଉନସିଲ୍ ଅଫ ଇଣ୍ଡିଆର ସଦସ୍ୟ ସୁଧର କୁମାର ପଣ୍ଡା କହିଥିଲେ ଯେ, ଓଡିଶାରେ ଫାଇନାନ୍ସିଆଲ ନ୍ୟୁଜ୍ ଖୁବ୍‌ଶୀଘ୍ର ଲୋକଙ୍କ ସ୍ୱର ପାଲଟିବ । ସେହିପରି ଫାଇନାନ୍ସିଆଲ ନ୍ୟୁଜ୍‌ର ସମ୍ପାଦକ ଅଶୋକ କୁମାର ପଣ୍ଡା କହିଥିଲେ ଯେ ମିଡିଆର କ୍ରେଡିବିଲିଟି ଓ ଟ୍ରାନ୍ସପରେନ୍ସି ହିଁ ତାର ଅସଲ ସମ୍ପତ୍ତି । ଅନେକ ଖବର କାଗଜ ମଧ୍ୟରେ ନିଜ ସ୍ୱତନ୍ତ୍ରତା ସୃଷ୍ଟି କରିବା ନିଶ୍ଚିତ ରୁପେ ଏକ ଚ୍ୟାଲେଞ୍ଜ ହେବ ଏବଂ ଏଥିପାଇଁ ତାଙ୍କ ଟିମ୍ ସର୍ବଦା ପ୍ରସ୍ତୁତ ଓ କାର୍ଯ୍ୟକ୍ରମରେ ହାଇଟେକ୍ ମେଡିକାଲ୍ କଲେଜ ଓ ହସପିଟାଲର ଅଧକ୍ଷକ ତଥା ପ୍ରାଶାସନିକ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ସୀତାରାମ ମହାପାତ୍ର ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟ କିପରି ମଣିଷର ବ୍ୟକ୍ତିତ୍ୱକୁ ପ୍ରଭାବିତ କରେ ସେ ନେଇ ନିଜ ବକ୍ତବ୍ୟ ରଖିଥିଲେ ।

## ୫ରେ ଆଶୀର୍ବାଦ ଫାଉଣ୍ଡେସନର ଆମ୍ବୁଲାନ୍ସ ସେବା ଶୁଭାରମ୍ଭ

କଟକ, (ସ୍ୱପ୍ର): ରାଜ୍ୟବ୍ୟାପି ବିଭିନ୍ନ ଜନସେବାମୂଳକ କାର୍ଯ୍ୟ କରୁଥିବା ସ୍ଥାନୀୟ ରାଜେନ୍ଦ୍ରନଗର ଅଞ୍ଚଳର ଜଣାଶୁଣା ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଆସନ୍ତା ୫ ତାରିଖ ବୁଧବାର ସନ୍ଧ୍ୟା ୫ଟା ୩୦ ମିନିଟ ସମୟରେ ମଧୁପାଟଣା ଶିକ୍ଷାଞ୍ଚଳ ସ୍ଥିତ ଓଇଆ ମଣ୍ଡପ ଠାରେ ନୂତନ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ ହେବ । ଏହା ସହିତ ଏକ ମୁକ୍ତ ଫିଜିଓଥେରାପି ଚିକିତ୍ସାସେବା ମଧ୍ୟ ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଆରପି ଲଜିଷ୍ଟିକର ନିର୍ଦ୍ଦେଶିକା ଭାଓନା ଜୟସ୍ୱାଲ, ମୁଖ୍ୟ ଅତିଥିଭାବେ ଏସସିବି ସୁପରିଟେଣ୍ଡେଣ୍ଟ ଡା. ଜ୍ୟୋତିଷ ଚନ୍ଦ୍ର ଚୌଧୁରୀ, ସମ୍ମାନୀତ ଅତିଥିଭାବେ ଡା. ଉମେଶ ରାୟ, ଇଂ. ଏନ. କେ. ମହାନ୍ତି (ଆମିକସ କ୍ୟୁରୀ), ଡ. ଡିପକ କୁମାର ମହାନ୍ତ ପ୍ରମୁଖ ଯୋଗଦାନ କରିବେ ବୋଲି ଫାଉଣ୍ଡେସନର ପ୍ରତିଷ୍ଠାତା ଦେବଦତ୍ତ ଧଳ ସୂଚନା ଦେଇଛନ୍ତି ।

## ସି ଆଇ ଆଇ ଆଇ ଡବ୍ଲ୍ୟୁ ଏନ୍ ଓଡ଼ିଶା ପକ୍ଷରୁ ଚତୁର୍ଥ 'ଶକ୍ତି ସମ୍ମାନ ୨୦୨୬'

# ୩୬ ଜଣ ସଫଳ ମହିଳାଙ୍କୁ ସମ୍ମାନ, ୯୧୩ କୋଟି ଟଙ୍କାର ଏମ୍ଓୟୁ

ଭୁବନେଶ୍ୱର, (ସବ୍ୟୁ): କନଫେଡେରେସନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି ଇଣ୍ଡିଆନ ଓମେନ ନେଟୱର୍କ ଓଡ଼ିଶା ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରରେ ଚତୁର୍ଥ ସିଆଇଆଇଆଇ ଡବ୍ଲ୍ୟୁଏନ୍'ଶକ୍ତି ସମ୍ମାନ ୨୦୨୬' ଆୟୋଜିତ ହୋଇଯାଇଛି । ଏହି ଅବସରରେ ମହିଳା ନେତ୍ରୀମାନଙ୍କ ସଫଳତାକୁ ସେଲିବ୍ରେଟ୍ କରାଯିବା ସହ ମହିଳା କେନ୍ଦ୍ରିକ ବିକାଶ ଏବଂ ସମାବେଶୀ ଅଭିବୃଦ୍ଧି ପ୍ରତି ପ୍ରତିବଦ୍ଧତାକୁ ଦୋହରାଯାଇଛି । ଏହି କାର୍ଯ୍ୟକ୍ରମରେ ୯୧୩ କୋଟି ଟଙ୍କାର ୧୩ ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି, ଯାହା ଦ୍ୱାରା ରାଜ୍ୟରେ ପ୍ରାୟ ୪୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି ।

ଏହି ସମାବେଶକୁ ସମ୍ବୋଧିତ କରି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତିଯେ ମହିଳା ଉଦ୍ୟୋଗୀମାନେ ସଫଳତା ହାସଲ କରିବା ପାଇଁ ପାରମ୍ପରିକ ଓ ସାମାଜିକ ପ୍ରଥାକୁ ଭାଙ୍ଗି ଅନେକ ଆହ୍ୱାନର ସାମ୍ନା କରୁଛନ୍ତି । ସେ ସେମାନଙ୍କୁ ପ୍ରେରଣାର ଏକ ପ୍ରକୃତ ଉତ୍ସ ବୋଲି ଅଭିହିତ କରିବା ସହ କହିଛନ୍ତି ଯେ, ଓଡ଼ିଶା



ସରକାରଙ୍କ ୨୦୩୬ ଏବଂ ୨୦୪୭ ଭିଜନଡକ୍ୟୁମେଣ୍ଟରେ ମହିଳା କେନ୍ଦ୍ରିକ ବିକାଶକୁ ଏକ ପ୍ରମୁଖ ସ୍ତମ୍ଭ ଭାବେ ଗ୍ରହଣ କରାଯାଇ ରାଜ୍ୟକୁ ୧ ଟ୍ରିଲିୟନ ଆମେରିକୀୟ ଡଲାର ଅର୍ଥବ୍ୟବସ୍ଥାରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି । ସେ କହିଛନ୍ତି ଯେ, ରାଜ୍ୟ ଜନସଂଖ୍ୟାର ପ୍ରାୟ ଅଧା ଭାଗ ମହିଳା ହୋଇଥିବାରୁ ଉଦ୍ୟୋଗ, ନିଯୁକ୍ତି ଏବଂ ଅର୍ଥନୈତିକ କାର୍ଯ୍ୟକଳାପରେ ମହିଳାଙ୍କ ଅଂଶଗ୍ରହଣ ଏକ ଅର୍ଥନୈତିକ ଆବଶ୍ୟକତା ଅଟେ । 'ସୁଭଦ୍ରା ଯୋଜନା'ର ପ୍ରଭାବ ସମ୍ପର୍କରେ ସେ ସୂଚନା ଦେଇଛନ୍ତି ଯେ, ହିତାଧିକାରୀମାନେ ଏହି ଆର୍ଥିକ ସହାୟତାକୁ ପିଲାଙ୍କ ଶିକ୍ଷା, ଉଦ୍ୟୋଗ ଏବଂ ଆୟକାରୀ କାର୍ଯ୍ୟକଳାପ ଭଳି ସୃଜନଶୀଳ କାର୍ଯ୍ୟରେ ଅଧିକରୁ ଅଧିକ ବିନିଯୋଗ କରୁଛନ୍ତି ।

ଗୃହ, ଶିଳ୍ପ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଓଡ଼ିଶାରେ ମହିଳା ଉଦ୍ୟୋଗର ଦ୍ରୁତ ଅଭିବୃଦ୍ଧି ଉପରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି ଯେ ଉଦ୍ୟୋଗ ଏକ ଆହ୍ୱାନପୂର୍ଣ୍ଣ ଯାତ୍ରା ହୋଇଥିଲେ ମଧ୍ୟ ମହିଳା ଉଦ୍ୟୋଗୀମାନେ କ୍ରମାଗତ ଭାବେ ଉଚ୍ଚ ସଫଳତା ହାସଲ କରି ଦେଖାଇଛନ୍ତି । ଓଡ଼ିଶା ଏବେ ପାରମ୍ପରିକ କ୍ଷେତ୍ର ବ୍ୟତୀତ ପ୍ଲାଷ୍ଟିକ୍, ଖାଦ୍ୟ ପ୍ରକ୍ରିୟାକରଣ, ଏଫଏମସିଜି ଏବଂ ଗୃହୋପକରଣ ଭଳି ଏକ ବିବିଧ ଶିଳ୍ପ କ୍ଷେତ୍ରରେ ବ୍ୟାପକ ସୁଯୋଗ ପ୍ରଦାନ କରୁଛି । ସିଆଇଆଇଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ, ଅନିଲ କୁମାର ସିଂ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ କେବଳ ଉଲ୍ଲେଖନୀୟ ସଫଳତାକୁ ସେଲିବ୍ରେଟ୍ କରିବା ପାଇଁ ନୁହେଁ, ବରଂ ସକାରାତ୍ମକ ପରିବର୍ତ୍ତନ ଆଣୁଥିବା ନେତୃତ୍ୱକୁସ୍ୱୀକୃତି ଦେବା ପାଇଁ ଉଦ୍ଦିଷ୍ଟ ।

## ରେଭେନ୍ସା ଛାତ୍ରଙ୍କ ଅନଶନ, ଇଷ୍ଟ ହଷ୍ଟେଲ ଡେପୁଟି ୱାର୍ଡେନଙ୍କ ଇସ୍ତଫା ଦାବି

କଟକ,(ସବ୍ୟୁ):ରେଭେନ୍ସା ବିଶ୍ୱବିଦ୍ୟାଳୟର ଇଷ୍ଟ ହୋଷ୍ଟେଲରେ ଛାତ୍ର ଅସନ୍ତୋଷ ତୀବ୍ର ରୂପ ଧାରଣ କରିଛି । ଡେପୁଟି ୱାର୍ଡେନ ରବିଉଲ ଅନସାରୀଙ୍କ ଇସ୍ତଫା ଦାବିରେ ଅନ୍ତେବାସୀ ଛାତ୍ରମାନେ ଅନିର୍ଦ୍ଦିଷ୍ଟକାଳ ଅନଶନ ସହ ଘଣ୍ଟ ବଜାଇ ଅଭିନବ ଆନ୍ଦୋଳନ ଆରମ୍ଭ କରିଛନ୍ତି । ଗତ ଅଗଷ୍ଟ ୧ରେ ହଷ୍ଟେଲ ପରିସରରେ ବନ୍ଧୁତା ଦିବସ ପାଳନ କରାଯାଉଥିଲା । ତେବେ ଉତ୍ସବ ପରେ ଡେପୁଟି ୱାର୍ଡେନ ଦୁଇଟି ହଷ୍ଟେଲ ରୁମରେ ତାଲା ପକାଇ ଦେଇଥିବା ଅଭିଯୋଗ ହୋଇଛି । ଏହାକୁ ଅନ୍ୟାୟପୂର୍ଣ୍ଣ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଦର୍ଶାଇ ଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଡେପୁଟି ୱାର୍ଡେନଙ୍କ ତୁରନ୍ତ ଇସ୍ତଫା ଦାବିରେ ଛାତ୍ର ମାନେ ଅଟଳ ରହିଛନ୍ତି । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଘଟଣାର ସମାଧାନ ପାଇଁ ଚେଷ୍ଟା ଚଳାଇଥିବା ବେଳେ କ୍ୟାମ୍ପସରେ ଉତ୍ତେଜନା ଦେଖାଦେଇଛି ।

# ଓଡ଼ିଶା ପ୍ରେସ୍ ଆଣ୍ଡ ମିଡିଆ ଟ୍ରଷ୍ଟ ପକ୍ଷରୁ ବୃକ୍ଷରୋପଣ

କଟକ, (ସ୍ୱପ୍ର): ପରିବେଶକୁ ସବୁଜ ଓ ସ୍ୱଚ୍ଛ ରଖିବା ବାର୍ତ୍ତା ନେଇ 'ଓଡ଼ିଶା ପ୍ରେସ୍ ଆଣ୍ଡ ମିଡିଆ ଟ୍ରଷ୍ଟ' ପକ୍ଷରୁ ବିଶ୍ୱ ବନ୍ଧୁତ୍ୱ ଦିବସ ଅବସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଟକ ସହରସ୍ଥ ମାଲଗୋଦାମ ତାଳଦଣ୍ଡା କେନାଲ ପାଶ୍ୱର୍ ରାସ୍ତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ କର୍ପୋରେଟର ଶୁଭାଶିଷ କୁମାର ପଟ୍ଟନାୟକ ଏବଂ ସମାଜସେବୀ ରାକେଶ କୁମାର ଶତପଥୀ ମିଳିତ ଭାବେ ଫିତା କାଟି ଶୁଭାରମ୍ଭ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି ପିନାକୀ ସିଂହ, ସମାଜସେବୀ ପ୍ରିୟରଞ୍ଜନ ମହାପାତ୍ର ଏବଂ କର୍ପୋରେଟର ସନ୍ତୋଷ କୁମାର ଭୋଳ ଯୋଗଦାନ କରି ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର




ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ଓଁକାର ରାଉତ, ବିଜୟ ପ୍ରଧାନ, ସ୍ନିଗ୍ଧା ମହାନ୍ତି, ଓମ ପ୍ରକାଶ ମହାପାତ୍ର, ପ୍ରଭାତ କୁମାର ବାରିକ, ସୁଜାତା ଦାସ, ସରସ୍ୱତୀ ଶତପଥୀ, ଅଞ୍ଜଳି ସାମଲ, ରାଜଲକ୍ଷ୍ମୀ ଦାସ, ଶୁଭଶ୍ରୀ ସ୍ୱାଇଁ, ଶ୍ରଦ୍ଧାଞ୍ଜଳି ପରିଡ଼ା, ମାଧବୀ ଧର, ରୂପାଲି ବେହେରା ପ୍ରମୁଖ ସକ୍ରିୟ ଭାବେ ଅଂଶଗ୍ରହଣ କରି ସ୍ୱେଚ୍ଛାକୃତ ଭାବେ ବିଭିନ୍ନ ଚାରା ରୋପଣ କରିଥିଲେ । ଓଡ଼ିଶା ପ୍ରେସ୍ ଆଣ୍ଡ ମିଡିଆ ଟ୍ରଷ୍ଟର ଏଭଳି ସ୍ୱାଗତଯୋଗ୍ୟ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ବେଶ ପ୍ରଶଂସା କରାଯାଇଛି ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି , ୪୨ଟି ଅଭିଯୋଗର ତ୍ୱରିତ ସମାଧାନ

କଟକ,(ସବ୍ୟୁ): କଟକ ଜିଲ୍ଲାର ଡମପଡା ବ୍ଲକ୍ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଜାତମୁଣ୍ଡିଆ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି କାଳରେ ବିଭିନ୍ନ ସ୍ଥାନରୁ ଆସିଥିବା ଲୋକେ ନିଜର ଅସୁବିଧା ଓ ଦାବିଗୁଡିକ ପ୍ରଶାସନ ସମ୍ମୁଖରେ ଉପସ୍ଥାପନ କରିଥିଲେ । ଅଭିଯୋଗ ଶୁଣାଣି ଶିବିରରେ ସମୁଦାୟ ୯୩ ଟି ଅଭିଯୋଗ ହସ୍ତଗତ ହୋଇଥିଲା । ତନ୍ମଧ୍ୟରେ ୭୯ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୪ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୪୨ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିବାବେଳେ ଅନ୍ୟାନ୍ୟ ଅଭିଯୋଗଗୁଡିକ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମିନାକ୍ଷୀ ଠାକୁର, ମଣ୍ଡଳ ଉନ୍ନୟନ ଅଧିକାରୀ ଅଂଶୁମାନ ଦାଶ, ଡମପଡା ତହସିଲଦାର ବୈଶାଖୀ ଲେଙ୍କା ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## କେୟାର ହସ୍ପିଟାଲ୍ସରେ ପୂର୍ବ ଭାରତର ପ୍ରଥମ

# ଇଣ୍ଟେଲିଜେଣ୍ଟ ଏଆଇ ସର୍ଜିକାଲ୍ ଜଏଣ୍ଟ ରିପ୍ଲେସମେଣ୍ଟ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାରେ ବିଶ୍ୱସ୍ତରୀୟ ଅର୍ଥୋପେଡିକ୍ ଉଦ୍ଭାବନ ଆଣିବା ପାଇଁ ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରି, କେୟାର ହସ୍ପିଟାଲ୍ସ, ଭୁବନେଶ୍ୱର ଇଣ୍ଟେଲିଜେଣ୍ଟ ଏଆଇ ସର୍ଜିକାଲ୍ ଜଏଣ୍ଟ ରିପ୍ଲେସମେଣ୍ଟ ସିଷ୍ଟମ୍ ପ୍ରଚଳନ କରିଛି, ଯାହା ପୂର୍ବ ଭାରତର ପ୍ରଥମ ହସ୍ପିଟାଲ୍ ହୋଇଛି ଯାହା ହିପ୍ ରିପ୍ଲେସମେଣ୍ଟ ପ୍ରକ୍ରିୟା ପାଇଁ ଏହି ଉନ୍ନତ ଏଆଇ-ସହାୟତାପ୍ରାପ୍ତ ସର୍ଜିକାଲ୍ ନାଭିଗେସନ୍ ପ୍ରଯୁକ୍ତିବିଦ୍ୟା ପ୍ରଦାନ କରୁଛି । ଏହି ପରିଚୟ ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟର ରୋଗୀମାନଙ୍କୁ ଘର ନିକଟତର କରି ବିଶ୍ୱସ୍ତରୀୟ ଉନ୍ନତ ସନ୍ଧି ପ୍ରତିସ୍ଥାପନ ପ୍ରଯୁକ୍ତିବିଦ୍ୟା ପାଇବାକୁ ସକ୍ଷମ କରିଥାଏ, ଯାହା ଅତ୍ୟନ୍ତ ବିଶେଷଜ୍ଞ ଅର୍ଥୋପେଡିକ୍ ଚିକିତ୍ସା ପାଇଁ ମହାନଗରଗୁଡ଼ିକୁ ଯାତ୍ରା କରିବାର ଆବଶ୍ୟକତାକୁ ହ୍ରାସ କରିଥାଏ । ଇଣ୍ଟେଲିଜେଣ୍ଟ ଏଆଇ ସର୍ଜିକାଲ୍ ଜଏଣ୍ଟ ରିପ୍ଲେସମେଣ୍ଟ ସିଷ୍ଟମ୍‌କୁ ଭୁବନେଶ୍ୱରର କେୟାର ହସ୍ପିଟାଲ୍ସରେ ଥିବା ଅର୍ଥୋପେଡିକ୍ସ ଏବଂ ମୁଖ୍ୟ ପରାମର୍ଶଦାତା ଡକ୍ଟର ସନ୍ଦୀପ ସିଂହଙ୍କ ଦ୍ୱାରା ଉଦ୍‌ଘାଟିତ



କରାଯାଇଥିଲା । ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଡକ୍ଟର ସେବାଷ୍ଟିଆନ୍ ରୋଡ୍ରିଗେଜ୍, ଅର୍ଥୋପେଡିକ୍ ସର୍ଜନ୍ କାନାଡା, ଜୋନାଲ୍ ସିଓଓ କିସଲେ ଆନନ୍ଦ, କେୟାର ହସ୍ପିଟାଲ୍ସର ବରିଷ୍ଠ ଅର୍ଥୋପେଡିକ୍ ସର୍ଜନ୍ ଏବଂ ସାରା ଓଡ଼ିଶାର ସ୍ୱାସ୍ଥ୍ୟସେବା ବୃତ୍ତିଗତଙ୍କ ଉପସ୍ଥିତିରେ ଏହି ସିଷ୍ଟମ୍‌ର ଶୁଭାରମ୍ଭ କରାଯାଇଥିଲା । ଏହି ଲଞ୍ଚ ପରେ ଜଏଣ୍ଟରିପ୍ଲେସମେଣ୍ଟରେ ଆଡଭାନ୍ସ ପ୍ରିସିସନ୍ - ଦି ନେକ୍ସଟ୍ ଲିପ୍ ଇନ୍‌ଅ ର୍ଥୋପେଡିକ୍ ଇନୋଭେସନ୍ ଉପରେ ଏକ ବିଶେଷଜ୍ଞ ପ୍ୟାନେଲ୍‌ଆ ଲୋଚନା ହୋଇଥିଲା । ବୟସ-ସମ୍ବନ୍ଧୀୟ ଆର୍ଥ୍ରାଇଟିସ୍, ଆଘାତ ଏବଂ ଜୀବନଶୈଳୀ-ସମ୍ବନ୍ଧୀୟ ଜଏଣ୍ଟ ବ୍ୟାଧି ଯୋଗୁଁ ସାରା ଓଡ଼ିଶାରେ ହିପ୍ ରିପ୍ଲେସମେଣ୍ଟ ଆବଶ୍ୟକ କରୁଥିବା ରୋଗୀଙ୍କ ସଂଖ୍ୟାରେ ଅର୍ଥୋପେଡିକ୍ ବିଶେଷଜ୍ଞମାନେ ମଧ୍ୟ ନିରନ୍ତର ବୃଦ୍ଧି ଦେଖୁଛନ୍ତି ।

# ପ୍ରଦେଶ ଯୁବ କଂଗ୍ରେସ ସଭାପତିଙ୍କ ବନ୍ୟାଞ୍ଚଳ ପରିଦର୍ଶନ ଓ ରିଲିଫ ବଣ୍ଟନ

ଭୁବନେଶ୍ୱର, (ସବ୍ୟୁ): ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଚାନ୍ଦବାଲି ବ୍ଲକର ଗରିପୁର, ଧାନଖଣିଆ, ନାଥପୁର ଓ ତିହିଡ଼ି ବ୍ଲକର ଗୋବିନ୍ଦପୁର, ଫଉଜୁଡ଼ି, ହଂସପାଟ, ସାହାପୁର ପ୍ରଭୃତି ବନ୍ୟାପ୍ଲାବିତ ଅଞ୍ଚଳ ବୁଲି ବନ୍ୟା ପ୍ରଭାବିତଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ । ପରିଦର୍ଶନ ପରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି କହିଛନ୍ତି ଯେ ପ୍ରଶାସନ ପକ୍ଷରୁ ବନ୍ୟାପ୍ଲାବିତ ମାନଙ୍କୁ କେଉଁ ସହଯୋଗ ଓ ସାହାଯ୍ୟ ଦିଆଯାଇଥିଲା ସେ ସମ୍ପର୍କରେ ପଚାରି ବୁଝିଥିଲେ । ବନ୍ୟାପାଣିରେ ଯେଉଁମାନଙ୍କର ଘର ସଂପୂର୍ଣ୍ଣ ବୁଡ଼ିଯାଇଛି ସେମାନଙ୍କ ପାଖରେ ସରକାର ଏପର୍ଯ୍ୟନ୍ତ ପାଲ ଖଣ୍ଡିଏ ବି ପହଞ୍ଚାଇ ପାରିନାହାନ୍ତି । ଗୋଟିଏ ପରିବାରକୁ ପ୍ରଶାସନ ପକ୍ଷରୁ ମାତ୍ର ଏକକେଜି ଚୂଡ଼ା ଦିଆଯାଇଛି ଯାହାକି ସମୁଦ୍ରକୁ ଶଙ୍ଖେ ସଦୃଶ । ସେହିଭଳି ସମସ୍ତ ପ୍ରଭାବିତଙ୍କୁ ରନ୍ଧାଖାଦ୍ୟ ମଧ୍ୟ ଦିଆଯାଇ ନାହିଁ । ଏପର୍ଯ୍ୟନ୍ତ ପଶୁ ଖାଦ୍ୟ ମଧ୍ୟ ସମସ୍ତ ଅଞ୍ଚଳରେ ଦିଆଯାଇ ପାରିଲା ନାହିଁ



। କେବଳ ନାମକୁ ମାତ୍ର କିଛି କିଛି ଯାଗାରେ ବଣ୍ଟା ଯାଇଛି । ସ୍ଥାନୀୟ ଡାକ୍ତରଖାନାରେ ସାପକାମୁଡ଼ା ଏବଂ ଡାଇରିଆ ରୋଗୀଙ୍କ ପାଇଁ ଆଗୁଆ ବ୍ୟବସ୍ଥା ରଖାଯାଇ ନାହିଁ । ପ୍ରଦେଶ ଯୁବ କଂଗ୍ରେସ ସଭାପତି ଚାନ୍ଦବାଲି ବିଡିଓ ଓ ତହସିଲାଦାରଙ୍କୁ ଭେଟି ବନ୍ୟା ପ୍ଲାବିତଙ୍କୁ ତୁରନ୍ତ ଆବଶ୍ୟକୀୟ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି କରାଯାଇଥିଲା । ସରକାରଙ୍କ ବନ୍ୟା ତତ୍ପରତା ନୈରାଶ୍ୟଜନକ ବୋଲି ସେ କହିଥିଲେ ।

ଏହି ଦୁଇଟି ବ୍ଲକରେ ହଜାର ହଜାର ଏକର ଚାଷଜମିରେ ପାଣିମାଡ଼ିଯିବା ଫଳରେ ଚାଷ ସଂପୂର୍ଣ୍ଣ ଉଜୁଡ଼ି ଯାଇଛି ଏବଂ ଚାଷୀ ଅମଳ କରିବାର ସମସ୍ତ ଆଶା ହରାଇଛି । ତେଣୁ ସରକାର ଚାଷୀଙ୍କ ଉପରୁ କୃଷିଋଣ ଛାଡ଼ କରିବା ସହ ଛାତ୍ରଛାତ୍ରୀଙ୍କର ସମସ୍ତ ପ୍ରକାର ଫିସ ଛାଡ଼ ପାଇଁ ଯୁବ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । ଏହି ପରିଦର୍ଶନରେ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ମହମ୍ମଦ ଇମଦାଦ, ମନୋଜ ବିଶ୍ୱାଳ, ସ୍ୱାଗତ କର, ଆଲୋକ ଦାସ, ବଳରାମ ରାଉତ, ବଳରାମ ନନ୍ଦ, ବିରଞ୍ଚି ବାରିକ, କାର୍ତ୍ତିକେଶ୍ୱର କାଣ୍ଡି, ଜଗଦିଶ ରାଉତ, ସଂଦୀପ ରାଉତରାୟ, ଚାନ୍ଦବାଲି ବ୍ଲକ କଂଗ୍ରେସ ସଭାପତି ସୁଭାଶିଷ ମଲ୍ଲିକ, ଚାନ୍ଦବାଲି ଯୁବ କଂଗ୍ରେସ ବିଧାନସଭା ନିର୍ବାଚନ ମଣ୍ଡଳୀ ସଭାପତି ଶକ୍ତିପ୍ରସାଦ ବିଶ୍ୱାଳ, ପ୍ରଫୁଲ୍ଲ ପୃଷ୍ଟି, ନିମାଇ ଦାସ, ବରିଷ୍ଠ କଂଗ୍ରେସ ନେତା ଧୃବ ବିଶ୍ୱାଳ ପ୍ରମୁଖ ଗସ୍ତ କରିଥିଲେ ।

## ବଜାରରେ ଓଲଟିଲା ଡମ୍ଫର

ସୋର,(ସବ୍ୟୁ): ବାଗୁଡ଼ି ଖାଦାନରୁ ଜିଏସପି ଲୋଡ଼ କରି ସୋର ଅଭିମୁଖେ ଯାଉଥିବା ଓଡ଼ି୦୧ପି୧୭୨୭ ନମ୍ବର ବିଶିଷ୍ଟ ଡମ୍ଫରଟି ଭାରସାମ୍ୟ ହରାଇ ବାଗୁଡ଼ି ବଜାର ଭୋଳ ତେଜରାତି ଦୋକାନ ସାମ୍ନାରେ ଓଲଟି ପଡ଼ିଛି । ଫଳରେ ପାଖରେ ଥିବା ଏକ ଠେଲା ଗାଡ଼ି ସମ୍ପୂର୍ଣ୍ଣ ଭାବେ ଓଲଟି ପଡିଥିଲା । ଫଳରେ କିଛି ସମୟ ପାଇଁ ବାଗୁଡ଼ି ବଜାରରେ ଟ୍ରାଫିକ ସମସ୍ୟା ଦେଖା ଦେଇଥିଲା । ଉକ୍ତ ଡମ୍ଫର ଡ୍ରାଇଭର ଜଣକ ନିଶାଗ୍ରସ୍ତ ହୋଇ ଗାଡ଼ି ଚଳାଉଥିଲେ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଗାଡ଼ି ଓଲଟିବାର ଦୀର୍ଘ ସମୟ ପର୍ଯ୍ୟନ୍ତ ପୋଲିସ ଗାଡ଼ି ଉକ୍ତ ସ୍ଥାନରେ ନ ପହଁଚିବା ଦେଖି ଗାଡ଼ିର ମାଲିକ କୌଣସି ସରକାରୀ ଅଧିକାରୀଙ୍କ ବିନା ଅନୁମତିରେ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜେସିବି ସହାୟତାରେ ଉଠାଇ ନେଇଥିବା ଜଣାଯାଇଛି ।

# ଜିନ୍ଦଲ ଷ୍ଟେନଲେସ୍ ର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା

ଭୁବନେଶ୍ୱର, (ସବ୍ୟୁ): ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଜେଏସ୍ଏଲ୍ )ର ବୋର୍ଡ ଅଫ୍ ଡାଇରେକ୍ଟର୍ସ ଆଜି ଜୁନ୍ ୩୦, ୨୦୨୬ରେ ଶେଷ ହୋଇଥିବା ପ୍ରଥମ ତ୍ରୈମାସିକ ପାଇଁ ଆର୍ଥିକ ଫଳାଫଳକୁ ଅନୁମୋଦନ କରିଛି । ଭୂ-ରାଜନୈତିକ ଅସ୍ଥିରତା ହେତୁ ଯୋଗାଣ ଶୃଙ୍ଖଳା ଉପରେ ଥିବା ଚାପ ସତ୍ତ୍ୱେ କମ୍ପାନୀ ଆର୍ଥିକ ବର୍ଷ ୨୭ର ପ୍ରଥମ ତ୍ରୈମାସିକରେ ଏକ ସ୍ଥିର ପରିଚାଳନା ଏବଂ ଆର୍ଥିକ ପ୍ରଦର୍ଶନ ରିପୋର୍ଟ କରିଛି । ଆର୍ଥିକ ବର୍ଷ ୨୭ର ପ୍ରଥମ ତ୍ରୈମାସିକରେକମ୍ପାନୀର ନିଟ୍ ରାଜସ୍ୱ ଭାରତୀୟ ମୁଦ୍ରାରେ୧୧,୨୭୯ କୋଟି । ଯାହାକି ବାର୍ଷିକ (ବର୍ଷରୁବର୍ଷ) ୧୦.୫% ବୃଦ୍ଧିକୁ ଦର୍ଶାଏ । ସେହିଭଳି ଇବିଆଇଟିଡିଏ ଭାରତୀୟ ମୂଲ୍ୟରେ୧,୩୨୯ କୋଟି ଅନୁରୂପ ଭାବେଟିକସ ପରେ ଲାଭ (ପ୍ୟାଟ୍) ୭୬୯ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଯାହା ଯଥାକ୍ରମେ ୧.୫% ଏବଂ ୭.୬% ବାର୍ଷିକ ଅଭିବୃଦ୍ଧିର ରେକର୍ଡ କରିଛି । ଏକତ୍ରିତ ନେଟ୍ ଋଣ ୨,୯୫୦ କୋଟି ଟଙ୍କା ଥିବାବେଳେ ନେଟ୍ ଋଣ-ଟୁ-ଇକ୍ୱିଟି ଅନୁପାତ ୦.୧୪ ଗୁଣ ଥିଲା ।

ମୋବିଲିଟି, ଭିତିଭୂମି, ଉତ୍ପାଦନ ଏବଂ ଉପଭୋକ୍ତା କ୍ଷେତ୍ର ସମେତ ପ୍ରମୁଖ ବ୍ୟବହାର କ୍ଷେତ୍ରରେଦୃଢ଼ ଚାହିଦା ଦ୍ୱାରା କମ୍ପାନୀର ଦୃଢ କାର୍ଯ୍ୟଦକ୍ଷତା ପ୍ରଦର୍ଶିତ ହୋଇଛି । ଅଟୋମୋବାଇଲ୍ ବିଭାଗ ଏକ ଶକ୍ତିଶାଳୀ ଅଭିବୃଦ୍ଧି ହୋଇଥିବାବେଳେ ଆର୍ଥିକ ବର୍ଷ ୨୭ର ପ୍ରଥମ ତ୍ରୈମାସିକରେ ସ୍ପେଶାଲ-ଗ୍ରେଡ୍ ଭଲ୍ୟୁମ୍ ମଧ୍ୟ ବୃଦ୍ଧି ପାଇଛି । ଏହି ତ୍ରୈମାସିକରେ ଘରୋଇ ବିଦ୍ୟୁତ ଉପକରଣ ବିଭାଗ ଏବଂ ମେଟ୍ରୋ ରେଳ ପ୍ରକଳ୍ପର ବିକ୍ରିରେ ଏକ ସୁସ୍ଥ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି । ଭାରତୀୟ ରେଳବାଇର ବର୍ଦ୍ଧିତ କୋଚ ଉତ୍ପାଦନ ଯୋଜନା ସହିତ କମ୍ପାନୀ ପାଇଁ ରେଳ କ୍ଷେତ୍ରରୁ ମଧ୍ୟ ଚାହିଦା ରହିଥିଲା । କମ୍ପାନୀ ଶକ୍ତି, ତୈଳ ଏବଂ ଗ୍ୟାସ କ୍ଷେତ୍ରରେ ସ୍ୱତନ୍ତ୍ର ଷ୍ଟେନଲେସ୍ ଷ୍ଟିଲ୍ ଗ୍ରେଡ୍ ପାଇଁ ଅର୍ଡର ମଧ୍ୟ ହାସଲ କରିଥିଲା । ସ୍ୱତନ୍ତ୍ର ଉତ୍ପାଦ ବିଭାଗରେ ବିକ୍ରି ବୃଦ୍ଧି ପାଇଛି । ଯେଉଁଥିରେ ମିଂଟ, ବ୍ଲେଡ୍ ଷ୍ଟିଲ୍, ସଠିକ ଷ୍ଟ୍ରିପ୍ ଏବଂ ମୁଦ୍ରା ନିର୍ମାଣ ପାଇଁ ଖାଲି ଧାତୁର ଆବଶ୍ୟକତା ଅନ୍ତର୍ଭୁକ୍ତ । ଯାହା କ୍ରମାନ୍ୱୟରେ ବୃଦ୍ଧି ପାଇବାରେ ଲାଗିଛି । ଏ ସମ୍ପର୍କରେ ଅଭ୍ୟୁଦୟ ଜିନ୍ଦଲ, ପରିଚାଳନା ନିର୍ଦ୍ଦେଶକ, ଜିନ୍ଦଲ ଷ୍ଟେନଲେସ୍ କହିଛନ୍ତି, ଆର୍ଥିକ ବର୍ଷ ୨୭ର ପ୍ରଥମ ତ୍ରୈମାସିକ ରିପୋର୍ଟ ବହୁ ଆହ୍ୱାନପୂର୍ଣ୍ଣ ସମୟରେ ପ୍ରକାଶ ପାଇଛି । ଯାହା ଯୋଗାଣ ଶୃଙ୍ଖଳା ବ୍ୟାଘାତ ଏବଂ ବିକଶିତ ବିଶ୍ୱ ବାଣିଜ୍ୟ ପରିସ୍ଥିତି ଦ୍ୱାରା ଚିହ୍ନିତ ହୋଇଛି । ଏହି ଆହ୍ୱାନ ସତ୍ତ୍ୱେ, ଆମର ଘରୋଇ ବ୍ୟବସାୟ ସ୍ଥିର ରହିଥିଲା, ପ୍ରମୁଖ ଉପଭୋକ୍ତା ବିଭାଗରେ ଚାହିଦାକୁ ବୃଦ୍ଧି କରିବା ଏବଂ ମୂଲ୍ୟଯୁକ୍ତ ଉତ୍ପାଦର ଆମର ବର୍ଦ୍ଧିତ ଅଫର ଦ୍ୱାରା ସହାୟତା, କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ଶୃଙ୍ଖଳିତ କାର୍ଯ୍ୟକାରିତା ବଜାୟ ରଖିବା ସହିତ , ଏହି ତ୍ରୈମାସିକ ନୂତନତ୍ୱ, ଡିଜିଟାଲ୍ ରୂପାନ୍ତରଣ ଏବଂ ସ୍ଥାୟୀ କାର୍ଯ୍ୟରେ ବିନିଯୋଗ ମାଧ୍ୟମରେ କମ୍ପାନୀର ଦୀର୍ଘକାଳୀନ ମୌଳିକତାକୁ ମଜଭୁତ କରିବାରେ ଆମେ କରୁଥିବା ସ୍ଥିର ଅଗ୍ରଗତିକୁ ପ୍ରତିଫଳିତ କରେ ।

## ଇନରହୁଇଲ କ୍ଲବ୍ ଦ୍ୱାରା ବିଶ୍ୱ ବନ୍ଧୁତା ଦିବସ ପାଳିତ

ଖୋର୍ଦ୍ଧା, (ସବ୍ୟୁ): ସ୍ଥାନୀୟ କଫିବାର ପରିସରରେ ଇନରହୁଇଲ କ୍ଲବ୍, ଖୋରଧା ସଦସ୍ୟଙ୍କ ଦ୍ୱାରା ବିଶ୍ୱ ବନ୍ଧୁତା ଦିସବ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ନୂତନ ଭାବେ ମନୋନିତ ହୋଇଥିବା ସଭାପତି କବିତା ପଟ୍ଟନାୟକଙ୍କ ଆବାହକତ୍ୱରେ ବହୁ ସଦସ୍ୟା ଯୋଗ ଦେଇ ନିଜ ନିଜକୁ ଆଲିଙ୍ଗନ କରିବା ସହ ବନ୍ଧୁତ୍ୱର ମହତ୍ୱକୁ ବଜାଇ ରଖିବା ସହ ସମାଜରେ ଅସହାୟ ଅବଲମ୍ବନ କରୁଥିବା ବନ୍ଧୁ ବାନ୍ଧବଙ୍କୁ ସହାୟତାର ହାତ ବଢାଇବା ପାଇଁ ଏକତ୍ରିତ ହୋଇଥିବା ବାନ୍ଧବୀମାନେ ମତ ପ୍ରକାଶ କରିଥିଲେ । ଏହି ଅବସରରେ କ୍ଲବ୍‌ର ସଦସ୍ୟାମାନେ ପରସ୍ପରକୁ ବନ୍ଧୁତ୍ୱର ରିଷ୍ଟ୍ ବ୍ୟାଣ୍ଡ ବାନ୍ଧି ବଧେଇ ଜଣାଇଥିଲେ । ଏଥି ସହିତ ବନ୍ଧୁତା ଦିବସର ଉତ୍କର୍ଷତା ତଥା ସହ ଭାଗିତାକୁ ସେବା ଓ ବନ୍ଧୁତ୍ୱ ଦ୍ୱାରା ସମାଜର ମଙ୍ଗଳ କରିବାକୁ ସଭାପତି କବିତା ପଟ୍ଟନାୟକ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ଼.ପ୍ରିୟଦର୍ଶିନୀ ମିଶ୍ର, ରେଣୁବାଳା ପଟ୍ଟନାୟକ, ଶ୍ରଦ୍ଧା ପଟ୍ଟନାୟକ, ଇନ୍ଦୁମତୀ ସାହୁ, ସ୍ୱୟପ୍ରଭା ପଟ୍ଟନାୟକ, ସଙ୍ଗୀତା ସାମନ୍ତ, ପ୍ରଶାନ୍ତି ସାହୁ, ମନ୍ଦିରା ଦେ, ସ୍ମୃତି ମିଶ୍ର, ପ୍ରଜ୍ଞା ପଟ୍ଟନାୟକ, ମିନତୀ ମହାନ୍ତି ଆଦି ସଭ୍ୟାମାନେ ଯୋଗ ଦେଇ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ । ଖୋରଧା ପୋ÷ରପରିଷଦର ଅଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି ସ୍ୱତନ୍ତ୍ର ଅତିଥି ଭାବରେ ଯୋଗ ଦେଇ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ଅବସରରେ ଏମ୍‌ସର କାର୍ଯ୍ୟରତ ଡ଼ାକ୍ତର ପ୍ରୀୟଦର୍ଶିନୀ ମିଶ୍ରଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା ।

# ସୋଆ ବିଶ୍ୱବିଦ୍ୟାଳୟରେ "ବିକଶିତ ଭାରତ ପାଇଁ ନିଶାମୁକ୍ତ ଭାରତ ଅଭିଯାନ"

ଭୁବନେଶ୍ୱର, ଅଗଷ୍ଟ ୩: ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱବିଦ୍ୟାଳୟ ଅଡିଟୋରିୟମ୍‌ରେ ରବିବାର "ବିକଶିତ ଭାରତ ପାଇଁ ନିଶାମୁକ୍ତ ଭାରତ ଅଭିଯାନ" କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଯୁବ ସମାଜକୁ ନିଶାଦ୍ରବ୍ୟର କୁପ୍ରଭାବ ସଂପର୍କରେ ସଚେତନ କରିବା ଏବଂ ନିଶାମୁକ୍ତ ଭାରତ ଗଠନରେ ସେମାନଙ୍କର ସକ୍ରିୟ ଭୂମିକାକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା । ଏହି କାର୍ଯ୍ୟକ୍ରମରେ ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଭାରତ ସରକାରଙ୍କ ଏନ୍ଏସ୍ଏସ୍ ଆଂଚଳିକ ନିର୍ଦ୍ଦେଶାଳୟର ଯୁବ ଅଧିକାରୀ ଏ. ଏସ୍. କବୀର ଓ ଅଜିତ କୁଶୱାହା ଏବଂ ସୋଆ ବିଶ୍ୱବିଦ୍ୟାଳୟର ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର କମଳ ଲୋଚନ ମହନ୍ତ ଉପସ୍ଥିତ ଥିଲେ ।

ନିଜ ଅଭିଭାଷଣରେ କବୀର ଏପରି ଏକ ସାମାଜିକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରିଥିବା ନିମନ୍ତେ ସୋଆ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିବା ସହିତ ନିଶାମୁକ୍ତ ସମାଜ ଗଠନରେ ଶିକ୍ଷାନୁଷ୍ଠାନ ଓ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । କୁଳପତି ପ୍ରଫେସର ନନ୍ଦ ଛାତ୍ରଛାତ୍ରୀଙ୍କୁ ସମସ୍ତ ପ୍ରକାର ନିଶାଦ୍ରବ୍ୟଠାରୁ ଦୂରେଇ ରହିବାକୁ ଆହ୍ୱାନ ଜଣାଇଥିଲେ ଏବଂ "ନିଶାମୁକ୍ତ ଭାରତ" ଶପଥ ପାଠ କରାଇଥିଲେ, ଯେଉଁଥିରେ ସମସ୍ତ ଉପସ୍ଥିତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଶାମୁକ୍ତ ଭାରତ ଗଠନର ସଂକଳ୍ପ ନେଇଥିଲେ ।

ଏହି ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସିଧାସଳଖ ସମ୍ବୋଧନ ଶୁଣିଥିଲେ । ନିଜ ବକ୍ତବ୍ୟରେ ପ୍ରଧାନମନ୍ତ୍ରୀ ଦେଶର ଯୁବଶକ୍ତିଙ୍କୁ ନିଶା ବିରୋଧୀ ଆନ୍ଦୋଳନରେ ଅଗ୍ରଣୀ ଭୂମିକା ନେବାକୁ ଆହ୍ୱାନ ଜଣାଇଥିଲେ ଏବଂ ନିଶାମୁକ୍ତ ଭାରତ ଓ ବିକଶିତ ଭାରତ ଗଠନ ପାଇଁ ସମସ୍ତଙ୍କ ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସୋଆ କ୍ୟାମ୍ପସ-୨ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର, ଡିନ ଓ ୫୫୦ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଏହି




କାର୍ଯ୍ୟକ୍ରମରେ ଖଣ୍ଡଗିରି ବିଜେପି ମଣ୍ଡଳ ସଭାପତି ଶ୍ରୀମତି ଆରତୀ ଭୂୟାଁ ବିଧାୟକ ବାବୁ ସିଂ ଙ୍କ ପ୍ରତିନିଧି ଭାବରେ ଯୋଗ ଦେଇଥଲେ । ସଭାର ଶେଷରେ ଡକ୍ଟର ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ନିଶାମୁକ୍ତ ସମାଜ ଗଠନ ପାଇଁ ସଚେତନତା ସୃଷ୍ଟି କରିବା ଏବଂ ସମାଜରେ ଏହି ବାର୍ତ୍ତା ପହଂଚାଇବାର ସଂକଳ୍ପ ସହ କାର୍ଯ୍ୟକ୍ରମର ସମାପନ ହୋଇଥିଲା ।

## ତେଜିଲା କାବେରୀ ନଦୀଜଳ ବିବାଦ

# ସୁପ୍ରିମକୋର୍ଟରେ ପହଞ୍ଚିଲେ ବିଜୟ

ବେଙ୍ଗାଲୁରୁ : କର୍ଣ୍ଣାଟକ ବିରୋଧରେ ସୁପ୍ରିମକୋର୍ଟରେ ପହଞ୍ଚିଛି ତାମିଲନାଡୁ। ନିର୍ଦ୍ଦେଶ ସତ୍ତ୍ୱେ କାବେରୀ ପାଣି ଛାଡୁନି କର୍ଣ୍ଣାଟକ। ତାମିଲନାଡୁ ଭାଗର ପାଣି ରାଜ୍ୟକୁ ମିଳୁନି। କାବେରୀ ଜଳ ପରିଚାଳନା ପ୍ରାଧିକରଣ(ସିଡବ୍ଲ୍ୟୁଏମଏ) ଓ କାବେରୀ ଜଳ ନିୟନ୍ତ୍ରଣ କମିଟିର ନିର୍ଦ୍ଦେଶକୁ କର୍ଣ୍ଣାଟକ ଅଣଦେଖା କରୁଥିବା ଅଭିଯୋଗ କରି ମୁଖ୍ୟମନ୍ତ୍ରୀ ବିଜୟଙ୍କ ସରକାର ସୁପ୍ରିମକୋର୍ଟରେ ଆବେଦନ କରିଛି। ତାମିଲନାଡୁ ସରକାର ସୋମବାର ମୁଖ୍ୟମନ୍ତ୍ରୀ ସି ଯୋଶେଫ ବିଜୟଙ୍କ ନିର୍ଦ୍ଦେଶରେ ସୁପ୍ରିମକୋର୍ଟରେ ଆବେଦନ ଦାଖଲ କରିଛନ୍ତି। କାବେରୀ ଜଳ ପରିଚାଳନା କର୍ତ୍ତୃପକ୍ଷଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ କର୍ଣ୍ଣାଟକ ସରକାର ତାମିଲନାଡୁକୁ ନିଜ ଭାଗର କାବେରୀ ଜଳ ଛାଡୁ ନଥିବା ଆବେଦନରେ ଦର୍ଶାଯାଇଛି।ଜୁଲାଇ ୨୮ରେ ଅନୁଷ୍ଠିତ କାବେରୀ ଜଳ ନିୟନ୍ତ୍ରଣ କମିଟିର ୧୩୯ତମ ବୈଠକରେ କାବେରୀ ନଦୀ ଅବବାହିକାର ଜଳବିଜ୍ଞାନ ଓ



ପାଣିପାଗ ପରିସ୍ଥିତିର ସମୀକ୍ଷା କରାଯାଇଥିଲା। କମିଟି କର୍ଣ୍ଣାଟକକୁ ଜୁଲାଇ ୨୯ରୁ ଅଗଷ୍ଟ ୧୨ ପର୍ଯ୍ୟନ୍ତ ୧୫ ଦିନ ଧରି ପ୍ରତି ସେକେଣ୍ଡରେ ୩,୫୦୦ କ୍ୟୁସେକ୍ ଜଳ ବିଳିଗୁଣ୍ଡୁଲୁ ଠାରେ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲା। କୃଷ୍ଣରାଜ ସାଗର ଓ କବିନୀ ଜଳଭଣ୍ଡାରରୁ ଏହି ପାଣି ଛାଡ଼ିବାକୁ କୁହାଯାଇଥିଲା।ପରେ ଜୁଲାଇ ୩୦ରେ କାବେରୀ ଜଳ ପରିଚାଳନା ପ୍ରାଧିକରଣର ୫୪ତମ ଜରୁରୀ ବୈଠକରେ ମଧ୍ୟ ଏହି ନିଷ୍ପତ୍ତିକୁ ସମର୍ଥନ କରାଯାଇଥିଲା। ବର୍ଷା ଓ ଜଳ ଉପଲବ୍ଧତାର ସମୀକ୍ଷା ପରେ ପ୍ରାଧିକରଣ ପାଣି ଛାଡ଼ିବାକୁ ନିର୍ଦ୍ଦେଶ ଜାରି କରିଥିଲା।କିନ୍ତୁ ତାମିଲନାଡୁ ସରକାର ଅଭିଯୋଗ କରିଛନ୍ତି ଯେ ଜୁଲାଇ ୨୯ରୁ ଅଗଷ୍ଟ ୨ ମଧ୍ୟରେ ବିଳିଗୁଣ୍ଡୁଲୁରେ ପହଞ୍ଚିଥିବା ଜଳର ପରିମାଣ ପ୍ରତି ସେକେଣ୍ଡ ପିଛା ମାତ୍ର ୧୫୮ରୁ ୫୫୦ କ୍ୟୁସେକ୍ ମଧ୍ୟରେ ଥିଲା। ଏହା ନିର୍ଦ୍ଦିଷ୍ଟ ୩,୫୦୦ କ୍ୟୁସେକ୍‌ଠାରୁ ବହୁତ କମ୍।ତାମିଲନାଡୁ କହିଛି ଯେ କର୍ଣ୍ଣାଟକାର ଜଳଭଣ୍ଡାରଗୁଡ଼ିକରେ ପର୍ଯ୍ୟାପ୍ତ ଜଳ ଉପଲବ୍ଧ ଥିବାରୁ ନିର୍ଦ୍ଦେଶ ପାଳନରେ କୌଣସି ବାଧା ନଥିଲା। ଅଗଷ୍ଟ ୩ ସୁଦ୍ଧା କୃଷ୍ଣରାଜ ସାଗରରେ ୨୩.୦୭୮ ଟିଏମସି, କବିନୀରେ ୧୮.୬୧୦ ଟିଏମସି, ହରଙ୍ଗୀରେ ୭.୮୨୭ ଟିଏମସି ଓ ହେମାବତୀରେ ୨୮.୦୨୨ ଟିଏମସି ଜଳ ଗଚ୍ଛିତ ହୋଇ ରହିଛି। ଏହି ୪ଟି ଜଳଭଣ୍ଡାରରେ ମୋଟ ୭୭.୫୩୭ ଟିଏମସି ଜଳ ରହିଥିବା ବେଳେ ସେଥିରୁ ୬୭.୫୧୭ ଟିଏମସି ବ୍ୟବହାର ଯୋଗ୍ୟ ଜଳ ବୋଲି ତାମିଲନାଡୁ ସରକାର ନିଜ ଆବେଦନରେ ଦର୍ଶାଇଛନ୍ତି। ତାମିଲନାଡୁର ଯୁକ୍ତି ହେଉଛି ଯେ ଅନୁପାତିକ ଜଳ ବଣ୍ଟନ ନୀତି ଅନୁସାରେ ବିଳିଗୁଣ୍ଡୁଲୁରେ ସେମାନଙ୍କୁ ୨୬.୯୫୪ ଟିଏମସି ଜଳ ମିଳିବା କଥା। କିନ୍ତୁ ବର୍ତ୍ତମାନ ସମୟରେ ପ୍ରାଧିକରଣ କେବଳ ୪.୫୩୬ ଟିଏମସି ଜଳ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲା।ତଥାପି କର୍ଣ୍ଣାଟକ ସେହି ନିର୍ଦ୍ଦେଶ ଅନୁସାରେ ପାଣି ଛାଡ଼ି ନାହିଁ। କୃଷ୍ଣରାଜ ସାଗର ଓ କବିନୀ ଜଳଭଣ୍ଡାର ଅଞ୍ଚଳରେ ପ୍ରବଳ ବର୍ଷା ହେଉ ଥିବାରୁ ସେଠାରେ ଜଳ ପ୍ରବାହ ଯଥେଷ୍ଟ ବଢ଼ିଛି ବୋଲି ମଧ୍ୟ ତାମିଲନାଡୁ ସରକାର କହିଛନ୍ତି।

## ଗୁପ୍ତଚରୀ ଅଭିଯୋଗ

# ଇରାନରେ ୨ ଜଣଙ୍କୁ ମୃତ୍ୟୁଦଣ୍ଡ

ତେହେରାନ: ଆମେରିକା ଏବଂ ଇସ୍ରାଏଲ ସହିତ ଚାଲିଥିବା ଯୁଦ୍ଧ ମଧ୍ୟରେ ଇସ୍ରାଏଲର ମୋସାଦ ଗୁପ୍ତଚର ସଂସ୍ଥା ପାଇଁ ଗୁପ୍ତଚରୀ କାର୍ଯ୍ୟ କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ଦୁଇ ଜଣଙ୍କୁ ସୋମବାର ଇରାନ ଫାଶୀ ଦେଇଛି ବୋଲି ଦେଶର ନ୍ୟାୟପାଳିକା କହିଛି। ସରକାରୀ ଆଇଆରଏନଏ ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ନ୍ୟାୟପାଳିକା ସେମାନଙ୍କୁ ଓମିଦ୍ ବେହଜାଦ୍ ଏବଂ ପୋରିଆ ସଫଭାତ୍ ଭାବରେ ଚିହ୍ନଟ କରିଛି। ସେମାନେ ଗୁପ୍ତଚରୀ ଏବଂ ଦେଶଦ୍ରୋହ ପାଇଁ ଦୋଷୀ ସାବ୍ୟସ୍ତ ହୋଇଥିଲେ।ନ୍ୟାୟପାଳିକା କହିଛି ଯେ ଏହି ଦୁଇଜଣ ୧୩ ଜୁନ୍ ୨୦୨୫ରେ ଇରାନ ଉପରେ ଇସ୍ରାଏଲ ଆକ୍ରମଣ ଏବଂ ୨୮ ଫେବ୍ରୁଆରି ୨୦୨୬ରେ ଆମେରିକା ଏବଂ ଇସ୍ରାଏଲ ମିଳିତ ଆକ୍ରମଣ ସମୟରେ ମୋସାଦ ଅଧିକାରୀମାନଙ୍କୁ ଇରାନୀ ସାମରିକ ଏବଂ ସୁରକ୍ଷା ସ୍ଥାନ ବିଷୟରେ ସମନ୍ୱୟ, ଫଟୋଗ୍ରାଫ୍ ଏବଂ ସୂଚନା ଯୋଗାଇଥିବା ଅଭିଯୋଗରେ ସେମାନେ ଦୋଷୀ ସାବ୍ୟସ୍ତ ହୋଇଥିଲେ।

# ସୁ କିଙ୍କୁ ଭେଟିଲେ ରେଡକ୍ରସ ଅଧିକାରୀ

ୟାଙ୍ଗୁନ୍: ମିଆଁମାରରେ ଗୃହବନ୍ଦୀ ଥିବା ଡେମୋକ୍ରାଟିକ୍ ନେତ୍ରୀ ଅଙ୍ଗ ସାନ୍ ସୁ କି ସୋମବାର ଦେଶର ରେଡକ୍ରସ୍ ପ୍ରତିନିଧିଙ୍କୁ ଭେଟିଛନ୍ତି ବୋଲି ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ କହିଛି। ୨୦୨୧ ମସିହାର ସାମରିକ ବିଦ୍ରୋହରେ ତାଙ୍କୁ ଗାଦିଚ୍ୟୁତ କରାଯିବା ପରେ ସେ ପ୍ରଥମ ଥର ପାଇଁ ଜଣେ ବିଦେଶୀ ଅଧିକାରୀଙ୍କ ସହ ସାକ୍ଷାତ କରିଛନ୍ତି। ମିଆଁମାରରେ ଅନ୍ତର୍ଜାତୀୟ ରେଡକ୍ରସ କମିଟିର ଆବାସିକ ପ୍ରତିନିଧି ଆର୍ନାଉଡ୍ ଡି ବେକ୍, ସୋମବାର ସକାଳେ ଅଙ୍ଗ ସାନ୍ ସୁ କିଙ୍କୁ ଭେଟିଛନ୍ତି ବୋଲି ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ଏକ ବିବୃତିରେ କୁହାଯାଇଛି।ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ଦ୍ୱାରା ପ୍ରକାଶିତ ଫଟୋରେ, ସୁ କି ଜଣେ ବ୍ୟକ୍ତିଙ୍କ ସହିତ ହାତ ମିଳାଉଥିବାର ଦେଖାଯାଉଛି, ସେ ଡି ବେକ୍ଙ୍କ ପରି ଲାଗୁଛନ୍ତି। ଅନ୍ୟ ଏକ ଫଟୋରେ ସୁ କି ଜନ୍ମଦିନର କେକ୍ କାଟୁଛନ୍ତି ଏବଂ ଅନ୍ୟ ଏକ ଫଟୋରେ କେକ୍ ଦେଖାଯାଉଛି ଯେଉଁଥିରେ ଲେଖା ଅଛି, 'ଜନ୍ମଦିନର ଶୁଭେଚ୍ଛା ଆଣ୍ଟି ସୁ'।ସେନା ଫେବ୍ରୁଆରି ୨୦୨୧ରେ ନୋବେଲ ଶାନ୍ତି ପୁରସ୍କାର ବିଜେତା ସୁ କିଙ୍କୁ ଗାଦିଚ୍ୟୁତ କରି ଜେଲ୍‌ରେ ରଖିଥିଲା। ଏହାପରେ ଦେଶରେ ଗୃହଯୁଦ୍ଧ ଆରମ୍ଭ ହୋଇଥିଲା। କଡ଼ା କଟକଣା ମଧ୍ୟରେ ହୋଇଥିବା ନିର୍ବାଚନ ପରେ ଏପ୍ରିଲ୍ ମାସରେ ବିଦ୍ରୋହୀ ନେତା ଏବଂ ପୂର୍ବତନ ଜୁଣ୍ଟା ମୁଖ୍ୟ ମିନ୍ ଅଙ୍ଗ୍ ହ୍ଲାଇଙ୍ଗଙ୍କୁ ବେସାମରିକ ରାଷ୍ଟ୍ରପତି ଭାବରେ ନିଯୁକ୍ତି ଦିଆଯାଇଥିଲା। ସେହିବର୍ଷ ଏପ୍ରିଲ୍ ମାସ ଶେଷରେ ମିନ୍ ଅଙ୍ଗ୍ ହ୍ଲାଇଙ୍ଗ୍ ୮୧ ବର୍ଷ ବୟସ୍କା ସୁ କିଙ୍କ ବାକି ଦଣ୍ଡକୁ ହ୍ରାସ କରିଥିବା କହିବା ପରେ ତାଙ୍କୁ ଗୃହବନ୍ଦୀ କରାଯାଇଥିଲା।

# ନେପାଳକୁ ପୁଣି ହିନ୍ଦୁ ରାଷ୍ଟ୍ର ଘୋଷଣା ଦାବି

କାଠମାଣ୍ଡୁ : ନେପାଳକୁ ପୁଣି ଏକ ବୈଦିକ ସନାତନ ହିନ୍ଦୁ ରାଷ୍ଟ୍ର ଭାବେ ପ୍ରତିଷ୍ଠା କରିବା ଦାବି ତୀବ୍ର ହୋଇଛି। ଏହି ଦାବିରେ ବିଭିନ୍ନ ହିନ୍ଦୁ ସଂଗଠନ ସହ ସାଧାରଣ ଲୋକେ ରବିବାରଠାରୁ ବିଭିନ୍ନ ସ୍ଥାନରେ ରାସ୍ତାକୁ ଓହ୍ଲାଇଛନ୍ତି। ବାଲେନ୍ଦ୍ର ଶାହ ସରକାର ହିନ୍ଦୁ ସମୁଦାୟର ସୁରକ୍ଷା ଓ ସେମାନଙ୍କ ଦାବି ପ୍ରତି ଉଦାସୀନ ରହିଥିବା ବିକ୍ଷୋଭକାରୀମାନେ ଅଭିଯୋଗ କରିଛନ୍ତି। ସିରାହା ଜିଲ୍ଲାରେ ଲୋକମାନେ ଶାସକ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟିର ସାଂସଦ ବବ୍‌ଲୁ ଗୁପ୍ତାଙ୍କୁ ଘେରାଉ କରି ଜବାବ ମାଗିଛନ୍ତି। ପରିବର୍ତ୍ତନ ଓ ନେପାଳକୁ ପୁଣି ହିନ୍ଦୁ ରାଷ୍ଟ୍ର କରିବା ଆଶାରେ ସେମାନେ ନିଜ ଜନପ୍ରତିନିଧିଙ୍କୁ ସମର୍ଥନ କରିଥିଲେ। କିନ୍ତୁ ସାଂସଦ ଏବେ ହିନ୍ଦୁ ସମୁଦାୟର ସୁରକ୍ଷା ଓ ଅଧିକାର ପକ୍ଷରେ ଖୋଲାଖୋଲି କହୁ ନ ଥିବାରୁ ସେମାନଙ୍କ ଆଶା ଭଙ୍ଗ ହୋଇଥିବା ବିକ୍ଷୋଭକାରୀମାନେ କହିଛନ୍ତି। ଜୁଲାଇ ୨୬ ରାତିରେ ଭାରତ ସୀମାନ୍ତ ସୁନସରୀ ଜିଲ୍ଲାର ଦେୱାନଗଞ୍ଜରେ ଏକ ହିନ୍ଦୁ ଧାର୍ମିକ ଶୋଭାଯାତ୍ରା ବେଳେ ଡିଜେ ବଜାଇବା ଓ ଧାର୍ମିକ ପତାକା ଲଗାଇବାକୁ ନେଇ ଦୁଇ ସମୁଦାୟ ମଧ୍ୟରେ ବିବାଦ ହୋଇଥିଲା। ଏହା ପରେ ବିଭିନ୍ନ ଅଞ୍ଚଳକୁ ହିଂସା ବ୍ୟାପିବାରୁ ଅନ୍ୟୂନ ୩ ଜଣଙ୍କ ମୃତ୍ୟୁ ହେବା ସହ ୨୫ରୁ ଅଧିକ ଆହତ ହୋଇଥିଲେ। ପୁଲିସ ଗୁଳିରେ ସୁନସରୀରେ ୨ ଜଣ ଏବଂ ସିରାହାରେ ହୋଇଥିବା ପରବର୍ତ୍ତୀ ବିକ୍ଷୋଭରେ ଆଉ ଜଣେ ପ୍ରାଣ ହରାଇଥିଲେ। ଏକାଧିକ ସହରରେ କର୍ଫ୍ୟୁ ଜାରି କରାଯିବା ପରେ ହିଂସା ଏବେ ହ୍ରାସ ପାଇଛି। ଘଟଣା ପରେ ହିନ୍ଦୁ ସଂଗଠନଗୁଡ଼ିକ ସରକାରଙ୍କୁ ୧୫ ଦଫା ଦାବିପତ୍ର ଦେଇଛନ୍ତି। ଦେୱାନଗଞ୍ଜ ହିଂସାର ନିରପେକ୍ଷ ତଦନ୍ତ, ଦୋଷୀ ଓ ଷଡ଼୍‌ଯନ୍ତ୍ରକାରୀଙ୍କୁ ତୁରନ୍ତ ଗିରଫ, ତଦନ୍ତ କମିଟି ରିପୋର୍ଟ ସାର୍ବଜନୀନ କରିବା ଏବଂ ଗୁଳିଚାଳନା ନିର୍ଦ୍ଦେଶ ଦେଇଥିବା ଅଧିକାରୀଙ୍କ ପରିଚୟ ପ୍ରକାଶ କରି ସେମାନଙ୍କ ବିରୋଧରେ ଆଇନଗତ ପଦକ୍ଷେପ ଏଥିରେ ଅନ୍ତର୍ଭୁକ୍ତ। ସୁରକ୍ଷା ବ୍ୟବସ୍ଥାରେ ଅବହେଳା ପାଇଁ ଦାୟୀ ଅଧିକାରୀଙ୍କୁ ଦଣ୍ଡ, ମୃତକଙ୍କୁ ସହିଦ ମାନ୍ୟତା, ପରିବାରକୁ କ୍ଷତିପୂରଣ ଏବଂ ଆହତଙ୍କ ମାଗଣା ଓ ଉନ୍ନତ ଚିକିତ୍ସା ପାଇଁ ମଧ୍ୟ ଦାବି କରାଯାଇଛି। ବୌଦ୍ଧ ଓ କିରାତ ପରମ୍ପରାର ସମ୍ମାନ ଅକ୍ଷୁଣ୍ଣ ରଖି ନେପାଳକୁ 'ବୈଦିକ ସନାତନ ହିନ୍ଦୁ ରାଷ୍ଟ୍ରଦ



ଭାବେ ପୁନଃପ୍ରତିଷ୍ଠା ପାଇଁ ସଂସଦରେ ପ୍ରସ୍ତାବ ଆଣିବାକୁ ସଂଗଠନଗୁଡ଼ିକ ଦାବି କରିଛନ୍ତି। ଏଥିସହ ରୋହିଙ୍ଗ୍ୟା, ବାଂଲାଦେଶୀ ଓ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ବହିଷ୍କାର କରିବା, ସୀମା ସୁରକ୍ଷାକୁ ଦୃଢ଼ କରିବା ଏବଂ ୧୯୯୦ ପରେ ଦିଆଯାଇଥିବା ନେପାଳୀ ନାଗରିକତାର ଯାଞ୍ଚ ପାଇଁ କୁହାଯାଇଛି। ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହ କିନ୍ତୁ ହିନ୍ଦୁ ରାଷ୍ଟ୍ର ପୁନଃପ୍ରତିଷ୍ଠା ଦାବିକୁ ସମର୍ଥନ କରିନାହାନ୍ତି। ହିନ୍ଦୁ ରାଷ୍ଟ୍ର ସହ ରାଜତନ୍ତ୍ର ପ୍ରତ୍ୟାବର୍ତ୍ତନ ପ୍ରସଙ୍ଗ ଯୋଡ଼ିହୋଇଥିବାରୁ ଏହା ଦେଶର ସଂଘୀୟ ବ୍ୟବସ୍ଥାକୁ ଦୁର୍ବଳ କରିବ ବୋଲି ସେ କହିଛନ୍ତି। ତାଙ୍କ ସରକାର ସଂଘୀୟ ବ୍ୟବସ୍ଥାକୁ ଦୃଢ଼ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଶାହ ସ୍ପଷ୍ଟ କରିଛନ୍ତି।

# ଭେନେଜୁଏଲାରେ ରାଜନୈତିକ ଆଲୋଚନା

## ଜେଲରୁ ପୂର୍ଣ୍ଣ ସମର୍ଥନ ପ୍ରକାଶ କଲେ ମାଦୁରୋ

ନ୍ୟୁୟର୍କ : ଭେନେଜୁଏଲାର ପଦଚ୍ୟୁତ ରାଷ୍ଟ୍ରପତି ନିକୋଲାସ ମାଦୁରୋ ନ୍ୟୁୟର୍କର ଜେଲରୁ ଏକ ବାର୍ତ୍ତାରେ ତାଙ୍କ ଦେଶରେ ଚାଲିଥିବା ରାଜନୈତିକ ଆଲୋଚନା ପାଇଁ ତାଙ୍କର ପୂର୍ଣ୍ଣ ସମର୍ଥନ ପ୍ରକାଶ କରିଛନ୍ତି। ମାଦୁରୋ ତାଙ୍କର ସରକାରୀ ଟେଲିଗ୍ରାମ୍ ଆକାଉଣ୍ଟ ମାଧ୍ୟମରେ ଦୃଢ଼ୋକ୍ତି କରିଛନ୍ତି ଯେ, ରାଷ୍ଟ୍ରର ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଜାତୀୟ ପୁନର୍ଜାଗରଣର ଆଲୋଚନା ଲାଗି ସମସ୍ତ ରାଜନୈତିକ ଦଳ ମଧ୍ୟରେ ପାରସ୍ପରିକ ସମ୍ମାନ ଆବଶ୍ୟକ। ଏହି ବିବୃତି ଏକ ସମ୍ବେଦନଶୀଳ ସମୟରେ ଆସିଛି ଯେତେବେଳେ ବର୍ତ୍ତମାନର ସରକାର ଏବଂ ଭେନେଜୁଏଲା ବିରୋଧୀ ଦଳ ୱାସିଂଟନ ଦ୍ୱାରା ପ୍ରାୟୋଜିତ ଏକ ନୂତନ ପର୍ଯ୍ୟାୟ ଆଲୋଚନା ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଅନ୍ତର୍ଜାତୀୟ ସମୁଦାୟ ଆଶା କରୁଛି ଯେ ଏହି ପଦକ୍ଷେପଗୁଡ଼ିକ ଏକ ଶାନ୍ତିପୂର୍ଣ୍ଣ ରାଜନୈତିକ ପରିବର୍ତ୍ତନ ଆଡ଼କୁ ନେଇଯିବ ଯାହା ଜାରି ରହିଥିବା ସଙ୍କଟର ଅନ୍ତ କରିବ ଏବଂ ଦେଶରେ ଗଣତାନ୍ତ୍ରିକ ତଥା ନିରପେକ୍ଷ ନିର୍ବାଚନ ପାଇଁ ଏକ ସ୍ପଷ୍ଟ ସମୟସୀମା ସ୍ଥିର କରିବ।ରିପୋର୍ଟ ସୂଚିତ କରୁଛି



ଯେ, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭେନେଜୁଏଲାରେ ବର୍ତ୍ତମାନର ରାଜନୈତିକ ଗତିପଥକୁ ପରିଚାଳନା କରିବାରେ ଚାପ ପକାଉଛନ୍ତି। ପରିବର୍ତ୍ତନକାଳୀନ ପର୍ଯ୍ୟାୟ ପରିଚାଳନାରେ ରୋଡ୍ରିଗେଜଙ୍କ କାର୍ଯ୍ୟଦକ୍ଷତାରେ ସେ ସନ୍ତୋଷ ପ୍ରକାଶ କରିଛନ୍ତି। ଟ୍ରମ୍ପ ଭେନେଜୁଏଲାର ଦଳଗୁଡ଼ିକୁ ବିଦେଶୀ ନିବେଶ ଫେରିବା ଏବଂ ବର୍ଷ ବର୍ଷ ଧରି ବନ୍ଦ ଥିବା ବଜାର ଖୋଲିବା ସୁନିଶ୍ଚିତ କରିବା ପାଇଁ ଆଲୋଚନାରେ ସାମିଲ ହେବାକୁ ଉତ୍ସାହିତ କରୁଛନ୍ତି।

ଅନ୍ତରୀଣ ରାଷ୍ଟ୍ରପତି ଡେଲସି ରୋଡ୍ରିଗେଜ ବ୍ୟକ୍ତିଗତ ନିବେଶ ଏବଂ ବିଦେଶୀ ସ୍ୱାର୍ଥକୁ ଆକର୍ଷିତ କରିବା ପାଇଁ ନୂତନ ଅର୍ଥନୈତିକ ନୀତି କାର୍ଯ୍ୟକାରୀ କରିଚାଲିଛନ୍ତି। ଏହି ପଦକ୍ଷେପଗୁଡ଼ିକ ୱାସିଂଟନ ପକ୍ଷରୁ କଡ଼ା ଯାଞ୍ଚ କରାଯାଉଛି, ଯାହା ଦ୍ୱାରା ଭେନେଜୁଏଲାର ଏକ ବଜାର ଅର୍ଥନୀତିକୁ ପରିବର୍ତ୍ତନ ସୁନିଶ୍ଚିତ କରିବା ସହିତ ରାଜନୈତିକ ସ୍ଥିରତା ବଜାୟ ରଖିବା ପାଇଁ ଚେଷ୍ଟା କରାଯାଉଛି।ନ୍ୟାୟିକ କ୍ଷେତ୍ରରେ ଆମେରିକୀୟ କର୍ତ୍ତୃପକ୍ଷ ୧ ଜୁନ୍ ୨୦୨୭ଠାରୁ ଆନ୍ତର୍ଜାତୀୟ ନିଶା କାରବାର ସହିତ ଜଡ଼ିତ ଗମ୍ଭୀର ଅଭିଯୋଗରେ ମାଦୁରୋଙ୍କ ବିଚାର ଆରମ୍ଭ ପାଇଁ ଆନୁଷ୍ଠାନିକ ଭାବରେ ତାରିଖ ଧାର୍ଯ୍ୟ କରିଛନ୍ତି। ପଦଚ୍ୟୁତ ରାଷ୍ଟ୍ରପତି ଚାରୋଟି ମୁଖ୍ୟ ଅଭିଯୋଗର ସମ୍ମୁଖୀନ ହେଉଛନ୍ତି, ଯେଉଁଥିରେ ନିଶା ଚାଲାଣ ସହିତ ଜଡ଼ିତ ଆତଙ୍କବାଦକୁ ପ୍ରୋତ୍ସାହନ ଅଭିଯୋଗ ମଧ୍ୟ ରହିଛି। ତେବେ ସମସ୍ତ ଅଭିଯୋଗକୁ ମାଦୁରୋ ତାଙ୍କ ଗିରଫଦାରୀ ପରଠାରୁ ଦୃଢ଼ ଭାବରେ ଅସ୍ୱୀକାର କରିଆସୁଛନ୍ତି। ନ୍ୟୁୟର୍କର ଫେଡେରାଲ୍ କୋର୍ଟରେ ତାଙ୍କର ପ୍ରଥମ ହାଜର ସମୟରେ, ମାଦୁରୋ ଆମେରିକାର ଜେଲ୍‌ରେ ତାଙ୍କର ଅଟକକୁ ବେଆଇନ କହିବା ସହିତ ନିଜକୁ ଯୁଦ୍ଧବନ୍ଦୀ ଭାବରେ ଉପସ୍ଥାପନ କରିଥିଲେ।ତାଙ୍କ ୬୯ ବର୍ଷୀୟା ପତ୍ନୀ ସିଲିଆ ଫ୍ଲୋରେସ ମଧ୍ୟ ତିନୋଟି ଅପରାଧିକ ଅଭିଯୋଗର ସମ୍ମୁଖୀନ ହେଉଛନ୍ତି। ଫ୍ଲୋରେସ ତାଙ୍କ ବିରୋଧରେ ଅଣାଯାଇଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରି ନିର୍ଦ୍ଦୋଷ ଥିବା କହୁଛନ୍ତି। ସେ ଏବଂ ମାଦୁରୋ ଏହି ବିଚାରକୁ ଆମେରିକୀୟ ପ୍ରଶାସନ ଦ୍ୱାରା ଏକ ରୀତିମତ ରାଜନୈତିକ ଟାର୍ଗେଟ ଭାବରେ ବର୍ଣ୍ଣନା କରୁଛନ୍ତି।

# ନାବାଳିକାଙ୍କୁ ଦୁଷ୍କର୍ମ ପରେ ବିଭତ୍ସ ହତ୍ୟା

ଗୁଆହାଟୀ: ଆସାମରେ ଅତ୍ୟନ୍ତ ବର୍ବର କାଣ୍ଡ ଘଟିଛି। ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ତାଙ୍କ ଘରେ ପଶି ଦୁଷ୍କର୍ମ ପରେ ହତ୍ୟା କରାଯାଇଛି। ତାଙ୍କ ମର ଶରୀରକୁ ଏମିତି ବିକୃତ କରାଯାଇଥିଲା ଯେ ତାଙ୍କୁ ତାଙ୍କ ନିଜ ପରିବାର ସଦସ୍ୟ ମଧ୍ୟ ଚିହ୍ନି ପାରିନଥିଲେ। ଘଟଣା ଘଟିବା ସମୟରେ ପୀଡ଼ିତା ନାବାଳିକା ଘରେ ଏକା ଥିଲେ। ତାଙ୍କ ପରିବାର ସଦସ୍ୟ ଘର ନିକଟରେ ଜଣେ ସମ୍ପର୍କୀୟଙ୍କ ଘରକୁ ଭୋଜି ଖାଇବାକୁ ଯାଇଥିଲେ। ଘରକୁ ଫେରି ସେମାନେ ଝିଅକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖି ଚିହ୍ନି ପାରିନଥିଲେ। ପୁଲିସ ଅନୁଯାୟୀ, ପୀଡ଼ିତାଙ୍କ ମୁହଁ ଓ ମୁଣ୍ଡକୁ ଅତି ନିଷ୍ଠୁର ଭାବେ ଛେଚି ନଷ୍ଟ କରାଯାଇଥିଲା ଏବଂ ତାଙ୍କ ଯୌନାଙ୍ଗରେ ଏକ ରଡ୍ ଭର୍ତ୍ତି କରାଯାଇଥିଲା। ନାବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଛି ବୋଲି ତାଙ୍କ ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ପୁଲିସ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ଗତ ଶନିବାର ରାତିରେ ଏହି ଘଟଣା ଘଟିଛି।

# ଦିଲ୍ଲୀରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ

ନୂଆଦିଲ୍ଲୀ, ୩।୮ (ନି.ପ୍ର): ଦିଲ୍ଲୀର ଲଜପତ ଭବନ ପରିସରରେ ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନାବରଣ କରିଛନ୍ତି। ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ପ୍ରଥମ ଥର ପାଇଁ ଜଣେ ଓଡ଼ିଆ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଛି। ସୋମବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପ୍ରତିମୂର୍ତ୍ତି ଅନାବରଣ ସହ ଲୋକସେବକ ମଣ୍ଡଳ ସଂସ୍ଥାପକ ପଞ୍ଜାବ କେଶରୀ ଲାଲା ଲଜପତ୍ ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଛନ୍ତି। ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଓ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଲୋକସେବକ ମଣ୍ଡଳର ସଭାପତି ରାଜକୁମାର, ଉପସଭାପତି ଦୀପକ ମାଲବ୍ୟ, ସମ୍ପାଦକ ରମାନାଥ ଝା, କୋଷାଧ୍ୟକ୍ଷ ତଥା 'ସମାଜ'ର ପ୍ରକାଶକ ଓ ମୁଦ୍ରାକର ରାଜେନ୍ଦ୍ର କୁମାର ଜେନା ଉପସ୍ଥିତ ଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ ଏହି ଅବସରରେ ଉକ୍ତ କାର୍ଯ୍ୟକ୍ରମକୁ ଏକ ଐତିହାସିକ ଗୌରବପୂର୍ଣ୍ଣ କ୍ଷଣ ବୋଲି କହିବା ସହ ଏହା ଓଡ଼ିଶାର ମହାନ ଐତିହ୍ୟ, ରାଷ୍ଟ୍ରସେବା ଏବଂ ଜନକଲ୍ୟାଣ ମୂଲ୍ୟବୋଧ ପ୍ରତି ସମର୍ପଣ ବୋଲି କହିଥିଲେ। ସେହିଭଳି ଶ୍ରୀ ପ୍ରଧାନ କହିଲେ, ଉତ୍କଳମଣି ଗୋପବନ୍ଧୁ ଦାସ ଓ ଲାଲାଜୀଙ୍କ ଭଳି ଦୁଇ ମହାନ ବିଭୂତି କିଭଳି ଜନସେବା, ତ୍ୟାଗ, ଶିକ୍ଷା ଓ ରାଷ୍ଟ୍ରନିଷ୍ଠା ଭଳି ଉଚ୍ଚାଦର୍ଶ ପ୍ରତିଷ୍ଠା କରିଛନ୍ତି, ତାହା ଆଜି ଆମର ପଥପ୍ରଦର୍ଶକ ହୋଇରହିଛି। ସେମାନଙ୍କ ବିଚାର ଓ ମୂଲ୍ୟବୋଧ ବିକଶିତ ଭାରତ ଓ ସଙ୍କଳ୍ପ ଦେଶବାସୀଙ୍କୁ ନିରନ୍ତର ନୂତନ ପ୍ରେରଣା ଓ ସାମର୍ଥ୍ୟ ପ୍ରଦାନ କରିଚାଲିଥିବା ବୋଲି ଶ୍ରୀ ପ୍ରଧାନ କହିଥିଲେ। ସେହିଭଳି ସାଂସଦ ଅପରାଜିତା ଷଡ଼ଙ୍ଗୀ ଗୋପବନ୍ଧୁ ଜଣେ କିମ୍ବଦନ୍ତୀ ପୁରୁଷ ଥିଲେ ବୋଲି କହିବା ସହ ଶିକ୍ଷା, ସାହିତ୍ୟ, ସାମ୍ବାଦିକତା, ଜନସେବା ଓ ସର୍ବୋପରି ଜଣେ ସ୍ୱାଧୀନତା ସଂଗ୍ରାମୀ ଭାବେ ଯେଉଁ ଛାପ ଛାଡି ଯାଇଛନ୍ତି ତାହା ଆମ ପାଇଁ ପ୍ରେରଣା ହୋଇ ରହିବ ବୋଲି କହିଥିଲେ। ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ପ୍ରଥମ ଥର ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମ ଲାଗି ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ବୈଜୟନ୍ତ ପଣ୍ଡା, ସପ୍ତଗିରି ଉଲାକା, ରବିନାରାୟଣ ବେହେରା, ମାନସ ରଞ୍ଜନ ମଙ୍ଗରାଜ, ଡ. ସସ୍ମିତ ପାତ୍ର, ଦେବାଶିଷ ସାମନ୍ତରାୟ, ସୁଜିତ କୁମାର, ସୁଲତା ଦେଓ, ଶୁଭାଶିଷ ଖୁଣ୍ଟିଆ, ସଂତୃପ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଲୋକସେବକ ମଣ୍ଡଳର ଆଜୀବନ ସଭ୍ୟ ଅନୀତା ଗୋୟଲ, ନୈନା ଭେକାରିଆ, ଭୀମସେନ ଯାଦବ, ଡ. ପ୍ରଭାସଚନ୍ଦ୍ର ଆଚାର୍ଯ୍ୟ, ହରବଂଶ ଲାଲ ଉଙ୍କଲ, ଅଶୋକ ଜୈନ, ଜ୍ୟୋତିପ୍ରକାଶ ବର୍ମା, ଆଜୀବନ କର୍ମୀ ଅଭିଷେକ ରାଜ୍ , ବାବା ଯୋରେ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ସାମ୍ବାଦିକ, ପ୍ରଶାସକ, ଆଇନଜୀବୀ, କଳାକାର, ଲେଖକ, ସମାଜସେବୀ, ପ୍ରବାସୀ ଓଡ଼ିଆ ଓ ଅନ୍ୟାନ୍ୟ ସଂଗଠନର କର୍ମକର୍ତ୍ତା ସାମିଲ ହୋଇ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳମଣି ଗୋପବନ୍ଧୁଙ୍କ ପରିବାର ସଦସ୍ୟ ଧୀରେନ୍ଦ୍ରନାଥ ଦାଶ, ଦେବେନ୍ଦ୍ରନାଥ ଦାଶ, ସ୍ମିତା ଦାସ, ଆଦିତ୍ୟ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଲୋକସେବକ ମଣ୍ଡଳର ସଭାପତି ରାଜକୁମାର କହିଛନ୍ତି, ଦିଲ୍ଲୀରେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଲୋକଙ୍କୁ ପ୍ରେରଣା ଦେବ। ଭାରତର ମହାନ ଜନସେବକ, ଦରିଦ୍ରଙ୍କ ବନ୍ଧୁ, ରାଷ୍ଟ୍ରଭକ୍ତ ଭାବେ ଜନମାନସରେ ଉତ୍କଳମଣି ପରିଚିତ।



ରାଷ୍ଟ୍ରୀୟ ରାଜଧାନୀରେ ପ୍ରତିମୂର୍ତ୍ତି ସ୍ଥାପନ ଦ୍ୱାରା ଓଡ଼ିଶା ବାହାରେ ଲୋକମାନେ ତାଙ୍କ ବିଷୟରେ ଅଧିକ ଜାଣିପାରିବେ। 'ସମାଜ' ର ଦିଲ୍ଲୀ ବ୍ୟୁରୋ ମୁଖ୍ୟ ଶକ୍ତି ପ୍ରସାଦ ନାୟକ ଓ ଲୋକ ସେବକ ମଣ୍ଡଳର କର୍ମକର୍ତ୍ତା ପରିଚାଳନା କରିଥିଲେ। ଭାସ୍କର୍ଯ୍ୟ ଶିଳ୍ପୀ ରବି ନାରାୟଣ ରଥଙ୍କ ଦ୍ୱାରା ପିତ୍ତଳ-ତମ୍ବା ଧାତୁରେ ନିର୍ମିତ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିର ଓଜନ ପ୍ରାୟ ୫୨ କେ.ଜି। ଲୋକସେବକ ମଣ୍ଡଳର ସଭାପତି ରାଜକୁମାରଙ୍କ ପରାମର୍ଶକ୍ରମେ ସେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି ବୋଲି ଶିଳ୍ପୀ ଶ୍ରୀ ରଥ ସୂଚନା ଦେଇଥିଲେ।

# ଲସ୍‌ଏଞ୍ଜେଲସ୍‌ରେ ଅ -ତିଥିରେ ରଥଯାତ୍ରା

## ଓଡିଆ ସମାଜର କ୍ଷୋଭ

ଲସ୍‌ଏଞ୍ଜେଲସ୍ : ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ଏବଂ ଖାଲି ରଥ ଯାତ୍ରା ଓ ବାହୁଡ଼ା ଯାତ୍ରା ନୁହେଁ, ନୀଳାଦ୍ରିବିଜେ ବି ସରିଯିବା ପରେ ଅମାନିଆ ଇସ୍କନ ସଂସ୍ଥା ପୁଣି ଥରେ ଆମେରିକା ର ଲସ ଏଞ୍ଜେଲସ୍ କାଲିଫର୍ଣ୍ଣିଆ ଠାରେ ଗତ କାଲି ଅଗଷ୍ଟ ୨ ତାରିଖରେ ରଥ ଯାତ୍ରା କରି ମହାପ୍ରଭୁ ଙ୍କ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପୁଣି କାଠ କଣ୍ଢେଇ ସଜାଇଛି। ଏଥିପାଇଁ ସାରା ବିଶ୍ୱରେ ସମସ୍ତ ଜଗନ୍ନାଥ୍ ପ୍ରେମୀଙ୍କ ମନରେ ଘୋର ଅସନ୍ତୋଷ ଓ ଆଘାତ ସୃଷ୍ଟି ହୋଇଛି। ସମସ୍ତ ଜଗନ୍ନାଥ୍ ପ୍ରେମୀଙ୍କ ବାରମ୍ବାର ପ୍ରତିବାଦ କରିବା ସତ୍ତ୍ୱେ ମଧ୍ୟ ଅମନିଆ ଇସ୍କନ୍ କିଛି ଶୁଣିବାକୁ ପ୍ରସ୍ତୁତ ନୁହେଁ। ଏହି ଅଦିନିଆ ରଥଯାତ୍ରା ବିରୋଧରେ ଏହାକୁ ବନ୍ଦ କରିବାକୁ ଅନୁରୋଧ କରି ଆମେରିକା ରେ ବାସ କରୁଥିବା ପ୍ରାୟ ୧୦୦ ରୁ ଅଧିକ ଓଡ଼ିଆ ଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଇମେଲ ଜରିଆରେ ଡ ସୂର୍ଯ୍ୟ ପଟ୍ଟନାୟକ, ସଭାପତି,ଜଗନ୍ନାଥ୍ କଲ୍ଚରାଲ ଓ ଏଯୁକେସନାଲ ସେଣ୍ଟର୍, ସେଣ୍ଟ ଜୋସ, କାଲିଫର୍ଣ୍ଣିଆ ତରଫ ରୁ ଗତ ଜୁଲାଇ ୨୦ ତାରିଖରେ ଇସ୍କନ୍ ର ଜଗନ୍ନାଥ୍ ସ୍ୱାମୀ ଦାସ, ସଭାପତି, ଇସ୍କନ୍ ବାର୍କେଲେ ମନ୍ଦିର ଙ୍କୁ ପଠାଯାଇଥିଲା। ତା ସତ୍ତ୍ୱେ ବି ଅମାନିଆ ଇସ୍କନ ଗତକାଲି ଅଗଷ୍ଟ ୨ ତାରିଖରେ ଆମେରିକାର ଲସ ଏଞ୍ଜେଲସ୍ ଠାରେ ବହୁ ଧୂମଧାମ ରେ ପାଳନ କରିଛି। ଏହାକୁ ଆମେରିକାର ଲସ ଏଞ୍ଜେଲସ୍ ରେ ବସବାସ କରୁଥିବା ଓଡିଆ ଭାଇ ଭଉଣୀ ମାନେ ବୈକଟ କରିଥିଲେ ଓ ପ୍ରତିବାଦ କରିଥିଲେ। ଇସ୍କନ ର ଏହି ଅମାନିଆ ପଣ କୁ ପ୍ରତିହତ କରିବାକୁ ଓ ଏହାର ସ୍ଥାୟୀ ସମାଧାନ କରିବାକୁ ବିଗତ ଦିନରେ ଭାରତର ମହାମହିମ ରାଷ୍ଟ୍ରପତି ଙ୍କୁ ବି ଦିଲ୍ଲୀ ରେ ଥିବା ଓଡିଆ ଫୋରମ୍ ପକ୍ଷରୁ ଭେଟି ଅନୁରୋଧ କରାଯାଇଥିଲା। ସାରା ବିଶ୍ୱର ସମସ୍ତ ଜଗନ୍ନାଥ୍ ପ୍ରେମୀଙ୍କ ମତ ଯେ ଯେତେ ଶୀଘ୍ର ଭାରତର ପ୍ରଧାନମନ୍ତ୍ରୀ, ବିଦେଶ ମନ୍ତ୍ରୀ ଏବଂ ରାଷ୍ଟ୍ରପତି ଙ୍କ ତରଫରୁ ଇସ୍କନ୍ ର ଦ୍ୱିତୀୟ ସଂସ୍ଥା ପଶ୍ଚିମବଙ୍ଗ ର ମାୟାପୁରୀ ଉପରେ ପ୍ରେସର୍ ଦିଆ ନଯିବ ଏହାର ସ୍ଥାୟୀ ସମାଧାନ ହୋଇ ପାରିବ ନାହିଁ ଏବଂ ଇସ୍କନ୍ ଏହିପରି ଅମାନିଆ ହୋଇ ଅଦିନରେ ରଥଯାତ୍ରା ଓ ସ୍ନାନ ଯାତ୍ରା ବର୍ଷ ସାରା କରିଚାଲି ଥିବ। ପ୍ରକାଶ ଥାଉକି ଇସ୍କନ୍ ର ମୂଳ ସଂସ୍ଥା ବାଙ୍ଗାଲୋର ଇସ୍କନ୍ ପ୍ରେସ ବିଜ୍ଞପ୍ତିରେ ଜରିଆ ରେ ସର୍ବସାଧାରଣ ଙ୍କୁ ଜଣାଇ ସାରିଛନ୍ତି ଯେ ସେମାନେ ଗଜପତି ମହାରାଜା ଙ୍କ ଉପଦେଶ ଅନୁସାରେ ତଥା ଶ୍ରୀ ଜଗନ୍ନାଥ୍ ପୁରୀ ର ନିର୍ଦ୍ଧାରିତ ପାଞ୍ଜି ଓ ତିଥି ଅନୁଯାୟୀ ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଓ ସ୍ନାନଯାତ୍ରା ପାଳନ କରୁଛନ୍ତି ଓ କରିବେ।

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଲିଭ୍-ଇନ୍ ପାର୍ଟନରଙ୍କର ମଧ୍ୟ ସ୍ତ୍ରୀଙ୍କ ପରି ସମାନ ଅଧିକାର ଅଛି

ନୂଆଦିଲ୍ଲୀ : ଲିଭ୍-ଇନ୍ ସମ୍ପର୍କରେ ଥିବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏହା ଲିଭ୍-ଇନ୍ ପାର୍ଟନରମାନଙ୍କୁ ସେମାନଙ୍କ ପତି କିମ୍ବା ସମ୍ପର୍କୀୟଙ୍କ ଦ୍ୱାରା ନିର୍ଯାତନା ମାମଲାରେ ପତ୍ନୀଙ୍କ ପରି ସମାନ ଅଧିକାର ପ୍ରଦାନ କରିଛି। ସୁପ୍ରିମକୋର୍ଟ କହିଛନ୍ତି ଯେ, ଭାରତୀୟ ଦଣ୍ଡ ସଂହିତାର ଧାରା ୪୯୮-ଏ, ଯାହା ସ୍ୱାମୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଦ୍ୱାରା ନିଷ୍ଠୁରତା ସହିତ ଜଡ଼ିତ, ଏବେ ଲିଭ୍-ଇନ୍ ପାର୍ଟନରମାନଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ। ରିପୋର୍ଟ ଅନୁଯାୟୀ, ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ନିଷ୍ଠୁରତାରୁ ସୁରକ୍ଷା ପାଇବାର ଅଧିକାର କେବଳ ବିବାହ ପର୍ଯ୍ୟନ୍ତ ସୀମିତ ହେବା ଉଚିତ୍ ନୁହେଁ। ପରିବର୍ତ୍ତନଶୀଳ ସାମାଜିକ ପରିସ୍ଥିତି ସହିତ ଆଇନ ବିକଶିତ ହେବା ଆବଶ୍ୟକ। ଲିଭ୍-ଇନ୍ ସମ୍ପର୍କରେ ସାଥୀ ପୁରୁଷ କି ମହିଳା ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ। ଏହା ବିଭିନ୍ନ ରୂପ ନେଇପାରେ। ବିବାହିତ ଦମ୍ପତିଙ୍କ ପରି ଧାରା ୪୯୮-ଏ ଅନୁଯାୟୀ ସେମାନଙ୍କୁ ସୁରକ୍ଷା ପାଇବାର ଅଧିକାର ଦିଆଯିବା ଉଚିତ୍। ଏହି ଧାରା ଅନୁଯାୟୀ, ସ୍ୱାମୀ କିମ୍ବା ତାଙ୍କ ପରିବାରର ସଦସ୍ୟ କିମ୍ବା ସମ୍ପର୍କୀୟଙ୍କ ଦ୍ୱାରା ତାଙ୍କ ସ୍ତ୍ରୀ କିମ୍ବା ପରିବାରର ଅନ୍ୟ ମହିଳା ସଦସ୍ୟଙ୍କ ପ୍ରତି ନିଷ୍ଠୁରତା ତିନି ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡାଦେଶ ଏବଂ ଜରିମାନା ଦଣ୍ଡନୀୟ। ନିଷ୍ଠୁରତା ଅର୍ଥ ହେଉଛି ଜଣେ ମହିଳାଙ୍କୁ ଏପରି ବ୍ୟବହାର କରିବା ଯାହା ଦ୍ୱାରା ସେ ଆତ୍ମହତ୍ୟା କରିବାକୁ ବାଧ୍ୟ ହୁଅନ୍ତି, ଗୁରୁତର ଶାରୀରିକ କିମ୍ବା ମାନସିକ କ୍ଷତି ପହଞ୍ଚାନ୍ତି, କିମ୍ବା ସମ୍ପତ୍ତି କିମ୍ବା ଯୌତୁକ ଭଳି ବେଆଇନ ଦାବି କରି ତାଙ୍କୁ ହଇରାଣ କରିଥାନ୍ତି। ଏପରି ପରିସ୍ଥିତିରେ ଜଣେ ମହିଳା କୋର୍ଟକୁ ଯାଇ ନ୍ୟାୟ ପାଇଁ ଆବେଦନ କରିପାରିବେ। ଲିଭ୍-ଇନ୍ ପାର୍ଟନରମାନେ ମଧ୍ୟ ଏବେ ଏପରି ଅଧିକାର ପାଇ ଉପକୃତ ହେବେ ବୋଲି ଶୀର୍ଷକୋର୍ଟ କହିଛନ୍ତି।



## ଜାତୀୟସ୍ତରର କ୍ରୀଡ଼ା ପ୍ରତିଯୋଗିତା

# ଚମକ ଦେଖାଇଲେ ଓଡ଼ିଶା ପୋଲିସ କ୍ରୀଡାବିତ୍

ଭୁବନେଶ୍ୱର,୩।୮ (ସବ୍ୟୁ): ଜାତୀୟସ୍ତରର ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ପୁଲିସର କ୍ରୀଡାବିତମାନେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ୧୨ ଜଣ କ୍ରୀଡ଼ାବିତ ଉଲ୍ଲେଖନୀୟ ସଫଳତା ହାସଲ କରି ଓଡିଶା ପୁଲିସ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ଉପଲକ୍ଷେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ କମିଶନରେଟ୍ ପୁଲିସ ମୁଖ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କୃତୀ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଜୁଲାଇ ୨୩ ରୁ ୩୦ ପର୍ଯ୍ୟନ୍ତ ହାଇଦ୍ରାବାଦସ୍ଥିତ ଗଚ୍ଛିବୋଉଲି ଇନଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ୧୧ତମ ସର୍ବ ଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର (୨୦୨୬-୨୭) ଏବଂ ଜୁଲାଇ ୮ ରୁ ୧୧ ପର୍ଯ୍ୟନ୍ତ ମହାରାଷ୍ଟ୍ରର ପୁଣେଠାରେ ଆୟୋଜିତ ୫ମ ସିନିୟର ନ୍ୟାସନାଲ ଇଣ୍ଡିଆ ଟାଇକୋଣ୍ଡୋ ପୁମସେ ଚାମ୍ପିଅନସିପ୍-୨୦୨୬ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଓଡ଼ିଶା ପୁଲିସର ଉଷୁ, ଟାଇକୋଣ୍ଡୋ, କରାଟେ ଏବଂ ପେନକାକ ସିଲଟ ଦଳ ଭାଗ ନେଇ



କ୍ରୀଡ଼ାବିତମାନେ ବିଭିନ୍ନ ବିଭାଗରେ ଭାଗ ନେଇ ପଦକ ହାସଲ କରିଛନ୍ତି। କ୍ରୀଡାବିତମାନଙ୍କ ଏହି ସଫଳତା ପାଇଁ ଡିଜିପି ସମସ୍ତ ପଦକ ବିଜେତାଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଅସାଧାରଣ ପ୍ରତିଭା ଓ ନିଷ୍ଠାର ଭୂୟସୀ ପ୍ରଶଂସା କରିଛନ୍ତି। ଏହି ଅବସରରେ ରୌପ୍ୟ ପଦକ ବିଜେତାଙ୍କୁ ୪ ହଜାର ଟଙ୍କା ଓ ବ୍ରୋଞ୍ଜ ପଦକ ବିଜେତାଙ୍କୁ ୩ ହଜାର ଟଙ୍କା ଆର୍ଥିକ ପ୍ରୋତ୍ସାହନ ରାଶି ଡିଜିପି ପ୍ରଦାନ କରିଥିଲେ । ଆଜିର ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ପୋଲିସ କମିଶନର (କଟକ-ଭୁବନେଶ୍ୱର) ଡଃ ଦେବଦତ୍ତ ସିଂ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଓଡିଶା ପୋଲିସର କ୍ରୀଡା ଅଧିକାରୀ ନୀଳମାଧବ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ପଦକ ହାସଲ କରିଥିବା ପ୍ରମୁଖ କ୍ରୀଡ଼ାବିତ:**

ଡବ୍ଲ୍ୟୁସି/୨୭ ସାଶ୍ୱତୀ ନାୟକ (ଟାଇକୋଣ୍ଡୋ): ୧୧ତମ ସର୍ବ ଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟରରେ ରୌପ୍ୟ ଏବଂ ୫ମ ସିନିୟର ନ୍ୟାସନାଲ ଟାଇକୋଣ୍ଡୋରେ କାଂସ୍ୟ ପଦକ।

ସି/୪୫ ସତ୍ୟପ୍ରକାଶ ମହାନ୍ତି (ଟାଇକୋଣ୍ଡୋ): ୧୧ତମ ସର୍ବ ଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର ଏବଂ ୫ମ ସିନିୟର ନ୍ୟାସନାଲ ଟାଇକୋଣ୍ଡୋ ଉଭୟ ପ୍ରତିଯୋଗିତାରେ କାଂସ୍ୟ ପଦକ।

**କରାଟେ (୧୧ତମ ସର୍ବ ଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର):**

ରୌପ୍ୟ ପଦକ: ଡବ୍ଲ୍ୟୁସି/୯୬୮ ବ୍ରତତୀ ବିଶ୍ୱପ୍ରଭା ପତି (ବ୍ୟକ୍ତିଗତ ମହିଳା କୁମତି), ସି/୧୩୬ ରଜନୀ ବିଶି (ବ୍ୟକ୍ତିଗତ ପୁରୁଷ କୁମତି), ସି/୧୫୯ ଡି. ଭଗବାନ ରେଡ୍ଡୀ (ବ୍ୟକ୍ତିଗତ ପୁରୁଷ କୁମତି) ଏବଂ ସି/୧୩୫ ରୀତେଶ ରାୟ (ବ୍ୟକ୍ତିଗତ ପୁରୁଷ କୁମତି)।

କାଂସ୍ୟ ପଦକ (ବ୍ୟକ୍ତିଗତ): ଏଏସଆଇ(ଏ) ଯୋଗେଶ ବରିହା (ପୁରୁଷ କାଟା) ଏବଂ ଡବ୍ଲ୍ୟୁସି//୯୬୮ ବ୍ରତତୀ ବିଶ୍ୱପ୍ରଭା ପତି (ବ୍ୟକ୍ତିଗତ ମହିଳା କୁମତି)।

**କାଂସ୍ୟ ପଦକ (ଦଳଗତ):**

ମହିଳା ଟିମ୍ କୁମତି : ଡବ୍ଲ୍ୟୁସି//୯୬୮ ବ୍ରତତୀ ବିଶ୍ୱପ୍ରଭା ପତି , ଡବ୍ଲ୍ୟୁସି//୩୯୭ ଅନୁପମା ସ୍ୱାଇଁ, ଡବ୍ଲ୍ୟୁସି//୧୬୮ ମୋନାଲି ସାହୁ ଏବଂ ଡବ୍ଲ୍ୟୁସି//୩୮୯ ସୁସ୍ମିନି ପଲଟାସିଂହ।

ମହିଳା ଟିମ୍ କାଟା: ଡବ୍ଲ୍ୟୁସି//୩୯୭ ଅନୁପମା ସ୍ୱାଇଁ, ଡବ୍ଲ୍ୟୁସି/୩୯୫ ସିନ୍ଧୁ ତନୟା ଖୁଣ୍ଟିଆ ଏବଂ ଡବ୍ଲ୍ୟୁସି/୨୩୮ ଅନୁରାଧା ପାତ୍ର ।

## ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡା

# ମନମୋହିଲା ରଙ୍ଗାରଙ୍ଗ ଉଦ୍‌ଯାପନୀ ଉତ୍ସବ



ନୂଆଦିଲ୍ଲୀ,୩।୮ (ଏଜେନ୍ସି): ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରବିବାର ଉଦ୍‌ଯାପିତ ହୋଇଛି। ଭାରତୀୟ ସମୟ ରାତି ସାଢ଼େ ଗୋଟାଏରେ ହୋଇଥିବା ରଙ୍ଗାରଙ୍ଗ ଉଦ୍‌ଯାପନୀ ଉତ୍ସବ କ୍ରୀଡ଼ାପ୍ରେମୀଙ୍କ ମନ ମୋହିଛି। ଆର ଥର ୨୦୩୦ରେ ଅହମଦାବାଦରେ ଦେଖାହେବାର ପ୍ରତିଶ୍ରୁତି ନେଇ ଖେଳାଳି, ଖେଳପ୍ରେମୀ, ଅଧିକାରୀ ଓ କ୍ରୀଡ଼ା ସଂଗଠକମାନେ ଭାବବିହ୍ୱଳ ପରିବେଶରେ ଗ୍ଲାସଗୋରୁ ମେଲାଣୀ ନେଇଛନ୍ତି। ଏହି ବହୁରାଷ୍ଟ୍ରୀୟ କ୍ରୀଡ଼ା ମହୋତ୍ସବର ପରବର୍ତ୍ତୀ ସଂସ୍କରଣ ଭାରତର ଅହମଦାବାଦରେ ଆୟୋଜିତ ହେବାକୁ ଥିବାରୁ ଉଦ୍‌ପପନୀ ଉତ୍ସବର ଅନ୍ୟତମ ଆକର୍ଷଣ ସାଜିଛି ବାଟନ ହସ୍ତାନ୍ତର। ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଆକାର ସଂକ୍ଷିପ୍ତ ରହିଥିଲା ବେଳେ ଅହମଦାବାଦରେ ଏହାର ପରିବର୍ଦ୍ଧିତ ରୂପ ଦେଖିବାର ଆଶା କ୍ରୀଡ଼ାପ୍ରେମୀଙ୍କୁ ଅଧିକ ଉଲ୍ଲସିତ କରିଛି। ସେହିଭଳି ୧୬ବର୍ଷ ପରେ ଭାରତକୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଫେରୁଥିବାରୁ ଏହାକୁ ତୁଳନାତ୍ମକ ଭାବେ ଅଧିକ ଭବ୍ୟ, ସ୍ମରଣୀୟ ଓ ସମୃଦ୍ଧ କରିବାର ଆହ୍ୱାନକୁ ଏହି ଅବସରରେ ଭାରତୀୟ ପ୍ରତିନିଧିମାନେ ଗ୍ରହଣ କରିଛନ୍ତି। ରବିବାର ରାତିର ଉଦ୍‌ଯାପନୀ ଉତ୍ସବର ଅନ୍ୟତମ ଆକର୍ଷଣ ଥିଲେ ବ୍ରିଟେନ୍ ଓ ଭାରତର ସୁପ୍ରସିଦ୍ଧ କଳାକାରଗଣ। ଭାରତର ପତାକା ଧରିଥିଲେ ମହିଳା ମୁଷ୍ଟିଯୋଦ୍ଧା ଜସ୍ମିନ ଲାମ୍ବୋରିଆ। ଗ୍ଲାସ୍ଗୋର ହାଇଡ୍ରୋ ଷ୍ଟାଡିୟମରେ ଆୟୋଜିତ ଉଦ୍ଯାପନୀ ସମାରୋହରେ ପରବର୍ତ୍ତୀ ଆୟୋଜକ ଭାରତର ସମୃଦ୍ଧ ସଂସ୍କୃତି ଏବଂ ରାଜ୍ୟଗୋଷ୍ଠୀ ପରିବାର ସହ ସାଧାରଣ ମୂଲ୍ୟବୋଧକୁ ନିଖୁଣ ଭାବେ ପ୍ରଦର୍ଶନ କରାଯାଇଥିଲା। ବାଟନ ହସ୍ତାନ୍ତର ପ୍ରକ୍ରିୟା ତିନିଟି ପର୍ଯ୍ୟାୟରେ ପ୍ରସ୍ତୁତ ହୋଇଥିଲା।

# ଅଷ୍ଟ୍ରେଲୀୟ ଯୁବ ଦଳରେ ଭାରତୀୟ ବଂଶୋଦ୍ଭବ ନୀଲ୍

ସିଡନି,୩।୮ (ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ଯୁବ କ୍ରିକେଟର ନୀଲ ପଟେଲଙ୍କ କ୍ରିକେଟ୍ କ୍ୟାରିୟରକୁ ବଡ଼ ପ୍ରୋତ୍ସାହନ ମିଳିଛି। ଭାରତ ଗସ୍ତରେ ଆସିବାକୁ ଥିବା ଅଷ୍ଟ୍ରେଲିଆର ୧୯ ବର୍ଷରୁ କମ୍ ଦଳରେ ସେ ସ୍ଥାନ ପାଇଛନ୍ତି। ସେପ୍ଟେମ୍ବର ୧୩ରୁ ଅକ୍ଟୋବର ୯ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଗସ୍ତରେ ଏହି ଅଷ୍ଟ୍ରେଲିଆ ଯୁବ ଦଳ ଭାରତ ବିପକ୍ଷରେ ତିନୋଟି ଦିନିକିଆ ଓ ଦୁଇଟି ଚାରିଦିନିଆ ମ୍ୟାଚ୍ ଖେଳିବ। ଏହି ସବୁ ମ୍ୟାଚ୍ ରାଜକୋଟ ଓ ଅହମ୍ମଦାବାଦରେ ଅନୁଷ୍ଠିତ ହେବ। ଅଷ୍ଟ୍ରେଲିଆରେ ନୀଲ୍ ନ୍ୟୁ ସାଉଥ୍ ଓ୍ୱେଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରନ୍ତି। ଏହି ଆଞ୍ଚଳିକ ଦଳ ପକ୍ଷରୁ ସେ ବ୍ୟାଟିଂ ଓପନ୍ କରିବା ସହ ଅଫ୍ସ୍ପିନ୍ ବୋଲିଂ ମଧ୍ୟ କରନ୍ତି। ସେପ୍ଟେମ୍ବର ୧୩ରୁ ଅକ୍ଟୋବର ୯ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଗସ୍ତରେ ଏହି ଅଷ୍ଟ୍ରେଲିଆ ଯୁବ ଦଳ ଭାରତ ବିପକ୍ଷରେ ତିନୋଟି ଦିନିକିଆ ଓ ଦୁଇଟି ଚାରିଦିନିଆ ମ୍ୟାଚ୍ ଖେଳିବ। ଏହି ସବୁ ମ୍ୟାଚ୍ ରାଜକୋଟ ଓ ଅହମ୍ମଦାବାଦରେ ଅନୁଷ୍ଠିତ ହେବ।

# ରାଜ୍ୟସ୍ତରୀୟ ଖୋ-ଖୋ ପ୍ରତିଯୋଗିତା ପାଇଁ ମୟୂରଭଞ୍ଜ ଦଳ ଘୋଷିତ

ବାରିପଦା,୩।୮ (ସବ୍ୟୁ): ଓଡ଼ିଆ ଖୋ ଖୋ ଏସୋସିଏସନ ଆନୁକୂଲ୍ୟରେ ପୁରୀ ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଖୋ ଖୋ ଚମ୍ପିୟାନସିପରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜର ଉଭୟ ପୁରୁଷ ଓ ମହିଳା ଘୋଷିତ ହୋଇଯାଇଛି। ମୟୂରଭଞ୍ଜ ଏଥଲେଟିକ ଏସୋସିଏସନ ଦ୍ୱାରା ମନୋନୀତ ମହିଳା ଦଳରେ ସୁମିତା ମହାନ୍ତ, ଶୁଭଶ୍ରୀ ମହାନ୍ତ, ସିନଗା ମୁର୍ମୁ, ଲକ୍ଷ୍ମୀ ସିଂ, ଶୁଭାଙ୍ଗୀଶ୍ରୀୟା ସିଂ, ମାଳତୀ ସୋରେନ, ମନୀଷା ମାଝି, ସଂଗୀତା ସିଂ, ରଇବାରୀ ମୁର୍ମୁ, ସୂର୍ଯ୍ୟମଣୀ ମୁର୍ମୁ, ରାଲେ ହୋ ଓ ପୂଜା ହାଁସଦାଃ ସ୍ଥାନ ପାଇଥିବା ବେଳେ ପୁରୁଷ ଦଳରେ ଓମ କ୍ରିଷ୍ଣା ମାଝୀ, ବୁଦ୍ଧୁଲାଲ ହେମ୍ବ୍ରମ, ଅଶ୍ୱନୀ କୁମାର ନାଏକ, ସ୍ୱପ୍ନେଶ୍ୱର ମାଝୀ, ମହେଶ କୁମାର ହାଁସଦାଃ, କୁଶ ମୁର୍ମୁ, ଲବ ମୁର୍ମୁ, ଚନ୍ଦନ ମାର୍ଣ୍ଡି, ରାହୁଲ ବାସ୍କେ, ରାଜା ବିରୁଆ, ଗଣେଶ ସିଂ ଓ ସିର୍ଜାନ ମୁର୍ମୁ ସ୍ଥାନ ପାଇଛନ୍ତି। ମହିଳା ଦଳର ମେନେଜର ଭାବେ ସବିତା ବେହେରା ଓ କୋଚ



ସୁରେଶ ସାହୁ ଏବଂ ପୁରୁଷ ଦଳର ମେନେଜର ଭାବେ ଘାସିରାମ ମାଝୀ ଓ କୋଚ ଅର୍ଜୁନ ସିଂ ଗସ୍ତ କରିଛନ୍ତି। ୩ ଓ ୪ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ଏହି ଚମ୍ପିୟାନସିପରେ ଅଂଶଗ୍ରହଣ କରିବା ପାଇଁ ଆଜି ସକାଳେ ଉଭୟ ଦଳ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି। ଏସୋସିଏସନର ସାଧାରଣ ସମ୍ପାଦକ ସମ୍ପାଦକ ବିଜୟ କୁମାର ଦାସଙ୍କ ସମେତ ସମସ୍ତ କାଉନସିଲ ସଦସ୍ୟ ଓ ସଭ୍ୟସଭ୍ୟା ଖେଳାଳିମାନଙ୍କର ସଫଳତା କାମନା କରିଛନ୍ତି।

# ଏସୀୟ କ୍ରୀଡା ପଦକ ଉପରେ ମୀରାବାଈଙ୍କ ନଜର

ନୂଆଦିଲ୍ଲୀ,୩।୮ (ଏଜେନ୍ସି): କ୍ରମାଗତ ତୃତୀୟ ଥର ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତିଥିଲେ ବି ଭାରୋତ୍ତୋଳନକାରୀ ସାଇଖୋମ୍ ମୀରାବାଈ ଚାନୁଙ୍କ ଗୋଟିଏ ସ୍ୱପ୍ନ ଏବେ ବି ଅଧୁରା ରହିଛି। ତାହା ହେଉଛି ଏସୀୟ କ୍ରୀଡ଼ା ପଦକ। ଏହା କାରଣରୁ ସେ ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ସଫଳତାକୁ ପାଳନ କରିବା ବଦଳରେ ଏବେଠାରୁ ଏସୀୟ କ୍ରୀଡ଼ା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି।ଏ ନେଇ ମୀରାବାଈ କହିଛନ୍ତି ଯେ ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣପଦକ ଜିତିବାର ୨୪ ଘଣ୍ଟା ମଧ୍ୟରେ ହିଁ ସେ ଏସୀୟ କ୍ରୀଡ଼ା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। "ଆଗାମୀ ଏସୀୟ କ୍ରୀଡ଼ା ମୋ ପାଇଁ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ, କାରଣ ମୁଁ ଏସୀୟ କ୍ରୀଡ଼ା ପଦକ ଜିତିନାହିଁ, ଏଣୁ ମୁଁ ଏହି ପଦକ ଜିତିବାକୁଚାହୁଁଛି। ପ୍ରତି ଏସୀୟ କ୍ରୀଡ଼ା ପୂର୍ବରୁ ମୁଁ ଆହତ ହୋଇଯାଏ କିମ୍ବା ଅନ୍ୟ କିଛି ଘଟିଯାଏ ଯେ ପଦକ ପାଇପାରେ ନାହିଁ। ଏଥର ମୁଁ ସେସବୁ ସମସ୍ୟା ଦୂର କରିବାକୁ ଚାହୁଁଛି ଓ ମୋର ସଂପୂର୍ଣ୍ଣ ଫୋକସ୍ ଏସୀୟ କ୍ରୀଡ଼ା ଉପରେ ରହିଛି। ଏହି ଗୋଟିଏ ମାତ୍ର ଟାଇଟଲ୍ ମୁଁ ଜିତିବାକୁ ଚାହୁଁଛି। ଏଥର ମୋ ପାଇଁ ଏକ ମାତ୍ର ଓ ସର୍ବଶ୍ରେଷ୍ଠ ସୁଯୋଗ ଅଛି ବୋଲି ଭାବି ପ୍ରତିଦ୍ୱନ୍ଦ୍ୱିତା କରିବି।"ମୀରାବାଈ ୨୦୧୪ରେ ନିଜର ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦାର୍ପଣ ଠାରୁ ଏପର୍ଯ୍ୟନ୍ତ କ୍ରମାଗତଭାବେ ପଦକ ଜିତିଆସୁଛନ୍ତି। ୨୦୧୪ ଗ୍ଲାସ୍ଗୋ ରାଜ୍ୟଗୋଷ୍ଠୀରେ ମହିଳା ୪୮ କେଜିରେ ସେ ରୌପ୍ୟ ପଦକ ଜିତିଥିଲେ। କିନ୍ତୁ ୨୦୧୮ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀଠାରୁ



୨୦୨୬ ଗ୍ଲାସ୍ଗୋ ପର୍ଯ୍ୟନ୍ତ ସେ କ୍ରମାଗତ ସ୍ୱର୍ଣ୍ଣପଦକ ଜିତିଆସୁଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ୟତୀତ ସେ ଟୋକିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ଏବଂ ୨୦୧୭ ବିଶ୍ୱ ଭାରୋତ୍ତୋଳନ ଚାମ୍ପିଅନ୍ସିପ୍ରେ ସ୍ୱର୍ଣ୍ଣ ପଦକ ଜିତି ସ୍ମରଣୀୟ ସଫଳତା ହାସଲ କରିଛନ୍ତି।

# ଟେଷ୍ଟ ମ୍ୟାଚ ଖେଳିବେ ନବି

ମୁମ୍ବାଇ,୩।୮ (ଏଜେନ୍ସି): ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ଶୃଙ୍ଖଳାରୁ ଯସପ୍ରୀତ ବୁମରା ବାଦ୍ ପଡ଼ିବା ପରେ ତାଙ୍କ ସ୍ଥାନରେ ଜମ୍ମୁ ଓ କଶ୍ମୀର ବୋଲର୍ ଆକ୍ୱିବ ନବିଙ୍କୁ ସାମିଲ କରାଯିବାର ସମ୍ଭାବନା ରହିଛି। ଯଦି ତାଙ୍କୁ ଦଳରେ ସାମିଲ କରାଯାଏ, ତେବେ ପର୍ଵେଜ ରସୁଲ ଓ ଉମ୍ରାନ ମଲ୍ଲିକଙ୍କ ପରେ ସେ ତୃତୀୟ ଜମ୍ମୁ ଓ କଶ୍ମୀର ଖେଳାଳି ଭାବେ ଅନ୍ତର୍ଜାତୀୟ ଖେଳିବେ। ଗତ ରଣଜୀ ଟ୍ରଫି ଋତୁରେ ସେ ୧୦୦ରୁ ଅଧିକ ଉଇକେଟ୍ ହାସଲ କରି ଜମ୍ମୁ ଓ କଶ୍ମୀରକୁ ଚାମ୍ପିଅନ୍ କରିବାରେ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିଥିଲେ। ବୋଲିଂ ସହ ସେ ଆବଶ୍ୟକତା ପଡ଼ିଲେ ଦଳ ପାଇଁ ଉପଯୋଗୀ ବ୍ୟାଟିଂ ମଧ୍ୟ କରିପାରନ୍ତି। ଗତ ଆଫଗାନିସ୍ତାନ ଓ



ଇଂଲଣ୍ଡ ବିପକ୍ଷ ଶୃଙ୍ଖଳାରେ ତାଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇ ନଥିବାରୁ କେତେକ ପୂର୍ବତନ କ୍ରିକେଟର ଚୟନକର୍ତ୍ତାମାନଙ୍କୁ ସମାଲୋଚନା କରିଥିଲେ। ଏପରିକି ତାଙ୍କୁ ଚୟନ ନ କରି ଆମେ ଘରୋଇ କ୍ରିକେଟରମାନଙ୍କୁ କି ବାର୍ତ୍ତା ଦେଉଛୁ ବୋଲି ସେ ପ୍ରଶ୍ନ କରିଥିଲେ ପୂର୍ବତନ ଅଲରାଉଣ୍ଡର ଇର୍ଫାନ ପଠାନ।

# ଇଣ୍ଡିଆନ ଚ୍ୟାଲେଞ୍ଜର କପ୍ କରାଟେ ପ୍ରତିଯୋଗିତା : ଓଡିଶାକୁ ମିଳିଲା ୬୬ ପଦକ

ଭୁବନେଶ୍ୱର, ୩।୮ (ସବ୍ୟୁ) : କୋଲକାତାରେ ନେତାଜୀ ଇଣ୍ଡୋର ଷ୍ଟାଡିୟମରେ ଜୁଲାଇ ୩୧ ରୁ ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିବା ଦଶମ ଅନ୍ତର୍ଜାତୀୟ କରାଟେ ପ୍ରତିଯୋଗିତା 'ଇଣ୍ଡିଆନ ଚ୍ୟାଲେଞ୍ଜର କପ୍'ରେ ଓଡିଶାର କରାଟେକାମାନେ ୫୧ ଟି ସ୍ୱର୍ଣ୍ଣ, ୧୧ ଟି ରୌପ୍ୟ ଓ ୪ ଟି କାଂସ୍ୟ ପଦକ ସହ ମୋଟ ୬୬ ଟି ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତା ଥିଲା ଅନ୍ତର୍ଜାତୀୟ ସ୍ତରର ଆମନ୍ତ୍ରଣୀୟ କରାଟେ ପ୍ରତିଯୋଗିତା। ଓଡିଶାର ପ୍ରମୁଖ ସ୍ୱର୍ଣ୍ଣ ବିଜୟୀ ପ୍ରତିଯୋଗୀମାନେ ହେଲେ ନ୍ୟାସା କୁମାରୀ, ଦିବ୍ୟପ୍ରସାଦ ନାୟକ, ରୋସନ ସାଇପାଲ, ଓମ୍ ସତ୍ୟମ୍ ମହାନ୍ତି, ଆଦ୍ୟାଶା ଷଡଙ୍ଗୀ, ସ୍ନିଧା ସୁବୁଧି, ତୁଷାର ବିଶ୍ୱାଳ, ରାଜୀବ ଭୋଇ, ପଲକ ପାଢୀ, ଦେବଶ୍ରିତା ମହାନ୍ତି, ସଞ୍ଜେଲ ମୁର୍ମୁ, ସଞ୍ଜନା ମୁର୍ମୁ, ଉର୍ଜା ସାମନ୍ତ, ସାହେବ ବେରା, ରିଷନ ଦାସ, ସର୍ନା ସୋରେନ, ଶ୍ରେୟନ ମାଜି, ଜିତିକା ସାମନ୍ତ, ଜିତିଷା ସାମନ୍ତ, ଏ. ଯଶୱନ୍ତ କୁମାର, ଇନ୍ଦ୍ରାଣୀ ବେରା, ଜ୍ୱେଜିତ ସାମନ୍ତ, ତ୍ରିଲୋଚନ ରଣା, ତ୍ରିନାଥ ରଣା, ଚନ୍ଦନା ପ୍ରିୟଦର୍ଶିନୀ, ସୌରଜିତ ଦାସ, ଆଦଭିକ ନାୟକ, ସ୍ୱର୍ଣ୍ଣପ୍ରକାଶ ଶତପଥି, ପ୍ରତିକ୍ଷା ପଣ୍ଡା, ସୁମନ ଦାସ, ଇଷାନି ପଣ୍ଡା, ସୁଜ୍ଞାନୀ ସାଓତ, ଆଦ୍ୟାଶା ପ୍ରିୟଦର୍ଶିନୀ, ଶଶାଙ୍କ ମହାରଣା, ବିଦ୍ୟାଂଶୁ ସାହୁ, ଦିଶାନ୍ତିକା ପଣ୍ଡା, ଶ୍ରେୟା ଶୁଭଦର୍ଶୀନି, ରେୟାଂଶୁ ପଣ୍ଡା, ସୂର୍ଯ୍ୟାଂଶ ପଣ୍ଡା, ଦିବିତ ସ୍ୱାଇଁ, ଲୈଲେସ ବିଶ୍ୱାଳ, ମୋକ୍ଷିତା ପଣ୍ଡା, ସୂର୍ଯ୍ୟନାରାୟଣ ମାଥା । ସେହିପରି ରୌପ୍ୟ ପଦକ ବିଜେତାମାନେ ହେଲେ ରୋହିତ କୁମାର ସ୍ୱାଇଁ, ଓମ୍ ଶୁଭମ୍ ସ୍ୱାଇଁ, ଆଦ୍ୟାଶା ଷଡଙ୍ଗୀ, ଅଙ୍କୁଶ କୁମାର ବାରିକ, ମାର୍ ବାରିକ, ସାହେବ ବେରା, ସୁମନ ଦାସ,ସୋହମ ସ୍ୱାଇଁ, ଶୁଭଙ୍କର ଦେବନାଥ, ଆୟୁଷମାନ ପାତ୍ର ଓ ଆହାନା ଜୋସୀ। ଏହି ପ୍ରତିଯୋଗିତାର ବ୍ରୋଞ୍ଜ ବିଜେତାମାନେ ହେଲେ ଆଶୁତୋଷ ବେହେରା, ପ୍ରୟାସ ଘୋଷ ଓ ଶଶାଙ୍କ ମହାରଣା। ବିଜୟୀ କରାଟେକାମାନଙ୍କୁ ଓଡିଶା ରାଜ୍ୟ କରାଟେ ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଭାରତୀୟ ମୁଷ୍ଟିଯୋଦ୍ଧାଙ୍କୁ ଆୟରଙ୍କ ପ୍ରଶଂସା

ନୂଆଦିଲ୍ଲୀ,୩।୮ (ଏଜେନ୍ସି): ଗ୍ଲାସଗୋରେ ସଦ୍ୟ ସମାପ୍ତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ଆଥଲେଟମାନଙ୍କ ଚମତ୍କାର ପ୍ରଦର୍ଶନ ପାଇଁ ଭାରତର ଟ୍ୱେଣ୍ଟି-୨୦ ଅଧିନାୟକ ଶ୍ରେୟସ ଆୟର ସେମାନଙ୍କୁ ପ୍ରଶଂସା କରିଛନ୍ତି। ବିଶେଷ କରି ମୁଷ୍ଟିଯୋଦ୍ଧାମାନଙ୍କ ଐତିହାସିକ ଏବଂ ରେକର୍ଡ-ଭଙ୍ଗକାରୀ ଅଭିଯାନ ପାଇଁ ସେ ସେମାନଙ୍କର ଭୂୟସୀ ପ୍ରଶଂସା କରିଛନ୍ତି।ଆୟର 'ଏକ୍ସ' ରେ ପୋଷ୍ଟ କରି ଲେଖିଛନ୍ତି,"ଭାରତୀୟ ଦଳ ପାଇଁ କି ଅସାଧାରଣ ରାଜ୍ୟଗୋଷ୍ଠୀ କ୍ରୀଡ଼ା! ଆମର ବକ୍ସରମାନେ ଗ୍ଲାସଗୋରେ ଆଧିପତ୍ୟ ବିସ୍ତାର କରି ବିପୁଳ ସ୍ୱର୍ଣ୍ଣ ପଦକ ହାସଲ ସହ ଦେଶକୁ ଗୌରବାନ୍ୱିତ କରିଛନ୍ତି। ଦେଶକୁ ପ୍ରେରଣା ଯୋଗାଇଥିବା ଆମର ସମସ୍ତ ଚାମ୍ପିଅନ ଏବଂ ପାରା-ଖେଳାଳିମାନଙ୍କୁ ଅନେକ ଅନେକ ଶୁଭେଚ୍ଛା। ଏହା ଭାରତୀୟ ଖେଳକୁଦର ଶ୍ରେଷ୍ଠ ରୂପ। ତ୍ରିରଙ୍ଗା ପିନ୍ଧିଥିବା ପ୍ରତ୍ୟେକ ଆଥଲେଟଙ୍କ ପାଇଁ ଗର୍ବିତ" ।ସୂଚନାଯୋଗ୍ୟ ଯେ ଭାରତର ମୁଷ୍ଟିଯୋଦ୍ଧାମାନେ ରାଜ୍ୟଗୋଷ୍ଠୀରେ ଦେଶ ପାଇଁ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ଅଭୂତପୂର୍ବ ୭ଟି ସ୍ୱର୍ଣ୍ଣ ଏବଂ ୩ଟି ରୌପ୍ୟ ପଦକ ହାସଲ କରି ମୁଷ୍ଟିଯୁଦ୍ଧ ପଦକ ତାଲିକାର ଶୀର୍ଷରେ ରହିଛନ୍ତି।


ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ [illegible] / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ [illegible] ରେ ଯୋଗାଯୋଗ କରନ୍ତୁ।


## ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନ ନିର୍ଯାତନା ମାମଲା

# ନିର୍ଦ୍ଦୋଷରେ ଖଲାସ ହେଲେ ବ୍ରିଜ ଭୂଷଣ

ନୂଆଦିଲ୍ଲୀ,୩।୮ (ଏଜେନ୍ସି): ମହିଳା କୁସ୍ତିଯୋଦ୍ଧାମାନଙ୍କ ଦ୍ୱାରା ଦାୟର ଯୌନ ନିର୍ଯାତନା ଅଭିଯୋଗ ମାମଲାରେ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ପୂର୍ବତନ କୁସ୍ତି ମହାସଂଘ ମୁଖ୍ୟ ବ୍ରିଜ ଭୂଷଣ ଶରଣ ସିଂହଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଭିନେଶ ଫୋଗଟ ଏବଂ ସାକ୍ଷୀ ମଲିକଙ୍କ ସମେତ ଅନ୍ୟ ମହିଳା କୁସ୍ତିଯୋଦ୍ଧାଙ୍କ ଦ୍ୱାରା ଏନେଇ ଅଭିଯୋଗ ଦାଖଲ କରାଯାଇଥିଲା। ସୋମବାର କୋର୍ଟ ଯୌନ ନିର୍ଯାତନା ମାମଲାରେ ବ୍ରିଜଭୂଷଣ ଶରଣ ସିଂହ ଏବଂ ବିନୋଦ ତୋମରଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଗତ ମାସରେ, କୋର୍ଟ ଏହି ମାମଲାରେ ରାୟ ସଂରକ୍ଷିତ ରଖି ଘୋଷଣା ପାଇଁ ଅଗଷ୍ଟ ୩ ତାରିଖ ଧାର୍ଯ୍ୟ କରିଥିଲେ। କୋର୍ଟଙ୍କ ରାୟ ପୂର୍ବରୁ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତାରେ ସିଂହ କହିଥିଲେ, ମୁଁ କେବଳ କୋର୍ଟଙ୍କ ରାୟ ଶୁଣିବାକୁ ଆସିଛି। ମୋ ହାତରେ କିଛି ନାହିଁ। ବ୍ରିଜ ଭୂଷଣଙ୍କ ଆଇନଜୀବୀ କହିଛନ୍ତି ଯେ, ଆଦେଶର କପି ଏପର୍ଯ୍ୟନ୍ତ ମିଳିନାହିଁ। ତା'ଉପରେ



ଅଧିକ ସୂଚନା ପ୍ରଦାନ କରାଯିବ। ରାୟ ପରେ ବ୍ରିଜଭୂଷଣ ଶରଣ ସିଂହ ତାଙ୍କର ପ୍ରଥମ ପ୍ରତିକ୍ରିୟାରେ କହିଛନ୍ତି, ମୁଁ ଆରମ୍ଭରୁ କହିଥିଲି ଯେ ଯଦି ମୋ ବିରୋଧରେ ଅଭିଯୋଗ ପ୍ରମାଣିତ ହୁଏ ଏବଂ କୋର୍ଟର ରାୟ ମୋ ବିରୋଧରେ ଆସେ, ତେବେ ମୁଁ ନିଜକୁ ଫାଶୀ ଦେବି। ଆଜି, କୋର୍ଟ ମୋତେ ଏବଂ ବିନୋଦ ତୋମରଙ୍କୁ ସମ୍ମାନଜନକ ଭାବରେ ଦୋଷମୁକ୍ତ କରିଛନ୍ତି। ଏହା ମୋର ଏବଂ ମୋର ସମର୍ଥକମାନଙ୍କ ପାଇଁ ଆନନ୍ଦର ବିଷୟ।ଭାରତୀୟ ଜନତା ପାର୍ଟି (ବିଜେପି)ର ପୂର୍ବତନ ସାଂସଦ ବ୍ରିଜ ଭୂଷଣ କୁସ୍ତି ମହାସଂଘ ମୁଖ୍ୟ ଥିବା ସମୟରେ ତାଙ୍କ ବିରୋଧରେ ମହିଳା କୁସ୍ତିଯୋଦ୍ଧାମାନେ ଆଣିଥିବା ଯୌନ ନିର୍ଯାତନା ଅଭିଯୋଗରୁ ଏହି ମାମଲା ଆରମ୍ଭ ହୋଇଥିଲା। ୨୦୨୩ ମସିହାରେ, ଦିଲ୍ଲୀ ପୁଲିସ ତାଙ୍କ ବିରୋଧରେ ଯୌନ ନିର୍ଯାତନା, ଆକ୍ରମଣ ଏବଂ ଅପରାଧିକ ଧମକ ଅଭିଯୋଗ ଆଧାରରେ ଏକ ଚାର୍ଜସିଟ୍ ଦାଖଲ କରିଥିଲା।

# ଲଭଲୀନାଙ୍କ କ୍ଷୋଭ

ଗ୍ଲାସଗୋ,୩।୮ (ଏଜେନ୍ସି): ରବିବାର ଶେଷ ହୋଇଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ମୁଷ୍ଟିଯୋଦ୍ଧାମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରି ୧୦ ପଦକ (୭ ସ୍ୱର୍ଣ୍ଣ) ଜିତିବା ପରେ ଏକ ରାତ୍ରୀଭୋଜନରେ ଏକାଠି ଉତ୍ସବ ମନାଇଥିଲେ। ଗ୍ଲାସ୍ଗୋରେ ଥିବା ଏକ ଭାରତୀୟ ରେସ୍ତୋରାଁରେ କିନ୍ତୁ ଲଭଲୀନାଙ୍କ ପାଇଁ ଏକ ଅଜବ ଚିତ୍ର ଦେଖିବାକୁ ମିଳିଥିଲା, ଯାହାକୁ ନେଇ ସେ କଷ୍ଟ ପାଇଥିଲେ। ରେସ୍ତୋରାଁ ବାହାର କାନ୍ଥରେ ଲାଗିଥିବା ଏକ ଭାରତୀୟ ମାନଚିତ୍ରରେ 'ଉତ୍ତର ପୂର୍ବ' ଅଞ୍ଚଳ ସ୍ଥାନିତ ନଥିବାରୁ ସେ ଏହାକୁ ନେଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଲିମ୍ପିକ୍ସ ପଦକ ବିଜୟିନୀ ୨୮ ବର୍ଷୀୟା ଲଭଲୀନା କହିଥିଲେ ଏହି ମାନଚିତ୍ରରେ 'ଉତ୍ତର ପୂର୍ବ' ଅଞ୍ଚଳକୁ କାଟି ଦିଆଯାଇଛି। ଏହା ଆମକୁ କଷ୍ଟ ଦେଇଛି।


ସମୟ

ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod

IOS

Download Now:
https://play.google.com/store/app/details/id-com.samayalive.app


Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି